# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୪/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 14/2025 Page 16 ₹ 7.00

୫୨ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 21 ମୂଲ୍ୟ ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
TM
Safal
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୪/୨୦୨୫ | Bhubaneswar, Sunday, December 14/2025 | ପୃଷ୍ଠା-୧




## ଫାଇନାଲରେ ଉନ୍ନତି ହୁଡ୍ଡା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ହୁଡ୍ଡା ପ୍ରବେଶ କରିଛନ୍ତି।

୧୪

୦୮

## ଜାପାନରେ ରିଲିଜ ହେବ ‘ପୁଷ୍ପା ୨’

ଅଲ୍ଲୁ ଅର୍ଜୁନଙ୍କ ବ୍ଲକବଷ୍ଟର ‘ପୁଷ୍ପା ୨: ଦି ରୁଲ୍’ ୨୦୨୬ ଜାନୁଆରୀ ୧୬ରେ ‘ପୁଷ୍ପା କୁନରିନ୍’ ନାମରେ ଜାପାନରେ ମୁକ୍ତିଲାଭ କରିବ।





ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଧାନ ବିକ୍ରି ପାଇଁ ଚାଷୀମାନେ ମୁଣ୍ଡିଆ ମାରୁଛନ୍ତି।

# ଧାନବସ୍ତା ରଖି ଜିଲାପାଳଙ୍କୁ ମୁଣ୍ଡିଆ ମାରିଲେ ଚାଷୀ

ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶନିବାର ୧୬ ଦିନ ପୂରିଛି। ହେଲେ ଏପର୍ଯ୍ୟନ୍ତ ଜିଲାରେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣର ଧାନ ପଡ଼ିରହିଛି। ସେହିପରି ଧାନବିକ୍ରି ଟୋକନ ଆସି ନ ଥିବାରୁ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣିପାରିନାହାନ୍ତି। କ୍ଷେତ, ଖଳାର ଖୋଲା ଆକାଶ ତଳେ ତାହା ପଡ଼ିରହିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନ ବିକ୍ରି ସମସ୍ୟାକୁ ନେଇ ଚାଷୀ କିଭଳି ଚିନ୍ତିତ, ତାର ଏକ ବିକଳ ଚିତ୍ର ଶନିବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଖବର ପାଇ ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଧାନ ବୋଝେଇ ବସ୍ତା ଧରି ସେଠାରେ ପହଞ୍ଚିଥିଲେ। ଜିଲାପାଳଙ୍କ ଗୋଡ଼ ତଳେ ଧାନବସ୍ତା ☞ପୃଷ୍ଠା-୨

# ହଷ୍ଟେଲ ଖାଦ୍ୟରେ ଝିଟିପିଟି: ୫ ଛାତ୍ରୀ ଅସୁସ୍ଥ

ବନ୍ଧୁଗାଁ,୧୩।୧୨
(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଝିଟିପିଟି ପଡ଼ିଥିବା ଭାତ ଖାଇ ୫ ଜଣ ଛାତ୍ରୀ ଶନିବାର ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ନୀହାର ରଞ୍ଜନ ଷଡ଼ଙ୍ଗୀ ଓ ଟିମ୍ ହଷ୍ଟେଲରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ସୂଚନାନୁଯାୟୀ, ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ୯୯ ଅନ୍ତେବାସୀ ରହୁଛନ୍ତି। ହଷ୍ଟେଲରେ ଶୁକ୍ରବାର ରାତିରେ ଛାତ୍ରୀମାନେ ରାତ୍ରି ଭୋଜନ କରିବା ପରେ ଅବଶିଷ୍ଟ ଭାତକୁ ରଖାଯାଇଥିଲା। ଶନିବାର ସକାଳ ପ୍ରାୟ ୮ଟାରେ ସେହି ବାସିଭାତକୁ ସମସ୍ତ ପିଲାଙ୍କୁ ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ** ସୁଶାସନରେ ସମସ୍ୟା






# ୧୩୩ ମୋବାଇଲ ପଛରେ ସିବିଆଇ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- **ଯାଞ୍ଚ ପାଇଁ ମନାକଲା ଏସ୍‌ଏଫ୍‌ଏସ୍‌ଏଲ୍**
- **ଘରୋଇ ସଂସ୍ଥା ଦ୍ୱାରା ଯାଞ୍ଚ ଲାଗି କୋର୍ଟରେ ଆବେଦନ**
- **ଭଦୋଦରାରୁ ନିତୁ ଆରୋରା ଗିରଫ**

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ତଦନ୍ତ କରୁଥିବା ସିବିଆଇ ରାଜ୍ୟ ତଥା ରାଜ୍ୟ ବାହାରୁ ଜଣେ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରୁଛି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ୧୩୩ ମୋବାଇଲ୍ ଫୋନ୍ ଏହି ଜାଲିଆତିର ମୂଳରୁ ଶୀର୍ଷ ଯାଏ ଗୁମର ଖୋଲିବ ବୋଲି ଆଶା ରଖି ସେଗୁଡ଼ିକର ଯାଞ୍ଚ ପାଇଁ ପ୍ରାଧାନ୍ୟ ଦେଇଛି। ତଦନୁଯାୟୀ ଉକ୍ତ ମୋବାଇଲଗୁଡ଼ିକର ଯାଞ୍ଚ ନିମନ୍ତେ ଷ୍ଟେଟ୍ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ଆବେଦନ କରିଥିଲା। ହେଲେ ଏସ୍‌ଏଫ୍‌ଏସ୍‌ଏଲ୍ କର୍ତ୍ତୃପକ୍ଷ ଆବଶ୍ୟକ ଭିତ୍ତିଭୂମି ଏବଂ କର୍ମଚାରୀ ଅଭାବରୁ ଏତେ ପରିମାଣର ମୋବାଇଲ୍ ଯାଞ୍ଚ ସୀମିତ ସମୟ ମଧ୍ୟରେ ସମ୍ଭବ ନୁହେଁ ବୋଲି କହିବା ପରେ ଏବେ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ଉକ୍ତ ମୋବାଇଲ୍‌ଗୁଡ଼ିକର ଯାଞ୍ଚ କରିବାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। ଏହାକୁ ଅଭିଯୁକ୍ତଙ୍କ ଓକିଲ ବିରୋଧ କରିଛନ୍ତି। ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ ଯାଞ୍ଚ କଲେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠିବ ବୋଲି କୁହାଯାଇଛି। ସେପଟେ ଗୁଜରାଟର ଭଦୋଦରାରୁ ନିତୁ ଆରୋରା ନାମକ ଜଣେ ମହିଳାଙ୍କୁ ସିବିଆଇ ଗିରଫ କରି ଟ୍ରାନ୍‌ଜିଟ ରିମାଣ୍ଡରେ ଆଣୁଛି।**

ଭୁବନେଶ୍ୱର,୧୩।୧୨ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ୧୩୩ ମୋବାଇଲ୍ ଫୋନ୍‌କୁ ରାଜ୍ୟ ଫୋରେନ୍‌ସିକ୍ ଲାବ୍ ପରୀକ୍ଷା କରି ରିପୋର୍ଟ ଦେବାକୁ ମନା କରିଦେଇଛି। ମାନବସମ୍ବଳ ଅଭାବ ଥିବାରୁ ୧୩୩ ମୋବାଇଲ୍‌କୁ ପରୀକ୍ଷା କରି ରିପୋର୍ଟ ଦେବାପାଇଁ ଏକ ବର୍ଷ ଲାଗିବ ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ କୁହାଯାଇଥିଲା। ଏହି ମାମଲାରେ ବଡ଼ବଡିଆଙ୍କ ଲିଙ୍କ୍ ଥିବାରୁ ଡିଜିଟାଲ ପ୍ରମାଣ ନିହାତି ଆବଶ୍ୟକ। ତେଣୁ ସିବିଆଇର ଡିଜିଟାଲ ପ୍ରମାଣ ଆବଶ୍ୟକ ହେଉଥିବାରୁ ଏକ ବର୍ଷ ଅପେକ୍ଷା କରିବା ସମ୍ଭବ ନୁହେଁ। ସେଥିପାଇଁ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ୍ ଫୋନ୍ ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। କୋର୍ଟ ଅନୁମତି ଦେବା ପରେ ସିବିଆଇ ରାଜ୍ୟ ବାହାରେ ଥିବା ଘରୋଇ ସଂସ୍ଥା ଦ୍ୱାରା ପରୀକ୍ଷା କରିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ସିବିଆଇ ଶନିବାର ଗୁଜରାଟ ଭଦୋଦରାରୁ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ନିତୁ ଆରୋରା। ଏହି ଜାଲିଆତି ମାମଲାରେ ☞ପୃଷ୍ଠା-୨

# ମେସିଙ୍କ କୋଲକାତା ଇଭେଣ୍ଟରେ ବିଶୃଙ୍ଖଳା

ନୂଆଦିଲ୍ଲୀ,୧୩।୧୨(ପି.ଟି.)

କୋଲକାତାରେ ବହୁ ପ୍ରତୀକ୍ଷିତ ଲାୟୋନେଲ ମେସି ଇଭେଣ୍ଟ ବେଳେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ସଲ୍ଟ ଲେକ୍ ଷ୍ଟାଡିୟମରେ ପ୍ରବଳ ବିଶୃଙ୍ଖଳା ଦେଖା ଦେଇଥିଲା। ଏହାକୁ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଚିନ୍ତା ପ୍ରକଟ କରିଛି। କାର୍ଯ୍ୟକ୍ରମକୁ ଉପଭୋଗ କରିବା ଲାଗି ଷ୍ଟାଡିୟମରେ ୫୦,୦୦୦ ଦର୍ଶକ ଉପସ୍ଥିତ ଥିଲେ। ପ୍ରବେଶିକା ଫି’ ବାବଦରେ ଦର୍ଶକମାନଙ୍କୁ ୪,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡ଼ିଥିଲା। କେତେକଙ୍କୁ ଟିକେଟ ବାବଦରେ କଳାବଜାରରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥିଲା। ମାତ୍ର ମେସିଙ୍କ ସହିତ ସେଲ୍‌ଫି ନେବା ଲାଗି ☞ପୃଷ୍ଠା-୨



କୋଲକାତା ସଲ୍ଟ ଲେକ୍ ଷ୍ଟାଡିୟମରେ ଫୁଟ୍‌ବଲ ତାରକା ଲାୟୋନେଲ ମେସି ପହଞ୍ଚିବା ପରେ ବିଶୃଙ୍ଖଳା ଯୋଗୁ ଦର୍ଶକଙ୍କୁ ପୋଲିସର ଲାଠିମାଡ଼।



ଲାୟୋନେଲ ମେସି

# ନୋବେଲ ବିଜୟିନୀ ନର୍ଗିସଙ୍କୁ ଗିରଫକଲା ଇରାନ

ଦୁବାଇ,୧୩।୧୨

୨୦୨୩ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ନର୍ଗିସ୍ ମୋହାମ୍ମାଦିଙ୍କୁ ଇରାନ ସୁରକ୍ଷା ବଳ ଗିରଫ କରିଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ୫୩ ବର୍ଷୀୟା ମୋହାମ୍ମାଦି ଗତବର୍ଷ ଡିସେମ୍ବରରେ ସ୍ୱାସ୍ଥ୍ୟଗତ କାରଣରୁ ସାମୟିକ ଭାବେ ଜେଲରୁ ମୁକ୍ତ ହୋଇଥିଲେ। ମଶହଦଠାରେ ଶୁକ୍ରବାର ମାନବାଧିକାର ଆଇନଜୀବୀ ଖୋସ୍ରୋ ଅଲିକୋର୍ଡିଙ୍କ ସ୍ମାରକୀ ଉତ୍ସବରେ ଯୋଗଦେଇଥିବାବେଳେ ମହମ୍ମଦିଙ୍କ ସମେତ ଅନ୍ୟ କେତେଜଣ ଆକ୍ଟିଭିଷ୍ଟଙ୍କୁ ଅଟକ ରଖାଯାଇଥିବା ତାଙ୍କ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଅଲିକୋର୍ଡିଙ୍କ ମୃତଦେହ ତାଙ୍କ କାର୍ଯ୍ୟାଳୟରୁ ମିଳିଥିଲା। ତେବେ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଜେଲକୁ ପଠାଇ ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ନାହିଁ।

ବିଦେଶୀ କଟକଣା, ମୁମୂର୍ଷୁ ଅର୍ଥନୀତି ଏବଂ ଇସ୍ରାଏଲ୍ ସହ ପୁନର୍ବାର ଯୁଦ୍ଧ ଆଶଙ୍କା ମଧ୍ୟରେ ଯୁଝୁଥିବା ଇରାନ ବୁଦ୍ଧିଜୀବୀ ଏବଂ ଅନ୍ୟମାନଙ୍କ ବିରୋଧରେ ଚଢ଼ାଉ ଜାରି ରଖିଛି। ମୋହାମ୍ମାଦିଙ୍କୁ ଗିରଫ ଯୋଗୁ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ତେହରାନ ଉପରେ ଚାପ ବଢ଼ିପାରେ। ମହମ୍ମଦିଙ୍କ ଗିରଫଦାରିକୁ ନେଇ ନରୱେର ନୋବେଲ କମିଟି ଗଭୀର ଚିନ୍ତାବ୍ୟକ୍ତ କରିଛି। ମହମ୍ମଦି ଏବେ କେଉଁଠି ଇରାନ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ସହ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ନିଃସର୍ତ୍ତ ମୁକ୍ତ କରିଦେବା ଲାଗି ନୋବେଲ କମିଟି ଆହ୍ୱାନ ଦେଇଛି।



ନର୍ଗିସ୍ ମୋହାମ୍ମାଦି




ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୪/୨୦୨୫ | Bhubaneswar, Sunday, December 14/2025 | ପୃଷ୍ଠା-୧



## ଫାଇନାଲରେ ଉନ୍ନତି ହୁଡ଼ା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ହୁଡ଼ା ପ୍ରବେଶ କରିଛନ୍ତି।

୧୪

୦୮

## ଜାପାନରେ ରିଲିଜ ହେବ 'ପୁଷ୍ପା ୨'

ଅଲ୍ଲୁ ଅର୍ଜୁନଙ୍କ ବ୍ଲକବଷ୍ଟର 'ପୁଷ୍ପା ୨: ଦି ରୁଲ୍' ୨୦୨୬ ଜାନୁଆରୀ ୧୬ରେ 'ପୁଷ୍ପା କୁନରିନ୍' ନାମରେ ଜାପାନରେ ମୁକ୍ତିଲାଭ କରିବ।





ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଧାନ ବିକ୍ରି ପାଇଁ ଚାଷୀମାନେ ମୁଣ୍ଡିଆ ମାରୁଛନ୍ତି।

# ଧାନବସ୍ତା ରଖି ଜିଲାପାଳଙ୍କୁ ମୁଣ୍ଡିଆ ମାରିଲେ ଚାଷୀ

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶନିବାର ୧୬ ଦିନ ପୂରିଛି। ହେଲେ ଏପର୍ଯ୍ୟନ୍ତ ଜିଲାରେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣର ଧାନ ପଡ଼ିରହିଛି। ସେହିପରି ଧାନବିକ୍ରି ଟୋକନ ଆସି ନ ଥିବାରୁ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣିପାରିନାହାନ୍ତି। କ୍ଷେତ, ଖଳାର ଖୋଲା ଆକାଶ ତଳେ ତାହା ପଡ଼ିରହିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନ ବିକ୍ରି ସମସ୍ୟାକୁ ନେଇ ଚାଷୀ କିଭଳି ଚିନ୍ତିତ, ତାର ଏକ ବିକଳ ଚିତ୍ର ଶନିବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଖବର ପାଇ ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଧାନ ବୋଝେଇ ବସ୍ତା ଧରି ସେଠାରେ ପହଞ୍ଚିଥିଲେ। ଜିଲାପାଳଙ୍କ ଗୋଡ଼ ତଳେ ଧାନବସ୍ତା ☞ପୃଷ୍ଠା-୨

# ହଷ୍ଟେଲ ଖାଦ୍ୟରେ ଝିଟିପିଟି: ୫ ଛାତ୍ରୀ ଅସୁସ୍ଥ

**ବନ୍ଧୁଗାଁ,୧୩।୧୨ (ବେଣୁଧର ଲାବାଲା)**

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଝିଟିପିଟି ପଡ଼ିଥିବା ଭାତ ଖାଇ ୫ ଜଣ ଛାତ୍ରୀ ଶନିବାର ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ନୀହାର ରଞ୍ଜନ ଷଡ଼ଙ୍ଗୀ ଓ ଟିମ୍ ହଷ୍ଟେଲରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ସୂଚନାନୁଯାୟୀ, ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ୯୯ ଅନ୍ତେବାସୀ ରହୁଛନ୍ତି। ହଷ୍ଟେଲରେ ଶୁକ୍ରବାର ରାତିରେ ଛାତ୍ରୀମାନେ ରାତ୍ରି ଭୋଜନ କରିବା ପରେ ଅବଶିଷ୍ଟ ଭାତକୁ ରଖାଯାଇଥିଲା। ଶନିବାର ସକାଳ ପ୍ରାୟ ୮ଟାରେ ସେହି ବାସିଭାତକୁ ସମସ୍ତ ପିଲାଙ୍କୁ ☞ପୃଷ୍ଠା-୨




# ୧୩୩ ମୋବାଇଲ ପଛରେ ସିବିଆଇ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- **ଯାଞ୍ଚ ପାଇଁ ମନାକଲା ଏସ୍‌ଏଫ୍‌ଏସ୍‌ଏଲ୍**
- **ଘରୋଇ ସଂସ୍ଥା ଦ୍ୱାରା ଯାଞ୍ଚ ଲାଗି କୋର୍ଟରେ ଆବେଦନ**
- **ଭଦୋଦରାରୁ ନିତୁ ଆରୋରା ଗିରଫ**

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ତଦନ୍ତ କରୁଥିବା ସିବିଆଇ ରାଜ୍ୟ ତଥା ରାଜ୍ୟ ବାହାରୁ ଜଣେ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରୁଛି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ୧୩୩ ମୋବାଇଲ୍ ଫୋନ୍ ଏହି ଜାଲିଆତିର ମୂଳରୁ ଶୀର୍ଷ ଯାଏ ଗୁମର ଖୋଲିବ ବୋଲି ଆଶା ରଖି ସେଗୁଡ଼ିକର ଯାଞ୍ଚ ପାଇଁ ପ୍ରାଧାନ୍ୟ ଦେଇଛି। ତଦନୁଯାୟୀ ଉକ୍ତ ମୋବାଇଲଗୁଡ଼ିକର ଯାଞ୍ଚ ନିମନ୍ତେ ଷ୍ଟେଟ୍ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ଆବେଦନ କରିଥିଲା। ହେଲେ ଏସ୍‌ଏଫ୍‌ଏସ୍‌ଏଲ୍ କର୍ତ୍ତୃପକ୍ଷ ଆବଶ୍ୟକ ଭିତ୍ତିଭୂମି ଏବଂ କର୍ମଚାରୀ ଅଭାବରୁ ଏତେ ପରିମାଣର ମୋବାଇଲ୍ ଯାଞ୍ଚ ସୀମିତ ସମୟ ମଧ୍ୟରେ ସମ୍ଭବ ନୁହେଁ ବୋଲି କହିବା ପରେ ଏବେ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ଉକ୍ତ ମୋବାଇଲ୍‌ଗୁଡ଼ିକର ଯାଞ୍ଚ କରିବାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। ଏହାକୁ ଅଭିଯୁକ୍ତଙ୍କ ଓକିଲ ବିରୋଧ କରିଛନ୍ତି। ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ ଯାଞ୍ଚ କଲେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠିବ ବୋଲି କୁହାଯାଇଛି। ସେପଟେ ଗୁଜରାଟର ଭଦୋଦରାରୁ ନିତୁ ଆରୋରା ନାମକ ଜଣେ ମହିଳାଙ୍କୁ ସିବିଆଇ ଗିରଫ କରି ଟ୍ରାନ୍‌ଜିଟ ରିମାଣ୍ଡରେ ଆଣୁଛି।**

**ଭୁବନେଶ୍ୱର,୧୩।୧୨ (ତ୍ରିନାଥ ମହାନ୍ତି)**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ୧୩୩ ମୋବାଇଲ୍ ଫୋନ୍‌କୁ ରାଜ୍ୟ ଫୋରେନ୍‌ସିକ୍ ଲାବ୍ ପରୀକ୍ଷା କରି ରିପୋର୍ଟ ଦେବାକୁ ମନା କରିଦେଇଛି। ମାନବସମ୍ବଳ ଅଭାବ ଥିବାରୁ ୧୩୩ ମୋବାଇଲ୍‌କୁ ପରୀକ୍ଷା କରି ରିପୋର୍ଟ ଦେବାପାଇଁ ଏକ ବର୍ଷ ଲାଗିବ ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ କୁହାଯାଇଥିଲା। ଏହି ମାମଲାରେ ବଡ଼ବଡିଆଙ୍କ ଲିଙ୍କ୍ ଥିବାରୁ ଡିଜିଟାଲ ପ୍ରମାଣ ନିହାତି ଆବଶ୍ୟକ। ତେଣୁ ସିବିଆଇର ଡିଜିଟାଲ ପ୍ରମାଣ ଆବଶ୍ୟକ ହେଉଥିବାରୁ ଏକ ବର୍ଷ ଅପେକ୍ଷା କରିବା ସମ୍ଭବ ନୁହେଁ। ସେଥିପାଇଁ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ୍ ଫୋନ୍ ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। କୋର୍ଟ ଅନୁମତି ଦେବା ପରେ ସିବିଆଇ ରାଜ୍ୟ ବାହାରେ ଥିବା ଘରୋଇ ସଂସ୍ଥା ଦ୍ୱାରା ପରୀକ୍ଷା କରିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ସିବିଆଇ ଶନିବାର ଗୁଜରାଟ ଭଦୋଦରାରୁ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ନିତୁ ଆରୋରା। ଏହି ଜାଲିଆତି ମାମଲାରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସୁଶାସନରେ ସମସ୍ୟା







# ମେସିଙ୍କ କୋଲକାତା ଇଭେଣ୍ଟରେ ବିଶୃଙ୍ଖଳା

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

କୋଲକାତାରେ ବହୁ ପ୍ରତୀକ୍ଷିତ ଲାୟୋନେଲ ମେସି ଇଭେଣ୍ଟ ବେଳେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ସଲ୍ଟ ଲେକ୍ ଷ୍ଟାଡିୟମରେ ପ୍ରବଳ ବିଶୃଙ୍ଖଳା ଦେଖାଦେଇଥିଲା। ଏହାକୁ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଚିନ୍ତା ପ୍ରକଟ କରିଛି। କାର୍ଯ୍ୟକ୍ରମକୁ ଉପଭୋଗ କରିବା ଲାଗି ଷ୍ଟାଡିୟମରେ ୫୦,୦୦୦ ଦର୍ଶକ ଉପସ୍ଥିତ ଥିଲେ। ପ୍ରବେଶିକା ଫି' ବାବଦରେ ଦର୍ଶକମାନଙ୍କୁ ୪,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡ଼ିଥିଲା। କେତେକଙ୍କୁ ଟିକେଟ ବାବଦରେ କଳାବଜାରରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥିଲା। ମାତ୍ର ମେସିଙ୍କ ସହିତ ସେଲ୍‌ଫି ନେବା ଲାଗି ☞ପୃଷ୍ଠା-୨



କୋଲକାତା ସଲ୍ଟ ଲେକ୍ ଷ୍ଟାଡିୟମରେ ଫୁଟ୍‌ବଲ ତାରକା ଲାୟୋନେଲ ମେସି ପହଞ୍ଚିବା ପରେ ବିଶୃଙ୍ଖଳା ଯୋଗୁ ଦର୍ଶକଙ୍କୁ ପୋଲିସର ଲାଠିମାଡ଼।



ଲାୟୋନେଲ ମେସି

# ନୋବେଲ ବିଜୟିନୀ ନର୍ଗିସଙ୍କୁ ଗିରଫକଲା ଇରାନ

**ଦୁବାଇ,୧୩।୧୨**

୨୦୨୩ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ନର୍ଗିସ୍ ମୋହାମ୍ମାଦିଙ୍କୁ ଇରାନ ସୁରକ୍ଷା ବଳ ଗିରଫ କରିଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ୫୩ ବର୍ଷୀୟା ମୋହାମ୍ମାଦି ଗତବର୍ଷ ଡିସେମ୍ବରରେ ସ୍ୱାସ୍ଥ୍ୟଗତ କାରଣରୁ ସାମୟିକ ଭାବେ ଜେଲରୁ ମୁକ୍ତ ହୋଇଥିଲେ। ମଶହଦଠାରେ ଶୁକ୍ରବାର ମାନବାଧିକାର ଆଇନଜୀବୀ ଖୋସ୍ରୋ ଅଲିକୋର୍ଡିଙ୍କ ସ୍ମାରକୀ ଉତ୍ସବରେ ଯୋଗଦେଇଥିବାବେଳେ ମହମ୍ମଦିଙ୍କ ସମେତ ଅନ୍ୟ କେତେଜଣ ଆକ୍ଟିଭିଷ୍ଟଙ୍କୁ ଅଟକ ରଖାଯାଇଥିବା ତାଙ୍କ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଅଲିକୋର୍ଡିଙ୍କ ମୃତଦେହ ତାଙ୍କ କାର୍ଯ୍ୟାଳୟରୁ ମିଳିଥିଲା। ତେବେ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଜେଲକୁ ପଠାଇ ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ନାହିଁ।

ବିଦେଶୀ କଟକଣା, ମୁମୂର୍ଷୁ ଅର୍ଥନୀତି ଏବଂ ଇସ୍ରାଏଲ୍ ସହ ପୁନର୍ବାର ଯୁଦ୍ଧ ଆଶଙ୍କା ମଧ୍ୟରେ ଯୁଝୁଥିବା ଇରାନ ବୁଦ୍ଧିଜୀବୀ ଏବଂ ଅନ୍ୟମାନଙ୍କ ବିରୋଧରେ ଚଢ଼ାଉ ଜାରି ରଖିଛି। ମୋହାମ୍ମାଦିଙ୍କୁ ଗିରଫ ଯୋଗୁ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ତେହରାନ ଉପରେ ଚାପ ବଢ଼ିପାରେ। ମହମ୍ମଦିଙ୍କ ଗିରଫଦାରିକୁ ନେଇ ନରୱେର ନୋବେଲ କମିଟି ଗଭୀର ଚିନ୍ତାବ୍ୟକ୍ତ କରିଛି। ମହମ୍ମଦି ଏବେ କେଉଁଠି ଇରାନ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ସହ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ନିଃସର୍ତ୍ତ ମୁକ୍ତ କରିଦେବା ଲାଗି ନୋବେଲ କମିଟି ଆହ୍ୱାନ ଦେଇଛି।



ନର୍ଗିସ୍ ମୋହାମ୍ମାଦି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଏସ୍‌ଟି. ଜାଭିୟର୍ ସ୍କୁଲ ପକ୍ଷରୁ ୨୨ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଏକ୍ରାମ ହାଟ, ସମୟ: ଅପରାହ୍ନ ୪ଟା।

## କଟକ

- ମଧୁବାରିଷ୍ଟର ଆଇନଜୀବୀ ସଂଘ, କଟକ ଆନୁକୂଲ୍ୟରେ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚ୍, ସ୍ଥାନ: ନରଣପୁର ଖେଳ ପଡ଼ିଆ, ତ୍ରିଶୁଳିଆ, ସମୟ: ସକାଳ ୯ଟା ୩୦।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ସିମ୍ପୋସିୟମ, ସ୍ଥାନ: ଶହୀଦ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମୋ କଟକ ସୁରକ୍ଷା ମଞ୍ଚର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ନୌବାଣିଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସତ୍‌ସଙ୍ଗ ବିହାର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ତଥା ଜିଲାସ୍ତରୀୟ ସତସଙ୍ଗ ସମାରୋହ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧ଟା।
- ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୟୁଥ୍ ଏସିଆନ୍ କବାଡି ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା, କବାଡି କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧ଟା।
- ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ନିଉ ଥଟ୍‌ର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁପାଟଣା ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୩ଟା।
- ଡିଏଭି ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ–'ଲାମହେ' ଦ୍ୱିତୀୟ ଦିବସ, ସ୍ଥାନ: ସ୍କୁଲ ପରିସର, ସିଡିଏ ସେକ୍ଟର–୬, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ

- ସଂକଳ୍ପ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଖଡ଼ିପଦା, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାରସ୍ୱତ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଶ୍ୱମ୍ଭର ବିଦ୍ୟାପୀଠ, ସମୟ: ରାତି ୭ଟା ୩୦।
- ବିଶ୍ୱାନୟନର ଶୁଭ ଲୋକାର୍ପଣ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆର୍ଟିଷ୍ଟ କ୍ରିକେଟ୍ ଲିଗ୍, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମାଳୟା ନୃତ୍ୟ ମହୋତ୍ସବ, ସ୍ଥାନ: ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ ଟା ( ପ୍ରଥମ ଅଧିବେଶନ), ସନ୍ଧ୍ୟା ୬ଟାରୁ ଦ୍ୱିତୀୟ ଅଧିବେଶନ।
- ନୟାସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟର ଷଷ୍ଠ ବାର୍ଷିକ ମହୋତ୍ସବ ଓ ସ୍ୱେଚ୍ଛାସେବୀ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ଗଜଲକ୍ଷ୍ମୀମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନିମାପଡ଼ା ବନମାଳୀ ବ୍ରହ୍ମଚାରୀ ତିନ୍ୟାସ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ଅନ୍ୱେଷଣ–୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ଟାଉନ୍ ହଲ୍, ସମୟ: ଅପରାହ୍ନ ୨ଟା।
- ଅଜାଆଇ ଓ ଜେଜେବାପା ସମ୍ମିଳନୀ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୩ଟା ୧୫।
- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୪ଟା୩୦।
- ଶିଶୁ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ରାତି ୭ଟା ୩୦।
- ନାଟକ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ରାତି ୭ଟା ୩୦।

## ଖୋର୍ଦ୍ଧା

- ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ନିରାକାରପୁର ଶୁଭାଗମନର ସ୍ମୃତିରେ ସତସଙ୍ଗ ଓ ନାମ ସଂକୀର୍ତ୍ତନ, ସ୍ଥାନ: ସତ୍‌ସଙ୍ଗ ଉପାସନା କେନ୍ଦ୍ର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଦମପୁର ମିନି ଷ୍ଟାଡିୟମ୍, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ, ସ୍ଥାନ : ବଡ଼ବିଲ, ସମୟ: ସକାଳ ୮ଟା।
- ଆନନ୍ଦପୁର ପ୍ରେସ୍‌କ୍ଲବ ପକ୍ଷରୁ ଆନନ୍ଦପୁର ବାଣିଜ୍ୟ ମହୋତ୍ସବ, ସ୍ଥାନ: ଆନନ୍ଦପୁର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସର୍ବଭାରତୀୟ ଟି–୨୦ ଫାଇନାଲ ମ୍ୟାଚ୍, ସ୍ଥାନ: ପ୍ରଫୁଲ୍ଲନଗର ଲେଟକଟ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ନାମେଣ୍ଟ, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ଷ୍ଟାଡିୟମ୍, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ମୟୂରଭଞ୍ଜ ଜିଲା ଗସ୍ତ, ସ୍ଥାନ: ବାରିପଦା ଷ୍ଟାଡିୟମ୍, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭ ଉଦ୍‌ଘାଟନ, ସ୍ଥାନ: ଗୋଷାଇଁ ନୂଆଗାଁ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପଞ୍ଚଦଶ ଶିଶୁ କିଶୋର ନାଟ୍ୟୋତ୍ସବ, ସ୍ଥାନ: ଗୋପାଳ କୃଷ୍ଣ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା ୧୫ ।

## ଢେଙ୍କାନାଳ

- ବଜରଙ୍ଗ କ୍ଲବ ପକ୍ଷରୁ ଆଦର୍ଶ ରକ୍ତଦାନ ଶିବିର, ସ୍ଥାନ–ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୮ଟା।
- ଡିପିଏସ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନ ଦିବସ, ସ୍ଥାନ: ଡିପିଏସ୍ ସ୍କୁଲ ପରିସର, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ଦିବଙ୍ଗତ ରାଜନେତା ଡା.ଦାମୋଦର ରାଉତଙ୍କ ୮୪ ତମ ଜନ୍ମ ଜୟନ୍ତୀ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ସଂସ୍କୃତ ମହାବିଦ୍ୟାଳୟ, ନରେନ୍ଦ୍ରପୁର, ନେମ୍ପରା, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ବସ୍ତିରୁ ଶିକ୍ଷାକ୍ରାନ୍ତି ଅଭିଯାନର ବାର୍ଷିକ ଉତ୍ସବ, ସ୍ଥାନ:କଜଳା ପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା ।

## ଯାଜପୁର

- କୋରେଇ ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ ୨୦୨୫, ସ୍ଥାନ: ପାଦୁକା ଆଶ୍ରମ, ଫେରୋକ୍ରୋମ ପ୍ଲାଣ୍ଟ ଛକ, ଯାଜପୁରରୋଡ୍, ସମୟ: ସକାଳ ୯ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୧୮ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବରୁଣେଇ ଏକ ବନାମ ବଡବାଣପୁର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା।
- ରାୟଗଡ଼ା ସାହିତ୍ୟ ମହୋତ୍ସବ, ସ୍ଥାନ: ରାୟଗଡ଼ା ୟୁଜିଏମ୍‌ଆଇଟି ସମ୍ମିଳନୀ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁନିଗୁଡା କ୍ରିକେଟ ଲିଗ୍ ସିଜନ–୧ ଉଦ୍‌ଯାପନୀ, ସ୍ଥାନ: ଭୈରବୀ ମନ୍ଦିର ନିକଟସ୍ଥ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଥୁବା ପଞ୍ଚାୟତ ବାବୁଲଗୁଡ଼ା,ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ନିର୍ବାଚନ, ଶପଥ ପାଠ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଆନ୍ତଃ ବ୍ଲକସ୍ତରୀୟ ଟିଚର ପ୍ରିମିୟର ଲିଗ୍, ସ୍ଥାନ: ଖଇରପୁଟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବ୍ଲୁ ଡାଇମଣ୍ଡ କ୍ଲବ ପକ୍ଷରୁ ଜିଲା ସ୍ତରୀୟ ଜୁନିୟର ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୧ଟା ।
- ବ୍ରଜ ମହୋତ୍ସବ –୨୦୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା ।
- ପାଣିନି ପ୍ରାଜ୍ଞ ପ୍ରବକ୍ତନ ପକ୍ଷରୁ ରିଲସ କୁଇନ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ଲୋଇସିଂହା ସୈନିକ କ୍ଲବ ଓ ସଂକଳ୍ପ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ ଅଗ୍ରେସନ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ବ୍ୟାସେକ୍ଷତ୍ର ବ୍ରାହ୍ମଣ ସମାଜର ସମାବେଶ, ସ୍ଥାନ: ଝିରପାଣି ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋଏଲ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।
- ଶୀତ ଆସର ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଗୁରୁ ତେଗ୍ ବାହାଦୁର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୧୮, ସମୟ: ଅପରାହ୍ନ ୩ଟା।
- ସାରସ୍ୱତ ସ୍ମୃତିତର୍ପଣ ସମାରୋହ, ସ୍ଥାନ: ସେକ୍ଟର–୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଭା, ସ୍ଥାନ: ସେକ୍ଟର–୪ ରାଉରକେଲା କଲେଜ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମିଶନ ମାଗଣା ଶିକ୍ଷାଦାନ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ:ସକାଳ ୭ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ଅପରାହ୍ନ ୧୦ଟା ୩୦।

## ବୌଦ୍ଧ

- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୨୧ତମ ଜାତୀୟ ନାଟକ ମହୋତ୍ସବ ୨୦୨୫ ଉଦ୍‌ଯାପନୀ, ସ୍ଥାନ: ଦେବଗଡ଼ ସହର ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍ସବ ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ସତସଙ୍ଗ ବିହାର, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

୨୯ ତମ ବାର୍ଷିକ ଆଥେଲେଟିକ ମିଟ, ସ୍ଥାନ: ମଣ୍ଡଲିଆ, ବ୍ରଜରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

### ହଷ୍ଟେଲ ଖାଦ୍ୟରେ ...

ପରଷା ଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ପିଲା ଖାଇବା ଆରମ୍ଭ କରିଥିବା ବେଳେ ଜଣେ ଛାତ୍ରୀଙ୍କ ଥାଳିରୁ ଝିଟିପିଟିର ମୁଣ୍ଡ ଓ ହାଡ଼ ବାହାରିଥିଲା। ଅନ୍ୟ ଜଣେ ଛାତ୍ରୀଙ୍କ ଥାଳିରୁ ଲାଞ୍ଜ ବାହାରିଥିଲା। ୨ ଛାତ୍ରୀ ଭାତକୁ ନେଇ ଡ୍ରେନ୍‌ରେ ଫିଙ୍ଗି ଅନ୍ୟ ଛାତ୍ରୀମାନଙ୍କୁ ଖାଇବାକୁ ମନା କରିଥିଲେ। ଭାତରେ ଝିଟିପିଟି ପଡ଼ିଥିବା ନେଇ ୱାର୍ଡେନ ଲିଲି ମହାନ୍ତିଙ୍କୁ କୁହାଯାଇଥିଲା। ସେ ହଷ୍ଟେଲରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସଦାନନ୍ଦ ହାଲୱାଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ମେଡିକାଲ ଟିମ୍‌କୁ ଛାତ୍ରୀମାନେ ଅସୁସ୍ଥ ହୋଇଥିବା ଜଣାଇଥିଲେ। ୩ଟି ଆମ୍ବୁଲାନ୍ସକୁ ଫୋନ ଯୋଗେ ହଷ୍ଟେଲକୁ ଅଣାଯାଇଥିଲା। ଛାତ୍ରୀମାନେ ସାମାନ୍ୟ ଅସୁସ୍ଥ ଅନୁଭବ କରୁଥିବାରୁ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଛି ସମୟ ପରେ ଛାତ୍ରୀମାନେ ସୁସ୍ଥ ହୋଇଥିଲେ। କିଛି ଛାତ୍ରୀ କାଛୁ କୁଣ୍ଡିଆ ଓ ଥଣ୍ଡା କାଶରେ ଆକ୍ରାନ୍ତ ଥିବାରୁ ଡାକ୍ତର ଔଷଧ ଦେଇଥିଲେ। ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପ ରୁଚି ଭୋଜନ,
ପର ରୁଚି ପହରଣ ।**

ନିଜ ରୁଚି ଅନୁସାରେ ଭୋଜନ ଗ୍ରହଣ କରିବା ଉଚିତ। କାରଣ ନିଜ ମନ ପସନ୍ଦ ଅନୁସାରେ ଖାଦ୍ୟ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ସେହିପରି ନିଜ ଶରୀରକୁ କେଉଁ ପ୍ରକାରର ପୋଷାକ ଭଲ ମାନୁଛି ତାହା ଅନ୍ୟର ଆଖିରେ ସହଜରେ ଜଣାପଡ଼ିଯାଇଥାଏ। ତେଣୁ ଅନ୍ୟ ବା ପରର ପସନ୍ଦ ଅନୁସାରେ ପୋଷାକ ପରିଧାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଣେ ଭୁତି ଖାଏ କୁଟି,
କାମକୁ ଯାଏ ସକାଳୁ ଉଠି।**

ଗରିବ ହେଲେ ସବୁ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ପରଘରେ ମୂଲ ମଜୁରି କରି ପେଟ ପୋଷୁଥିବା ଦରିଦ୍ର ଶ୍ରେଣୀର ବ୍ୟକ୍ତି ବଡ଼ି ସକାଳୁ ଉଠି କାମ ଅନ୍ୱେଷଣରେ ବାହାରି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

### ୧୩୩ ମୋବାଇଲ୍ ..

ଆନ୍ତଃରାଜ୍ୟ ଲିଙ୍କ୍ ରହିଥିବାରୁ ସିବିଆଇ ନିତୁଙ୍କୁ ଗିରଫ କରିଛି। ତାଙ୍କୁ ଗିରଫ କରାଯିବା ପରେ ସିବିଆଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ନିତୁଙ୍କୁ ମିଶାଇ ସିବିଆଇର ଗିରଫ ସଂଖ୍ୟା ୫ରେ ପହଞ୍ଚିଥିବା ବେଳେ ପୂର୍ବରୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ଜଣଙ୍କୁ ଗିରଫ କରିଥିଲା। ମୋଟ ଗିରଫ ସଂଖ୍ୟା ୧୨୮ରେ ପହଞ୍ଚିଛି। ଅନ୍ୟପଟରେ ରିମାଣ୍ଡରେ ଆସିଥିବା ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କ ରିମାଣ୍ଡ ଶେଷ ପରେ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ୪ ଅଭିଯୁକ୍ତ ଏବଂ ବିହାରରୁ ଗିରଫ ନୀତିଶଙ୍କୁ ମୁହାଁମୁହିଁ ଜେରା କରିବାପରେ ନିତୁ ଆରୋରାଙ୍କ ନାମ ପଦାକୁ ଆସିଥିଲା। ଯେଉଁଥିପାଇଁ ସିବିଆଇର ଏକ ଟିମ୍ ଗୁଜରାଟ ଯାଇ ତାଙ୍କୁ ଗିରଫ କରିଛି। ଜେରା ସମୟରେ ସିବିଆଇ ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରିଛି। ଏହି ରାକେଟ ପଛରେ ଥିବା ମୁଖ୍ୟ ମାଷ୍ଟରମାଇଣ୍ଡ ନାମ ଏବେ ସିବିଆଇ ନଜରକୁ ଆସିଛି। ସିବିଆଇ ଉକ୍ତ ବ୍ୟକ୍ତିଙ୍କୁ ଖୁବ୍ ଶୀଘ୍ର ସମନ୍ କରିବ ବୋଲି ଜଣାପଡିଛି। ଆହୁରି ମଧ୍ୟ ସିବିଆଇ ସ୍କାନରରେ ୭ଜଣ ବଡ଼ ଅଧିକାରୀ ଅଛନ୍ତି। ସେମାନଙ୍କୁ ସିବିଆଇ କେଉଁ ମୁହୂର୍ତ୍ତରେ ବି ଗିରଫ କରିପାରେ। ୨ ଦିନର ଜେରା ପରେ ଅର୍ଜୁନ ନାଏକଙ୍କ ସହ ନିମାଇଁ ଚରଣ ସାହୁଙ୍କୁ ସିବିଆଇ ଗିରଫ କରିଥିଲା। ଏହି ୨ଜଣ ପୂର୍ବରୁ ଗିରଫ ବିରଞ୍ଚି କୁମାର ନାଏକଙ୍କ ସହଯୋଗୀ ଥିଲେ। ତେବେ ଅର୍ଜୁନଙ୍କ ଗିରଫଦାରି ପରେ ପୁଣିଥରେ ପାୱାର କରିଡରରେ ରହି ଜାଲିଆତି କେମିତି ହେଉଥିଲା, ସେନେଇ ଗୁମର ଜଣାପଡ଼ିଛି। ଶଙ୍କର ପୃଷ୍ଟି ସିଣ୍ଡିକେଟରେ ଅର୍ଜୁନ ଓ ବିଶ୍ୱରଞ୍ଜନଙ୍କ ଭଳି ପୋଲିସ କର୍ମଚାରୀ ଥିଲେ ରାକେଟର ଗୋଟେ ମାଧ୍ୟମ। ପୂରା ନେଟୱର୍କର ମାଷ୍ଟରମାଇଣ୍ଡ ଶଙ୍କର ଓ ଦଲାଲ ମୁନା ମହାନ୍ତିଙ୍କ ଚେର ବିହାର, ଗୁଜରାଟ ପର୍ଯ୍ୟନ୍ତ ଲମ୍ବିଥିବା ସିବିଆଇ ଜାଣିବାକୁ ପାଇଛି।

### ମାନବସମ୍ବଳ ଅଭାବ ଦର୍ଶାଇଲା ଏସ୍‌ଏଫ୍‌ଏସ୍‌ଏଲ୍

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଜବତ ହୋଇଥିବା ୧୩୩ ମୋବାଇଲ ଫୋନ୍‌ର ହ୍ୱାଟ୍ସଆପ୍, ମେସେଜ, କଲ୍ ଡିଟେଲ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଆବେଦନ କରାଯାଇଥିଲା। ତେବେ ମୋବାଇଲ୍ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ମାତ୍ର ୨୦ଜଣ ଅଧିକାରୀ ଅଛନ୍ତି। ଏତେ କମ୍ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ୧୩୩ ମୋବାଇଲ ପରୀକ୍ଷା କରିବା ସମ୍ଭବ ନୁହେଁ। ଏତେ ପରିମାଣର ମୋବାଇଲ୍ ଯାଞ୍ଚ ପାଇଁ ପ୍ରାୟ ୧ବର୍ଷ ସମୟ ଲାଗିପାରେ। ତେଣୁ ଏହାକୁ ଯାଞ୍ଚ କରି ଶୀଘ୍ର ରିପୋର୍ଟ ଦେବା ସମ୍ଭବ ନୁହେଁ ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ କୁହାଯାଇଛି।

### ଧାନବସ୍ତା ରଖି ...

ପକାଇ ସେମାନଙ୍କ ଅମଳ ଧାନକୁ ତୁରନ୍ତ କିଣିବା ପାଇଁ ଚାଷୀମାନେ ଆକୁଳ ନିବେଦନ କରି ଜିଲାପାଳଙ୍କୁ ମୁଣ୍ଡିଆ ମାରିଥିଲେ। ଏହି ସମୟରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲା ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଗତବର୍ଷ ଖରିଫ ଋତୁରେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ୩୦ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଳିତବର୍ଷ ଏହି ଆର୍‌ଏମ୍‌ସି ଅଧୀନରେ ୯୨ ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଖୋଲାଯାଇଛି । ସେଥିମଧ୍ୟରୁ ଏପର୍ଯ୍ୟନ୍ତ ୪୨ଟି ମଣ୍ଡିରେ ଧାନକିଣା ଆରମ୍ଭ ହୋଇପାରିନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ବସ୍ତା ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ସେହିପରି ୭୦ ପ୍ରତିଶତ ଚାଷୀଙ୍କ ଧାନବିକ୍ରି ଟୋକନ ଏପର୍ଯ୍ୟନ୍ତ ଆସିନାହିଁ । ଅନେକ ଚାଷୀଙ୍କ ଟୋକନରେ ଜମି ତୁଳନାରେ ବିକ୍ରିଯୋଗ୍ୟ ଧାନ ପରିମାଣ ବହୁତ କମ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ଆସନ୍ତା ଜାନୁଆରୀରେ ଧାନ ବିକ୍ରି କରିବାର ତାରିଖ ଉଲ୍ଲେଖିତ ରହିଛି। ଅଣଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ଅନୁମତି ରହିଛି । ଏଭଳି ସ୍ଥଳେ ବଳକା ଧାନ କଣ କରାଯିବ, ସେ ନେଇ ସରକାର ମଧ୍ୟ କିଛି ନିଷ୍ପତ୍ତି ନେଇ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ସେହିପରି ନିର୍ବାଚନୀ ପ୍ରତିଶ୍ରୁତି ଧାନ କୁଇଣ୍ଟାଲ ପ୍ରତି ୮୦୦ ବଦଳରେ ୭୩୧ ଟଙ୍କା ଇନ୍‌ପୁଟ୍ ଆସିଷ୍ଟାଣ୍ଟ ଦିଆଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ତେବେ ଏହାର ସମାଧାନ କରା ନ ଗଲେ ଆସନ୍ତା ସୋମବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତାରଖି ଧାରଣା ଦେବାକୁ ବାଧ୍ୟହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

### ମେସିଙ୍କ କୋଲକାତା ...

ରାଜନେତାମାନଙ୍କଠାରୁ ଆରମ୍ଭ କରି ଭିଭିଆଇପି ଓ ସୁରକ୍ଷା କର୍ମଚାରୀମାନେ ଭିଡ଼ ଜମାଇବାରୁ ଦର୍ଶକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ବିଶୃଙ୍ଖଳା ଦେଖାଦେଇଥିଲା। ଏପରି କି ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ମେସିଙ୍କ ବ୍ୟତୀତ ତାଙ୍କ ସହିତ ବିଶ୍ୱର ଅନ୍ୟତମ ଫୁଟ୍‌ବଲ ଷ୍ଟାର ଲୁଇସ୍ ସୁଆରେଜ ଓ ରୋଡ୍ରିଗୋ ଡି' ପଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଏକ ପିଆର୍‌ଏନ୍‌ସି ଦ୍ୱାରା ଆୟୋଜିତ ଏକ ଘରୋଇ ଇଭେଣ୍ଟ ଥିଲା। ଏହି କାର୍ଯ୍ୟକ୍ରମ ସହ ଏଆଇଏଫ୍‌ଏଫ୍‌ର କିଛି ଲେନାଦେନା ନ ଥିଲା। ଭେନ୍ୟୁରେ ମେସି ପହଞ୍ଚିବା ମାତ୍ରେ ତାଙ୍କୁ ପ୍ରଭାବଶାଳୀ ରାଜନେତା, ପୋଲିସ ଅଫିସର ଏବଂ ଭିଆଇପି ଓ ତାଙ୍କ ସହଯୋଗୀଗଣ ଘେରିଯାଇଥିଲେ, ଯାହାଫଳରେ ଦର୍ଶକମାନେ ମେସିଙ୍କ ବ୍ୟତୀତ ସବୁକିଛି ଦେଖିପାରିଥିଲେ। ଉତ୍ୟକ୍ତ ଜନତା ପାଣି ବୋତଲ, ଚେୟାର, ଫୁଡ୍ ପ୍ୟାକେଟ, ଏବଂ ନିଷିଦ୍ଧ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିଥିଲେ। ଏପରି କି ପିଚ୍ ଓ ସିନ୍ଥେଟିକ୍ ଟ୍ରାକ୍ ନଷ୍ଟ କରିଦେଇଥିଲେ। ଏଆଇଏଫ୍‌ଏଫ୍ କହିଛି ଯେ, ଏହା କୌଣସି ସ୍ତରରେ ଇଭେଣ୍ଟର ଆୟୋଜନ, ଯୋଜନା କିମ୍ବା କାର୍ଯ୍ୟକାରୀ କରିବାରେ ସମ୍ପୃକ୍ତ ନ ଥିଲା। ଶନିବାର ସକାଳେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାଟଛାଣ୍ଟ କରିଦିଆଯିବାରୁ ମେସି ସଲ୍ଟଲେକ୍ ଷ୍ଟାଡିୟମରେ ମାତ୍ର ୨୨ ମିନିଟ ରହିଥିଲେ। ଫଳରେ ଏହି ସ୍ୱତନ୍ତ୍ର ଇଭେଣ୍ଟରେ ସାମିଲ ହେବା ଲାଗି ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହ କୋଲକାତା ଆସିଥିବା ବଲିଉଡ୍ ସୁପର ଷ୍ଟାର ଶାହରୁଖ ଖାନ୍ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟକ୍ରମରେ ଭାଗ ନେଇପାରି ନ ଥିଲେ। ଶାସକ ତୃଣମୂଳ କଂଗ୍ରେସର ସମର୍ଥକମାନେ ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆରେ ପ୍ରବେଶ କରିବାରୁ ପରିସ୍ଥିତି ଏପରି ହୋଇଥିଲା ଯେ, 'ଜିଓଏଟି ଟୁର୍'ର ଆୟୋଜକ ତଥା ପ୍ରମୋଟର ଶତାଦ୍ରୁ ଦତ୍ତ ମେସିଙ୍କୁ ନିମିଷକେ ସଲ୍ଟ ଲେକ୍ ଷ୍ଟାଡିୟମରୁ ବାହାରକୁ ନେଇଯାଇଥିଲେ। ପୋଲିସ ଇଭେଣ୍ଟର ମୁଖ୍ୟ ଆୟୋଜକ ଶତାଦ୍ରୁ ଦତ୍ତଙ୍କୁ ଗିରଫ କରିଥିବା ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ଘୋଷଣା କରିଛନ୍ତି।

### ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ମେସି ଶୁକ୍ରବାର ମଧ୍ୟରାତ୍ର ୨ଟା ୨୬ ମିନିଟ୍‌ରେ କୋଲକାତାରେ ପହଞ୍ଚିଥିଲେ। ପ୍ରବଳ ଶୀତ ଲହରିକୁ ବେଖାତିର କରି ତାଙ୍କୁ ସ୍ୱାଗତ କରିବା ଲାଗି ବିମାନ ବନ୍ଦରରେ ହଜାର ହଜାର ସମର୍ଥକଙ୍କ ସମାଗମ ହୋଇଥିଲା। ମେସି ତାଙ୍କ ୩ ଦିନିଆ ଚାରି–ସହର ଗୋଟ୍ ଇଣ୍ଡିଆ ଟୁର୍ ୨୦୨୫ କାର୍ଯ୍ୟକ୍ରମରେ ଭାରତ ଆସିଛନ୍ତି। ତାଙ୍କ ମନପସନ୍ଦ ଫୁଟ୍‌ବଲ ଷ୍ଟାରଙ୍କ ସାମାନ୍ୟ ଝଲକ ପାଇବା ପାଇଁ ଗେଟ୍ ନମ୍ବର–୪ରେ କହିବାକୁ ଗଲେ ଏକ ଜନସମୁଦ୍ର ପାଲଟି ଯାଇଥିଲା। ପତାକା, ଫୋନ୍‌ର ଫ୍ଲାସ ଲାଇଟ୍ ସାଙ୍ଗକୁ ବିଭିନ୍ନ ସ୍ଲୋଗାନରେ ସ୍ଥଳ ଉତ୍ସବମୁଖର ହୋଇପଡ଼ିଥିଲା। ଜନତାଙ୍କୁ ନିୟନ୍ତ୍ରଣ କରିବାରେ ସୁରକ୍ଷାକର୍ମୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ମେସିଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଭିଆଇପି ଗେଟ୍ ବାଟ ଦେଇ ଅଣାଯାଉଥିବା ବେଳେ ଛୋଟ ଛୋଟ ପିଲାମାନେ କାନ୍ଧରେ ବସି ଡ୍ରମ୍ ବାଦନ ସହ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ଏକ ବଡ଼ ଶୋଭାଯାତ୍ରାରେ ହୋଟେଲକୁ ନିଆଯାଇଥିଲା। ମଧ୍ୟରାତ୍ରରେ ସେଠାରେ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ସମର୍ଥକ ଅପେକ୍ଷା କରି ରହିଥିଲେ। ସୁରକ୍ଷା ପାଇଁ ବାରିକେଡ୍‌ମାନ ନିର୍ମାଣ କରାଯାଇଥିଲା ଏବଂ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। କହିବାକୁ ଗଲେ ସହରରେ ଏକ 'ମେସି ମାନିଆ'ର ପରିବେଶ ଦେଖିବାକୁ ମିଳିଥିଲା। ମେସିଙ୍କ ସହିତ ତାଙ୍କ ଦୀର୍ଘଦିନର ଷ୍ଟ୍ରାଇକ ପାର୍ଟନର ଲୁଇସ୍ ସୁଆରେଜ ଓ ଆର୍ଜେଣ୍ଟିନା ଟିମ୍‌ମେଟ୍ ରୋଡ୍ରିଗୋ ଡି' ପଲ୍ ମଧ୍ୟ ଆସିଛନ୍ତି। ମେସି ତାଙ୍କ ୩ ଦିନିଆ ଟୁର୍‌ରେ କୋଲକାତା ବ୍ୟତୀତ ଦିଲ୍ଲୀ, ହାଇଦ୍ରାବାଦ, ମୁମ୍ବାଇ ଗସ୍ତ କରିବେ ଏବଂ ସେଠାକାର ମୁଖ୍ୟମନ୍ତ୍ରୀ, କର୍ପୋରେଟ୍ ଲିଡର, ବଲିଉଡ୍ ସେଲିବ୍ରିଟି ଏବଂ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ମେସିଙ୍କୁ ଦେଖିବା ଲାଗି ଏତେ ଭିଡ଼ ଥିଲା ଯେ, ଅନେକଙ୍କୁ ହତାସ ହୋଇ ଫେରିବାକୁ ପଡ଼ିଥିଲା। କିଛି ଦର୍ଶକ ୱିଗ୍ ସହ ଆର୍ଜେଣ୍ଟିନା ଜର୍ସି ପରିଧାନ କରି ଆସିଥିଲେ। ମେସିଙ୍କ ଲାଗି ବିଧାନନଗର (ସଲ୍ଟ ଲେକ୍) ସ୍ଥିତ ଏକ ବିଳାସପୂର୍ଣ୍ଣ ୫ତାରକା ହୋଟେଲ ହାୟାତ ରେଜେନ୍ସିର ରୁମ୍ ନମ୍ବର ୭୩୦ ସଂରକ୍ଷିତ କରାଯାଇଥିଲା। ଫୁଟ୍‌ବଲ ସୁପରଷ୍ଟାରଙ୍କ ସାନ୍ନିଧ୍ୟ ପାଇବା ପାଇଁ କେତେଜଣ ସମର୍ଥକ ମେସିଙ୍କ ଆଖପାଖ ରୁମ୍‌କୁ ଆଗୁଆ ବୁକିଂ କରିନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଯେଉଁଥିପାଇଁ ଚିନ୍ତିତ ରହିଥିଲେ, ଆଜି ତାହା ପଡ଼ୋଶୀଙ୍କ ମାଧ୍ୟମରେ ପାଇପାରିବେ। ପ୍ରଶାସନ, ପରିବହନ ଓ ବିବାଦୀୟ କ୍ଷେତ୍ରରେ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଲକ୍ଷ୍ୟସ୍ଥଳକୁ ଯିବା ରାସ୍ତାରେ ମିତ୍ରତା ସ୍ଥାପନ ସୁଯୋଗ ପାଇବେ।

**ବୃଷ** – ସହକର୍ମୀଙ୍କ ସହାନୁଭୂତି ଯୋଗୁ କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି ପଡ଼ୋଶୀ ସହଯୋଗର ହାତ ବଢ଼ାଇପାରନ୍ତି। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ ଘରୋଇ କାମ ଠିକ୍ ସମୟରେ କରିପାରିବେ ନାହିଁ। ପୂର୍ବ କଳହକୁ କେନ୍ଦ୍ର କରି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** – ଆଜି ଆଶା ପୂରଣ ହେବାରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ ସତ୍ୟ କହି ତିକ୍ତତା ସୃଷ୍ଟି କରିପାରନ୍ତି। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** – କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ମଧ୍ୟରେ ସମୟ ଅତିବାହିତ କରାଇବେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଉପୁଜିପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ବିଭିନ୍ନ ଯୋଜନା ସକାଶେ ଚିନ୍ତାକଲେ ମଧ୍ୟ ପ୍ରତିକୂଳ ପାରିପାର୍ଶ୍ୱିକ ସ୍ଥିତି ତାହା କରାଇଦେଇ ନ ପାରେ। ଋଣ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିବା ଦ୍ୱାରା ଓଲଟାଫଳ ପାଇବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**କନ୍ୟା** – ମଙ୍ଗଳ ଷଷ୍ଠସ୍ଥ ହେତୁ ଭ୍ରାତୃ ବିବାଦ କିମ୍ବା ଜମିଜମା ବିବାଦର ଆଶଙ୍କା ଦେଖାଦେବ। ଆଜି କିଛି ପାଇବାର ଆଶା ରଖିଲେ କିଛି ଦେବାକୁ ଚେଷ୍ଟା କରନ୍ତୁ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** – ସାମାନ୍ୟ ପ୍ରତିବନ୍ଧକ ମଧ୍ୟରେ ଇପ୍ସିତ ବସ୍ତୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥପ୍ରାପ୍ତି ହେବ। ବିଭିନ୍ନ ଚିନ୍ତା ଓ କଳ୍ପନା କରି ଆଜିର ସମୟ କଟାଇପାରନ୍ତି। ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବସ୍ତୁଟି ବାଟରୁ ଲେଉଟି ଆସିବା ଫଳରେ ଅସନ୍ତୋଷ ଓ ବ୍ୟସ୍ତତା ବଢ଼ିଯାଇପାରେ।

**ବିଛା** – ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ଆଶା କରିଥିବା ଜିନିଷଟି ପାଇପାରିବେ। ଆକସ୍ମିକ ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପ୍ରଯତ୍ନ କରିବେ। ନିଜ ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ପଡ଼ୋଶୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – ଶାରୀରିକ ସୁସ୍ଥତା ବ୍ୟାହତ ହେବା କାରଣରୁ କାମଗୁଡ଼ିକ ଅଟକି ରହିଯାଇପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱର ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। କୌଣସି ଅସୁବିଧା ନ ହେଲେ ମଧ୍ୟ ପୂର୍ବର ବିବାଦୀୟ ସ୍ଥିତିକୁ କେନ୍ଦ୍ରକରି ମନ ଅସ୍ଥିର ରହିବ।

**ମକର** – ଦୀର୍ଘଦିନାନ୍ତେ ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** – ନିଜ ଲୋକଙ୍କ ପରୋକ୍ଷ ବିରୋଧାଚରଣ ବେଶି ବାଧିବ। ଧନହାନି ସାଙ୍ଗକୁ ପରିବହନରେ କଳହର ସୂତ୍ରପାତ ଘଟିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ନିଜ ପାଇଁ କୌଣସି ଅସୁବିଧା ନ ଥିଲେ ମଧ୍ୟ ପିଲାଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ ଭୁଲ୍ କାମ କରିବେ।

ଆଜି ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ପୌଷ କୃଷ୍ଣ ଦଶମୀ ରବିବାର, ରାଶିନକ୍ଷତ୍ର–ହସ୍ତା/କନ୍ୟା, ଦିବା ଘ.୦୮।୧୮ମି. ଗତେ, ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୯ ଗତେ ଘ.୦୯।୦୯ ମଧ୍ୟେ, ଘ.୦୧।୦୨ ଗତେ ଘ.୦୨/୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୪ ଗତେ ଘ.୦୫।୦୫ ମଧ୍ୟେ ରାହୁକାଳ।




## ବର୍ଦ୍ଧିତ ଦରମା ନେବେନି ନବୀନ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଲେ**

**ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନିକଟରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି ସମସ୍ତଙ୍କ ଦରମା ବୃଦ୍ଧି କରିଛନ୍ତି। ହେଲେ ଏହି ବର୍ଦ୍ଧିତ ଦରମା ନେବେ ନାହିଁ, ତାକୁ ରାଜ୍ୟର ଗରିବ କଲ୍ୟାଣରେ ବିନିଯୋଗ କରିଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏନେଇ ନବୀନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି କହିଛନ୍ତି, ଗତ ୨୫ ବର୍ଷରେ ଓଡ଼ିଶା ଲୋକଙ୍କ ଭଲପାଇବା, ସ୍ନେହ ଏବଂ ଆଦର ପାଇ ଆସୁଛନ୍ତି। ତାଙ୍କୁ ଓ ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଲାଗି ଓଡ଼ିଶାବାସୀଙ୍କ ସ୍ନେହ ପାଇଁ ସେ ଚିର ଋଣୀ। ୨୦୧୫ରେ ପରିବାରର ନିଷ୍ପତ୍ତିକ୍ରମେ କଟକ ସ୍ଥିତ ତାଙ୍କ ପୈତୃକ ଘର 'ଆନନ୍ଦ ଭବନ'କୁ ସେ ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ। ସେହି ସମାନ ଇଚ୍ଛାନୁଯାୟୀ ନିକଟରେ ବିରୋଧୀ ଦଳ ନେତା ଭାବେ ବିଧାନସଭାରେ ପାରିତ ହୋଇଥିବା ତାଙ୍କ ବର୍ଦ୍ଧିତ ଦରମା ଏବଂ ଭତ୍ତାକୁ ସେ ରାଜ୍ୟର ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।








# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣ ଦର୍ଶାଅ ନୋଟିସ

**ଯାଜପୁର, ୧୩।୧୨ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା କଳିଙ୍ଗନଗରର ଶିଳ୍ପାଞ୍ଚଳର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାର ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ (ଏସ୍‌ଆର୍‌ଟିଏସ୍)ର ଚ୍ୟାନେଲାଇଜିଂ କାର୍ଯ୍ୟ ଏଯାଏ ସମାପ୍ତ ହୋଇନାହିଁ। ନିର୍ଗମନ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ଷମ ଡିଜି ସେଟ୍‌ର ପୁନଃ ନିର୍ମାଣ କାର୍ଯ୍ୟ ସମେତ କଣ୍ଟିନିୟସ ଏମିସନ ମନିଟରିଂ ସିଷ୍ଟମ୍ (ସିଇଏମ୍‌ଏସ୍) ଏବଂ କଣ୍ଟିନିୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ (ସିଏକ୍ୟୁଏମ୍‌ଏସ୍) ତଥ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସର୍ଭରକୁ ନିରବଚ୍ଛିନ୍ନ ଭାବରେ ପଠାଯାଉନାହିଁ। ଫଳରେ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ଘଟୁଛି। ବାୟୁରେ ଏସ୍‌ପିସିବିର ନିର୍ଦ୍ଧାରିତ ମାନଦଣ୍ଡଠାରୁ ଅଧିକ ପରିମାଣର କଣିକା ପଦାର୍ଥ ବା ପାର୍ଟିକୁଲାର ମେଟର(ପିଏମ୍)ର ଘନତା ଚିହ୍ନଟ ହୋଇଛି। ଏସ୍‌ପିସିବି ପକ୍ଷରୁ ଏକ ତଦନ୍ତକାରୀ ଦଳ ୮।୮।୨୦୨୫ରେ ନିରୀକ୍ଷଣ କରିବା ପରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟକୁ ୨୧।୧୧।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସ୍ପଷ୍ଟୀକରଣ ଦିଆଯାଏ ନାହିଁ କିମ୍ବା ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ, ତେବେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପିସିବି ପକ୍ଷରୁ ଚେତାବନୀ ଦିଆଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ୍ ପରିସରସ୍ଥ ରେଲୱେ ସାଇଡିଂରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ବିଷାକ୍ତ କଞ୍ଚାମାଲ ପରିବହନ ଯୋଗୁ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ରୁନ୍ଧି ହେଉଛନ୍ତି। ଏହାସହ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରୁ ଉତ୍ପାଦନ ଆରମ୍ଭ ହେବାର ପ୍ରାୟ ୫ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ବହୁ ଗୁରୁତ୍ୱପୂର୍ଣ୍ଣ ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ ଉପଯୁକ୍ତ ଭାବେ ବ୍ୟବସ୍ଥିତ ହୋଇପାରିନାହିଁ। ଉପରୋକ୍ତ ଅବ୍ୟବସ୍ଥା ନେଇ ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା, ଏସ୍‌ପିସିବି, ଯାଜପୁର ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ଲାଭ ମିଳି ପାରିନାହିଁ, ଏହାଦ୍ୱାରା କଳିଙ୍ଗନଗରର ଯଖପୁରା, ମାଣିତିରା, କିମ୍ବୀରାଗଡ଼ିଆ, ମାନପୁର, ଧୂଳିଗଡ଼, ଦାନଗଦି, ଟ୍ରିଜଙ୍ଗା, ଡୁବୁରୀ, ବାରଗଡ଼ିଆ, ପଙ୍କପାଳ ଆଦି ଗ୍ରାମବାସୀ ସିମେଣ୍ଟ ଗୁଣ୍ଡରେ ନୟାନ୍ତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ନିକଟରେ ଥିବା ସୋଲେଇ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ବାର୍ଷିକ ୧.୬ ମିଲିୟନ ଟନ କ୍ଷମତା ବିଶିଷ୍ଟ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କ୍ଲିଙ୍କର, ସ୍ଲାଗ, ଜିପସମ୍ ଭଳି ଅତି ପ୍ରଦୂଷଣକାରୀ ସାମଗ୍ରୀ ପରିବହନ ହେଉଛି। ଫଳରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ପରିସର ସମେତ ଉପରୋକ୍ତ ଗ୍ରାମବାସୀ ବାୟୁ ପ୍ରଦୂଷଣରେ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଏତେ ଉତ୍କଟ ଯେ, ପଥଚାରୀଙ୍କ ଆଖି ଜଳୁଥିବା କୁହାଯାଉଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଏହାସହ କାରଖାନାର ବର୍ଜ୍ୟଜଳ ଓ ବିଭିନ୍ନ କେମିକାଲ ମିଶା ପାଣିକୁ ଉପଚାର କରା ନ ଯାଇ ବେଳେବେଳେ ବାହାରକୁ ଛଡ଼ାଯାଉଛି। ଫଳରେ ଅଞ୍ଚଳର ଜମିବାଡ଼ିର ଉର୍ବରତା ନଷ୍ଟ ହେବା ସହ ଗଣ୍ଡାନାଳ ଓ ଖରସ୍ରୋତା ପାଣି ବିଷାକ୍ତ ହେଉଥିବା ଅଭିଯୋଗ ହେଉଛି। ପାଣି ବିଷାକ୍ତ ହେଉଥିବା ଏସ୍‌ପିସିବି ରିପୋର୍ଟରୁ ମଧ୍ୟ ପ୍ରମାଣ ମିଳିଛି। ବହୁଦିନ ପରେ ଏସ୍‌ପିସିବି ପକ୍ଷରୁ ଜେଏସ୍‌ଡବ୍ଲ୍ୟୁକୁ କାରଣ ଦର୍ଶାଅ ନୋଟିସ ହୋଇଥିବାରୁ ଅଞ୍ଚଳବାସୀ କେତେକାଂଶରେ ଆଶ୍ୱସ୍ତି ଲାଭ କରିଛନ୍ତି। ହେଲେ ଏହି ନୋଟିସ ଦ୍ୱାରା ଅଞ୍ଚଳବାସୀଙ୍କ ସମସ୍ୟାର କ'ଣ ସମାଧାନ ହୋଇପାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଉପରେ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ନ କଲେ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସିମେଣ୍ଟ ଗୁଣ୍ଡରେ ଅସ୍ତବ୍ୟସ୍ତ କଳିଙ୍ଗନଗରବାସୀ**

# ପ୍ରେଗ୍‌ନାନ୍ସି କିଟ୍: ୯୦୦ ଷ୍ଟୋରରେ ଚଢ଼ାଉ ହେଲାଣି

**କଟକ, ୧୩।୧୨ (ଶିଳ୍ପା ପ୍ରିୟଦର୍ଶିନୀ)**

- ୬ ଷ୍ଟୋରକୁ ସିଲ୍, ପ୍ରାୟ ୯୦ ଷ୍ଟୋରକୁ କାରଣ ଦର୍ଶାଅ ନୋଟିସ ଜାରି



ରାଜ୍ୟରେ ଜୋର ଧରିଛି ବେଧଡକ ଭାବେ ଗର୍ଭନିରୋଧକ(ପ୍ରେଗ୍‌ନାନ୍ସି) କିଟ୍ ବିକ୍ରି। ପ୍ରତି ଔଷଧ ଦୋକାନରେ ପ୍ରେଗ୍ନେନ୍ସି କିଟ୍ ସହଜରେ ମିଳୁଛି। ଅନେକ ମହିଳା ଗର୍ଭବତୀ ହୋଇଥିବା ସନ୍ଦେହ କରି ଔଷଧ ଦୋକାନରୁ ପ୍ରେଗ୍ନେନ୍ସି କିଟ୍ (ଏମ୍‌ଟିପି କିଟ୍) ନେଇ ଯାଞ୍ଚ କରୁଛନ୍ତି। ସେମାନେ କୌଣସି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଉନାହାନ୍ତି। ଗର୍ଭଧାରଣ କରିଥିବା ଜାଣିବା ପରେ ପିଲା ନଷ୍ଟ କରିବା ଲାଗି ମନଇଚ୍ଛା ଔଷଧ ସେବନ କରୁଛନ୍ତି। ଏହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାର ଆଶଙ୍କା ରହିଛି। ଏପରିକି ରକ୍ତସ୍ରାବ ବନ୍ଦ ନ ହେବାରୁ ମହିଳାମାନେ ମୃତ୍ୟୁମୁଖକୁ ନିଜକୁ ଠେଲି ଦେଉଛନ୍ତି। ଏଭଳି ସ୍ଥିତିକୁ ନଜରରେ ରଖି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ବିନା ଚିଠାରେ ଏମ୍‌ଟିପି କିଟ୍ ବିକ୍ରି ଉପରେ କଟକଣା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ଏହି ନିୟମକୁ ବହୁ ଔଷଧ ଦୋକାନୀ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଏହାକୁ ନଜରରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ଔଷଧ ଦେକାନରେ ଡ୍ରଗ୍ସ ନିୟନ୍ତ୍ରଣ ବିଭାଗର ଟିମ୍ ଚଢ଼ାଉ କରିଛି। ଏବେ ଯାଏ ଉକ୍ତ ଟିମ୍ ୯୦୦ଟି ଷ୍ଟୋରରେ ଚଢ଼ାଉ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଡ୍ରଗ୍ସ ନିୟନ୍ତ୍ରଣ ବିଭାଗ ପକ୍ଷରୁ ପ୍ରାୟ ୯୦୦ଟି ଷ୍ଟୋରରେ ଚଢ଼ାଉ କରାଯାଇଥିବାବେଳେ ବେଆଇନ୍ ଭାବେ ଏମ୍‌ଟିପି କିଟ୍ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ଦୋକାନଗୁଡ଼ିକୁ ତାଗିଦା କରାଯାଇଥିବା ବେଳେ ନୋଟିସ ଜାରି କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଯାଏ ପ୍ରାୟ ୯୦୦ଟି ଷ୍ଟୋରରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରେ ପ୍ରାୟ ୬ଟି ଷ୍ଟୋରକୁ ସିଲ୍ ଏବଂ ପ୍ରାୟ ୯୦ଟି ଷ୍ଟୋରକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାସହ ରାଜ୍ୟରେ ଯେଉଁଠି ଏମ୍‌ଟିପି କିଟ୍ ବେଆଇନ୍ ଭାବେ ବିକ୍ରି ହେଉଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲାସ୍ତରର ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଡାକ୍ତରଙ୍କ ଚିଠାରେ ପ୍ରେଗ୍‌ନାନ୍ସି କିଟ୍ ବିକ୍ରି କଲେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯିବ। ପ୍ରେଗ୍‌ନାନ୍ସି କିଟ୍ ସହ ଗର୍ଭ ନଷ୍ଟ ଔଷଧ ଏବଂ ବେଆଇନ କଫ ସିରପ୍ ବିକ୍ରି ଉପରେ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

# ଅବସର ପରେ କ୍ୱାର୍ଟର୍ସ ନ ଛାଡ଼ିଲେ ଉଚ୍ଛେଦ

**ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)**

**କ୍ୱାର୍ଟର୍ସ ଭଡ଼ାରେ ଲାଗିଥିଲେ ଶୂନ୍ୟ ସହନଶୀଳ ନୀତିରେ କାର୍ଯ୍ୟାନୁଷ୍ଠାନ**

ରାଜ୍ୟରେ ଅନେକ ସରକାରୀ କର୍ମଚାରୀ ଅବସର ପରେ ମଧ୍ୟ କ୍ୱାର୍ଟର୍ସ ମାଡ଼ିବସି ରହିଛନ୍ତି। ଆଉ ପୁଣି ଅନେକ ସ୍ଥାନରେ ସରକାରୀ ଘରକୁ ଅଧିକାରୀ ଏବଂ କର୍ମଚାରୀମାନେ ଭଡ଼ାରେ ଲଗାଇ ରଖିଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛି ବିଭାଗ। ସରକାରୀ ଘର ଭଡ଼ାରେ ଲଗାଇଥିଲେ ଶୂନ୍ୟ ସହନଶୀଳ ନୀତିରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି। ଯେଉଁ ଅଧିକାରୀମାନେ ଅବସର ପରେ ଅନୁମୋଦିତ ସମୟ ଅତିକ୍ରମ କରି ସରକାରୀ ବାସଗୃହରେ ଅବସ୍ଥାନ ଜାରି ରଖିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ଉଚ୍ଛେଦ କାର୍ଯ୍ୟକ୍ରମ ନିୟମିତ ଭାବେ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅଧୀନ ଖଜଣା ଉପ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ବିଭାଗର ଇଷ୍ଟେଟ୍‌ସ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଶୁକ୍ରବାର କରାଯାଇଛି। ଏନେଇ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଏବଂ କଟକରେ ସରକାରୀ କ୍ୱାର୍ଟର୍ସର ସୁପରିଚାଳନା ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ଅନ୍‌ଲାଇନ ବାସଗୃହ ପରିଚାଳନା ପ୍ରଣାଳୀ କ୍ୱାର୍ଟର୍ସ ମ୍ୟାନେଜମେଣ୍ଟ ସିଷ୍ଟମର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ସିଏମ୍‌ଜିଆଇକୁ ବିଭିନ୍ନ ପରାମର୍ଶ ଦିଆଯାଇଛି। ସରକାରୀ କ୍ୱାର୍ଟର୍ସରେ ଅବସ୍ଥାନ(ଦଖଲ) ସମୟ ଏବଂ ପରିତ୍ୟାଗକୁ ବାସ୍ତବ ସମୟ ଆଧାରରେ ଅଦ୍ୟତନ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫର୍ମ ପୂରଣ ଆରମ୍ଭ

**କଟକ, ୧୩।୧୨ (କାର୍ତ୍ତିକ ସାହୁ)**

**କୌଣସି ଦେୟ ଦେବାକୁ ପଡ଼ିବ ନାହିଁ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଅନ୍‌ଲାଇନ ଫର୍ମ ପୂରଣ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହି ଆବେଦନ ପ୍ରକ୍ରିୟା ଡିସେମ୍ବର ୨୫ ତାରିଖ ଯାଏ ଅନବରତ ୨୪ ଘଣ୍ଟିଆ ଚାଲିବା ନିମନ୍ତେ ଉପଲବ୍ଧ ହୋଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ପ୍ରଦତ୍ତ ଲିଙ୍କ ଜରିଆରେ ଫର୍ମ ପୂରଣ ହେବ। ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ ଏବଂ ହାଇସ୍କୁଲର ଷଷ୍ଠ ଓ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ମେଧାବୃତ୍ତି ପରୀକ୍ଷା ଉଦ୍ଦିଷ୍ଟ। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଷଷ୍ଠ ଶ୍ରେଣୀ ନିମନ୍ତେ ଷ୍ଟେଜ-୧ ଓ ନବମ ଶ୍ରେଣୀ ନିମନ୍ତେ ଷ୍ଟେଜ-୨ ପରୀକ୍ଷା କରାଯିବ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ ସ୍କୁଲର ଷ୍ଟେଜ-୧ ପରୀକ୍ଷା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଏବଂ ହାଇସ୍କୁଲର ଷ୍ଟେଜ-୧ ଓ ଷ୍ଟେଜ-୨ ପରୀକ୍ଷା ପ୍ରଧାନଶିକ୍ଷକଙ୍କ ଦ୍ୱାରା ଫର୍ମ ପୂରଣ କରାଯିବ। ମେଧାବୃତ୍ତି ପରୀକ୍ଷାର ଧାର୍ଯ୍ୟ ତାରିଖ ବିଜ୍ଞପ୍ତି ପରେ ପ୍ରକାଶ ପାଇବ। ଏହି ଫର୍ମ ପୂରଣ ପାଇଁ ଆବଶ୍ୟକ ନିୟମାବଳୀ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି ବୋଲି ବୋର୍ଡ ପକ୍ଷରୁ ଶନିବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ସ୍କୁଲ ଯିବାବେଳେ ରାସ୍ତାରେ ଟଳିପଡ଼ିଲେ ଛାତ୍ର

**ଦିଗପହଣ୍ଡି, ୧୩।୧୨ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର ଚୈତନ୍ୟ ନିତ୍ୟାନନ୍ଦ ମଠସାହିର ସୀମାଞ୍ଚଳ ଗୌଡ଼ଙ୍କ ପୁଅ ଆକାଶ କୁମାର ଗୌଡ଼ (୧୨) ସ୍କୁଲକୁ ଯିବାବେଳେ ରାସ୍ତାରେ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ରାଧାମୋହନ ନୋଡାଲ ବିଦ୍ୟାପୀଠରେ ସେ ସପ୍ତମ ଶ୍ରେଣୀରେ ପଢୁଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିଥିଲେ।

# ୧୬୫ ମାମଲାର ଆପୋସ ସମାଧାନ



୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ, ୧୩।୧୨ (କାର୍ତ୍ତିକ ସାହୁ)**

**ହାଇକୋର୍ଟରେ ଲୋକ ଅଦାଲତ**

**୧୨,୯୩,୪୧,୪୦୦ ଟଙ୍କା କ୍ଷତିପୂରଣ ରାଶି ସ୍ଥିର**

ଓଡ଼ିଶା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରକାର ୧୬୫ଟି ମାମଲାର ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ମୋଟର ଯାନ ଦୁର୍ଘଟଣାଜନିତ ବୀମା ରାଶି କ୍ଷତିପୂରଣ, ଏନ୍‌ଆଇ ଆକ୍ଟ, ଜମିଜମା ସଂକ୍ରାନ୍ତୀୟ, ବୈବାହିକ ବିବାଦ ଆଦି ମାମଲା ରହିଛି। କ୍ଷତିପୂରଣ ଅଥବା ଜରିମାନା ବାବଦକୁ ୧୨ କୋଟି ୯୩ ଲକ୍ଷ ୪୧ ହଜାର ୪୦୦ ଟଙ୍କାର ଅର୍ଥରାଶି ଆଦାୟ ପାଇଁ ସ୍ଥିର ହୋଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ ଓ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଚାରପତି ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି। ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ, ବିଚାରପତି ଡ. ଏସ. କେ. ପାଣିଗ୍ରାହୀ, ବିଚାରପତି ଏସ୍ ରଥ, ବିଚାରପତି ଏମ. ଏସ. ସାହୁ, ବିଚାରପତି ଏ. କେ. ମହାପାତ୍ର, ବିଚାରପତି ଭି. ନରସିଂହ, ବିଚାରପତି ବି. ପି. ଶତପଥୀ, ବିଚାରପତି ଏମ୍. ଏସ. ରମଣ, ବିଚାରପତି ଏସ୍. କେ. ମିଶ୍ର, ବିଚାରପତି ଜି. ଶତପଥୀ ଓ ବିଚାରପତି ଏସ୍. ଏସ୍. ମିଶ୍ର ବିଭିନ୍ନ ବେଞ୍ଚରେ ଅଧ୍ୟକ୍ଷତା କରି ମାମଲାଗୁଡ଼ିକର ସମାଧାନ କରାଇଥିଲେ।


DADLS-68



ଓଡ଼ିଶା ସରକାର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୨୫
ସକାଳ ଘ.୮.୩୦ ମିନିଟ୍ ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ଘ.୫.୩୦ ମିନିଟ୍ | ସାଧାରଣ ସଭା | ସ୍ଥାନ - ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା
ବିଧାୟକ, ବଡ଼ମ୍ବା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ
ପ୍ରାକ୍ତନ ବିଧାୟକ ତଥା ସଭାପତି
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ମୁଖ୍ୟବକ୍ତା
ଡ଼ଃ ଫଣୀନ୍ଦ୍ରଭୂଷଣ ନନ୍ଦ
ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ
ଧନ୍ୟବାଦ ଅର୍ପଣ
ଡା. କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ୍‌ମେକର), କେନ୍ଦ୍ରାପଡ଼ାର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/1272/2526





ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ସୁଶାସନରେ ସମସ୍ୟା



ଆକାର ପଟେଲ

ଅନେକ ସମୟରେ ଶାସନରେ ସୁଫଳ ପାଇବା କଷ୍ଟକର ହେଲେ ବିଫଳତାକୁ ସ୍ୱୀକାରକରିବା ପରିବର୍ତ୍ତେ ରାଜନୈତିକ କୌଶଳ ବା ଦୃଷ୍ଟିକୋଣ ଉପରେ ନିର୍ଭର କରାଯାଇପାରେ, ଯାହା ଏକ ଦୁର୍ବଳ ବିକଳ୍ପ। ଯେତେବେଳେ ଏୟାରଲାଇନ୍ସ ବିଜ୍‌ନେସ୍ ଠପ୍ ହୋଇଯାଏ ଏବଂ ସାରା ଭାରତରେ ବିମାନବନ୍ଦରଗୁଡ଼ିକର ଅବ୍ୟବସ୍ଥା କ୍ରୋଧ ସୃଷ୍ଟି କରେ, ସେତେବେଳେ ସମସ୍ୟାର ସମାଧାନ ପାଇଁ ଜଣେ ବିମାନ ସିଇଓ ହାତଯୋଡ଼ି ମନ୍ତ୍ରୀଙ୍କ ସମ୍ମୁଖରେ ପ୍ରାର୍ଥନା କରୁଥିବା ଫଟୋକୁ ପ୍ରସାରିତ କରିବାକୁ ପଡ଼େ, ଯେଉଁଥିରେ ସମସ୍ୟା ସମାଧାନ ହୋଇଯାଏ। ଯେତେବେଳେ ଏକ କୋଠାରେ ଅଗ୍ନିକାଣ୍ଡ ଘଟି ଅନେକ ଡଜନ ମୃତ୍ୟୁବରଣ କରୁଛନ୍ତି, ତାହାର ସମାଧାନ ହେଉଛି କୋଠାର ଅବଶିଷ୍ଟାଂଶକୁ ବୁଲ୍‌ଡୋଜରରେ ଧ୍ୱଂସ କରିଦେବା। ସମସ୍ୟାର ଆଉ ଏକ ସନ୍ତୋଷଜନକ ସମାଧାନ ହେଉଛି ପୁନଃ ନାମକରଣ। ନୂତନ ଭାରତରେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଏବେ ପୂଜ୍ୟ ବାପୁ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ବୋଲି କୁହାଯିବ ଏବଂ ଏହାକୁ ବିସ୍ତାରିତ କରାଯିବ। ୧୦ବର୍ଷ ପୂର୍ବେ ଦାୟିତ୍ୱ ଗ୍ରହଣ କରିବାର କିଛିମାସ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏ ଜାରି ରହିବ, କାରଣ ଏହା ମନମୋହନ ସିଂହଙ୍କ ସରକାରଙ୍କ ଖରାପ ପ୍ରଦର୍ଶନକୁ ଦର୍ଶାଇବ। ସେ ବିରୋଧୀଙ୍କୁ କହିଥିଲେ, ''ମୋର ରାଜନୈତିକ ପ୍ରବୃତ୍ତି ମୋତେ କହୁଛି ଯେ ଏମ୍‌ଜିଏନ୍‌ଆର୍‌ଇଜିଏ ବନ୍ଦ କରାଯିବା ଉଚିତ ନୁହେଁ, କାରଣ ଏହା ଆପଣଙ୍କ ବିଫଳତାର ଏକ ଜୀବନ୍ତ ସ୍ମାରକୀ। ଏତେ ବର୍ଷ କ୍ଷମତାରେ ରହିବା ପରେ, ଆପଣ କେବଳ ଜଣେ ଗରିବ ଲୋକକୁ ମାସକୁ କିଛିଦିନ ଖାତ ଖୋଳିବାକୁ ଦେଇପାରିଲେ।'' ନୀତିନ୍ ଗଡ଼କରୀ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏ ଭାରତର ଏକ ତୃତୀୟାଂଶ ଜିଲା ମଧ୍ୟରେ ସୀମିତ ରହିବ ଏବଂ ହିତାଧିକାରୀଙ୍କ ପାଇଁ ମଜୁରି ହ୍ରାସ କରାଯିବ। ଅନୁମାନ କରାଯାଇଥିଲା ଯେ ମୋଦିଙ୍କ ଶାସନରେ ନିଯୁକ୍ତି ସୃଷ୍ଟି କରାଯାଇ ଯୋଜନାକୁ ଅନାବଶ୍ୟକ କରିଦେବ। ଡିସେମ୍ବର ୨୦୧୪ ସୁଦ୍ଧା, ପାଞ୍ଚଟି ରାଜ୍ୟ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ୨୦୧୩ ତୁଳନାରେ ୨୦୧୪ରେ କେନ୍ଦ୍ରଠାରୁ ଯଥେଷ୍ଟ କମ୍ ପାଣ୍ଠି ପାଇଥିଲେ। ତେବେ ଭାରତର ଅର୍ଥନୀତି ଦୁର୍ବଳ ହୋଇ ବେରୋଜଗାର ବୃଦ୍ଧି ପାଇବାରୁ ମୋଦି ଯେଉଁ ଯୋଜନାକୁ ବିଫଳ ବୋଲି କହିଥିଲେ ସେହି ଯୋଜନାରେ ଅଧିକରୁ ଅଧିକ ନିବେଶକଲେ। ୨୦୧୪–୧୫ରେ ଏମ୍‌ଜିଏନ୍‌ଆର୍‌ଇଜିଏ ୩୨,୦୦୦ କୋଟି ଟଙ୍କା ପାଇଲା ; ୨୦୧୫–୧୬ ରେ ୩୭,୦୦୦ କୋଟି ଟଙ୍କା ; ୨୦୧୬–୧୭ ରେ ୪୮,୦୦୦ କୋଟି ଟଙ୍କା ; ୨୦୧୭–୧୮ ରେ ୫୫,୦୦୦ କୋଟି ଟଙ୍କା ; ୨୦୧୮–୧୯ ରେ ୬୧,୦୦୦ କୋଟି ଟଙ୍କା ; ୨୦୧୯–୨୦ ରେ ୭୧,୦୦୦ କୋଟି ଟଙ୍କା ଏବଂ ୨୦୨୦–୨୧ ରେ ୧,୧୧,୦୦୦ କୋଟି ଟଙ୍କା। ମୋଦିଙ୍କ ସମୟରେ ମନମୋହନ ସିଂହଙ୍କ ସମୟ ସ୍ମାରକୀର ଆକାର ପ୍ରାୟ ୩ ଗୁଣ ହୋଇଗଲା। ସେବେଠାରୁ କୌଶଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ବଜେଟକୁ ଅସ୍ପଷ୍ଟ ରଖାଯିବା ରାଜ୍ୟଗୁଡ଼ିକୁ ପାଣ୍ଠି ପାଇବାରୁ ବଞ୍ଚିତ କରିବା ଭଳି କାର୍ଯ୍ୟ କରାଯାଇଛି। ଏହା ନିଃସନ୍ଦେହ ଯେ, ଏବେ ଯୋଜନାର ପୁନଃ ନାମକରଣ ଏହି ସମସ୍ତ ସମସ୍ୟାର ସମାଧାନ କରିବ। ଏହା ଆମ ସୁଶାସନର ଇତିହାସ। ଯେଉଁ କଷ୍ଟକର କାର୍ଯ୍ୟଗୁଡ଼ିକ ପାଇଁ ଯୋଜନା ଓ କାର୍ଯ୍ୟାନ୍ୱୟନ ଆବଶ୍ୟକ ଥିଲା, ସେଗୁଡ଼ିକୁ ପ୍ରଥମେ ଗ୍ରହଣ କରାଯାଇଥିଲା ଏବଂ ତା'ପରେ ପରିତ୍ୟାଗ କରାଗଲା। ନିର୍ବାଚନ ବିଜୟ ପରେ ଜୁନ୍ ୨୦୧୪ରେ ନମାମି ଗଙ୍ଗେ ଯୋଜନାରେ ଏହା ଘଟିଥିଲା। ପ୍ରଦୂଷଣ ହ୍ରାସ, ଗଙ୍ଗାର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ୨୦,୦୦୦ କୋଟି ଟଙ୍କା ବରାଦ କରାଯାଇଥିଲା। ଗଙ୍ଗା ନିରନ୍ତର ସମୁଦ୍ରକୁ ପ୍ରବାହିତ ହେଉଥିବାରୁ ଏହାକୁ ଏତେ ସଫା କରିବା ଆବଶ୍ୟକ ନ ଥିଲା, ବରଂ କିଭଳି ଅଧିକ ପ୍ରଦୂଷକ ଏଥିରେ ପ୍ରବେଶ ନ କରିବ ତାହା ନିଶ୍ଚିତ କରିବାର ଥିଲା। କାରଣ ଏହା ଏକ ଗମ୍ଭୀର ସମସ୍ୟା ଯାହା ଅନେକ ସ୍ଥାନରେ ଘଟୁଛି, ଯେଉଁଠାରେ ନଦୀକୁ ତରଳ ରାସାୟନିକ ବର୍ଜ୍ୟ ଛଡ଼ାଯାଉଛି। ଯେତେବେଳେ ଜାଣିବାକୁ ମିଳିଲା ଯେ ଗଙ୍ଗାକୁ ସଫା କରିବା ପାଇଁ ଯଥେଷ୍ଟ ପ୍ରୟାସ ଆବଶ୍ୟକ, ସେତେବେଳେ ପ୍ରକଳ୍ପ ପାଇଁ ଉତ୍ସାହ କମିଗଲା।

ଫେବୃଆରୀ ୨୦୧୭ରେ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ମତ ଦେଇଥିଲେ ଯେ, ଗଙ୍ଗା ନଦୀର ଗୋଟିଏ ବୁନ୍ଦା ଏ ପର୍ଯ୍ୟନ୍ତ ସଫା କରାଯାଇ ନାହିଁ ଏବଂ ସରକାର କେବଳ ସାଧାରଣ ଲୋକଙ୍କ ଟଙ୍କା ନଷ୍ଟ କରୁଛନ୍ତି। ପରବର୍ଷ, ଗଙ୍ଗାକୁ ସୁରକ୍ଷା ଦେବା ପାଇଁ ଏକ ଆଇନ ଦାବିକରି ଆସୁଥିବା ତଥା ୧୧୧ ଦିନ ଧରି ଆମରଣ ଅନଶନରେ ଥିବା ୮୬ ବର୍ଷୀୟ ପରିବେଶବିତ୍ ଜି.ଡି. ଅଗ୍ରୱାଲ ଶେଷରେ ପାଣି ନ ପିଇ ପ୍ରାଣ ହରାଇଥିଲେ। ଅଗ୍ରୱାଲଙ୍କ ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଗଡକରୀ (ଯିଏ କେନ୍ଦ୍ର ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରୀ ଥିଲେ) କହିଥିଲେ, ଅଗ୍ରୱାଲଙ୍କ ପ୍ରାୟ ସମସ୍ତ ଦାବି ପୂରଣ ହୋଇଛି। ନମାମି ଗଙ୍ଗେ ପାଇଁ ଦିଆଯାଇଥିବା ଅର୍ଥ ୨୦୧୬–୧୭ରେ ୨୫୦୦ କୋଟି ଟଙ୍କାରୁ ହ୍ରାସ ପାଇ ୨୦୧୭–୧୮ରେ ୨୩୦୦ କୋଟି ଟଙ୍କା ଏବଂ ତା'ପରେ ୨୦୧୮–୧୯ରେ ୬୮୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୧୯–୨୦ରେ ପ୍ରାୟ ୩୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେହି ବର୍ଷ ପ୍ରକଳ୍ପକୁ 'ଜଳ ଶକ୍ତି' ପ୍ରକଳ୍ପରେ ପରିଣତ କରାଯାଇଥିଲା। ଯେତେବେଳେ ମାର୍ଚ୍ଚ ୨୦୨୦ରେ ଲକ୍‌ଡାଉନ ଯୋଗୁ ପ୍ରଦୂଷଣକାରୀ ୟୁନିଟ୍‌ଗୁଡ଼ିକ ଅସ୍ଥାୟୀ ଭାବରେ ବନ୍ଦ ହୋଇଗଲା, ମୋଦି ସରକାର ଦାବି କରିଥିଲେ ଯେ ଗଙ୍ଗା ସଫା ହୋଇଯାଇଛି। 'ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ' ଲାଗି ଥିବା ସରକାରୀ ୱେବ୍‌ସାଇଟରୁ ଜଣାପଡ଼ିଛି ଯେ, ଏହାକୁ ପରିଚାଳନା କରୁଥିବା ପରିଷଦର ବୈଠକ ୧୦ ବର୍ଷ ମଧ୍ୟରେ କେବଳ ୨ଥର ଗୋଟିଏ ୧୪ ଡିସେମ୍ବର ୨୦୧୯ ଏବଂ ଦ୍ୱିତୀୟଟି ୩୦ ଡିସେମ୍ବର ୨୦୨୨ରେ ହୋଇଥିଲା। ୧୦ ବର୍ଷ ପରେ ଅତ୍ୟଧିକ ପ୍ରଚାର ପରେ ଗଙ୍ଗା ସଫା ହୋଇଯାଇଛି କି? ବିରୋଧୀ ଦଳ କହୁଛି ନା। '୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଗଙ୍ଗା ନଦୀ କାହିଁକି ମଇଳା ହୋଇଛି: ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଂଗ୍ରେସ ପଚାରିଛି'– ଏହା ଥିଲା ୧୪ ମେ ୨୦୨୪ରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଶିରୋନାମା। ୨ ଥରରୁ ଅଧିକ ଅର୍ଥାତ୍ ୧୦ ବର୍ଷରୁ ଅଧିକ ସମୟ ପଦରେ ରହିବା ପରେ ସୁଶାସନ ବିଷୟରେ କହିବାରେ ଏହା ହେଉଛି ସମସ୍ୟା। ଏହି ରେକର୍ଡ ଆମ ସାମ୍ନାରେ ଅଛି ଏବଂ ପ୍ରତିଦିନ ପ୍ରକାଶ ପାଇଚାଲିଛି।

Email:aakar.patel@gmail.com

# ଭାରତ ମାତାର ଦୁଃଖ

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଏଇ କେଇଦିନ ତଳେ ସଂସଦ ଭବନରେ ପ୍ରଧାନମନ୍ତ୍ରୀ ମୋଦି 'ବନ୍ଦେ ମାତରଂ'କୁ ନେଇ ଏକ ଦୀର୍ଘକାଳୀନ ବିଚାର ବିଶ୍ଳେଷଣ ରଖିଥିଲେ। 'ବନ୍ଦେ ମାତରଂ'କୁ ନେଇ ପାର୍ଲାମେଣ୍ଟ ସଦନରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଭିତରେ ପ୍ରତିଧ୍ୱନିତ ହେଉଥିଲା ଏକ ଗୌରବମୟ ଅତୀତର ସ୍ମୃତି ରୋମନ୍ଥନ। ତେବେ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୮ ଦଶନ୍ଧି ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ତତ୍କାଳୀନ ସ୍ୱାଧୀନତା ସଂଗ୍ରାମୀଙ୍କ ଚେତନାରେ ଶତସିଂହର ବିକ୍ରମ ସୃଷ୍ଟି କରିବା ସାମର୍ଥ୍ୟ ରଖିଥିବା ସେଇ ମହାନ୍ ମନ୍ତ୍ରର ଜୟଗାନ କରିବାର ଆବଶ୍ୟକତା କାହିଁକି ପଡ଼ିଲା! ଯେଉଁମାନେ ସେଦିନ ପ୍ରଧାନମନ୍ତ୍ରୀଙ୍କ ସେଇ ବକ୍ତବ୍ୟ ଶୁଣିଥିବେ, ସେମାନେ ଜାଣିଥିବେ ଯେ 'ବନ୍ଦେ ମାତରଂ' ସମ୍ପର୍କରେ ଚର୍ଚ୍ଚା କରିବା ମୂଳରେ କାରଣ କ'ଣ ଥିଲା।

ତେବେ ଆମେ ଯଦି ଜନ୍ମଭୂମି ଭାରତବର୍ଷକୁ ମାତୃଜ୍ଞାନ କରୁ ଓ ସେଇ ମାଆଟିର ଯଦି ଆତ୍ମା ଥିବ, ତାହା ବିଳପି ଉଠୁଥିବ ଏଇଆ ଭାବି– ''ମୁଁ ବନ୍ଦନୀୟା କି ନୁହେଁ, ତାହାକୁ ନେଇ ମୋ ସନ୍ତାନମାନଙ୍କ ମଧ୍ୟରେ ପୁଣି ବିତର୍କ''! କେଇ ବର୍ଷ ତଳେ ଜଣେ ପ୍ରମୁଖ ରାଜନେତାଙ୍କ ଘୋଷଣା ମନେପଡୁଥିବ ଭାରତମାତାଙ୍କର। ସେ କହିଥିଲେ– ''ମୋ ବେକରେ ଛୁରି ଲଗାଇଲେ ବି ମୁଁ 'ଭାରତ ମାତା କି ଜୟ' କହିବି ନାହିଁ।'' ମହାରାଷ୍ଟ୍ର ବିଧାନସଭାର ତତ୍କାଳୀନ ଜଣେ ସଦସ୍ୟ ମଧ୍ୟ କହିଥିଲେ– ''ମୋ ମୁଣ୍ଡ କଟିଗଲେ ବି ମୁଁ ଭାରତକୁ ମାଆ ମାନିବିନି।'' ଅବଶ୍ୟ ଏ କଥା ସତ ଯେ ଜନସ୍ମୃତିରେ ସବୁ ବିସ୍ଫୋରକ ବିବୃତିର ଆୟୁଷ ମାତ୍ର ସ୍ୱଳ୍ପକାଳ ପାଇଁ। ବିବୃତିଟିରେ ବହୁଜନ ଗ୍ରହଣୀୟତା ନ ଥିଲେ ସୃଷ୍ଟିହୁଏ କିଛି ସାମୟିକ ବାଦ ବିବାଦ ବା ପ୍ରତିବାଦର ପ୍ରବାହ। କିଛିଦିନ ପାଇଁ ଏ ପ୍ରବାହ ଭିତରେ ଭାସିଯାଏ ସମଚିନ୍ତକ ସମର୍ଥକ ଓ ବଳଶାଳୀ ବିରୋଧୀମାନଙ୍କ ବିତର୍କ। ପୁଣି କିଛିଦିନ ପରେ ପ୍ରସଙ୍ଗଟି ଶୀତଳ ହୋଇଆସେ ଓ କ୍ରମେ କ୍ରମେ ଜନବିସ୍ମୃତିରେ ସତ୍ତା ହରାଇବସେ।

ମାତ୍ର ଯାହାଙ୍କୁ ନେଇ ଏ ବାଦ ବିସମ୍ବାଦ, ସେଇ ମାଆଟିରେ ମନ କଥା କେହି ବୁଝିବାକୁ ଚେଷ୍ଟା କରନ୍ତି କି? ପ୍ରତ୍ୟେକ ମଣିଷର ମାଆ ଓ ମାତୃଭୂମି ଥାଏ। ଜଣଙ୍କ ଗର୍ଭରୁ ସେ ଜନ୍ମ ନେଇଥାଏ ଓ ଆଉ ଜଣଙ୍କ ଉପରେ ପାଦ ଥାପି ନିଜ ପାଇଁ ପରିଚୟଟିଏ ସୃଷ୍ଟି କରେ। ଉଭୟ ଜନନୀ ଓ ଜନ୍ମଭୂମିର ସଂସ୍କାର ସଂସ୍କୃତି ସହ ସେ ଏମିତି ସଂଲଗ୍ନ ଥାଏ ଯେ, ଉଭୟଙ୍କଠୁଁ ବିଚ୍ଛିନ୍ନ ହୋଇ ପରିଚିତ ହେବା ତା' ନିୟନ୍ତ୍ରଣରେ ନ ଥାଏ। ପ୍ରକୃତପକ୍ଷେ କେବଳ ମାତା ବା ମାତୃଭୂମି କାହିଁକି, ନିଜ ଭାଷା, ଧର୍ମ ଓ ଜାତୀୟତା ଭିତ୍ତିରେ ମଣିଷର ଯେଉଁ ପରିଚୟଟି ଗଢ଼ି ଉଠିଥାଏ, ସେ ସବୁରୁ ଗୋଟିଏ ବି ମଣିଷର ସ୍ୱାଧୀନ ଇଚ୍ଛାସମ୍ଭୂତ ନୁହେଁ। ନିଜ ପସନ୍ଦ ଅନୁଯାୟୀ ମଣିଷ ଏ ମଧ୍ୟରୁ ଗୋଟିଏ ବି ନିର୍ବାଚନ କରେ ନାହିଁ, କରିପାରେ ନାହିଁ। ଅତଏବ, ଭାରତକୁ ମାତା ଭାବେ ଗ୍ରହଣ କରିବାକୁ ନିଜ ଧର୍ମ ବିଚାରର ପରିପନ୍ଥୀ ବିଚାରୁଥିବା ଭାରତୀୟଙ୍କ ପାଖରେ ଯଦି ଅନ୍ୟ କିଛି ବିକଳ୍ପ ଅଛି ତ ଭଲକଥା। ମାତ୍ର ଯଦି ନାହିଁ, ତେବେ ଧରିନେବାକୁ ହେବ ଯେ ସେମାନେ ମାଆକୁ ଦୁଃଖ ଦେଇ ଆନନ୍ଦ ପାଆନ୍ତି!



କୌଣସି ପ୍ରାପ୍ତିର ପ୍ରତ୍ୟାଶା ନ ରଖି, ଅପ୍ରାପ୍ତି, ଅବଜ୍ଞା ଓ ଅପମାନର ବୋଝ ମୁଣ୍ଡାଇ ତଥାପି ସଦାକାଳ ସନ୍ତାନର ମଙ୍ଗଳ କାମନା କରୁଥିବା ଶକ୍ତି ଏ ସଂସାରରେ କେବଳ ଦୁଇଜଣ– ମାତା ଓ ମାତୃଭୂମି। ନିମ୍ନତମ ସମୁଚିତ ସମର୍ପଣଠୁଁ ଦୂରେଇ ଯାଇ ସନ୍ତାନଟିଏ ଯେବେ ବ୍ୟକ୍ତିବାଦ, କୁସଂସ୍କାର, ଅଜ୍ଞାନତା ଓ ଧର୍ମାନ୍ଧତା ଭଳି ହୀନ ମତବାଦରେ ଆକ୍ରାନ୍ତ ହୋଇ ଏ ଦୁହିଁଙ୍କୁ ଲାଞ୍ଛିତ ଓ ନିର୍ଯାତିତ କରେ, ସେତେବେଳେ ଦାରୁଣ ବେଦନାରେ ଏମାନଙ୍କ ହୃଦୟ ମନ୍ଥି ହୋଇଯାଇଥାଏ। ଅଥଚ ଆଶ୍ଚର୍ଯ୍ୟର ବିଷୟ, ସନ୍ତାନର ପାଗଳପଣରେ ଏମାନେ ପ୍ରତିକ୍ରିୟାଶୀଳ ହୁଅନ୍ତି ନାହିଁ, ହୋଇପାରନ୍ତି ନାହିଁ। ତଥାପି ସେମାନେ ପଥହୁଡ଼ା ପୁଅଟିକୁ କୋଳେଇ ଧରି ନିଜ ମାତୃତ୍ୱକୁ ନେଇ ଗର୍ବ କରନ୍ତି।

ସମଗ୍ର ବିଶ୍ୱ ପ୍ରେକ୍ଷାପଟରେ ଭାରତୀୟ ସଂସ୍କାର ଓ ସଂସ୍କୃତିର କାନ୍ତକମନୀୟତା ଓ ସହିଷ୍ଣୁତା ସର୍ବଜନସ୍ୱୀକୃତ। ଏ ଦେଶର ମହିମା ବଡ଼ ବିଚିତ୍ର। ଏଠି ରାସ୍ତାକଡ଼ର ଯେକୌଣସି ପଥରକୁ ଦେବତା ମାନ୍ୟତା ଦେଇ ଫୁଲ ସିନ୍ଦୂର ଲଗାଇ ପୂଜା କରାଯାଇପାରେ। ଏଠି ପୁଣି ସମଗ୍ର ବସୁଧାକୁ କୁଟୁମ୍ବ ଜ୍ଞାନ କରି ପଡ଼ୋଶୀ ଦେଶର ବିତାଡ଼ିତା ଲେଖିକାଙ୍କୁ ଆତିଥ୍ୟ ଦିଆଯାଇପାରେ। ସାଂସ୍କୃତିକ ସ୍ୱାଧୀନତା ନାମରେ ଆରାଧ୍ୟା ସରସ୍ୱତୀଙ୍କର ଅଶ୍ଳୀଳ ଚିତ୍ର ଆଙ୍କିଥିବା ଚିତ୍ରକରଙ୍କୁ ଭାରତର ଗୌରବ କହି ସମ୍ମାନିତ କରାଯାଇପାରେ। ଏଠାରେ ନିଜ ପାଇଁ ଏକ ମଧୁମୟ ଜୀବନ ଅପେକ୍ଷା ଗୋଟିଏ ଅମୃତମୟ ବିଶ୍ୱର ବରଦାନ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଇପାରେ। ଏଥିପାଇଁ ବୋଧହୁଏ ତାଙ୍କ ମାତୃଭୂମି ଭାରତକୁ ଅବଶିଷ୍ଟ ବିଶ୍ୱ ସହ ପରିଚିତ କରାଇ ସେଦିନ ବିଶ୍ୱବିଜୟୀ ବିବେକାନନ୍ଦଙ୍କ କଣ୍ଠରୁ ଭାସି ଆସିଥିଲା ଅନିର୍ବଚନୀୟ ଦେଶପ୍ରେମର ଏକ ଉତ୍ତାଳ ତରଙ୍ଗ– ''ମୋ ପ୍ରିୟ ଭାରତବର୍ଷ! ମୋ ଶୈଶବର ଫୁଲଶଯ୍ୟା, ମୋ ଯୌବନର ଉପବନ, ମୋ ବାର୍ଦ୍ଧକ୍ୟର ବାରାଣସୀ''।

ଅଥଚ ବିଡ଼ମ୍ବନାର ବିଷୟ, ଭାରତ ସହ ଭାରତୀୟମାନଙ୍କ ଦିବ୍ୟ ସମ୍ପର୍କର ସେଇ ସୂକ୍ଷ୍ମ ତନ୍ତ୍ରୀଟି କେଉଁଠି କେଉଁ ପ୍ରକାର ଦ୍ୱିଧାଗ୍ରସ୍ତ ଯେ ଜଣେ ଭାରତବାସୀ ସର୍ବଜନସମ୍ମୁଖରେ ଘୋଷଣା କରିପାରୁଛି– ''ମୁଁ ଜୀବନ ଦେଇଦେବି ପଛେ, ଭାରତକୁ ମାଆ ବୋଲି ମାନିବି ନାହିଁ।'' ମାତ୍ର ବାସ୍ତବପକ୍ଷେ କେବେ ବି କୌଣସି କାଳରେ ମାଆଟିଏ ନିଜର ପରିଚୟ ପ୍ରତିଷ୍ଠା ପାଇଁ ତା' ସନ୍ତାନର ମୁଣ୍ଡ ଲୋଡ଼େନାହିଁ। ଏ ପ୍ରସଙ୍ଗରେ ରୋଚକ କାହାଣୀଟିଏ।

ବାଲ୍ୟକାଳରୁ ନିଜ ପିତାଙ୍କୁ ହରାଇ ଦୁଃଖିନୀ ମାଆଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିବା ପୁଅଟି ଯୌବନକାଳରେ ଜଣେ ସୁନ୍ଦରୀ ତରୁଣୀର ପ୍ରେମରେ ପଡ଼ିଗଲା। ବିବାହ ଆଡ଼କୁ କଥା ବଢ଼ିଲା। ମାତ୍ର ପ୍ରତିବନ୍ଧକ ହେଲା ଯୁବତୀଟିର ଅଦ୍ଭୁତ ସର୍ତ୍ତ। ସେ କହିଲା, ''ବିବାହ ପାଇଁ ମୁଁ ରାଜି। ମାତ୍ର ବିବାହ ପରେ ଆମ ଦୁହିଁଙ୍କ ସଂଯୁକ୍ତ ଜୀବନରେ ତମ ମାଆଙ୍କ ଉପସ୍ଥିତି ମୋ ପାଇଁ ସମ୍ପୂର୍ଣ୍ଣ ଅଗ୍ରହଣୀୟ। ସୁତରାଂ, ମୋତେ ପାଇବାକୁ ହେଲେ ତୁମ ମାଆଙ୍କୁ ହରାଇବାକୁ ପଡ଼ିବ। ତୁମ ମାଆଙ୍କୁ ହତ୍ୟା କରି ତାଙ୍କ କଳିଜା ଆଣି ଦେଖାଇଲେ ହିଁ ମୋତେ ପାଇବ।'' ପ୍ରେମିକାର ଏହି ନିଷ୍ଠୁର ସର୍ତ୍ତ କିଛି କ୍ଷଣ ପାଇଁ ହତବାକ୍ କରିଦେଲା ପ୍ରେମିକଟିକୁ। ଦୁଃଖ ସହି ପୁଅକୁ ସୁଖରେ ବଢ଼ାଇ ଆଣିଥିବା ମାଆର ମୁହଁ ତା' ଆଖି ଆଗରେ ଭାସିଉଠିଲା। ମାତ୍ର ପ୍ରେମରେ ଅନ୍ଧ ହୋଇଯାଇଥିବା ପୁଅଟି ତା' ମାଆର ସକଳ ତ୍ୟାଗକୁ ଭୁଲିଯାଇ ତାଙ୍କୁ ହତ୍ୟା କଲା ଓ ତାଙ୍କ କଳିଜାଟିକୁ ଧରି ଦୌଡ଼ିବାରେ ଲାଗିଲା। ନିଜ ମାଆର ଅତର୍କିତ ବିୟୋଗ ତାକୁ ଯେତିକି ସନ୍ତପ୍ତ କରୁ ନ ଥିଲା, ତାହାଠୁଁ ଅଧିକ ଉଚ୍ଚାଟ କରୁଥିଲା ତା' ପ୍ରେମିକାର ପ୍ରେମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରର ଏକ ସୁଖଦ ସମ୍ଭାବନାର ଉଦ୍‌ବେଳନ। ଦୌଡୁଥିବା ବେଳେ ସେ ଝୁଣ୍ଟି ପଡ଼ି ଆହତ ହେଲା। ତଳୁ ଉଠିବାର ଉପକ୍ରମ କରୁଥିବା ବେଳେ ସେ ଶୁଣିପାରିଲା ଏକ ଦରଦୀ କଣ୍ଠର ଆଶ୍ୱାସନା– ''ଆଃ, ମୋ ଧନକୁ କେଡ଼େ କଷ୍ଟ ହୋଇ ନ ଥିବରେ! ଆ' ମୋ ପାଖକୁ। ତୋତେ ଟିକେ ଝାଡ଼ିଦେବି, ଆଉଁଶି ଦେବିରେ ଧନ!''

ଆଚମ୍ବିତ ହେଲା ପ୍ରେମପାଗଳ ମାତୃହତ୍ୟାକାରୀ ବାଚାଳ ଯୁବକ। ଏ ଯେ ତା' ମାଆର କଣ୍ଠସ୍ୱର! ମାତ୍ର ଏହା କେମିତି ସମ୍ଭବ! କେଇ ମୁହୂର୍ତ୍ତ ପୂର୍ବରୁ ମାଆକୁ ହତ୍ୟା କରିଆସିଛି ସେ! ସେ ଦେଖିଲା, ଝୁଣ୍ଟିପଡ଼ିଲା ପରେ ତା' ହାତରୁ ଖସିଯାଇ ଖଣ୍ଡେ ଦୂରରେ ଛିଟିକି ପଡ଼ିଥିବା କଳିଜାରୁ ଭାସିଆସୁଛି ତା' ମାଆଙ୍କ ସମ୍ବେଦନାର ବିକଳ ସ୍ୱର।

କାହାଣୀର ଏଇ ମାଆଙ୍କ ପରି ସଂସାରର ସବୁ ମାଆଙ୍କ କଥା ଶୁଣିବାକୁ ଏକାପରି। ମରିଗଲା ପରେ ବି ସେ ତାଙ୍କ ହତ୍ୟାକାରୀ ସନ୍ତାନର ମଙ୍ଗଳ କାମନା କରନ୍ତି। ନିଜ ଗର୍ଭରୁ ଜନ୍ମ ଦେଇଥିବା ମାଆ ପରି ନିଜ ମାଟି ଉପରେ ବଞ୍ଚିବା ଓ ବଢ଼ିବା ପାଇଁ ସୁଯୋଗ ଦେଇଥିବା ମାତୃଭୂମିର କଥା ଏକାଭଳି। ଉଭୟ ସେମାନଙ୍କ ସନ୍ତାନଙ୍କ ଉଦ୍ଦଣ୍ଡପଣକୁ କ୍ଷମା କରିଦିଅନ୍ତି। କୋଳେଇ ନିଅନ୍ତି ନିଜ ପତ୍ନୀ ବା ପ୍ରେମିକାଙ୍କ ଚାପରେ ବୁଢ଼ୀମାଆକୁ ନିର୍ଯାତନା ଦେଉଥିବା ସଂସ୍କାରଚ୍ୟୁତ ପୁଅକୁ ଅବା ହୀନ ରାଜନୀତିରେ କବଳିତ ହୋଇ ''କୌନ ହେ ୟେ ଭାରତ ମାତା' କହୁଥିବା ରାଜନେତାଙ୍କୁ!

ମୋ: ୮୮୯୫୬୭୨୪୧୦୫

# ପରିବେଶତନ୍ତ୍ରୀ

ବ୍ୟକ୍ତିତ୍ୱ



ସୁପ୍ରିୟା ସାହୁ

''ଆଜି ଯେଉଁଠି ପହଞ୍ଚିଛି ସେଥିପାଇଁ ପ୍ରେରଣା ସ୍ଥାନୀୟ ଗ୍ରାମରୁ ପାଇଛି, ଯେଉଁଠି ଲୋକମାନେ ମୋ ସହ ଠିଆ ହୋଇଥିଲେ। ହେନ୍ତାଳବଣକୁ ନିଜର ଭାବି ପରିଷ୍କାର କରିବାରେ ମୋ ସହ କାମ କରିଥିବା ବ୍ୟକ୍ତିମାନେ ପରିବେଶ ପ୍ରତି ମୋ ଆଗ୍ରହକୁ ବଢ଼ାଇଛନ୍ତି। ମୋର ପ୍ରେରଣା ସେହି ଶିଶୁମାନଙ୍କଠାରୁ ମଧ୍ୟ ଆସିଛି, ଯେଉଁମାନେ ଆଖିରେ ଚମକ ସହ ଜଗତକୁ ଦେଖିଥାଆନ୍ତି।'' ଖୁବ୍ ଶାନ୍ତ ଭାବେ ଏଭଳି ବାକ୍ୟ ବ୍ୟକ୍ତ କରିଥିବା ବ୍ୟକ୍ତି ହେଉଛନ୍ତି ତାମିଲନାଡୁ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସୁପ୍ରିୟା ସାହୁ। କେନିଆର ନାଇରୋବିଠାରେ ୧୦ ଡିସେମ୍ବରରେ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ଆୱାର୍ଡ–୨୦୨୫' ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ସର୍ବବ୍ୟାପୀ ହୋଇଛି। ଉଲ୍ଲେଖଯୋଗ୍ୟ, ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ୨୦୦୫ରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସରକାରୀ, ବେସରକାରୀ ଓ ଭଦ୍ର ସମାଜ ମଧ୍ୟରୁ ଉତ୍ତମ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ଉଚ୍ଚ ନେତୃବର୍ଗଙ୍କୁ ମାନ୍ୟତା ଦେବା ଉଦ୍ଦେଶ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଜଳବାୟୁ ନେତୃତ୍ୱ ବର୍ଗରେ ୨୦୨୫ ପାଇଁ ସୁପ୍ରିୟାଙ୍କୁ ଚୟନ କରାଯିବା ଲାଗି ପରିବେଶ ସୁରକ୍ଷା ଦିଗରେ ତାଙ୍କ ଗଭୀର ମନନଶୀଳତାକୁ ଶ୍ରେୟ ଦିଆଯାଉଛି। ଭାରତରେ ପ୍ରମୁଖ ପରିବେଶଗତ ଆହ୍ୱାନର ମୁକାବିଲା ଦିଗରେ ସୁପ୍ରିୟାଙ୍କ ଅଗ୍ରଣୀ ତଥା ଦୀର୍ଘକାଳୀନ ନେତୃତ୍ୱ ପ୍ଲାଷ୍ଟିକ୍ ବର୍ଜନ ଓ ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଅଭିପ୍ରେତ ରହିଥିବାରୁ ତାଙ୍କ ପ୍ରଚେଷ୍ଟାକୁ ଏହି ପୁରସ୍କାର ଜରିଆରେ ସ୍ୱୀକୃତି ଦିଆଯାଇଥିବା କୁହାଯାଉଛି।

୫୭ ବର୍ଷୀୟା ସୁପ୍ରିୟା ତାମିଲନାଡୁ ବାସିନ୍ଦା। ୧୯୯୧ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଅନେକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଦୂରଦର୍ଶନର ମହାନିର୍ଦ୍ଦେଶିକା ରହିଥିବା ବେଳେ ସେ ଅନେକ ଶିକ୍ଷଣୀୟ କାର୍ଯ୍ୟକ୍ରମ ରୂପାୟନ କରି ସଂସ୍ଥାର ଅଭୂତପୂର୍ବ ରାଜସ୍ୱ ବଢ଼ାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିୟା ବିଗତ ଚାରିବର୍ଷ ଧରି ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ମନଲାଖି ବିଭାଗ ମିଳିଥିବାରୁ ସେ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ବନ୍ୟପ୍ରାଣୀ ସଂରକ୍ଷଣ ଆଦି ଦିଗରେ ବିଶେଷ ଆଗ୍ରହ ରଖିଛନ୍ତି। ପ୍ରକୃତି ପ୍ରତି ପ୍ରେମ ତାଙ୍କର ପିଲାଦିନରୁ ଆରମ୍ଭ ହୋଇଥିଲା। ବାପାଙ୍କ ଚାକିରି ପାଇଁ ସେ ଦେଶର ବିଭିନ୍ନ ପ୍ରାନ୍ତରେ ରହିବାର ସୁଯୋଗ ପାଇଥିଲେ। ତାଙ୍କ ପ୍ରୋଫାଇଲରୁ ପରିବାର ବିଷୟରେ ବିଶେଷ ତଥ୍ୟ ନ ଥିବାରୁ ଲେଖା ତାଙ୍କ ଉପରେ ମୁଖ୍ୟତଃ କେନ୍ଦ୍ରିତ। ସେ ହାତୀଙ୍କୁ ଅତି ଭଲପାଆନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସେମାନଙ୍କ ବିଷୟରେ ପୋଷ୍ଟରେ ଭର୍ତ୍ତି। ତାଙ୍କ ଅନ୍ୱେଷଣ କହେ ହାତୀ ଆମକୁ ଅସୁବିଧାରୁ ତୁରନ୍ତ ରକ୍ଷା ପାଇବାର ଦକ୍ଷତା ବଢ଼ାଇବା, ପରିବାର ବନ୍ଧନ ଏବଂ ନେତୃତ୍ୱ ବିଷୟରେ ଶିକ୍ଷା ଦେଇଥାଏ। ଅମଲାତନ୍ତ୍ରୀ ଭାବେ ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ହାସଲ କରିଥିବା ସୁପ୍ରିୟା ସାର୍ବଜନୀନ ଜୀବନରେ ଭାରତର ସମୃଦ୍ଧ ଜୈବବିବିଧତା ପ୍ରତି ବିଶେଷ ଆକର୍ଷିତ ହୋଇଛନ୍ତି।

ପ୍ଲାଷ୍ଟିକ୍ ଆବର୍ଜନା ଖାଉଥିବା ପଶୁଙ୍କୁ ଦେଖି ଆମ ଗ୍ରହ କିଭଳି ଦିନକୁ ଦିନ ଶ୍ୱାସରୁଦ୍ଧ ହୋଇଯାଉଛି, ତାହା ସୁପ୍ରିୟା ଅନୁଭବ କରିଛନ୍ତି। ନୀଳଗିରିର ଜିଲାପାଳ ଥିବା ସମୟରେ ଏହି ଦୃଶ୍ୟ ବାରମ୍ବାର ଦେଖିବା ପରେ ପରିବେଶ ସଚେତନତା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା ବୋଲି ସେ କହିଥାଆନ୍ତି। ଜାତିସଂଘ ପକ୍ଷରୁ କୁହାଯାଇଛି ଯେ, ତାମିଲନାଡୁରେ ନିରନ୍ତର ଜଳବାୟୁ କାର୍ଯ୍ୟ, ପରିସଂସ୍ଥାନର ପୁନରୁଦ୍ଧାର ଏବଂ ସସ୍ଟେନେବଲ କୁଲିଂ ଇନୋଭେଶନ୍ସର ସ୍କେଲିଂରେ ତାଙ୍କର ଯୁଗାନ୍ତକାରୀ ନେତୃତ୍ୱ ତାଙ୍କୁ ପରିବେଶ ଓ ଜଳବାୟୁ ନୀତି ନିର୍ଦ୍ଧାରକ ଭାବେ ସ୍ୱୀକୃତି ଦେଇଛି। ତାଙ୍କର କାର୍ଯ୍ୟ ଅନେକ ଲକ୍ଷ ଗ୍ରୀନ ଜବ୍ସ ସୃଷ୍ଟି କରିବା ସହ ତାମିଲନାଡୁକୁ ବିଜ୍ଞାନ ଆଧାରିତ, ସମ୍ପ୍ରଦାୟ ପରିଚାଳିତ ଜଳବାୟୁ ସହନଶୀଳତାର ଏକ ମଡେଲ ରାଜ୍ୟ ଭାବେ ସ୍ଥାପନ କରିଛି। ସବୁଜଗୃହ ବାଷ୍ପ ହ୍ରାସ କରି ଶକ୍ତି ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ସୁପ୍ରିୟାଙ୍କ ପଦକ୍ଷେପ ଜଙ୍ଗଲ ଆଚ୍ଛାଦନ ବଢ଼ାଇଛି ଏବଂ ପ୍ରାୟ ୧ କୋଟି ୨୦ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିଥିବା କୁହାଯାଉଛି। ୨୦୦୦ ମସିହାରେ ସେ ନୀଳଗିରିରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ନିର୍ମୂଳ ଲକ୍ଷ୍ୟରେ 'ଅପରେସନ ବ୍ଲୁ ମାଉଣ୍ଟେନ୍' ଅଭିଯାନ ଆରମ୍ଭ କରିଥିଲେ। ପରେ ତାହା ଜନଆନ୍ଦୋଳନରେ ପରିଣତ ହୋଇଥିଲା। ଇତିମଧ୍ୟରେ ସେ 'ତାମିଲନାଡୁ ଗ୍ରୀନ୍ କ୍ଲାଇମେଟ କମ୍ପାନୀ' ବ୍ୟବସ୍ଥା କରିଛନ୍ତି। ଏହା ଅଣ–ଲାଭଦାୟକ ସଂସ୍ଥା ଭାବେ ଉପକୂଳ ସ୍ଥାୟିତ୍ୱ ବଜାୟ ରଖିବା ଦିଗରେ ଧ୍ୟାନ କେନ୍ଦ୍ରିତ କରି ସହରାଞ୍ଚଳ ତାପମାତ୍ରା ହ୍ରାସ ଓ ଥଣ୍ଡା ପରିବେଶ ଚାହିଦାକୁ ବୃଦ୍ଧି କରିବା ପାଇଁ ଅଭିପ୍ରେତ। ସେଭଳି ପ୍ରକଳ୍ପକୁ ସୁପ୍ରିୟା ପ୍ରୋତ୍ସାହନ ଦେଉଛନ୍ତି। ସେ ତାମିଲନାଡୁରେ ୧୦ କୋଟିରୁ ଅଧିକ ଚାରାରୋପଣ ଏବଂ ୬୫ଟି ନୂଆ ରିଜର୍ଭ ଫରେଷ୍ଟ ସୃଷ୍ଟି କରିବା ପ୍ରୟାସର ନେତୃତ୍ୱ ନେଇଛନ୍ତି। ରାଜ୍ୟରେ ହେନ୍ତାଳବଣ ଆଚ୍ଛାଦନ ଦୁଇଗୁଣିତ ହେବା, ୱେଟଲ୍ୟାଣ୍ଡ ସଂଖ୍ୟା ୧ରୁ ୨୦କୁ ବଢ଼ିବା ଏବଂ ୬୦ ମିଲିୟନ ଡଲାରର ବିଲୁପ୍ତପ୍ରାୟ ପ୍ରଜାତିର ସଂରକ୍ଷଣ ପାଣ୍ଠି ଗଠନ ତାଙ୍କ ପରିବେଶୀୟ ନେତୃତ୍ୱର ସଫଳ ପରାକାଷ୍ଠା।

ବାସ୍ତବରେ ଜଣେ ଅମଲାତନ୍ତ୍ରୀ ଚାହିଁଲେ ପରିବେଶ ହେଉ ବା ସମାଜରେ କେତେ ବଡ଼ ପରିବର୍ତ୍ତନ ଆଣିପାରିବେ, ସୁପ୍ରିୟା ହେଉଛନ୍ତି ତାହାର ଶ୍ରେଷ୍ଠ ଦୃଷ୍ଟାନ୍ତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍ ମହାମାରୀ ସମୟରେ ଅନ୍‌ଲାଇନ ପଢ଼ାରେ ପିଲାମାନେ ଅଭ୍ୟସ୍ତ ହୋଇଯାଇଥିଲେ। ଘରେ ରହିଲେ ମଧ୍ୟ ପିଲାମାନେ ମୋବାଇଲ ଆସକ୍ତି ଛାଡ଼ି ପାରୁନାହାନ୍ତି। ପିଲାଙ୍କ ମାନସିକ ସ୍ଥିତି ଅସନ୍ତୁଳିତ ହେବା ଦେଖାଯାଉଛି, ଯାହା ମାତାପିତାଙ୍କ ପାଇଁ ସମସ୍ୟା ପାଲଟି ଗଲାଣି। ଅନେକ ଘଣ୍ଟା ମୋବାଇଲ ଦେଖିବାରେ ବିତାଇବା ଯୋଗୁ ପିଲାମାନେ ଖେଳ ଓ ପାଠରୁ ଦୂରେଇ ଯାଉଛନ୍ତି। ତେବେ ଏଭଳି ସମସ୍ୟା ଦୂର କରିବା ସକାଶେ ଚେଷ୍ଟା ଜାରି ରଖିଛନ୍ତି କେରଳ ପଥାନମିଥିତାର ଜିଲାପାଳ ପ୍ରେମ୍ କ୍ରିଷ୍ଣ। ପ୍ରେମ୍ ତ୍ରିଭେନ୍ଦ୍ରମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ଡିଗ୍ରୀ ହାସଲ କରି ଇନ୍‌ଫୋସିସ୍ ଓ ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରଥିଲେ। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲାପାଳ ଭାବେ ଯୋଗ ଦେଇଛନ୍ତି। ସେ ମୋବାଇଲ ମୋହରୁ ପିଲାମାନଙ୍କୁ ଦୂରେଇ ରଖିବା ପାଇଁ 'ସ୍ୱାପ୍ ୟୋର ସ୍କ୍ରିନ୍ ଫର୍ ଏ ସ୍ପୋର୍ଟ୍ସ' ଅଭିଯାନ ଚଳାଇଛନ୍ତି। ଏହା ମାଧ୍ୟମରେ ସେ ପିଲାମାନଙ୍କୁ ଖେଳପଡ଼ିଆକୁ ଆଣିପାରିଛନ୍ତି। ପିଲାମାନଙ୍କ ପାଇଁ ଫୁଟ୍‌ବଲ, କ୍ରିକେଟ୍ ସହ ଅନ୍ୟାନ୍ୟ ଦଳଗତ ଖେଳ ରଖାଯାଇଛି।

## ୫୦ ବର୍ଷ ତଳେ ଧରିତ୍ରୀ

୧୪ ଡିସେମ୍ବର ୧୯୭୫

- ଦେଶର ସର୍ବମୋଟ ୬୦ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯିବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଲକ୍ଷ୍ମୀଶଙ୍କର ଯାଦବଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରେ ଯୋଗଦାନ।
- କେରଳର ପରିବହନ ଓ ଅବକାରୀ ମନ୍ତ୍ରୀ କେ.ଏମ୍. ଜର୍ଜଙ୍କ ୫୭ବର୍ଷ ବୟସରେ ପରଲୋକ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 8 | | | 4 | |
| | | | | | | | 7 | 9 |
| | | | 4 | 6 | | | | 8 |
| 5 | | | | | | | | |
| 1 | 2 | 8 | | 9 | | | | |
| | 9 | 6 | 5 | | 4 | | | |
| | | 3 | | | | 1 | | |
| 6 | | | | | 5 | | 2 | |
| | | | | 2 | 1 | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 5 | 3 | 8 | 9 | 6 |
| 6 | 5 | 3 | 4 | 8 | 9 | 1 | 2 | 7 |
| 1 | 8 | 9 | 7 | 6 | 2 | 5 | 3 | 4 |
| 8 | 7 | 1 | 5 | 3 | 4 | 9 | 6 | 2 |
| 5 | 2 | 6 | 9 | 7 | 8 | 4 | 1 | 3 |
| 3 | 9 | 4 | 2 | 1 | 6 | 7 | 8 | 5 |
| 9 | 3 | 2 | 8 | 4 | 7 | 6 | 5 | 1 |
| 7 | 1 | 8 | 6 | 2 | 5 | 3 | 4 | 9 |
| 4 | 6 | 5 | 3 | 9 | 1 | 2 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ପୋଲିସର ଅଭିଯାନ ସ୍ୱାଗତଯୋଗ୍ୟ

ମହାଶୟ,

ପୁରୀ ସହର ସମେତ ଜିଲାର ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା ଅନାଚାରମୁକ୍ତ କରିବା ପାଇଁ ପୁରୀ ଏସ୍‌ପି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଥାନାଧିକାରୀ ଜିଲାର ସବୁ କଲେଜ, ସ୍କୁଲ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଚାପାମାରି ଅଭିଯାନ ଚଳାଇବାକୁ ଏଥିରେ କୁହାଯାଇଛି। ଏହାକୁ ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି। ବିଶେଷତଃ ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସମେଣ୍ଟ, ରୋଡ୍‌ରେ ରୋମିଓ ଆଚରଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା କରାଯାଇଛି। ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନ ଯୋଗ୍ୟତା ନୀତିରେ ଦେଖାଯିବ। ସମସ୍ତ ଥାନା ଅଧିକାରୀ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତିଦିନ ସକାଳେ ଶିକ୍ଷାନୁଷ୍ଠାନ ଯିବା ଓ ଆସିବା ବେଳେ ପୋଲିସ ପାଟ୍ରୋଲିଂ କରାଯିବା ସଙ୍ଗେ ସଙ୍ଗେ ତତ୍କ୍ଷଣାତ୍ ଆଇନ କାର୍ଯ୍ୟକାରୀ ହେବ। ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅନାଚାର ଘଟଣା (ଆଚରଣ) ଦେଖିଲେ ୧୧୨ରେ କଲ୍ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ଜଣାଇବାକୁ ଅନୁରୋଧ କରାଯାଇଛି।

– ଦେବତିକ୍ତ ମିଶ୍ର ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ

### ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ଆଦିତ୍ୟ



@ ବିକାଶ



@ ଶ୍ରୀକାନ୍ତ



@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଡ଼ିବାରି ପ୍ରକୃତି ନିବାସରେ ରହିବ ହାତୀ 'ରାମୁ'ର କଙ୍କାଳ

ଭୁବନେଶ୍ୱର,୧୩।୧୨(ବନ୍ଦନା ସେଠୀ)

### ୨୫ଜଣିଆ ଟିମ୍ ଦ୍ୱାରା ଉଦ୍ଧାର ହେଲା ଦେହାବଶେଷ



ଭରତପୁର ଜଙ୍ଗଲରେ ପୋତା ଯାଇଥିବା ହାତୀ 'ରାମୁର' ଦେହାବଶେଷକୁ ଉଦ୍ଧାର କରାଯାଉଛି।

ବହୁଚର୍ଚ୍ଚିତ ହାତୀ 'ରାମୁ'ର ଦେହାବଶେଷକୁ ସଂରକ୍ଷିତ କରି ରଖିବ ବନ ବିଭାଗ। ଭୁବନେଶ୍ୱର ଉପକଣ୍ଠ ଗୋଡ଼ିବାରି ପ୍ରକୃତି ନିବାସରେ ଏହାର କଙ୍କାଳ ସଂରକ୍ଷିତ ରଖାଯାଇ ପର୍ଯ୍ୟଟକଙ୍କ ପାଇଁ ପ୍ରଦର୍ଶିତ ହେବ। ଏଥିପାଇଁ ଭରତପୁର ଜଙ୍ଗଲରେ ପୋତାଯାଇଥିବା ରାମୁର କଙ୍କାଳକୁ ଶନିବାର ଉଦ୍ଧାର କରାଯାଇଛି। ପ୍ରାଣୀ ବିଜ୍ଞାନୀ ତଥା ସେଞ୍ଚୁରିଆନ୍ ୟୁନିଭର୍ସିଟିର ଜୁଲୋଜି ପ୍ରଫେସର ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୫ଜଣିଆ ଟିମ୍ ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ନନ୍‌ଷ୍ଟପ୍ ଅପରେଶନ୍ ଜାରି ରଖିଥିଲା। ଶେଷରେ କଙ୍କାଳ ସହିତ ରାମୁର ଦୁଇଟି ଦାନ୍ତ ମଧ୍ୟ ଉଦ୍ଧାର କରାଯାଇଛି। ଗୋଟିଏ ଦାନ୍ତର ଓଜନ ୪ କେ.ଜି. ଓ ଅନ୍ୟଟିର ଓଜନ ଅଢେଇ କେ.ଜି. ରହିଛି। ଉଦ୍ଧାର ପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଦେହାବଶେଷକୁ ଗୋଡିବାରିକୁ ନିଆଯାଇଛି। ଏମ୍‌ସର ଫୋରେନ୍‌ସିକ୍ ବିଭାଗ ମୁଖ୍ୟ ପ୍ରଦୀପ୍ତ କୁମାର ସିଂ ଓ ପ୍ରାଣୀ ବିଜ୍ଞାନୀ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଅପରେଶନ ଚାଲିଥିଲା। ଏନେଇ ଚନ୍ଦକା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ କହିଛନ୍ତି, ରାମୁର ଲୋକପ୍ରିୟତା ପାଇଁ ତା'ର କଙ୍କାଳକୁ ସଂରକ୍ଷିତ କରି ରଖିବା ଲାଗି ଦାବି ହୋଇ ଆସୁଥିଲା। ତେଣୁ ସରକାରୀ ଅନୁମୋଦନ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଅତି ସତର୍କତାର ସହିତ ଉଦ୍ଧାର କାର୍ଯ୍ୟ ସମାପ୍ତ ହୋଇଛି। ତେବେ କଙ୍କାଳକୁ ସଫା କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟ ସାରି ଡିସ୍‌ପ୍ଲେ ପାଇଁ ପ୍ରାୟ ମାସେରୁ ଦୁଇମାସ ସମୟ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୧୯ରେ ବିଦ୍ୟୁତ୍ ଆଘାତରେ ରାମୁର ମୃତ୍ୟୁ ହୋଇଥିଲା। ପ୍ରାୟ ୧୦ରୁ ୧୫ ଫୁଟ ଗଭୀରରେ ରାମୁର ମୃତଦେହକୁ ପୋତା ଯାଇଥିବାବେଳେ ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ପର୍ଯ୍ୟାପ୍ତ ଲୁଣ ଦିଆଯାଇଥିଲା। ରାମୁ କେବେ କାହାର ଅନିଷ୍ଟ କରି ନ ଥିଲା। ତା'ର ଆଚାର ବ୍ୟବହାରରେ ସମସ୍ତେ ଆକୃଷ୍ଟ ହୋଇଥିଲେ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ସେ ଅତି ପ୍ରିୟ ଥିଲା। ତେଣୁ ତାକୁ ସବୁଦିନ ପାଇଁ ମନେରଖିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟରେ ୩,୨୯,୧୯୫ ମାମଲା ଫଇସଲା

### ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**୧୭୪,୭୩,୭୫,୮୮୩ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି**

କଟକ,୧୩।୧୨ (କାର୍ତ୍ତିକ ସାହୁ)

ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ, ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ବିଭିନ୍ନ ୨୧,୧୮୭ଟି ମାମଲା, ରାଜସ୍ୱ ମାମଲା ୨,୯୮,୪୦୧ଟି ଏବଂ ପ୍ରି-ଲିଟିଗେଶନ ମାମଲା ୯,୬୦୭ଟି ମିଶି ମୋଟ ୩,୨୯,୧୯୫ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୧୭୪,୭୩,୭୫,୮୮୩ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇ ନ ଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡାବଲ ଅଫେନ୍ସ ୪୬୫, ଏନ୍‌ଆଇ ଆକ୍ଟ ୨,୧୨୮, ମନି ରିକଭରି ୭୮୧, ମୋଟରଯାନ ଦୁର୍ଘଟଣାଜନିତ ୯୭୪, ଶ୍ରମ ବିବାଦ ୧୯, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୨୫, ବୈବାହିକ ତଥା ପାରିବାରିକ ବିବାଦ ୬୧୧, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୯୮,୪୦୧, ଖାଉଟି ବିବାଦ ଆଦି ୨୭, ସିଭିଲ ବିବାଦ ୨,୭୨୫, ଫୌଜଦାରି ୧୩,୪୦୪, ଋଣ ଆଦାୟ ଟ୍ରିବ୍ୟୁନାଲ ୧୨, ରାଜ୍ୟ ଖାଉଟି ଅଦାଲତରେ ୪ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୫ଟି ମାମଲା ଓ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୭ଟି ମାମଲା ଫଇସଲା ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଜନସମ୍ପର୍କ ଦେଶ ନିର୍ମାଣ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ: ଧାମି

### ୪୭ତମ ଅଖିଳ ଭାରତୀୟ ଜନସମ୍ପର୍କ ସମ୍ମିଳନୀ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)



ଉତ୍ତରାଖଣ୍ଡ ଡେରାଡୁନର ସହସ୍ରଧାର ରୋଡ଼ସ୍ଥିତ ଏକ ହୋଟେଲରେ ୪୭ତମ ଅଖିଳ ଭାରତୀୟ ଜନସମ୍ପର୍କ ସମ୍ମିଳନୀ-୨୦୨୫ ଆରମ୍ଭ ହୋଇଛି। ଭାରତୀୟ ଜନସମ୍ପର୍କ ସମାଜ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ସାରା ଦେଶରୁ ଜନସମ୍ପର୍କ ଓ ଯୋଗାଯୋଗ ବୃତ୍ତିଧାରୀମାନେ ଯୋଗଦେଇଛନ୍ତି। ଭାରତୀୟ ଜନସମ୍ପର୍କ ସମାଜ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି '୨୦୪୭ ମସିହାରେ ବିକଶିତ ଭାରତ: ବିକାଶ ଏବଂ ଐତିହ୍ୟ'। ଶନିବାର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହାକୁ ଉଦ୍‌ଘାଟନ କରି କହିଲେ, ଆଜି ଜନସମ୍ପର୍କ କେବଳ ସୂଚନା ପ୍ରସାରଣର ଏକ ମାଧ୍ୟମ ନୁହେଁ, ଦେଶ ନିର୍ମାଣ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବଶାଳୀ ଅଂଶ ପାଲଟିଛି। ବିପର୍ଯ୍ୟୟ, ସୁଶାସନ, ଧାର୍ମିକ ଏବଂ ପର୍ଯ୍ୟଟନ ପରିଚାଳନା ଆଦି କ୍ଷେତ୍ରରେ ଭବିଷ୍ୟତର ଜନସମ୍ପର୍କ ବ୍ୟବସ୍ଥାଗୁଡ଼ିକ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସକ୍ଷମ ଏବଂ ଜନସାଧାରଣଙ୍କ ଭାବନା ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ। ଏହାଦ୍ୱାରା ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ଆଦେଶ ନୁହେଁ, ସହଭାଗିତା ଓ ବିଶ୍ୱାସର ସମ୍ପର୍କ ସ୍ଥାପନ ହୋଇପାରିବ। ୨୦୨୪-୨୫ରେ ଉତ୍ତରାଖଣ୍ଡ ଅର୍ଥନୀତି ପ୍ରାୟ ୩.୭୮ ଲକ୍ଷ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ଏବଂ ମୁଣ୍ଡପିଛା ଆୟରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହା ସହିତ, ରାଜ୍ୟରେ ଏକ ଅଭୂତପୂର୍ବ ବଜେଟ ବୃଦ୍ଧି ଏବଂ ବେକାରି ହାରରେ ଐତିହାସିକ ହ୍ରାସ ଘଟିଛି। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, କ୍ରୀଡା, ପାନୀୟ ଜଳ, ବାୟୁ ଏବଂ ରେଳ ସଂଯୋଗ ଆଦି କ୍ଷେତ୍ରରେ ଆଧୁନିକ ଭିତ୍ତିଭୂମି ଦ୍ରୁତ ଗତିରେ ବିକଶିତ ହେଉଛି। ସରକାର ଧାର୍ମିକ ପର୍ଯ୍ୟଟନ, ସୁସ୍ଥତା, ଦୁଃସାହସିକ ପର୍ଯ୍ୟଟନ, ଫିଲ୍ମ ସୁଟିଂ ଏବଂ ବିବାହ ପାଇଁ ଉତ୍ତରାଖଣ୍ଡକୁ ଏକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରିବାକୁ ନିରନ୍ତର ପ୍ରୟାସ କରୁଛନ୍ତି ବୋଲି ଧାମି କହିଛନ୍ତି। ଏହି ସମ୍ମିଳନୀ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଧରାପଡ଼ିଲେ ବ୍ରାଉନସୁଗାର ବେପାରୀ

ଭୁବନେଶ୍ୱର,୧୩।୧୨ (ସତ୍ୟଜିତ ରାଉତ)

ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ଗଡ ଥାନା ଅନ୍ତର୍ଗତ ବିଜେବି ନଗରର ନିରଞ୍ଜନ ନାୟକ(୩୭)। ତାଙ୍କ ପାଖରୁ ୬.୧୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ନାୟକ କେଦାର ଗୌରୀ ବସ୍ ଷ୍ଟପ୍ ପଛ ପାଖରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ଥାନା ପକ୍ଷରୁ ମାମଲା(ନଂ.୩୯୦/୨୦୨୫) ରୁଜୁ କରାଯାଇଛି। ନିରଞ୍ଜନଙ୍କ ନାଁରେ ଲିଙ୍ଗରାଜ ଥାନାରେ ଗୋଟିଏ ଏବଂ ବଡ଼ଗଡ଼ ଥାନାରେ ୪ଟି ଲୁଟ୍ ଓ ଚୋରି ମାମଲା ରହିଛି।

# ଖଣ୍ଡପଡ଼ାରେ ହେବ ଆଷ୍ଟ୍ରୋ ଫିଜିକ୍ସ ଆଣ୍ଡ୍ ଆଷ୍ଟ୍ରୋନୋମି ଇନ୍‌ଷ୍ଟିଚ୍ୟୁଟ



ଜଣେ ୟାଟ୍‌ସ ବିଜେତାଙ୍କୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର,୧୩।୧୨(ସୁଚିସ୍ମିତା ସାହୁ)

### ଟାଟା ଷ୍ଟିଲ୍ ୟାଟ୍‌ସର ୧୯ତମ ଗ୍ରାଣ୍ଡ୍ ଫିନାଲେ

**୩୦ଯୁବ ଜ୍ୟୋତିର୍ବିଜ୍ଞାନୀ ପୁରସ୍କୃତ, ଇସ୍ରୋ ପରିଭ୍ରମଣରେ ଯିବେ**

ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ)ର ୧୯ତମ ଗ୍ରାଣ୍ଡ ଫିନାଲେ ଶନିବାର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚଳିତବର୍ଷ ବିଭିନ୍ନ ଜିଲାରୁ ୭୬,୭୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଫାଇନାଲ୍‌କୁ ମୋଟ୍ ୬୦ଜଣ ପ୍ରତିଯୋଗୀ ଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୩୦ଜଣ ବିଜେତା ହୋଇ ଇସ୍ରୋ ପରିଭ୍ରମଣ ପାଇଁ ମନୋନୀତ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସେମାନଙ୍କୁ ପୁରସ୍କୃତ କରିବା ସହ ଜ୍ୟୋତିର୍ବିଜ୍ଞାନୀ ହେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ବିଶ୍ୱରେ ଭାରତୀୟ ଜ୍ୟୋତିର୍ବିଜ୍ଞାନୀଙ୍କ ସ୍ଥାନ ଅନନ୍ୟ। ୧୮୩୫ରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଜନ୍ମିତ ମହାନ୍ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳୀରେ ମହାକାଶରେ ଗ୍ରହ ନକ୍ଷତ୍ର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ଠିକ୍ ଗଣନା କରିପାରିଥିଲେ। ମହାକାଶ ବିଜ୍ଞାନ ଉପରେ ଚର୍ଚ୍ଚା ହେଲେ ଭାରତୀୟ ସଂସ୍କୃତିର ଅବଦାନ ପ୍ରଥମେ ରହିବ ବୋଲି ସେ କହିଛନ୍ତି। ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡ଼ାରେ ଗୋଟିଏ ପ୍ଲାନେଟାରିୟମ ସହ ଆଷ୍ଟ୍ରୋଫିଜିକ୍ସ ଆଣ୍ଡ୍ ଆଷ୍ଟ୍ରୋନୋମୀ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ। ଆସନ୍ତା ୩୦ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ରହି ଯୁବ ବୈଜ୍ଞାନିକଙ୍କୁ ମାର୍ଗଦର୍ଶନ କରିବା ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ଆହ୍ୱାନ ଦେଇଛନ୍ତି। ଟାଟା ଷ୍ଟିଲ୍‌ର ଉପସଭାପତି ଡିବି ସୁନ୍ଦର ରମମ ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ୟାଟ୍‌ସ କେବଳ ଏକ ପ୍ରତିଯୋଗିତା ନୁହେଁ, ମହାକାଶ ବିଜ୍ଞାନ ପ୍ରତି ପଠାଣି ସାମନ୍ତଙ୍କ ମହାନ୍ ଅବଦାନକୁ ସେ ମନେ ପକାଇଥିଲେ। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରର ବୈଜ୍ଞାନିକ ଅମିତାଭ ମହାନ୍ତି ଏବଂ ମହାକାଶରେ ଔଷଧୀୟ ଉତ୍ପାଦର ନିର୍ମାଣ ଓ ସୁରକ୍ଷିତ ଭାବେ ପୃଥିବୀକୁ ଆଣିବାରେ କାର୍ଯ୍ୟ କରୁଥିବା ସେରେଣ୍ଡିପିଟି ସ୍ପେସ୍ କମ୍ପାନୀର ସହ ସଂସ୍ଥାପକ ତଥା ସିଇଓ ଅନ୍ତରୀକ୍ଷ ପରିଚ୍ଛା ପ୍ରମୁଖ କୁନି ବୈଜ୍ଞାନିକଙ୍କୁ ନିଜ ଅନୁଭୂତି ବଖାଣିଥିଲେ। ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ସିଇଓ ରଶ୍ମିତା ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ପ୍ଲାନେଟାରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୦୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଯାଏ ୪.୭ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

DSPL-374



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

**ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ**
**(ପ୍ରତ୍ୟେକ ମାସ ୯ ତାରିଖ)**



ପ୍ରତ୍ୟେକ ମାସ ୯ ତାରିଖ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ ଉପଖଣ୍ଡ ଚିକିତ୍ସାଳୟ/ ସଦର ଚିକିତ୍ସାଳୟ/ ସରକାରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ରେ ପ୍ରସବ ପୂର୍ବବର୍ତ୍ତୀ ଯାଞ୍ଚର ସ୍ୱତନ୍ତ୍ର ସେବା ବିନାମୂଲ୍ୟରେ ଉପଲବ୍ଧ।

- ଉକ୍ତ ଦିନ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଏ ଓ ପରାମର୍ଶ ଦିଆଯାଏ
- ବିପଦ ଶଙ୍କୁଳ ଗର୍ଭବତୀଙ୍କ ଚିହ୍ନଟ, ଚିକିତ୍ସା, ପୁନଃ ପରାମର୍ଶ ଏବଂ ଆବଶ୍ୟକ ସ୍ଥଳେ ଉଚ୍ଚତର ଡାକ୍ତରଖାନାକୁ ପ୍ରେରଣ

୪ ଥର ଏ.ଏନ୍.ସି. ପରୀକ୍ଷା ସହିତ
ଗର୍ଭଧାରଣର ୪-୯ ମାସ ଭିତରେ ଏହି କାର୍ଯ୍ୟକ୍ରମ ଅଧୀନରେ
ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଅନ୍ତତଃ ଥରେ ସ୍ୱାସ୍ଥ୍ୟ ପରୀକ୍ଷା ନିଶ୍ଚୟ କରାନ୍ତୁ ।

ନିଶୁଳ୍କ ହେଲ୍ପଲାଇନ୍ : ୧୮୦୦-୧୮୦-୧୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0313/2526

# ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ ଲକ୍ଷ୍ୟ

ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କାଇପଦର କ୍ଲଷ୍ଟରର ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ କାଇପଦରଠାରେ 'ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ' ମାଧ୍ୟମରେ ଏକ ଶିକ୍ଷା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବାଗେଶ୍ରୀ ମହାପାତ୍ର ସଂଯୋଜନା କରିଥିଲେ। ଉକ୍ତ ସଭାରେ ୱାର୍ଡମେମ୍ବର ଭାସ୍କର ପରିଡ଼ା, ବିଦ୍ୟାଳୟ ଆଲୁମ୍‌ନି କମିଟିର ସଭାପତି ଶକୁନ୍ତଳା ପାଇକରାୟ, ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟ, ମନୋରମା ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁ, ସାମାଜିକକର୍ମୀ ଭିକାରି ଚରଣ ବଳିୟାରସିଂହ, ଶିକ୍ଷକ ନେତା ଅଗାଧୁ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଜୀବନରେ ଶିକ୍ଷା ଜରୁରୀ। ଶିକ୍ଷା ହିଁ ସଫଳତାର ମାର୍ଗ ପ୍ରଶସ୍ତ କରିଥାଏ। ପ୍ରଧାନଶିକ୍ଷକ ନବ କିଶୋର ମଲ୍ଲିକ, ତିଲୋତ୍ତମା ବାରିକ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇ କ୍ଲଷ୍ଟରକୁ ଡ୍ରପ ଆଉଟ ଶୂନ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଅଭିଭାବକମାନେ ୬ରୁ ୧୪ ବର୍ଷର ସମସ୍ତ ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।



ଶିକ୍ଷା ସଭା ଅବସରରେ ଅନୁଷ୍ଠିତ ସଚେତନତା ପଦଯାତ୍ରା।

## ଶିକ୍ଷା ସଚେତନତା ସଭା

ଟାଙ୍ଗୀ (ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତର ମୁକ୍ତେଶ୍ୱରଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲିଲିପ୍ସା କୁମାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁନ୍ଦରପୁର ସରପଞ୍ଚ ସୁଜିତ କୁମାର ହାଲଦାର, ଉଜ୍ଜ୍ୱଳାଗୋପୀନାଥପୁର ସରପଞ୍ଚ ଶୁଭସନ୍ଧ୍ୟା ସାମନ୍ତରାୟ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଙ୍ଗଠନ ବ୍ଲକ ସଭାପତି ସଲୀଳ ସ୍ୱାଇଁ, ଶିକ୍ଷାବିତ୍ କୁମର ପ୍ରଧାନ, ପ୍ରିୟମ୍ବଦା ଜେନା, ସରୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଧାରୁ ପାଠପଢ଼ା ଛାଡିଥିବା ପିଲାମାନେ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସରକାରଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କଲେ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରସନ୍ନ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପିଲାମାନେ ପ୍ଲା କାର୍ଡ ଧରି ଶିକ୍ଷା ସଚେତନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, କାଦମ୍ବିନୀ ବେହେରା, ଇତିଶ୍ରୀ ରାଉତ, ମୀନାକ୍ଷୀ ବେହେରା, କବିତା ମହାପାତ୍ର ପ୍ରମୁଖ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷକ ମାଧବ ମହାରଣାଙ୍କ ତତ୍ତ୍ୱାବଧାନରେ ଛାତ୍ର ଆଦର୍ଶ ସାହୁ ଏବଂ ମୁକ୍ତାମଣି ସାହୁ ଚକୁଳିଆ ପଣ୍ଡା ବେଶରେ ଗୀତ ଗାଇ ଶିକ୍ଷା ସଚେତନ ବାର୍ତ୍ତା ଦେଇଥିଲେ। ଛାତ୍ରୀମାନଙ୍କଦ୍ୱାରା ଆସ ଆମେ ସ୍କୁଲ ଯିବା ଗୀତରେ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଗାୟକ ନୀଳକଣ୍ଠ ନାୟକ ଏବଂ ସହଯୋଗୀମାନେ ପାଲା ପରିବେଷଣ ମାଧ୍ୟମରେ ଶିକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଚିନ୍ମୟ ଚିନ୍ତନ ବାରିକ, ପ୍ରଶାନ୍ତ ସାହୁ, ସତ୍ୟ ନାରାୟଣ ପଣ୍ଡା, ପ୍ରତିମା ସାହୁ, ଅମିତ ଚକ୍ରବର୍ତ୍ତୀ, ସୁଜାତା ଜେନା, ପ୍ରକାଶ ବେହେରା, ଦୀପୁନ ପରିଡ଼ା, ସୁଦୀପ ମଣ୍ଡଳ, ବଂଶୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

## ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨ (ବନ୍ଦନା ସେଠୀ)

୮ ଦଫା ଦାବି ନେଇ ୧ମାସରୁ ଊର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆୟୁଷ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆଲୋଚନାବେଳେ ମନ୍ତ୍ରୀ ସେମାନଙ୍କ ଦାବି ସମ୍ପର୍କରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସର୍ତ୍ତମୂଳକ ଭାବେ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଆଗାମୀ ୩ମାସ ମଧ୍ୟରେ ଦାବି ପୂରଣ ଦିଗରେ ଅଗ୍ରଗତି ନ ଦେଖିଲେ ସଂଘ ପୁଣି ସ୍ୱର ଉତ୍ତୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଶୁକ୍ରବାର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର ଆଲୁମ୍‌ନି କମିଟିର ସଭାପତି ଡା. ବାସୁଦେବ ପତିଙ୍କ ସମନ୍ୱୟରେ ଆଲୋଚନା ହୋଇଥିଲା। ଏହି ସମୟରେ ଦାବି ପୂରଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ନୂତନ ପଦବୀ ସୃଷ୍ଟି କରିବା ବିଷୟରେ ନୂତନ କମିଟି ଗଠିତ ହେବା ସହିତ ତାହାର ନିର୍ଦ୍ଦେଶନାମା ଜାରି କରାଯାଇଛି। ତତ୍‌ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଆଗାମୀ ଦିନରେ ଡାଇନାମିକ୍ ଷ୍ଟାଇପେଣ୍ଡ୍ କରାଯିବ। ଆସନ୍ତା ସପ୍ତାହରୁ ରାଜ୍ୟରେ ଆୟୁଷ ହସ୍ପିଟାଲଗୁଡ଼ିକରେ ନିଦାନ ବ୍ୟବସ୍ଥା ଲାଗୁ କରାଯିବ। ପ୍ରଚୁର ଔଷଧ ବିତରଣ ନିମନ୍ତେ ସରକାର ବ୍ୟବସ୍ଥା କରୁଛନ୍ତି। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ଯଥାସମ୍ଭବ ପୂରଣ କରାଯିବ ବୋଲି ମନ୍ତ୍ରୀ କହିବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ।

# ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)

ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଶନିବାର ବୁଦ୍ଧମନ୍ଦିରଠାରେ ପାଳିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ, କଥାକାର ଦାଶ ବେନହୁର୍, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସଦର ପ୍ରତିଷ୍ଠାତା ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ, ସଭାପତି ଡ. ଆରତି ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଭାବ ଉତ୍ତରଣ' ଉନ୍ମୋଚିତ ହୋଇଥିଲା। ଏଥିସହ ସଂସଦ ପକ୍ଷରୁ 'ଉମାରାଣୀ ସ୍ମୃତିସମ୍ମାନ'ରେ ଜାନକୀ ବଲ୍ଲଭ ଦାଶ ଓ 'ବଣମଲ୍ଲୀ ସମ୍ମାନ'ରେ ସ୍ୱର୍ଣ୍ଣପ୍ରଭା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଡ. ସୁମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ସରୋଜ ମହାନ୍ତି ଓ ବନଜା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସଦ ସଦସ୍ୟ ଦେବୀପ୍ରସନ୍ନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛାତ୍ରୀମାନେ ନିଜ ଅଧିକାର, ଆଇନ ଜାଣନ୍ତୁ'

ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ): ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସମ୍ପୂର୍ଣ୍ଣା' ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରୁଣା ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ କହିଲେ, ଛାତ୍ରୀମାନେ ସର୍ବଦା ନିଜର ସୁରକ୍ଷା ଦିଗରେ ଧ୍ୟାନ ଦିଅନ୍ତୁ। ନିଜ ଅଧିକାର ଏବଂ ପ୍ରଣିତ ଆଇନ ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ପ୍ରଫେସର ଡ.କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଛାତ୍ରୀଙ୍କୁ ସ୍ୱଷ୍ଟବାଦୀ ହେବା ପାଇଁ ଆହ୍ୱାନ ଦେଇଥିଲେ। 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଓ ଚଳଚ୍ଚିତ୍ର ଅଭିନେତା ହରିହର ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ଅନୁଯାୟୀ ଅଧ୍ୟୟନ କରିବାକୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ସିତୁସ୍ମିତା ବିଧାରଙ୍କ ନିର୍ଦ୍ଦେଶନାରେ ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ରଚିତ ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ଶୁଭଶ୍ରୀ ମିଶ୍ର, ଶୁଭଶ୍ରୀ ମଲ୍ଲିକ ଓ ଜୟଶ୍ରୀ ନାଥ ବିଦ୍ୟାଳୟର କ୍ରୀଡ଼ା ସଂସଦ, ସାଂସ୍କୃତିକ ସଂସଦ ଓ ଶୈକ୍ଷିକ ସଫଳତାର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଆର୍.ମାନସୀ, ଅଧ୍ୟାପକ ବିକାଶ ଚନ୍ଦ୍ର ବେହେରା, ପ୍ରଣବ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ନିବେଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

# ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

ନିରାକାରପୁର, ୧୩।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ରମାବିଲିସ୍ଥିତ ରାମଚନ୍ଦ୍ର ବିଦ୍ୟାନିକେତନ ସ୍କୁଲରେ ଶନିବାର ଟାଙ୍ଗୀ ବ୍ଲକ ଓଷ୍ଟା ଆନୁକୂଲ୍ୟରେ ୪୨ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଓଷ୍ଟାର ସଭାପତି ତଥା ରାମଚନ୍ଦ୍ର ବିଦ୍ୟାନିକେତନର ପ୍ରଧାନଶିକ୍ଷକ ବଳରାମ ପାଇକରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ପଦ୍ମନାଭ ବିଶାଳ, ସମ୍ମାନିତ ଅତିଥି ଭାବେ ରିସ୍ମା ମାନ୍ଧାତା, ରମାକାନ୍ତ ମହାପାତ୍ର, ସନ୍ତୋଷ ଚନ୍ଦ୍ର କର, ସାର୍ଥକ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସଞ୍ଜୟ ପଟ୍ଟନାୟକ ଯୋଗଦେଇ ୪୦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗୋଦାବରୀଶ ସାମନ୍ତସିଂହାର, ନାରାୟଣ ପାତ୍ର, ନରେନ୍ଦ୍ର ପାଇକରାୟ, ମୁରଲୀଧର ହରିଚନ୍ଦନ, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟାଙ୍ଗୀ ବ୍ଲକ ଓଷ୍ଟାର ସମ୍ପାଦକ ଅଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩୪୨ ବିଦ୍ୟାର୍ଥୀ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ବେଗୁନିଆ, ୧୩।୧୨ (ହର ପ୍ରସନ୍ନ ପଣ୍ଡା)

ଆସନ୍ତା ୨୦୨୬ ଶିକ୍ଷା ବର୍ଷ ପାଇଁ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ଅଧୀନ ସଦରମହକୁମାରେ ଥିବା ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରେଣୀଗୃହରେ ମୋଟ୍ ୫୦୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ନାମ ପଞ୍ଜୀକରଣ କରିଥିବା ମୋଟ୍ ୫୭୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୧୯୨, ଆଦର୍ଶ ବିଦ୍ୟାଳୟରେ ୨୬୭ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ସ୍ଥିର କରାଯାଇଥିଲା। ହେଲେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୨ଜଣ, ବାଳିକା ଉଚ୍ଚ ବିଦ୍ୟାଳୟରେ ୨୧ ଏବଂ ଆଦର୍ଶ ବିଦ୍ୟାଳୟରେ ୩୦ ଜଣଙ୍କୁ ମିଶାଇ ମୋଟ୍ ୭୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତଚରଣ ବେହେରା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ।

ବୋଲଗଡ଼ (ଦେବବ୍ରତ ହୋତା): ନବୋଦୟ ପ୍ରବେଶିକା ପରୀକ୍ଷା-୨୦୨୬ ପାଇଁ ବୋଲଗଡ଼ ଶିକ୍ଷା ବ୍ଲକର ପଞ୍ଜୀକୃତ ୪୨୮ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୩୧ଜଣ ଅନୁପସ୍ଥିତ ଥିବା ବେଳେ ୩୯୭ଜଣ ପରୀକ୍ଷା ଦେଇଛନ୍ତି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ପରୀକ୍ଷା ହୋଇଥିଲା। ପ୍ରଧାନଶିକ୍ଷକ ପୀତବାସ ଲେଙ୍କାଙ୍କ ପରିଚାଳନାରେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ଜଣ ଅନୁପସ୍ଥିତ ରହିଥିବା ବେଳେ ୨୪୫ଜଣ ପରୀକ୍ଷା ଦେଇଥିଲେ। ସେହିପରି ପ୍ରଧାନଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁଙ୍କ ପରିଚାଳନାରେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୨ଜଣ ପରୀକ୍ଷା ଦେଇଥିବାବେଳେ ୧୨ଜଣ ଅନୁପସ୍ଥିତ ଥିଲେ। ଉଭୟ କେନ୍ଦ୍ରର ପରୀକ୍ଷା ପରିଚାଳନା ତଦାରଖ ପାଇଁ ବୋଲଗଡ଼ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସନାଥ ସ୍ୱାଇଁ ଓ ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟ ପକ୍ଷରୁ ସିଏଲଓ ସସ୍ମିତାରାଣୀ ପଣ୍ଡା ପରିଦର୍ଶନ କରିଥିଲେ। ଉଭୟ କେନ୍ଦ୍ରରେ ପରୀକ୍ଷା ସୂଚାରୁ ଭାବେ ସମ୍ପନ୍ନ ହୋଇଛି।

ଟାଙ୍ଗୀ (ରଘୁନାଥ ସାହୁ): ଟାଙ୍ଗୀ ବ୍ଲକର ୩ ପରୀକ୍ଷାକେନ୍ଦ୍ରରେ ୪୩୯ଜଣ ବିଦ୍ୟାର୍ଥୀ ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବଳରାମ ଦେବ ବିଦ୍ୟାପୀଠରେ ୨୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଅନୁପସ୍ଥିତ ଥିଲେ। ଟାଙ୍ଗୀ ବାଳିକା ଉଚ ବିଦ୍ୟାଳୟରେ ୧୧୧ଜଣ ପରୀକ୍ଷା ଦେଇଥିବାବେଳେ ୯ଜଣ ଅନୁପସ୍ଥିତ ଥିଲେ। ସେହିପରି ବଡ଼ପାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୯ ଜଣ ପରୀକ୍ଷା ଦେଇଥିବା ବେଳେ ୯ଜଣ ଅନୁପସ୍ଥିତ ଥିଲେ। ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜ, ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା, ବଡ଼ପାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂ ପ୍ରମୁଖ ପରୀକ୍ଷା ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଜଳିଗଲା ୪ ଗାଡ଼ି, ୨ ବଖରା

ବାଲିଅନ୍ତା, ୧୩।୧୨ (ନୀଳମାଧବ ସାହୁ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଅଗ୍ନିକାଣ୍ଡରେ ୧ ଟ୍ରକ୍, ୨ଟି କାର୍, ୧ ଜିପ୍, ଓ ୨ ବଖରା ସମେତ ଗୋଟିଏ ଦୋକାନ ଘର ପୋଡ଼ିଯାଇଛି। ଏଥିସହ ୩ ଦୋକାନ ଘର ଆଂଶିକ ପୋଡ଼ିଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ନିଆଁ ଲାଗିଥିବା ଜଣାପଡ଼ିଛି। ଏସବୁ ଘଟଣାରେ ଜଣେ ମହିଳାଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ତଦନ୍ତ କରିବା ସହ ୩ଟି ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଅନୁଧ୍ୟାନ ବେଳେ ସମ୍ପୃକ୍ତ ମହିଳା ନିଆଁ ଲଗାଉଥିବା ଦେଖିବାକୁ ମିଳିଛି। ଏନେଇ ବାଲିଅନ୍ତା ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଓୟୁଟିଆର୍‌ରେ ଏଆଇ ଉପରେ କର୍ମଶାଳା

ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଇଲେକ୍ଟ୍ରୋନିକ ସାଇନ୍ସେସ ସ୍କୁଲ ଓ ଡିଜାଇନ ଇନୋଭେଶନ ସେଣ୍ଟର (ଡି.ଆଇ.ସି) ପକ୍ଷରୁ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ବିଷୟବସ୍ତୁ ରହିଛି 'ଏ.ଆଇ. ରିଭୋଲ୍ୟୁଶନ ଇନ୍ ସେମିକଣ୍ଡକ୍ଟର୍ ଡିଜାଇନ: ଟ୍ରାନ୍ସଫର୍ମିଂ ରେଜିଲିଏନ୍ସ ଥ୍ରୁ ଇଣ୍ଟେଲିଜେନ୍ସ'। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ଯୋଗଦେଇ ଭାରତର ସେମିକଣ୍ଡକ୍ଟର ଗବେଷଣା ଓ ଦକ୍ଷତା ବିକାଶ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅଭ୍ୟର୍ଥନା ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ହେଡ୍ ଅଫ୍ ଦ ସ୍କୁଲ ଡା. ମାଧବ ଚନ୍ଦ୍ର ତ୍ରିପାଠୀ, ଡିନ୍ ଏସ୍.ଆର୍.ଆଇ.ସି ପ୍ରଫେସର ଅଜିତ କୁମାର ବରିଶଳ, ଅଧ୍ୟାପିକା ରଶ୍ମିରେଖା ସାହୁ, ଡ. ଅରୁଣା ତ୍ରିପାଠୀ, ଡ. କାହ୍ନୁ ଚରଣ ଭୂୟାଁ, ଡ. ତାପସ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅରୁଣ କୁମାର ପ୍ରଧାନ ଏଆଇ ଆଧାରିତ ସେମିକଣ୍ଡକ୍ଟର ଡିଭାଇସ ମଡେଲିଂ ଓ ଡିଜାଇନ ଅଟୋମେଶନ ସମ୍ବନ୍ଧୀୟ ଉନ୍ନତ ପ୍ରବନ୍ଧନୀ ଉପରେ ଏକ ଉପସ୍ଥାପନା କରିଥିଲେ। ଡ. ବାରଥ୍ରାମ ରାମକୁମାର ଏ ଆଇ ସଂଯୁକ୍ତ ୱ୍ୟାର ଲେସ୍ କମ୍ୟୁନିକେଶନ କ୍ଷମତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଆଇଏଲ୍‌ଏସ୍ ଭୁବନେଶ୍ୱରର ଡ. ମମୁନୀ ଦାଶ ଏଆଇ ଆଧାରିତ ବାୟୋ-ଇଲେକ୍ଟ୍ରୋନିକ ସିଷ୍ଟମ ଓ ଏହାର ଭବିଷ୍ୟତ ସମ୍ଭାବନା ବିଷୟରେ କହିଥିଲେ। ପ୍ରଫେସର ସୁବ୍ରତ କୁମାର ପଣ୍ଡା ସେମିକଣ୍ଡକ୍ଟର ଡିଭାଇସରେ ରେଜିଲିଏନ୍ସ ଇଞ୍ଜିନିୟରିଂ ଏବଂ ଇଣ୍ଟେଲିଜେଣ୍ଟ ଆଲଗୋରିଦମ୍ ଦ୍ୱାରା ଭବିଷ୍ୟତବାଣୀ ମଡେଲିଂ ସମ୍ବନ୍ଧରେ ଏକ ଗଭୀର ବିଶ୍ଳେଷଣ ପ୍ରସ୍ତୁତ କରିଥିଲେ। ଭିଏଲ୍‌ଏସ୍‌ଆଇ ପ୍ରୋ ଟେକ ପ୍ରା. ଲିର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ. ମୁକେଶ କୁମାର ସୁକଲା ଏଆଇ ଭିତ୍ତିକ ଭିଏଲ୍‌ଏସଆଇ ଡିଜାଇନର ଶିଳ୍ପଗତ ପ୍ରୟୋଗ, କାର୍ଯ୍ୟଶକ୍ତି ପ୍ରସ୍ତୁତି ଏବଂ ଭାରତର ବିସ୍ତୃତିଶୀଳ ସେମିକଣ୍ଡକ୍ଟର ଇକୋସିଷ୍ଟମ ଉପରେ ମତ ରଖିଥିଲେ।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଆଉଟ୍‌ସୋର୍ସିଂ କର୍ମଚାରୀ

ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)

ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦିଅନ୍ତୁ। ସ୍ଥାୟୀ ନିଯୁକ୍ତି ଦେବା ସହିତ ନିୟମିତ ଦରମା ପ୍ରଦାନ କରନ୍ତୁ। ଅବିଳମ୍ବେ ଛଟେଇ ବନ୍ଦ କରି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଅନ୍ତୁ ବୋଲି ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଶନିବାର ଓଡିଶା ଡିପ୍ଲୋମା ଇଞ୍ଜିନିୟରିଂ ଆସୋସିଏଶନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ସମ୍ପର୍କରେ କହିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଦାବି ପୂରଣ ନ ହେଲେ ଲକ୍ଷ ଲକ୍ଷ ଆଉଟ୍‌ସୋର୍ସିଂ କର୍ମଚାରୀ କାମ ଛାଡି ରାସ୍ତାକୁ ଓହ୍ଲାଇବା ସହ ବିକ୍ଷୋଭ କରିବେ ବୋଲି ସେ କହିଛନ୍ତି। ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ମନ୍ତ୍ରୀ ଓ ବିଧାୟକମାନେ ମାର୍ଚ୍ଚ ୨୮ରେ ଆନ୍ଦୋଳନରତ ହଜାର ହଜାର କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇ ଘରକୁ ଫେରିଯିବାକୁ କହିଥିଲେ। ହେଲେ ୩ ଦଫା ଦାବି ଉପରେ ଆଲୋଚନା କରିବା ପାଇଁ ମନ୍ତ୍ରୀ କି ବିଧାୟକଙ୍କ ପାଖରେ ସମୟ ନାହିଁ। ନୂଆ ସରକାର ଆସିବା ପରେ ୪ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରାଗଲାଣି। ୬୫ ଭାଗ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦରମା ଦିଆଯାଇନାହିଁ। ଚଳିତ ମାସ ଶେଷ ସୁଦ୍ଧା ଯଦି ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ, ତେବେ ଆଗାମୀ ମାସରେ ମହାସଂଘ ଡାକରାରେ ଲକ୍ଷ ଲକ୍ଷ କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବିକ୍ଷୋଭ କରିବେ। ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ନାଥ, ଦୁଇ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଗୌତମ ମହାରଣ୍ୟ, ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାସ, କୋଷାଧ୍ୟକ୍ଷ ସଚିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାର୍ଥୀଙ୍କ ଶାରୀରିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଟାଙ୍ଗୀ, ୧୩।୧୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ିସ୍ଥିତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ବାର୍ଷିକ କ୍ରୀଡ଼ା ଉତ୍ସବ ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ସମୂହ ଶପଥ ପାଠ କରିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ସରପଞ୍ଚ ପ୍ରିୟମ୍ବଦା ବେହେରା, କ୍ରୀଡ଼ାବିତ ମନୋଜ କୁମାର ମାନସିଂହ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିପିନା ଶ୍ରୀଚନ୍ଦନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଈ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସମରେଶ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁ ବେହେରା, ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, ସୁଚିତ୍ରା ରାଉତରାୟ, ଜ୍ୟୋତିର୍ମୟୀ ରାଉଳ, କଳ୍ପନା ରାଉତରାୟ, ନିରୁପମା ବେହେରା, ତନୁଜା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଖେଳିବା ଦ୍ୱାରା ଶରୀର ଓ ମନ ସୁସ୍ଥ ରହେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ପାଇଁ ଦୌଡ଼ି ଡିଆଁ, ଫୁଟି, ମ୍ୟୁଜିକ ଚେୟାର, ଦୌଡ଼, ଜାଭଲିନ ଥ୍ରୋ, ଶର୍ଟପୁଟ ଥ୍ରୋ, ଅଖା ଦୌଡ଼, ସ୍ଲୋ ସାଇକେଲ ଚାଳନା ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ କ୍ରୀଡ଼ା ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

# ଉପନ୍ୟାସ 'ଗହନ ରାତିର ଆୟୁଷ' ଉନ୍ମୋଚିତ

ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)

ଲେଖିକା ସସ୍ମିତା ଦାସଙ୍କ ତୃତୀୟ ଉପନ୍ୟାସ 'ଗହନ ରାତିର ଆୟୁଷ' ଶନିବାର ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ନୀଳକଇଁ ପ୍ରକାଶନ ଷ୍ଟଲ୍‌ରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ସ୍ତମ୍ଭକାର ଶ୍ରୀମୟ କର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ, କଥାକାର ଡ. ଅଜୟ ସ୍ୱାଇଁ, ସଙ୍ଗୀତକାର ଡ. ରଜନୀ ରଞ୍ଜନ, ଗୀତିକାର ଆଦ୍ୟାଶା ଦାସ, ଲେଖିକା ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ମାଟିର ଚରିତ୍ର ସବୁ ଏକାଠି ହୋଇ ଏକ ପରିସୀମା ଭିତରେ କିଭଳି ଜୀବନ ଡଙ୍ଗାକୁ ବାହି ନେଉଛନ୍ତି ସେକଥା 'ଗହନ ରାତିର ଆୟୁଷ' ଉପନ୍ୟାସଟିରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା ହୋଇଛି। ପୁସ୍ତକ ସମ୍ପର୍କରେ ସୂଚନା ଦେଇ ଲେଖିକା ସସ୍ମିତା କହିଲେ, ମୁଁ ପ୍ରେମ ପ୍ରଣୟ ସହ ତ୍ୟାଗ ଓ ନିର୍ବାଣକୁ ଏକାଠି କରି ପାଠକଙ୍କୁ ପରଷିବାର ସାହସ କରିଛି, ଯାହା ଆପଣମାନଙ୍କଠାରୁ ପାଠକୀୟ ଶ୍ରଦ୍ଧା ଆଶା କରୁଛି।

# ଜଳିଗଲା ୪ ଗାଡ଼ି, ୨ ବଖରା

ବାଲିଅନ୍ତା,୧୩।୧୨(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଅଗ୍ନିକାଣ୍ଡରେ ୧ ଟ୍ରକ୍, ୨ଟି କାର୍, ୧ ଜିପ୍, ଓ ୨ ବଖରା ସମେତ ଗୋଟିଏ ଦୋକାନ ଘର ପୋଡ଼ିଯାଇଛି। ଏଥିସହ ୩ ଦୋକାନ ଘର ଆଂଶିକ ପୋଡ଼ିଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ନିଆଁ ଲାଗିଥିବା ଜଣାପଡ଼ିଛି। ଏସବୁ ଘଟଣାରେ ଜଣେ ମହିଳାଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ତଦନ୍ତ କରିବା ସହ ୩ଟି ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଅନୁଧ୍ୟାନ ବେଳେ ସମ୍ପୃକ୍ତ ମହିଳା ନିଆଁ ଲଗାଉଥିବା ଦେଖିବାକୁ ମିଳିଛି। ଏନେଇ ବାଲିଅନ୍ତା ପୋଲିସ ତାଙ୍କୁ ଥାନାରେ

## ନିଆଁ ଲଗାଇବା ସନ୍ଦେହରେ ଜଣେ ମହିଳା ଅଟକ

ଅଟକ ରଖି ପଚରାଉଚରା କରୁଛି। ସେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ହଂସପାଳ - ଅଭୟ ମୁଖୀ ରାସ୍ତାର ବାଲିଅନ୍ତା ମାଟିକୋଟ ଗ୍ରାମ ରାସ୍ତା ପାର୍ଶ୍ୱ ଅରବିନ୍ଦ ସାହୁଙ୍କ ଘର ସମ୍ମୁଖରେ ଥିବା ସିମେଣ୍ଟ ବୋଝେଇ ଏକ ଟ୍ରକ୍ ପାଲ ପଡ଼ି ରହିଥିଲା। ରାତି ପ୍ରାୟ ୧୨ଟାରେ ସମ୍ପୃକ୍ତା ମହିଳା ଗାଡ଼ି ପାଖକୁ ଆସି ପାଲରେ ଦିଆସିଲି କାଠି ସାହାଯ୍ୟରେ ନିଆଁ ଲଗାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଏହା ପରେ ସେ ସାଇଫନ ଛକ ନିକଟରେ ଏକ ଭେରାଇଟି ଦୋକାନ, ଛକ ନିକଟ ତଳଗଡ଼ ଗ୍ରାମରେ ଥିବା ଏକ ଜିପ୍‌ରେ ଓ ଏକ ଅସ୍ଥାୟୀ ମଥୁରା କେକ୍ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ସେହିପରି କୁଶଗାଡିଆ ମଠ ନିକଟ ଏକ ପାନଦୋକାନ, ବେଣୁପୁର ମଝିଗଡ଼ର ଜଣେ ବ୍ୟବସାୟୀଙ୍କ ଏକ ମାରୁତି କାର୍‌ରେ ନିଆଁ ଲାଗିଥିଲା। ସେହିପରି ବେଣୁପୁର ଚନ୍ଦନବସ୍ତ ଗ୍ରାମର ରବୀନ୍ଦ୍ର ଦାସଙ୍କ ୨ ଚାଳଛପର ଘର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଅଗ୍ନିକାଣ୍ଡରେ ରବୀନ୍ଦ୍ରଙ୍କ ଧାନ, ଚାଉଳ, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି। ଶେଷରେ ରାତି ପ୍ରାୟ ସାଢ଼େ ୩ଟାରେ ବାଲିଅନ୍ତା ମୁସ୍‌ଲିମ ସାହିର ଜଣେ ବ୍ୟକ୍ତିଙ୍କ ଏକ କାର୍‌ରେ ନିଆଁ ଲାଗିଥିଲା। ଏହି ସବୁ ସ୍ଥାନରେ ନିଆଁ ଲଗାଇଥିବା ସନ୍ଦେହରେ ପୋଲିସ ସମ୍ପୃକ୍ତା ମହିଳାଙ୍କୁ ଅଟକ ରଖିଛି। ମହିଳାଙ୍କ ବାପଘର ବାଲିଅନ୍ତାରେ ହୋଇଥିବା ବେଳେ ଶାଶୁଘର ବେଣୁପୁର ଗ୍ରାମରେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅଟକ ମହିଳା ଚାଲି ଚାଲି ବାପଘର ଗ୍ରାମରୁ ୫ କିମି ଦୂର ଶାଶୁଘର ଗ୍ରାମକୁ ଯାଉଥିବା ବେଳେ ବାଟରେ ନିଆଁ ଲଗାଇଥିବା କୁହାଯାଉଛି। ଅଟକ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ସହ ଗାଡ଼ି ପାଖକୁ ଯାଇ ନିଆଁ ଲଗାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ୩ଟି ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରୁ ଏହା ସ୍ପଷ୍ଟ ହୋଇଛି। ଏନେଇ ୩ ଜଣ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଥାନାରେ ୩ଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦା ଅବସରପ୍ରାପ୍ତ ଅଫିସର ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୩।୧୨
(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା ଅବସରପ୍ରାପ୍ତ ଅଫିସର ଆସୋସିଏଶନ୍ ଓଡିଶାର ବିଭିନ୍ନ ପଦବୀ ପାଇଁ କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଜୋନାଲ କମିଟିର ଉପ-ସଭାପତି ଭାବେ କୁଳମଣି ବେହେରା, ଆସୋସିଏଶନ ସଦସ୍ୟ ଭାବେ ଫକୀର ଚନ୍ଦ୍ର ସ୍ୱାଇଁ ଓ ରାଷ୍ଟ୍ରୀୟ ଉପସଭାପତି ଭାବେ ଉମେଶ ଚନ୍ଦ୍ର ପାଟ ନିର୍ବାଚିତ ହୋଇଛନ୍ତି। ଏହି ଅବସରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଓ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏଥିସହ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ଏକ ସାଧାରଣ ବୈଠକ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଆ ଚଳଚ୍ଚିତ୍ର ‘ନବକଳେବର’ର ବିଶ୍ୱଯାତ୍ରା



ଖବରଦାତା ସମ୍ମିଳନୀରେ ଚଳଚ୍ଚିତ୍ର ‘ନବକଳେବର’ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୩।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର ‘ନବକଳେବର’ ଭାରତର ବିଭିନ୍ନ ସହର ସମେତ ୟୁଏସ୍‌ଏ, କାନାଡା, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଜର୍ମାନୀ ଆଦି ୬ ଦେଶ ଏବଂ ଉତ୍ତର ଆମେରିକା, ଏସିଆ, ଆଫ୍ରିକା ଓ ୟୁରୋପ ମହାଦେଶର ପ୍ରାୟ ୧୩ ସହରରେ ଦର୍ଶକଙ୍କ ପାଖରେ ପହଞ୍ଚିଛି। ଏହା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଜଗତ ପାଇଁ ଏକ ଐତିହାସିକ ମାଇଲଷ୍ଟୋନ୍। ଚଳଚ୍ଚିତ୍ରର ଏହି ବିଶ୍ୱଯାତ୍ରା ଆମେରିକାର ମିନିଆପୋଲିସ ସହରରୁ ଆରମ୍ଭ ହୋଇଥିଲା। ଆସନ୍ତା ୨ମାସ ମଧ୍ୟରେ ୧୦ରୁ ୧୨ଟି ଅଧିକ ଦେଶରେ ପ୍ରଦର୍ଶନ ପାଇଁ ଯୋଜନା ରହିଛି ଏବଂ ଫେବୃଆରୀରେ ଏହାର ହିନ୍ଦୀ ସଂସ୍କରଣ ମୁକ୍ତି ଲାଭ କରିବ। ଏକାଧିକ ଦେଶରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର ଭାବେ ନବକଳେବର ଏକ ନୂଆ ମାନଦଣ୍ଡ ସ୍ଥାପନ

## ୬ ଦେଶ, ୪ ମହାଦେଶରେ ପ୍ରଦର୍ଶିତ ହେଲା

କରିଛି, ଯାହା ହଜାର ହଜାର ଏନ୍‌ଆର୍‌ଆଇ ଏବଂ ଓଡ଼ିଆ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଛି। ଶନିବାର ଏକାମ୍ରହାଟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚଳଚ୍ଚିତ୍ରର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ଅଭିନେତା ଜ୍ୟୋତି ନାୟକ, ଉତ୍ତର ଆମେରିକାରୁ ସଞ୍ଜୟ ଦଳାଇ, ଦକ୍ଷିଣ ଆଫ୍ରିକାରୁ ସଞ୍ଜିତ ନାୟକ, ଭୁବନେଶ୍ୱରରୁ ଚିତ୍ତ ଦେବତା ଏବଂ ଚଳଚ୍ଚିତ୍ରର ପିଆର୍ ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେବା ସହ ଚଳଚ୍ଚିତ୍ର ମାଧ୍ୟମରେ ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରଚାରପ୍ରସାର କ୍ଷେତ୍ରରେ ସମ୍ପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୧୩।୧୨ (ବନ୍ଦନା ସେଠୀ)



ରାଜ୍ୟର ଏକାଧିକ ଓଡ଼ିଆ ଖବରକାଗଜରେ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ସାମ୍ବାଦିକ ଦୁଲାଲ ମିଶ୍ରଙ୍କର ଶନିବାର କ୍ୟାପିଟାଲ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ପୂର୍ବରୁ ଏକ ଘରୋଇ ହସ୍ପିଟାଲରେ ଦେଢମାସ ଧରି ସେ ଚିକିତ୍ସିତ ହେବା ପରେ ୩ଦିନ ତଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ତିମ ସମୟରେ ତାଙ୍କର ଦୁଇପୁତ୍ର ଦେବାଶିଷ, ଶୁଭାଶିଷ ଏବଂ ପୁତ୍ରବଧୂ ଉପସ୍ଥିତ ଥିଲେ। ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ। ବର୍ଷକ ତଳେ ସ୍ୱର୍ଗତ ମିଶ୍ରଙ୍କ ସ୍ତ୍ରୀ ଶୁଭ୍ରା ମିଶ୍ରଙ୍କ ପରଲୋକ ଘଟିଥିଲା। ସ୍ୱର୍ଗତ ମିଶ୍ରଙ୍କ ଘର କେନ୍ଦ୍ରାପଡ଼ାସ୍ଥିତ ଇଚ୍ଛାପୁର ହୋଇଥିବାବେଳେ ସେ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱରରେ ରହୁଛନ୍ତି। ସେ ଜଣେ ସଚ୍ଚୋଟ, ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ସାରଦା ପ୍ରସନ୍ନ ନନ୍ଦ, ପ୍ରଦୋଷ ପଟ୍ଟନାୟକ, ଦେବେନ୍ଦ୍ର ସୁଆର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଅରବିନ୍ଦ ମିଶ୍ର ଓ ସନତ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।




ଗୀତ ଗୋବିନ୍ଦ ସଦନଠାରେ ଶନିବାର ଆୟୋଜିତ ପୁସ୍ତକ ପାଠକାର୍ପଣ ଉତ୍ସବରେ ଅତିଥିମାନେ ରମାକାନ୍ତ ଲେଙ୍କାଙ୍କ ରମ୍ୟ ରଚନା ‘ଷଣ୍ଢକୁ ରୁଟି’ର ଉନ୍ମୋଚନ କରୁଛନ୍ତି।

# ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୩।୧୨ (ବନ୍ଦନା ସେଠୀ)

୮ ଦଫା ଦାବି ନେଇ ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆୟୁଷ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆଲୋଚନାବେଳେ ମନ୍ତ୍ରୀ ସେମାନଙ୍କ ଦାବି ସମ୍ପର୍କରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସର୍ତ୍ତମୂଳକ ଭାବେ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଆଗାମୀ ୩ମାସ ମଧ୍ୟରେ ଦାବି ପୂରଣ ଦିଗରେ ଅଗ୍ରଗତି ନ ଦେଖିଲେ ସଂଘ ପୁଣି ସ୍ୱର ଉତ୍ତୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

ଶୁକ୍ରବାର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ସରକାରୀ ଆୟୁର୍ବେଦ

## ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ମହାବିଦ୍ୟାଳୟ, ବଲାଙ୍ଗୀର ଆଲୁମ୍‌ନି କମିଟିର ସଭାପତି ଡା. ବାସୁଦେବ ପତିଙ୍କ ସମନ୍ୱୟରେ ଆଲୋଚନା ହୋଇଥିଲା। ଏହି ସମୟରେ ଦାବି ପୂରଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ନୂତନ ପଦବୀ ସୃଷ୍ଟି କରିବା ବିଷୟରେ ନୂତନ କମିଟି ଗଠିତ ହେବା ସହିତ ତାହାର ନିର୍ଦ୍ଦେଶନାମା ଜାରି କରାଯାଇଛି। ତତ୍‌ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଆଗାମୀ ଦିନରେ ଡାଇନାମିକ୍ ଷ୍ଟାଇପେଣ୍ଡ୍ କରାଯିବ। ଆସନ୍ତା ସପ୍ତାହରୁ ରାଜ୍ୟରେ ଆୟୁଷ ହସ୍ପିଟାଲଗୁଡ଼ିକରେ ନିଦାନ ବ୍ୟବସ୍ଥା ଲାଗୁ କରାଯିବ। ପ୍ରଚୁର ଔଷଧ ବିତରଣ ନିମନ୍ତେ ସରକାର ବ୍ୟବସ୍ଥା କରୁଛନ୍ତି। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ଯଥାସମ୍ଭବ ପୂରଣ କରାଯିବ ବୋଲି ମନ୍ତ୍ରୀ କହିବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ।

# ‘ଶାମୁକାଏ ଶିହରଣ’ ଉନ୍ମୋଚିତ

ଭୁବନେଶ୍ୱର,୧୩।୧୨(ସୌମ୍ୟରଞ୍ଜନ ରାଉତ)

କବି ସୁଜାତା ମିଶ୍ରଙ୍କ ପ୍ରଥମ କବିତା ସଂକଳନ ‘ଶାମୁକାଏ ଶିହରଣ’ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଲୋକାର୍ପିତ ହୋଇଯାଇଛି। ଅତିଥି ଭାବେ କବି ରକ୍ଷକ ନାୟକ, ମଞ୍ଜୁବାଳା ପଣ୍ଡା, ସୁଷମା ମିଶ୍ର, ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏକ ସଂକଳନରୁ ୧୨ଟି କବିତା ଆବୃତ୍ତି କରାଯାଇଥିଲା। କବିତାଗୁଡ଼ିକୁ ଉଷା ଶତପଥୀ, ସବିତା ମିଶ୍ର, ସୁରଭି ଜୈନ, ସ୍ନିଗ୍ଧା ସାହୁ, ଅଂଶୁମାନ ସାହୁ, ବୀରେନ୍ଦ୍ର ନାୟକ, ରଶ୍ମିତା ବେହେରା, ଶ୍ରୀସିକ୍ତା ଶୁଭଦର୍ଶିନୀ, ଜ୍ୟୋତିରଞ୍ଜନ ବାରିକ, ସଂଗ୍ରାମ ମହାରଣା, ଅଂଶୁମାନ ସାହୁ, ଜିତୁ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ସୁପ୍ତି କର ଓ ଅଂଶୁମାନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକାଶିକା ମାନମୟୀ ରଥ ସହଯୋଗ କରିଥିଲେ।

# ଓୟୁଟିଆର୍‌ରେ ଏଆଇ ଉପରେ କର୍ମଶାଳା

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଇଲେକ୍ଟ୍ରୋନିକ ସାଇନ୍ସେସ ସ୍କୁଲ ଓ ଡିଜାଇନ ଇନୋଭେଶନ ସେଣ୍ଟର (ଡିଆଇସି) ପକ୍ଷରୁ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ବିଷୟବସ୍ତୁ ଥିଲା ‘ଏ.ଆଇ. ରିଭୋଲ୍ୟୁଶନ ଇନ୍ ସେମିକଣ୍ଡକ୍ଟର୍ ଡିଜାଇନ: ଟ୍ରାନ୍ସଫର୍ମିଂ ରେଜିଲିଏନ୍ସ ଥ୍ରୁ ଇଣ୍ଟେଲିଜେନ୍ସ’। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ଭାରତର ସେମିକଣ୍ଡକ୍ଟର ଗବେଷଣା ଓ ଦକ୍ଷତା ବିକାଶ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅଭ୍ୟର୍ଥନା ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ହେଡ୍ ଅଫ୍ ଦ ସ୍କୁଲ ଡା. ମାଧବ ଚନ୍ଦ୍ର ତ୍ରିପାଠୀ, ଡିନ୍ ଏସ୍.ଆର୍.ଆଇ.ସି ପ୍ରଫେସର ଅଜିତ କୁମାର ବରିଶଲ, ଅଧ୍ୟାପିକା ରଶ୍ମିରେଖା ସାହୁ, ଡ. ଅରୁଣା ତ୍ରିପାଠୀ, ଡ. କାହ୍ନୁ ଚରଣ ଭୂୟାଁ, ଡ. ତାପସ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅରୁଣ କୁମାର ପ୍ରଧାନ ଏଆଇ ଆଧାରିତ ସେମିକଣ୍ଡକ୍ଟର ଡିଭାଇସ ମଡେଲିଂ ଓ ଡିଜାଇନ ଅଟୋମେଶନ ସମ୍ବନ୍ଧୀୟ ଉନ୍ନତ ପ୍ରବନ୍ଧନୀ ଉପରେ ଏକ ଉପସ୍ଥାପନା କରିଥିଲେ। ଡ. ବାରଥ୍ରାମ ରାମକୁମାର ଏ ଆଇ ସଂଯୁକ୍ତ ୱାୟାରଲେସ୍ କମ୍ୟୁନିକେଶନ କ୍ଷମତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଆଇଏଲ୍‌ଏସ୍ ଭୁବନେଶ୍ୱରର ଡ. ମମୁନୀ ଦାଶ ଏଆଇ ଆଧାରିତ ବାୟୋ-ଇଲେକ୍ଟ୍ରୋନିକ ସିଷ୍ଟମ ଓ ଏହାର ଭବିଷ୍ୟତ ସମ୍ଭାବନା ବିଷୟରେ କହିଥିଲେ। ପ୍ରଫେସର ସୁବ୍ରତ କୁମାର ପଣ୍ଡା ସେମିକଣ୍ଡକ୍ଟର ଡିଭାଇସରେ ରେଜିଲିଏନ୍ସ ଇଞ୍ଜିନିୟରିଂ ଏବଂ ଇଣ୍ଟେଲିଜେଣ୍ଟ ଆଲଗୋରିଦମ୍ ଦ୍ୱାରା ଭବିଷ୍ୟତବାଣୀ ମଡେଲିଂ ସମ୍ବନ୍ଧରେ ଏକ ଗଭୀର ବିଶ୍ଳେଷଣ ପ୍ରସ୍ତୁତ କରିଥିଲେ। ଭିଏଲ୍‌ଏସ୍‌ଆଇ ପ୍ରୋଟେକ ପ୍ରା. ଲିର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ. ମୁକେଶ କୁମାର ସୁକଲା ଏଆଇ ଭିତ୍ତିକ ଭିଏଲ୍‌ଏସଆଇ ଡିଜାଇନର ଶିଳ୍ପଗତ ପ୍ରୟୋଗ, କାର୍ଯ୍ୟଶକ୍ତି ପ୍ରସ୍ତୁତି ଏବଂ ଭାରତର ବିସ୍ତୃତିଶୀଳ ସେମିକଣ୍ଡକ୍ଟର ଇକୋସିଷ୍ଟମ ଉପରେ ମତ ରଖିଥିଲେ।

# ଉପନ୍ୟାସ ‘ଗହନ ରାତିର ଆୟୁଷ’ ଉନ୍ମୋଚିତ



ଭୁବନେଶ୍ୱର,୧୩।୧୨(ସୌମ୍ୟରଞ୍ଜନ ରାଉତ)

ଲେଖିକା ସସ୍ମିତା ଦାସଙ୍କ ତୃତୀୟ ଉପନ୍ୟାସ ‘ଗହନ ରାତିର ଆୟୁଷ’ ଶନିବାର ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ନୀଳକଇଁ ପ୍ରକାଶନ ଷ୍ଟଲ୍‌ରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ସ୍ତମ୍ଭକାର ଶ୍ରୀମୟ କର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ, କଥାକାର ଡ. ଅଜୟ ସ୍ୱାଇଁ, ସଙ୍ଗୀତକାର ଡ. ରଜନୀ ରଞ୍ଜନ, ଗୀତିକାର ଆଦ୍ୟାଶା ଦାସ, ଲେଖିକା ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ମାଟିର ଚରିତ୍ର ସବୁ ଏକାଠି ହୋଇ ଏକ ପରିସୀମା ଭିତରେ କିଭଳି ଜୀବନ ଡଙ୍ଗାକୁ ବାହି ନେଉଛନ୍ତି ସେକଥା ‘ଗହନ ରାତିର ଆୟୁଷ’ ଉପନ୍ୟାସଟିରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା ହୋଇଛି। ପୁସ୍ତକ ସମ୍ପର୍କରେ ସୂଚନା ଦେଇ ଲେଖିକା ସସ୍ମିତା କହିଲେ, ମୁଁ ପ୍ରେମ ପ୍ରଣୟ ସହ ତ୍ୟାଗ ଓ ନିର୍ବାଣକୁ ଏକାଠି କରି ପାଠକଙ୍କୁ ପରଷିବାର ସାହସ କରିଛି, ଯାହା ଆପଣମାନଙ୍କଠାରୁ ପାଠକୀୟ ଶ୍ରଦ୍ଧା ଆଶା କରୁଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଆଉଟ୍‌ସୋର୍ସିଂ କର୍ମଚାରୀ

ଭୁବନେଶ୍ୱର,୧୩।୧୨(ସୁଚିସ୍ମିତା ସାହୁ)

ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦିଅନ୍ତୁ। ସ୍ଥାୟୀ ନିଯୁକ୍ତି ଦେବା ସହିତ ନିୟମିତ ଦରମା ପ୍ରଦାନ କରନ୍ତୁ। ଅବିଳମ୍ବେ ଛଟେଇ ବନ୍ଦ କରି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଅନ୍ତୁ ବୋଲି ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଶନିବାର ଓଡିଶା ଡିପ୍ଲୋମା ଇଞ୍ଜିନିୟରିଂ ଆସୋସିଏଶନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ସମ୍ପର୍କରେ କହିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଦାବି ପୂରଣ ନ ହେଲେ ଲକ୍ଷ ଲକ୍ଷ ଆଉଟ୍‌ସୋର୍ସିଂ କର୍ମଚାରୀ କାମ ଛାଡି ରାସ୍ତାକୁ ଓହ୍ଲାଇବା ସହ ବିକ୍ଷୋଭ କରିବେ ବୋଲି ସେ କହିଛନ୍ତି।

ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ମନ୍ତ୍ରୀ ଓ ବିଧାୟକମାନେ ମାର୍ଚ୍ଚ ୨୮ରେ ଆନ୍ଦୋଳନରତ ହଜାର ହଜାର କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇ ଘରକୁ ଫେରିଯିବାକୁ କହିଥିଲେ। ହେଲେ ୩ ଦଫା ଦାବି ଉପରେ ଆଲୋଚନା କରିବା ପାଇଁ ମନ୍ତ୍ରୀ କି ବିଧାୟକଙ୍କ ପାଖରେ ସମୟ ନାହିଁ। ନୂଆ ସରକାର ଆସିବା ପରେ ୪ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରାଗଲାଣି। ୬୫ ଭାଗ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦରମା ଦିଆଯାଇନାହିଁ। ମାସ ମାସ ଧରି ଦରମା ନ ପାଇ ସେମାନେ ଆର୍ଥିକ, ମାନସିକ ଚିନ୍ତାରେ ରହି କିଏ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରୁଛି ତ କିଏ କୋଠା ଛାତରୁ ଡେଇଁ ପ୍ରାଣ ହାରୁଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଏହି ଅସହାୟ କର୍ମଚାରୀଙ୍କ ପ୍ରତି ସାମାନ୍ୟତମ ସମବେଦନା ନାହିଁ। ଚଳିତ ମାସ ଶେଷ ସୁଦ୍ଧା ଯଦି ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ, ତେବେ ଆଗାମୀ ମାସରେ ମହାସଂଘ ଡାକରାରେ ଲକ୍ଷ ଲକ୍ଷ କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବିକ୍ଷୋଭ କରିବେ। ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ନାଥ, ଦୁଇ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଗୌତମ ମହାରଣ୍ୟ, ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାସ, କୋଷାଧ୍ୟକ୍ଷ ସଚିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୩।୧୨ (ସୌମ୍ୟରଞ୍ଜନ ରାଉତ)

ଭାବ ଉତ୍ତରଣ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଶନିବାର ବୁଦ୍ଧମନ୍ଦିରଠାରେ ପାଳିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ, କଥାକାର ଦାଶ ବେନହୁର, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସଦର ପ୍ରତିଷ୍ଠାତା ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ, ସଭାପତି ଡ. ଆରତି ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ‘ଭାବ ଉତ୍ତରଣ’ ଉନ୍ମୋଚିତ ହୋଇଥିଲା। ଏଥିସହ ସଂସଦ ପକ୍ଷରୁ ‘ଉମାରାଣୀ ସ୍ମୃତି ସମ୍ମାନ’ରେ ଜାନକୀ ବଲ୍ଲଭ ଦାଶ ଓ ‘ବଣମଲ୍ଲୀ ସମ୍ମାନ’ରେ ସ୍ୱର୍ଣ୍ଣପ୍ରଭା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଡ. ସୁମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ସରୋଜ ମହାନ୍ତି ଓ ବନଜା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସଦ ସଦସ୍ୟ ଦେବୀପ୍ରସନ୍ନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମାତୃଭାଷାରେ ମମତା ନ ଥିଲେ ସାହିତ୍ୟର ଅସ୍ତିତ୍ୱ ରହିବନି

ଭୁବନେଶ୍ୱର,୧୩।୧୨ (ସୌମ୍ୟରଞ୍ଜନ ରାଉତ)

## ‘ତୀରତରଙ୍ଗ’ ପକ୍ଷରୁ ୫ ପୁସ୍ତକ ଉନ୍ମୋଚନ ଉତ୍ସବ

ଭାଷାହିଁ ଆମର ମୂଳଭିତ୍ତି। ଏକଥା ଆମେ ଭୁଲିଯିବା ଉଚିତ ନୁହେଁ। ମାତୃଭାଷା ପ୍ରତି ମମତା ବୋଧ ନ ଆସିଲେ ସାହିତ୍ୟର ଅସ୍ତିତ୍ୱ ରହିବ ନାହିଁ। ଏଥିପାଇଁ ନିଷ୍ଠା ଓ ଆବେଗ ରହିବା ଜରୁରୀ ବୋଲି ଅତିଥିମାନେ କହିଛନ୍ତି। ‘ତୀରତରଙ୍ଗ’ ପକ୍ଷରୁ ୭ମ ରାଜ୍ୟ ପୁସ୍ତକ ମହୋତ୍ସବର ଶହୀଦ ବାଜି ରାଉତ ମଞ୍ଚରେ ୫ଟି ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଲୋକସେବା ଆୟୋଗ ଅଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ କହିଲେ, ଅନ୍ୟ ରାଜ୍ୟରେ ଭାଷା ହେଉଛି ସେମାନଙ୍କର ମୂଳଭିତ୍ତି। ଆଶ୍ଚର୍ଯ୍ୟର କଥା ଓପିଏସ୍‌ସିରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବା ପାଇଁ ୪ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୪୦ ଜଣ ନିଜର ନାମ ଦେଇଛନ୍ତି। ପିଲାମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ବଢ଼ାଇବାରେ



ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପରିବାର ଓ ପିତାମାତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ପରେ ଗାଳ୍ପିକା ଲକ୍ଷ୍ମୀଚାନ୍ଦଙ୍କ ଗଳ୍ପ ସଂକଳନ ‘ଭ୍ରମ’, ଚିରନ ଚିରିତଙ୍କ ଉପନ୍ୟାସ ‘ଭୂମିଭୂମା’, ଚିନ୍ମୟୀ ପଣ୍ଡାଙ୍କ କବିତା ସଂକଳନ ‘ନିଜ ନିଜର ଆକାଶ’, ଲଳିତ କୁମାର ସ୍ୱାଇଁଙ୍କ କବିତା ସଂକଳନ ‘ବଉରାକାନି’ ଓ ବନ୍ଦନା ମିଶ୍ରଙ୍କ ଗଳ୍ପ ସଂକଳନ ‘ହାସିନାର ହସ’କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ପ୍ରକାଶିକା ବନ୍ଦନା ମିଶ୍ର ଉପସ୍ଥିତ ଥିବାବେଳେ ଖବରଦାତା ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ‘ଛାତ୍ରୀମାନେ ନିଜ ଅଧିକାର, ଆଇନ ଜାଣନ୍ତୁ’

## ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୩।୧୨(ସୁଚିସ୍ମିତା ସାହୁ)



ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସମ୍ପୂର୍ଣ୍ଣା’ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୁରୁଣା ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ କହିଲେ, ଛାତ୍ରୀମାନେ ସର୍ବଦା ନିଜର ସୁରକ୍ଷା ଦିଗରେ ଧ୍ୟାନ ଦିଅନ୍ତୁ। ନିଜ ଅଧିକାର ଏବଂ ପ୍ରଣିତ ଆଇନ ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ପ୍ରଫେସର ଡ.କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାଦମ୍ବିନୀର ସମ୍ପାଦିକା ଡ. ଇତିସାମନ୍ତ ଛାତ୍ରୀଙ୍କୁ ସ୍ପଷ୍ଟବାଦୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ‘ପ୍ରଗତିବାଦୀ’ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଓ ଚଳଚ୍ଚିତ୍ର ଅଭିନେତା ହରିହର ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ଅନୁଯାୟୀ ଅଧ୍ୟୟନ କରିବାକୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ସିନ୍ଧୁସ୍ମିତା ବିଧାରଙ୍କ ନିର୍ଦ୍ଦେଶନାରେ ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ରଚିତ ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ଶୁଭଶ୍ରୀ ମିଶ୍ର, ଶୁଭଶ୍ରୀ ମଲ୍ଲିକ ଓ ଜୟଶ୍ରୀ ନାଥ ବିଦ୍ୟାଳୟର କ୍ରୀଡ଼ା ସଂସଦ, ସାଂସ୍କୃତିକ ସଂସଦ ଓ ଶୈକ୍ଷିକ ସଫଳତାର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଆର୍.ମାନସୀ, ଅଧ୍ୟାପକ ବିକାଶ ଚନ୍ଦ୍ର ବେହେରା, ପ୍ରଣବ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ନିବେଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାରରେ ସାଂସଦ ଖେଳ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡ଼ାରେ ନିପୁଣତା ଦେଖାଇବା ପାଇଁ ଛାତ୍ରୀଛାତ୍ରମାନେ ନିଷ୍ଠାର ସହ ପ୍ରଚେଷ୍ଟା ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ସିନେ ତାରକା ଶ୍ରୀତମ୍ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବକୁ କଟକ ଅତିରିକ୍ତ ଜିଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସେନ୍, ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, ଲୋକ ସଭା ସଂଯୋଜକ ସତ୍ୟବ୍ରତ ମିଶ୍ର, ବିଧାନସଭା ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ଓ ପିଏମ୍ ଶ୍ରୀ ଓଟିଏମ୍ ହାଇସ୍କୁଲ ଖେଳ ପଡ଼ିଆରେ ଦିନସାରା ମୋଟ ୮ଟି ଖେଳକୁଦ ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପିଇଟି ଶୁଭ୍ରଜିତ୍ ପଡ଼ିହାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ମହେନ୍ଦ୍ର ମହାନ୍ତି, ଜିଲା ଉପ ସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଭାଗୀରଥି ଦଳାଇ, ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ସୁଜାତା ସାହୁ, ଅଜିତ ସୁବୁଦ୍ଧିରାୟ, ସୌମେନ୍ଦ୍ର ପଲାଇ, ମଣ୍ଡଳ ସଭାପତି ମମତା ବେହେରା, ଜିଲା ପ୍ରତିନିଧି ସନ୍ତୋଷ ସାହୁଙ୍କ ସମେତ ଦଳୀୟ ବହୁ ନେତା ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୭୬ ଛାତ୍ରୀଛାତ୍ର ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ଟିଗିରିଆ,୧୩।୧୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଶନିବାର ୨୦୨୫-୨୬ ପାଇଁ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହିପରୀକ୍ଷା ନିମନ୍ତେ ବ୍ଲକର ୨୯୩ ଛାତ୍ରୀଛାତ୍ର ନିଜ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୭୬ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାହୁ, ମାଧବ ଚନ୍ଦ୍ରପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ଏସ୍‌ସିବି ସିଟିଭିଏସ୍ ବିଭାଗରେ ଭିତ୍ତିଭୂମି ଅଭାବ

## ବଢ଼ୁଛି ମୃତ୍ୟୁସଂଖ୍ୟା, ଓପନ ହାର୍ଟ ସର୍ଜରି ପାଇଁ ରହିଛି ମାତ୍ର ଗୋଟିଏ ଡାକ୍ତରୀ ଦଳ

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ସିଟିଭିଏସ ବିଭାଗରେ ଭିତ୍ତିଭୂମି ଅଭାବ ରହିଛି। ହୃଦ୍‌ରୋଗୀ ଏହି ବିଭାଗ ଉପରେ ନିର୍ଭର କରୁଥିବାବେଳେ ରୋଗୀ ସଂଖ୍ୟା ଏଠାରେ ବଢ଼ୁଛି ସତ, ହେଲେ ଭିତ୍ତିଭୂମି ଅଭାବ ଯୋଗୁ ରୋଗୀଙ୍କୁ ଉପଯୁକ୍ତ ସେବା ମିଳି ପାରୁନାହିଁ। ଏପରିକି ଉକ୍ତ ବିଭାଗରେ ରୋଗୀ ମୃତ୍ୟୁ ସଂଖ୍ୟା ଏବେ ବଢ଼ିବାରେ ଲାଗିଥିବାବେଳେ ଗତ ଅଢେଇ ବର୍ଷ ମଧ୍ୟରେ ମୃତ୍ୟୁ ସଂଖ୍ୟା ୬୫ରେ ପହଞ୍ଚିଛି। ଯାହାକି ଏବେ ଚିନ୍ତାର କାରଣ ପାଲଟିଛି। ଉକ୍ତ ବିଭାଗରେ ଭିତ୍ତିଭୂମି ସହ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ମେଡିକାଲର ଜଣେ ଡାକ୍ତରଙ୍କ ସହ ଆଲୋଚନା ସମୟରେ ଜଣାପଡିଛି। ଆଲୋଚନାରୁ ମିଳିଥିବା ତଥ୍ୟ ମୁତାବକ, ସିଟିଭିଏସରେ ଏବେ ଅଧିକ ସଂଖ୍ୟକ ରୋଗୀ ଡାକ୍ତର ଦେଖାଇବାକୁ ଆସିଥାନ୍ତି। ଏଠାରେ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ଅସ୍ତ୍ରୋପଚାର କରାଯାଏ ସତ ହେଲେ ଅସ୍ତ୍ରୋପଚାର ପୂର୍ବ ଓ ପରବର୍ତ୍ତୀ ବ୍ୟବସ୍ଥା ଠିକ ଭାବେ ପରିଚାଳନା କରାଯାଇ ନ ଥାଏ। ଯାହାକି ମୃତ୍ୟୁର ଏକ ପ୍ରମୁଖ କାରଣ ପାଲଟିଥାଏ। ଏହି ବିଭାଗରେ ଭିତ୍ତିଭୂମି ଓ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ଅଭାବ ଯୋଗୁ ଡାକ୍ତରଙ୍କ ଉପରେ ପ୍ରବଳ ଚାପ ପଡୁଛି। ଏହାସହ ସ୍ଥାୟୀ ନିଶ୍ଚେତକଙ୍କ ଅଭାବ ସମସ୍ୟାକୁ ଦ୍ୱିଗୁଣିତ କରିଛି । ତଥ୍ୟାନୁସାରେ ୨୦୨୩ ମସିହାରେ ୧୬୫ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା ସେଥିମଧ୍ୟରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୨୦୨୪ରେ ୧୩୫ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ସେଥିମଧ୍ୟରୁ ୨୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାସହ ୨୦୨୫ ଅଗଷ୍ଟ ସୁଦ୍ଧା ୮୫ ଜଣଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେଥିମଧ୍ୟରୁ ୨୬ଜଣଙ୍କ ମୃତ୍ୟୁ ଘଟିଛି । ତେବେ ଅଢେଇ ବର୍ଷ ମଧ୍ୟରେ ସମୁଦାୟ ୬୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୫ରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଛି। ସେହିପରି ଉକ୍ତ ବିଭାଗରେ ଓପନ ହାର୍ଟ ସର୍ଜରୀ ପାଇଁ ଗୋଟିଏ ଡାକ୍ତରୀ ଦଳ ରହିଛନ୍ତି। ସେଥିମଧ୍ୟରେ ଜଣେ ହୃଦ୍‌ବକ୍ଷ ଶଲ୍ୟ ଡାକ୍ତର ଏବଂ ତାଙ୍କୁ ସହାୟତା ପାଇଁ ସହାୟକ ଡାକ୍ତର, ଜଣେ ଦକ୍ଷ ତଥା ଅନୁଭବ ସମ୍ପନ୍ନ କାର୍ଡିଆକ ନିଶ୍ଚେତକ ଏବଂ ପର୍ଫ୍ୟୁଜନିଷ୍ଟ ରହିଥାନ୍ତି। ଓପନ ହାର୍ଟ ଅସ୍ତ୍ରୋପଚାର ଏକ ଜଟିଳ ପ୍ରକ୍ରିୟା ହୋଇଥିବାରୁ ଜଣେ ଅଭିଜ୍ଞ ନିଶ୍ଚେତକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେ କି ଅସ୍ତ୍ରୋପଚାର ପୂର୍ବରୁ ରୋଗୀଙ୍କ ସମ୍ପୂର୍ଣ୍ଣ ଯାଞ୍ଚ କରିବା ସହ ମଧୁମେହ, ଉଚ୍ଚ ରକ୍ତଚାପ, ବୃକକ୍ ଭଳି ବିଭିନ୍ନ ରୋଗ ଆଦିର ଯାଞ୍ଚ କରିଥାନ୍ତି। ଏହାସହ ଅସ୍ତ୍ରୋପଚାର ପରର ସାତଦିନ ଯାଏ ମଧ୍ୟ ରୋଗୀ ପ୍ରତି ଧ୍ୟାନ ଦେଇଥାନ୍ତି। ତେବେ ଏସ୍‌ସିବିରେ କେବଳ ଗୋଟିଏ ଦଳ ଥିବାବେଳେ ଗୋଟିଏ ସପ୍ତାହରେ ମାତ୍ର ତିନିରୁ ଚାରୋଟି ଅସ୍ତ୍ରୋପଚାର କରାଯାଇ ପାରୁଛି। ରୋଗୀ ସଂଖ୍ୟା ଅନୁଯାୟୀ ଆବଶ୍ୟକ ଡାକ୍ତରୀ ଦଳ ନ ଥିବାରୁ ଅସ୍ତ୍ରୋପଚାର ସଂଖ୍ୟା ବଢ଼ି ପାରୁନାହିଁ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାବେଳେ ଏହାକୁ ଅଣଦେଖା କରାଯାଉଥିବାରୁ ରୋଗୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ କହିଛନ୍ତି ଯେ, ଯାହା ଆବଶ୍ୟକ ରହିଛି ସେନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଆଶା କରୁଛୁ ବୋଲି ସେ କହିଛନ୍ତି।

# ନିଃଶୁଳ୍କ ଆୟୁର୍ବେଦ ଔଷଧ ବିତରଣ



ସଚେତନତା ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଶନିବାର ନିଶାମୁକ୍ତି ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଆୟୁର୍ବେଦ ମେଡିକାଲ ଓ ସୁବୁଦ୍ଧେଶ୍ୱର ମନ୍ଦିର ଉନ୍ନୟନ ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀ ଆୟୁର୍ବେଦ ମେଡିକାଲ କଲେଜର ପ୍ରଫେସର ରମାକାନ୍ତ ରାଉତଙ୍କ ନେତୃତ୍ୱରେ ଡ. ଦେବାଶିଷ ଶତପଥୀ, ଡ. ଅଜୟ କୁମାର ଧର୍ମବ୍ରତ ଆଚାର୍ଯ୍ୟ, ସନ୍ତୋଷ କାମଲା, କେଦାର ବେହେରା, ସୁରୋଜ କୁମାର ରାଉତଙ୍କ ସହାୟତାରେ ୧୧୦ଜଣ ରୋଗୀଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ମଧୁମେହ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିର ଉନ୍ନୟନ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ମୁଦୁଲି, ଶଙ୍ଖାଳି ରାଉତ, ଗୌରାଙ୍ଗ ଚରଣ ରାଉତ, ପ୍ରତାପ ସିଂହ, ସନ୍ତୋଷ କୁମାର ମୁଦୁଲି, ଅଭିରାମ ମିଶ୍ର, ଦୁଷ୍ମନ୍ତ କୁମାର ବଳ ପ୍ରମୁଖ ସହଯୋଗ ଓ ସହାୟତା କରିଥିଲେ। ଏହି ଅବସରରେ ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ସମସ୍ତ ରୋଗୀମାନଙ୍କୁ ନିଃଶୁଳ୍କ ଆୟୁର୍ବେଦ ଔଷଧ ବିତରଣ କରାଯାଇଥିଲା।

# 'ଭବିଷ୍ୟତ ଗଠନରେ ଜେଜେମା' ଜେଜେବାପା, ଆଈଅଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ଗ୍ରାଣ୍ଡ ପ୍ୟାରେଣ୍ଟ୍‌ସ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଗ୍ରାଣ୍ଡ ପ୍ୟାରେଣ୍ଟ୍‌ସ ଦିବସ

ବାଙ୍କୀ,୧୩।୧୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୩ ପରିସରରେ ଶନିବାର ଗ୍ରାଣ୍ଡ ପ୍ୟାରେଣ୍ଟ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ବହୁମୁଖୀ ପ୍ରେକ୍ଷାଳୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ ସିନିୟର ଡିଭିଜନ ସିଭିଲ ଜଜ ସୁଧୀର କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବାଙ୍କୀ ସିନିୟର ଡିଭିଜନ ସିଭିଲ ଜଜ ମିଶ୍ର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଅଜାଆଈ ତଥା ଜେଜେମା' ଜେଜେବାପାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୀମା ବିଶ୍ୱାଳ ଏବଂ ସ୍ୱପ୍ନା ନାୟକ ସଞ୍ଚାଳନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ହସ୍ତଶିଳ୍ପ ଓ କଳାକୃତି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ବରିଷ୍ଠ ପ୍ରାଥମିକ ଶିକ୍ଷୟିତ୍ରୀ ପ୍ରଜ୍ଞାମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ତଥା ବାଙ୍କୀ କଂଗ୍ରେସ ଦଳର ନେତା ପ୍ରେମାନନ୍ଦ ବିଶ୍ୱାଳ(୭୫)ଙ୍କ ଶନିବାର ପରଲୋକ ଘଟିଛି। ତାଳବସ୍ତ ଓ ଦୁଲଣାପୁର ଗ୍ରାମପଞ୍ଚାୟତର ସେ କଂଗ୍ରେସ ଦଳର ଉପଦେଷ୍ଟା ଭାବେ କାର୍ଯ୍ୟକରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ତାଳବସ୍ତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସେ ସଭାପତି ଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହିତ ତାଳବସ୍ତ ସେବାସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା, ପୂର୍ବତନ ସରପଞ୍ଚ ଗଦାଧର ନାୟକ, କୁମର ଚୌଧୁରୀ, ରମାକାନ୍ତ ନାୟକ, ନାଏବ ସରପଞ୍ଚ ବିପିନି ବିହାରୀ ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ବିଶ୍ୱାଳଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ନିକଟସ୍ଥ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ବିଭୂତି ଭୂଷଣ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# ୨ ଗୋଷ୍ଠୀ ଥାନାର ଦ୍ୱାରସ୍ଥ, ପୃଥକ୍ ମାମଲା ରୁଜୁ

## ଟାଙ୍ଗୀରେ ଓଝା ପରିବାର, ମହାରଣା ପରିବାର ବିବାଦ

ମଙ୍ଗୁଳି-ଜଗତପୁର, ୧୩।୧୨(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ବଢେଇ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ହେବା ସହ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା ହୋଇଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ଥାନରେ ଉଭୟଙ୍କ ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ୨ଟି ପୃଥକ ମାମଲା (ନଂ. ୪୩୩, ୪୩୪/୨୫) ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଟାଙ୍ଗୀ ବଢେଇ ସାହିର ମହାରଣା ଏବଂ ଓଝା ପରିବାର ମଧ୍ୟରେ ଗତ ଦୁର୍ଗାପୂଜାଠାରୁ ବିବାଦ ଲାଗିରହିଥିଲା। ଶୁକ୍ରବାର ମଧ୍ୟରାତ୍ରରେ ଗଛ କଟାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହାର ମଧ୍ୟରେ ଭୟଭୀତ କରିବାକୁ ଦୁଇ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଜଣାପଡିଛି। ମହାରଣା ପରିବାର ପକ୍ଷରୁ ଏହି ଗୁଳିଚାଳନା ହୋଇଛି। ଓଝା ପରିବାର ପକ୍ଷରୁ ଟିକି ଓଝା ନାମ୍ନୀ ମହିଳା ଟାଙ୍ଗୀ ଥାନାରେ ଡବୁଲୁ ମହାରଣା ଓ ତାଙ୍କ ପରିବାର ନାମରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଡବୁଲୁଙ୍କ ପରିବାର ପକ୍ଷରୁ ତାଙ୍କ ବଡ ବାପା ସୁକୁମାର ମହାରଣାଙ୍କୁ ଓଝା ପରିବାର ହତ୍ୟା କରିବାକୁ ଆକ୍ରମଣ ଉଦ୍ୟମ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତେବେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବନ୍ଧୁକ ଫୁଟିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ କହିଛନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ପୋଲିସ ପକ୍ଷରୁ ଉଭୟଙ୍କ ଘର ପାଖରେ ପୋଲିସ ମୁତୟନ କରାଯାଇଛି।

# ଆଜିଠାରୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ):

ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ୧୪ରୁ ୨୧ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପୀ ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨ଟି ବିଭାଗକୁ ନେଇ ୩ଟି ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହେବ। ଏଥିରେ ସହରାଞ୍ଚଳରେ ଓଡ଼ିଶା ଓ ଓଡ଼ିଶା ବାହାରୁ ବଛାବଛା ୮ଟି ଦଳ, ଗ୍ରାମାଞ୍ଚଳର ଏ-ଡିଭିଜନରେ ୧୬ ଓ ବି-ଡିଭିଜନରେ ୧୨ଟି ଦଳକୁ ନେଇ ସମୁଦାୟ ୩୬ଟି ଦଳ ଭାଗ ନେବେ। ଦର୍ଶକମାନଙ୍କ ପାଇ ଫ୍ରି ଲଟେରିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଫଳରେ ଦର୍ଶକମାନେ ଖେଳ ଦେଖିବା ସହ ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ। ସେହିପରି ଚଳିତ ବର୍ଷ ସବୁ ଟିମ୍‌କୁ ବାଇକ ପ୍ରଦାନ କରାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ମଧୁ ବାରିଷ୍ଟର ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଫାଇନାଲରେ ଢେଙ୍କାନାଳ ବାର ଆସୋସିଏଶନ

କଟକ,୧୩।୧୨(କାର୍ତ୍ତିକ ସାହୁ)

କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ତ୍ରିଶୁଳିଆସ୍ଥିତ ନରଣପୁର ଖେଳପଡ଼ିଆରେ ପଞ୍ଚମ ଆନ୍ତଃଜିଲା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ରୂପେ କଟକ ଜିଲା ଜଜ୍ ମାନସ ରଞ୍ଜନ ବାରିକ ଓ ସମ୍ମାନିତ ଅତିଥି ବାର କାଉନସିଲ ଓଡ଼ିଶାର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କ୍ରିମିନାଲ କୋର୍ଟସ ବାର ସଭାପତି ପ୍ରଶାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ରାଉତ, ଦେବୀ ପ୍ରସାଦ ମହାନ୍ତି, ବାଦଲ ରାୟ,ସଞ୍ଜୟ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ମହାନ୍ତି ଓ ସୁବାଷ ଚନ୍ଦ୍ର ମହାନ୍ତି, ଗଦାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ ଓ ଧନ୍ୟବାଦ ଦେଇଥିଲେ। ଲିଗ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏଶନ, ହାଇକୋର୍ଟ ବାର ଆସୋସିଏଶନ ଓ ଢେଙ୍କାନାଳ ବାର ଆସୋସିଏଶନ ବିଜୟୀ ହୋଇ ସେମି ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଦିବସର ଅନ୍ତିମ ତଥା ପ୍ରଥମ ସେମି ଫାଇନାଲ ମ୍ୟାଚ ହାଇକୋର୍ଟ ବାର ଆସୋସିଏଶନ ଓ ଢେଙ୍କାନାଳ ବାର ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଢେଙ୍କାନାଳ ବାର ଆସୋସିଏଶନ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଆଇନଜୀବୀ ନିରଞ୍ଜନ ବେହେରା, ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ଉତ୍ତରକୁ ନେଇ ଉତ୍ତେଜନା

## ଗୋବରୀ ନଦୀର ନୂତନ ସେତୁରେ ପୁରୁଣା କଳଙ୍କି ଲୁହାଛଡ଼ ବ୍ୟବହାର ଘଟଣା

ମାହାଙ୍ଗା,୧୩।୧୨(ଅଜୟ କୁମାର ମହାନ୍ତି)

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଗୋବରୀ ନଦୀ ଉପରେ ପଶ୍ଚିଲୁଣ୍ଡା ରାଉତ ସାହିରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ନିମ୍ନମାନର ହେଉଥିବାବେଳେ କାର୍ଯ୍ୟ ସମୟରେ ବୈଷୟିକ ଅଧିକାରୀ କିମ୍ବା ଯନ୍ତ୍ରୀ ରହୁ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଅଭିଯୋଗ ହୋଇଥିଲା। ଏହାପରେ କଟକ ଅଧୀକ୍ଷଣ ଯନ୍ତ୍ରୀ ଶନିବାର କାର୍ଯ୍ୟସ୍ଥଳକୁ ଆସି ସେତୁ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ତେବେ ଯାଞ୍ଚପରେ ସେ ଯେଉଁଭଳି ଉତ୍ତର ଦେଇଛନ୍ତି, ସେନେଇ ଉତ୍ତେଜନା ପ୍ରକାଶ ପାଇଛି।

ଅଧୀକ୍ଷଣ ଯନ୍ତ୍ରୀ ସୁଧାକର ନାୟକ କାର୍ଯ୍ୟ ଅନୁଧ୍ୟାନ କରି କହିଥିଲେ ଯେ, ଲୁହା ବାହାରେ ଦିନେ ଦୁଇ ଦିନ ପଡ଼ିଲେ କଳଙ୍କି ଲାଗିବା ଭଳି ଦିଶେ। ଏଗୁଡିକ ବର୍ଷାଦିନ ଆଗରୁ କାମ ହେଉଥିଲା, ବର୍ଷା ଯୋଗୁ କାମ ବନ୍ଦ ହେବାରୁ ଏପରି ହୋଇଯାଇଛି। ଏହାକୁ ବାଡେଇ କିମ୍ବା କଳଙ୍କି ଛଡାଇ କାମ କରିହେବ ବୋଲି ନାୟକ କହିବା ସହ ଯେଉଁ ଗୁଡ଼ିକ ଖୁଣ୍ଟିରେ ଅଛି ସେଗୁଡିକୁ କିଛି କରିହେବନି ବୋଲି କହିଥିଲେ। ଏନେଇ ସେଠାରେ ଉପସ୍ଥିତ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ଶ୍ରୀକୃଷ୍ଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନେଶ୍ୱର ସେନାପତି ଓ ଉପସ୍ଥିତ ଗ୍ରାମବାସୀ ଅଭିଯୋଗ କରି କହିଥିଲେ ଯେ, ଖୁଣ୍ଟିରେ ଲାଗିଥିବା ଲୁହା ଦୀର୍ଘ ୪/୫ ମାସ ଧରି ନଦୀ ବଢ଼ି ପାଣିରେ ବୁଡ଼ିରହିବା ପରେ ତାର ମୂଳ ଖାଇ ନଷ୍ଟହୋଇଗଲାଣି। ପୂର୍ବ ଠିକାଦାରଙ୍କର ୩ରୁ ୪ ଟ୍ରକ୍ ସାମାନ୍ୟ କଳଙ୍କିଯୁକ୍ତ ଲୁହାଛଡ଼ ବ୍ୟବହାର କରୁଥିବା ଅଭିଯୋଗ ପରେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାହା ଫେରାଇ ଦିଆଯାଇଥିଲା। ମାତ୍ର ଏବେ ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ଲୁହା ଛଡ଼ରେ ଠିକାଦାର କାମ କରୁଛନ୍ତି। ମାତ୍ର ଏହି କଳିଙ୍କ ଲୁହାଛଡ଼ ବ୍ୟବହାର କଲେ ସେତୁର ସ୍ଥାୟିତ୍ୱ ନେଇ ଆଶଙ୍କା ରହିବ। ଯେଉଁ ଛଡଗୁଡ଼ିକ ଅଳ୍ପ କଳଙ୍କି ଖାଇଛି ତାହା ସିନା ବ୍ୟବହାର କରିହେବ, ମାତ୍ର ଯେଉଁ ଗୁଡ଼ିକ ଦୀର୍ଘ ଦିନ ହେବ

ନଈପାଣିରେ ବୁଡ଼ି ଦୁର୍ବଳ ହୋଇଯାଇଛି ତାହା କିପରି ବ୍ୟବହାର କରିହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏହାଛଡ଼ା କାମବେଳେ ଯନ୍ତ୍ରୀ ରହୁନାହାନ୍ତି , ବିନା ସୂଚନା ଫଳକରେ କାମ ହେଉଛି, ବାହାରୁ ଆସୁଥିବା ଢ଼ଲେଇ ନିମ୍ନମାନର ହେଉଥିବାବେଳେ ରାତିରେ ଢ଼ଲେଇ ପଡୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ମାତ୍ର ଅଧୀକ୍ଷଣ ଯନ୍ତ୍ରୀ ନାୟକ କର୍ମଚାରୀ ନାହାନ୍ତି, ଯନ୍ତ୍ରୀ କି ପିଅନ ନାହାନ୍ତି ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି। ଏହା ଗ୍ରାମବାସୀଙ୍କ ଅସନ୍ତୋଷ ବଢ଼େଇ ଦେଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫

# ୩୮୪ ମାମଲା ଫଇସଲା

ଆଠଗଡ଼/ଟିଗିରିଆ,୧୩।୧୨ (ସତ୍ୟ ପ୍ରସାଦ ରଥ/ଜାଫର ଖାଁ):

ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ୪ର୍ଥ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଅଦାଲତ ପରିସରରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତକୁ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ପରେ ଏହି ଅଦାଲତ ପରିଚାଳନା କରି ୧୨ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ସମାଧାନ କରିବା ସହ କ୍ଷତିପୂରଣ ବାବଦ ୧କୋଟି ୩୦ଲକ୍ଷ ୬୫ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଠଗଡ଼ ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ ନରୋଜ କୁମାର ସାହୁ ନିଜର ଅଦାଲତ ପରିଚାଳନା କରି ୫୪ଟି ଫୌଜଦାରି ମାମଲାର ସମାଧାନ କରି ଜରିମାନା ବାବଦକୁ ୬ଲକ୍ଷ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ସ୍ଥିତପ୍ରଜ୍ଞା ଅମୃତତନୟା ୨ଟି ମାମଲାର ସମାଧାନ କରିଥିଲେ। ଆଠଗଡ




ଟିଗିରିଆ କୋର୍ଟ ପରିସର ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀମାନେ।

ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଓ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ନିଜର କୋର୍ଟ ପରିଚାଳନା କରି ବହୁ ରାଜସ୍ୱ ମାମଲାର ସମାଧାନ କରିଥିଲେ। ଏଥିସହିତ ଆଠଗଡ ଷ୍ଟେଟ ବ୍ୟାଙ୍କ, ୟୁକୋବ୍ୟାଙ୍କ, ଇଣ୍ଡିଆନ ଓଭର ସିଜ୍ ବ୍ୟାଙ୍କ, କନ୍ତୋଲ ଓ ଧୁରୁଷିଆ ଶାଖା, ଆଠଗଡ ଗ୍ରାମ୍ୟ ବ୍ୟାଙ୍କ ଶାଖା ଅଂଶଗ୍ରହଣ କରି ନିଜ ନିଜର ମାମଲା ସମାଧାନ କରିଥିଲେ। ଆଠଗଡ ଓକିଲ ସଂଘ ପକ୍ଷରୁ ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରିଥିଲେ।

## ୧କୋଟି ୩୭ ଲକ୍ଷ ଟଙ୍କା ଆଦାୟ

ସେହିପରି ଟିଗିରିଆ କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟ ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପରିଚାଳନା କରିଥିଲେ। ଏଥିରେ ମୋଟ ୪୨ଟି ଫୌଜଦାରି ମାମଲାରୁ ୨୮ଟି ସମାଧାନ କରାଯାଇଛି। ଏଥିସହିତ ରାଜସ୍ୱ ବିଭାଗର ୨୪୬ଟି ଓ ୪୨ଟି ଫୌଜଦାରି ମାମଲାର ସମାଧାନ ହୋଇ ୧୬ହଜାର ୧୬୦ ଟଙ୍କା ଆଦାୟ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସ, ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ବିକ୍ରମ କେଶରୀ ଦାଶ, ସଞ୍ଜୟ କୁମାର ଦାଶ, ସରୋଜ କୁମାର ସାହୁଙ୍କ ସମେତ ଟିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୨।୨୦୨୫

| ୭,୪୧,୦୪୨ ଟଙ୍କା | |
|---|---|
| ସୁନା | ୪.୩୮୦ ଗ୍ରାମ୍ |
| ରୁପା | ୯୫.୩୮୦ ଗ୍ରାମ୍ |

# ଜାପାନର ଆକିଏ ଦୋଇଙ୍କୁ 'ମହୋଦଧି ସମ୍ମାନ'

## ମହୋଦଧି ଦିବସ ୨୦୨୫ ଉଦ୍‌ଯାପିତ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

'ଦି ବେଲ୍' ଅନୁଷ୍ଠାନ ତରଫରୁ ନଦୀ, ସମୁଦ୍ର, ଜଙ୍ଗଲ ଇତ୍ୟାଦିର ସୁରକ୍ଷା ଓ ପବିତ୍ରତାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୨କୁ ମହୋଦଧି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ପୁରୀ ସହ ରାଜ୍ୟର ୧୫ଟି ଜିଲାରେ ଏକକାଳୀନ ମହୋଦଧି ଦିବସ ପାଳନ କରାଯାଇଥିବା ନେଇ ଦ ବେଲ୍ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର ସୂଚନା ଦେଇଛନ୍ତି। ଦ ବେଲ୍ ଓ ପରିବର୍ତ୍ତନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଓଲିଉଡ୍ ଓ ଟଲିଉଡ୍‌ର ପ୍ରଖ୍ୟାତ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ୍ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏବଂ ଦେବାଶିଷ ପଟ୍ଟନାୟକଙ୍କ ନୂଆ ସିନେମା 'ଲଢ଼େଇ'ର ତାରକାଙ୍କ ସହ ଆଗକୁ ଆସୁଥିବା 'ଅପେକ୍ଷା' ଚଳଚ୍ଚିତ୍ରର ପ୍ରସିଦ୍ଧ ନାୟିକା ପୁଷ୍ପା ପଣ୍ଡା, ଅଭିନେତା ସାର୍ଥକ, ଶୁଭାଙ୍ଗୀ, ପ୍ରଦୀପ ଦେବତା ତଥା ପ୍ରଯୋଜକ କେ. ତମନ୍ନା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ସୌମ୍ୟା ଦାସ, ମିସ୍ ସାଇନା, ରାଜେନ୍ଦ୍ର ମିଶ୍ର, ଦୀପକ ପଣ୍ଡା ପ୍ରମୁଖ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପୁରୀ ଜିଲା କିନ୍ନର ମହାସଂଘ ଦ୍ୱାରା ପରିବେଷିତ ସଚେତନଧର୍ମୀ ଫ୍ୟାଶନ ଶୋ' ବେଶ୍ ଚିତ୍ତାକର୍ଷକ ହୋଇଥିଲା। କଲିକତାର 'ସୃଜନ' ନୃତ୍ୟ ଅନୁଷ୍ଠାନ ତରଫରୁ ପ୍ରଦର୍ଶିତ ଲୋକନୃତ୍ୟ ଦର୍ଶକ ଓ ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା।

ମହୋଦଧି ଦିବସ ଉପଲକ୍ଷେ ସ୍ଥାନୀୟ ଧୀବରମାନଙ୍କର ଖେଳ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଅନୁଷ୍ଠାନ ତରଫରୁ ପୁରୀ ଜିଲା ମତ୍ସ୍ୟଜୀବୀ ମହାସଂଘ ସହଯୋଗରେ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଓଡ଼ିଶାର ବିଖ୍ୟାତ କବି ଓ କବୟିତ୍ରୀଙ୍କୁ ନେଇ ରାଜ୍ୟସ୍ତରୀୟ କବିତା ଆସର 'ଉର୍ମୀ' ଆୟୋଜନ କରାଯାଇଥିଲା। ଅପରାହ୍ନରେ ରଗ୍‌ବୀ, ଟଗ୍ ଅଫ୍ ୱାର, ବିଚ୍ ଭଲି ଭଳି ପ୍ରତିଯୋଗିତାମାନ ଆୟୋଜନ ହୋଇଥିଲା। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ 'ନିର୍ମାଣ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ମହୋଦଧି କଳା ମେଳା ହୋଇଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ୨୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଏଥିରେ ଯୋଗଦେଇ ମହୋଦଧି ତଥା ଶ୍ରୀଜଗନ୍ନାଥ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ ଉତ୍ତମ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିଥିବା ଜାପାନର ସାମାଜିକ କର୍ମୀ ଆକିଏ ଦୋଇଙ୍କୁ ମହୋଦଧି ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା। ମହୋଦଧି କଳା ମେଳାରେ ପ୍ରଦର୍ଶିତ ଚିତ୍ରଗୁଡ଼ିକ ମଧ୍ୟରୁ ପବ୍ଲିକ ଭୋଟିଂ ମାଧ୍ୟମରେ ଚୟନ କରାଯାଇଥିବା ଚିତ୍ରଶିଳ୍ପୀ ଜ୍ୟୋତିରାଦିତ୍ୟ ମହାପାତ୍ରଙ୍କୁ ମହୋଦଧି କଳାମେଳା ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଅନ୍ତଃରାଷ୍ଟ୍ରୀୟ ଖ୍ୟାତିପ୍ରାପ୍ତ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ମହୋଦଧିର ସୁରକ୍ଷା ତଥା ସମସ୍ତଙ୍କ ମନରେ ଦେଶପ୍ରେମ ସଚେତନତା ପାଇଁ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ବାର୍ତ୍ତା ବାଣ୍ଟିଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ମନ୍ମଥ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ପୁରୀ ହୋଟେଲ ଆସୋସିଏଶନ ସଭାପତି ରାମକୃଷ୍ଣ ଦାଶ ମହାପାତ୍ର, ଆଇକନିକ୍ ସ୍ପୋର୍ଟ୍ସ ଫେଡରେଶନ ବରଗଡ଼ ଜିଲା ସଭାପତି କେ ତମନ୍ନା, ଉତ୍କଳୀୟ ସ୍ୱାଭିମାନ ମଞ୍ଚ ଅଧ୍ୟକ୍ଷ ମନୋଜ ନାୟକ, ହୋଟେଲ 'ଲିଲି ଇନ୍'ର ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ଦାସ, ମହାରାଜା ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ମନୋଜ ପାଳ, ଓସିଏ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ନାରାୟଣ ଚନ୍ଦ୍ର ଦାସ ମେମୋରିଆଲ କୋର୍ଟ ଆଣ୍ଡ କଲଚରାଲ ଫାଉଣ୍ଡେଶନ ସଭାପତି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ମହୋଦଧି ଦିବସ ପତାକା ଅବତରଣ ସହିତ ୨୦୨୬ରେ ମହୋଦଧ ଦିବସକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପାଳନ କରାଯିବ ବୋଲି 'ଦ ବେଲ୍' ତଥା ମହୋଦଧି ଉତ୍ସବ କମିଟିର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଘୋଷଣା କରିଥିଲେ।



ଆକିଏ ଦୋଇଙ୍କୁ ମହୋଦଧି ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଉଛି ।

## ହଷ୍ଟେଲ ଛାଡ଼ି କଲେଜ ଛାତ୍ରୀ ଚମ୍ପଟ

ନିମାପଡ଼ା,୧୩।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳରେ ଏକ କଲେଜରେ ଅଧ୍ୟୟନରତ ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀ ଗତ ୧୧ତାରିଖଠାରୁ କେଉଁଆଡ଼େ ଚମ୍ପଟ ମାରିଛନ୍ତି। ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ଛାତ୍ରୀ ନିମାପଡ଼ା ଅଞ୍ଚଳର ଏକ କଲେଜ ନିକଟରେ ଥିବା ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ। ହେଲେ ନାବାଳିକା କଲେଜ ଛାତ୍ରୀ ଜଣକ ହଷ୍ଟେଲରେ କାହାକୁ କିଛି ନ ଜଣାଇ ଗୁରୁବାର କେଉଁଆଡ଼େ ଚାଲିଯାଇଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କ ମାଉସୀ ପୁଅଭାଇ ଶୁକ୍ରବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନମ୍ବର ୩୫୮/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅନେକ ଖୋଜାଖୋଜି କରି ନାବାଳିକା କଲେଜ ଛାତ୍ରୀଙ୍କର କୌଣସି ସନ୍ଧାନ ନ ପାଇବାରୁ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତୁରନ୍ତ ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର କରାଯିବାକୁ ପରିବାରବର୍ଗ ପୋଲିସ ନିକଟରେ ଆକୁଳ ନିବେଦନ କରିଛନ୍ତି।

# ପକ୍ଷୀଙ୍କୁ ମୃତ୍ୟୁଯନ୍ତାରେ ପକାଉଛି ଫାସିଜାଲ, ନିଶା ଔଷଧ

## ଉତ୍ତର ଚିଲିକାରେ ବିଦେଶୀ ପକ୍ଷୀଙ୍କ ସମାଗମ

କଣାସ,୧୩।୧୨(ବିଭୂତି ଭୂଷଣ ତ୍ରିପାଠୀ)

ପ୍ରତିବର୍ଷ ଶୀତ ଆଗମନରେ ଏସିଆ ମହାଦେଶର ସର୍ବବୃହତ୍ ହ୍ରଦ ନୀଳାମ୍ବୁ ଚିଲିକାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ମାଇଲ ଅତିକ୍ରମକରି ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସିଥାନ୍ତି। ଚଳିତ ବର୍ଷ ୧୦ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଚିଲିକାକୁ ଆସିଥିବା ଜଣାପଡ଼ିଛି। ଏମାନେ ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଆସ୍ଥାନ ଜମାଇଛନ୍ତି। ତେବେ ନଳବଣରେ ଖାଦ୍ୟ ଅଭାବ ଯୋଗୁ ପକ୍ଷୀମାନେ ଚିଲିକାର ଉତ୍ତରନାସୀ ତଥା ଦୟା ଓ ମକରା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ବୁଲୁଛନ୍ତି। ଉତ୍ତରନାସୀରେ କଇଁଫୁଲ କେଶର ଓ ଦଳରୁ ପୋକଜୋକ ଖାଇବା ପାଇଁ ଦିନକୁ ଦିନ ବିଦେଶୀ ପକ୍ଷୀଙ୍କ ସମାଗମ ହେଉଛି। ବାଲୁଗାଁ ପକ୍ଷୀ ସୁରକ୍ଷା ବିଭାଗ ପକ୍ଷରୁ ଚିଲିକାରେ ପକ୍ଷୀ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେବେ ଉତ୍ତରନାସୀରେ ପକ୍ଷୀ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବାହାର ଶିକାରୀମାନେ ସନ୍ଧ୍ୟା ସମୟରେ ଆସି ଛୋଟ ନୌକା ଦ୍ୱାରା ଚିଲିକାରେ ମାଛ ମାରିବା ନାମରେ ଫାସି ଜାଲ ବସାଇବା ସହ କଇଁଫୁଲ କେଶରରେ ସିରିଞ୍ଜି ମାଧ୍ୟମରେ ନିଶାଯୁକ୍ତ ତରଳ ପଦାର୍ଥ ଦେଉଛନ୍ତି। ପକ୍ଷୀମାନେ ନିଶାଯୁକ୍ତ ତରଳ ପଦାର୍ଥ ଖାଇବା ପରେ ନିସ୍ତେଜ ହୋଇପଡ଼ିବା ପରେ ଶିକାରୀମାନେ ସେମାନଙ୍କୁ ଧରିନେଉଛନ୍ତି। ସେହିପରି ଫାସି ଜାଲରେ ପଡୁଥିବା ପକ୍ଷୀଙ୍କୁ ଧରି ଭୋରୁ ଭୋରୁ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯାଉଛନ୍ତି। ଆଖପାଖ ଗ୍ରାମର କେତେଜଣ ବ୍ୟକ୍ତି ଚିଲିକା କୂଳରେ ପକ୍ଷୀମାନଙ୍କ ଉପରକୁ ଉଜ୍ଜ୍ୱଳ ଆଲୋକ ପକାଇ ଠେଙ୍ଗାରେ ପିଟି ସେଗୁଡ଼ିକୁ ଧରିନେଉଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତରନାସୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ପକ୍ଷୀପ୍ରେମୀମାନେ ଦାବି କରିଛନ୍ତି।



ଉତ୍ତରନାସୀରେ ବିଦେଶୀ ପକ୍ଷୀ।

# ଶିକ୍ଷାର ପୂର୍ଣ୍ଣତା ଆସିଲେ ଅଭିଭାବକଙ୍କୁ ଆତ୍ମସନ୍ତୋଷ ମିଳିଥାଏ

## ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଗୋପ,୧୩।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଏପରି ଏକ ଶବ୍ଦ ଯାହା ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଥାଏ। ଶିକ୍ଷାର ପୂର୍ଣ୍ଣତା ଆସିଲେ ଅଭିଭାବକଙ୍କୁ ଆତ୍ମସନ୍ତୋଷ ମଧ୍ୟ ମିଳିଥାଏ ବୋଲି ଶୁକ୍ରବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଆୟୋଜିତ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର ଯୋଗଦେଇ କହିଛନ୍ତି।

ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଛାତ୍ର ସଂସଦର ସଭାପତି ପୂନେଶ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ସେନାପତି, ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ମନୋରମା ଦାସଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ପ୍ରଚାର ସହିତ ସ୍କୁଲ ଛାଡ଼ିଥିବା ଓ ଆଦୌ ଆସୁ ନ ଥିବା ସହିତ ନିରକ୍ଷରତା ଦୂର କରିବା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଏବଂ ଭୂମିକା ଉପରେ ଆଲୋଚନା କରିଥିଲେ। ନିଗମାନନ୍ଦ ସ୍ମାର୍ଟର ସାଧନା ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ଦୀପକ କୁମାର ସେନାପତି ପ୍ରାରମ୍ଭରୁ ସରକାରଙ୍କ ଗୁଣାତ୍ମକ ଶିକ୍ଷାର ପ୍ରଚାର ପ୍ରସାରରେ ଅଭିଭାବକଙ୍କ ଭୂମିକା ଓ ସରକାରଙ୍କ ନିର୍ଦ୍ଦେଶ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଶିକ୍ଷାଠାରୁ ଦୂରରେ ରହିଥିବା ୪ଜଣ ଛାତ୍ରଙ୍କୁ ସ୍କୁଲକୁ ଅଣାଯାଇ ନାମଲେଖା ପରେ ଆସ ଆମେ ସ୍କୁଲ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।




ଆସ ଆମେ ସ୍କୁଲ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

# ମଦ ବିକ୍ରି ଅଭିଯୋଗରେ ୧୧ ମାସରେ ୮୧୩ ଅଭିଯୁକ୍ତ ଗିରଫ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ଅବୈଧ ମଦ ବିକ୍ରି ବିରୋଧରେ ପୋଲିସ ପକ୍ଷରୁ ୮୧୩ ମାମଲା ରୁଜୁ କରାଯିବା ସହ ୮୧୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗତ ୧୧ମାସ ମଧ୍ୟରେ 'ଅପରେଶନ୍ ଚକ୍ର' ଅଭିଯାନରେ ପୁରୀ ପୋଲିସ ଏହି ସଫଳତା ହାସଲ କରିବାରେ ସଫଳ ହୋଇଛି। ଅବୈଧ ମଦ ବିକ୍ରୟ ଓ ପୋଚ କାରଣରୁ ସୃଷ୍ଟି ହେଉଥିବା ସାମାଜିକ ଅସୁବିଧାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ଏହି ଅଭିଯାନକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି। ସିଟି ସବ୍‌ଡିଭିଜନରେ ମୋଟ ୧୨୦ ଜଣ, ସଦର ସବ୍‌ଡିଭିଜନରେ ମୋଟ ୨୯୬, ନିମାପଡ଼ା ସବ୍‌ଡିଭିଜନ୍‌ରେ ମୋଟ ୨୨୭ ଏବଂ ପିପିଲି ସବ୍‌ଡିଭିଜନ୍‌ରେ ମୋଟ ୧୭୦ ଜଣଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଏସ୍‌ପି ପ୍ରତୀକ ସିଂହ କହିଛନ୍ତି, ପୁରୀ ପୋଲିସ ଅବୈଧ ମଦ ବିକ୍ରୟ, ମଦ ତିଆରି ଓ ଚୋରା ଚାଲାଣ ବିରୋଧରେ ଶୂନ ସହିଷ୍ଣୁତା ନୀତି ଅନୁସରଣ କରୁଛି। ଏହି ଅଭିଯାନରେ ଜନସାଧାରଣଙ୍କ ସହଯୋଗ ଆମର ପ୍ରଧାନ ଶକ୍ତି। ୧୧୨ ହେଲ୍ପଲାଇନ୍ ମାଧ୍ୟମରେ ଯେପରି ଗୁପ୍ତ ସୂଚନା ମିଳୁଛି, ସେଥିରୁ ପୋଲିସ ତୁରନ୍ତ ଓ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରୁଛି। 'ଅପରେଶନ୍ ଚକ୍ର' ଆଗାମୀ ଦିନରେ ମଧ୍ୟ ଅଧିକ ତୀବ୍ର ଭାବରେ ଜାରି ରହିବ। ଜନସାଧାରଣଙ୍କ ସୁରକ୍ଷା, ଶାନ୍ତି ଓ ସୁସ୍ଥ ସାମାଜିକ ପରିବେଶ ନିମନ୍ତେ ପୋଲିସ ସଦା ସଚେତନ ଓ ପ୍ରତିବଦ୍ଧ ରହିଛି। ଅବୈଧ କାର୍ଯ୍ୟ ସମ୍ପର୍କରେ ଯେକୌଣସି ସୂଚନା ୧୧୨ ହେଲ୍ପଲାଇନ୍ ମାଧ୍ୟମରେ ପୋଲିସକୁ ସହଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଏକବିଂଶ ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ



ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ପୁରୀ୧୩।୧୨(ଅଜିତ୍ କୁମାର ମହାନ୍ତି)

'ଶିଶୁ ମହୋତ୍ସବ ଟ୍ରଷ୍ଟ' ଆନୁକୂଲ୍ୟରେ ଏକବିଂଶତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ- ୨୦୨୫ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ଉଦ୍‌ଘାଟିତ ହୋଇଛି। ଟ୍ରଷ୍ଟ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ୍ କୁମାର ମଲ୍ଲିକ, ଅତିରିକ୍ତ ଭେଷଜ ଅଧିକ୍ଷକ ରୁଦ୍ର ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କର ପ୍ରତିଭା ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଥିଲେ। ଆବାହକ ସୁଧାଂଶୁ ଭୂଷଣ ରଥ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ 'ମନ୍ ଜାନି ମନୁସ୍'



ନାଟକ 'ମନ୍ ଜାନି ମନୁସ୍'ର ଏକ ଦୃଶ୍ୟ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠାନ ଆମର ପକ୍ଷରୁ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ମଞ୍ଚନାଟକ ପ୍ରତିଯୋଗିତାର ୭ମ ଦିନରେ ନାଟକ 'ମନ୍ ଜାନି ମନୁସ୍' ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ନାଟ୍ୟସଂଘର ସଭାପତି ମିହିର କୁମାର ମେହେର, ଓଡ଼ିଶା ନାଟ୍ୟସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ଭାଜପା ବରିଷ୍ଠ ନେତା ଉମାକାନ୍ତ ନାୟକ, ପୀତବାସ ନାୟକ, ସାମାଜିକ କର୍ମୀ ଅନିରୁଦ୍ଧ ରାଉତ, ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ୭ମ ଦିନରେ ସମ୍ବଲପୁରର ନାଟକ ଅନୁଷ୍ଠାନ ପକ୍ଷରୁ ନାଟକ 'ମନ୍ ଜାନି ମନୁସ୍' ପରିବେଷଣ କରାଯାଇଛି। ମଞ୍ଚ ପରିଚାଳନା କରିଥିଲେ ଅଭିନେତା ସମୀର ଶତପଥୀ ଓ ଶେଷରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ପୁରୀ ବାଲିଘାଟ ରାମକୃଷ୍ଣ ବିଦ୍ୟାନିକେତନର ବାର୍ଷିକ କ୍ରୀଡାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରମାନେ ।

# ସ୍କୁଲ ଫେରିବେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ର

## କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

ପିପିଲି,୧୩।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ନିକଟ ଠଣଠଣା ଗ୍ରାମସ୍ଥିତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପିପିଲି ଶିକ୍ଷା ମଣ୍ଡଳ ଅନ୍ତର୍ଗତ କାଜିପାଟଣା କ୍ଲଷ୍ଟର ପକ୍ଷରୁ ଆୟୋଜିତ ସଭାରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ପିପିଲିସ୍ଥିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସଚେତନ କରାଯାଇଛି। ସିଆର୍‌ସିସି ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଶିକ୍ଷା ସଭାରେ ମୁଖ୍ୟ ଅତିଥିଭାବେ ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ, ଅନ୍ୟ ଅତିଥିଭାବେ ସମିତିସଭ୍ୟ ନୋମିନି ଜଗତ ବଲ୍ଲଭ ଖଟୋଇ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ଉକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୁକ୍ମିଣୀ ମଲ୍ଲିକ ଯୋଗଦେଇ ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହି ଅଭିଯାନରୁ ମିଳିଥିବା ସଫଳତାର କାହାଣୀ ଉପସ୍ଥାପିତ କରିଥିଲେ। ରାଜକିଶୋର ଦାଶ ମଞ୍ଚରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ନିରଞ୍ଜନ ବଡ଼େଇ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୪ଟି ସ୍କୁଲ୍‌ର ଶିକ୍ଷକଙ୍କ ସହିତ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଯୋଗ ଦେଇଥିଲେ।

ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ, ମମତାମୟୀ ରଣସିଂ ଏବଂ ସନତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି 'ଆସ ସ୍କୁଲ ଯିବା' ସଚେତନତା ସଭା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ସିଆର୍‌ସିସି ସୁନୀତା ନାୟକଙ୍କ ଅଧ୍ୟକ୍ଷତାରେ ଗୋବିନ୍ଦପୁର ସାଧନକେନ୍ଦ୍ର ଅନ୍ତର୍ଗତ ଆରୁହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କ୍ଲଷ୍ଟରରୁ ଚିହ୍ନିତ ୧୭ ଜଣ ଡ୍ରପ୍ ଆଉଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ଜଣଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିଛି ବୋଲି ସମସ୍ତଙ୍କୁ ଅବଗତ କରାଯାଇଥିଲା। ଅବଶିଷ୍ଟ ପିଲାଙ୍କୁ ଖୁବଶୀଘ୍ର ସାମିଲ ପାଇଁ ଉପସ୍ଥିତ ଅଭିଭାବକ, ପରିଚାଳନା କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଚେତନ କରାଯାଇଥିଲା। ସଭାରେ ଅତିଥି ଭାବେ ଉକ୍ତ ପଞ୍ଚାୟତର ସମିତି ସଭ୍ୟା କବିତା ଖଟୋଇ, ୱାର୍ଡମେମ୍ବର ରଞ୍ଜିତା ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ସାହୁ, ପ୍ରଧାନଶିକ୍ଷକ ଶକ୍ତି ପ୍ରସନ୍ନ ମହାନ୍ତି, ନିମାଇଁ ଚରଣ ଆଚାର୍ଯ୍ୟ, ଇତିଶ୍ରୀ ନାୟକ ପ୍ରମୁଖ ନାମ ଲେଖାଇ ନ ଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପୁନଃ ନାମ ଲେଖାଇବାକୁ ଆହ୍ୱାନ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରେରଣା, ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଆର୍‌ସିସି ସାହେବ ପାତ୍ରଙ୍କ ନିରନ୍ତର ସଚେତନତା ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ ହୋଇପାରିଛି। କାର୍ଯ୍ୟକ୍ରମରେ ଶିକ୍ଷକ ଉମେଶ ଚନ୍ଦ୍ର ନାୟକ, କବିତା ମହାପାତ୍ର, ସୁମନ୍ତ ବେହେରା, ସନ୍ଧ୍ୟାରାଣୀ ପାତ୍ର, ସ୍ନିଗ୍ଧା ପ୍ରଧାନ, ନିର୍ମଳା ଦାସ, ରଶ୍ମିତା ଦାସ, ସୁବାସିନୀ ସେଠୀ ଓ ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।




କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ।

# ପୁସ୍ତକମେଳା ଜ୍ଞାନ ବୃଦ୍ଧିର ପଥ ପ୍ରଦର୍ଶକ

## ଜଟଣୀ ପୁସ୍ତକମେଳା ଉଦ୍‌ଯାପିତ

ଜଟଣୀ, ୧୩।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ସ୍ଥାନୀୟ ଟାଉନ ହଲ୍ (ସ୍ରଷ୍ଟା) ପରିସରରେ ଚାଲିଥିବା ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୁସ୍ତକ ମେଳା ସମିତି ସଭାପତି ଡ.ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଡ. ବିଷ୍ଣୁଚରଣ ସାହୁ, ସମ୍ମାନିତ ଅତିଥିଭାବେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇ ପୁସ୍ତକମେଳା ଜ୍ଞାନ ବୃଦ୍ଧିର ମାର୍ଗଦର୍ଶନ ବୋଲି କହି ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚର ମୁଖପତ୍ର ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ଭବାନୀ ଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ପଦ୍ମ ଲୋଚନ ସାହୁ, ଅନ୍ତର୍ଯାମୀ ପ୍ରଧାନ, ସୁଶାନ୍ତ ସୁବୁଦ୍ଧି, ସୁକାନ୍ତ ଲେଙ୍କା, କିଶୋର ପାଇକରାୟ, ଅଙ୍କିତା ଶର୍ମା, ଆରତି ସେନ, ରଶ୍ମିତା ନାୟକ, ରମାକାନ୍ତ ମିଶ୍ର ସହଯୋଗ କରିଥିଲେ। ପଣ୍ଡିତ କ୍ଷୀରୋଦ ପ୍ରସାଦ ନନ୍ଦ, ଡ.ଶଶୀ ରଥ, ଜବାହରଲାଲ ସୁବୁଦ୍ଧି, ଡ.ସୁକାନ୍ତି ମହାପାତ୍ର, ସୁନୀଲ ରାଉତରାୟ, ସୀତାକାନ୍ତ ଶତପଥୀ, ନଟବର ସ୍ୱାଇଁ, ବିଜୟ ପଣ୍ଡା, ସ୍ୱସ୍ତିଦା ପାଲ, ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃପାସିନ୍ଧୁ ବିଶ୍ୱାଳ, ଅଧ୍ୟାପକ ଗୋପାଳ କୃଷ୍ଣ ଦାସ, ଅକ୍ଷୟ କୁମାର ମହାନ୍ତି, ଭବାନୀ ଶଙ୍କର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ପ୍ରାରମ୍ଭରେ ଡ.ରଶ୍ମିତା ନାୟକ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ଅନ୍ତର୍ଯାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଅନ୍ତିମ ସନ୍ଧ୍ୟାରେ ପୁସ୍ତକ ମେଳାରେ ଛାତ୍ରୀଛାତ୍ର, ପାଠିକାପାଠକଙ୍କ ଗହଳି ପରିଲକ୍ଷିତ ହୋଇଥିଲା।


ଜଟଣୀ ପୁସ୍ତକ ମେଳା ଉଦ୍‌ଯାପନୀ ଦିବସରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।


ଜଟଣୀ ପୁସ୍ତକ ମେଳା ଉଦ୍‌ଯାପନୀ ଦିବସରେ ଶନିବାର ଏକ ଷ୍ଟଲ୍‌ରେ ପାଠିକାପାଠକମାନେ ବହି ଦେଖୁଛନ୍ତି।

## ଶିକ୍ଷକ-ଅଭିଭାବକ ବୈଠକ

ଟାଙ୍ଗୀ, ୧୩।୧୨ (ରଘୁନାଥ ସାହୁ)

ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଉପଦେଷ୍ଟା ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଅଧ୍ୟାପିକା ଡ.ମୋନାଲିସା ମାନସିଂହ, ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ସଦସ୍ୟ ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବ, ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥା, ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଭାବକମାନେ ମତାମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ, ଗୁରୁମା ନୀଳିମା ମହାନ୍ତି, ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡା, ରିନାବାଳା ସାହୁ, ସୁମିତ୍ରା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବେଗୁନିଆ, ୧୩।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ, କ୍ରିକେଟ ଏବଂ ଚେସ୍ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ଗାୟତ୍ରୀ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରତାପ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ କ୍ରୀଡ଼ାର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ କ୍ରୀଡାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାଶିକ୍ଷକ ପ୍ରଭାତ କୁମାର ନିଶଙ୍କ ଓ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତାରେ ନବମ ଶ୍ରେଣୀକୁ ୩-୨ ଗୋଲରେ ହରାଇ ଦଶମ ଶ୍ରେଣୀ ବିଜୟୀ ହୋଇଥିଲା। ନବମ ଓ ଦଶମ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ପ୍ରତିଯୋଗିତାକୁ ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ହିମାଂଶୁ ଭୂଷଣ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡା ପରିଚାଳନା କରିଥିଲେ। ନବମ ଶ୍ରେଣୀକୁ ୨୩ରନ ବ୍ୟବଧାନରେ ହରାଇ ଦଶମ ଶ୍ରେଣୀ ବିଜୟୀ ହୋଇଥିଲା। ଚେସ୍ ପ୍ରତିଯୋଗିତାରେ ୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଚେସ୍ ପ୍ରତିଯୋଗିତାରେ ଦଶମ ଶ୍ରେଣୀର ସୁନୀଲ କୁମାର ବେହେରା ଓ ଦେବାଶିଷ ଦାଶ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ରେଶ୍ମାରଶି ପାଇକରାୟ, ମୋହିନୀକାନ୍ତି ଦାସ, ବିଜୟଲକ୍ଷ୍ମୀ ସାମନ୍ତରାୟ ଓ ସସ୍ମିତା ସାହୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା ସହଯୋଗ କରିଥିଲେ।

## ୧୧୭ ମାମଲାର ଫଇସଲା



ବାଣପୁର, ୧୩।୧୨ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ବାଣପୁର କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଈପ୍ସିତା ପ୍ରିୟ ଏକ୍କା ଯୋଗଦେଇ ବିଭିନ୍ନ ବିଚାରାଧୀନ ମାମଲାର ଫଇସଲା କରିଥିଲେ। ବିଭିନ୍ନ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମାମଲାଗୁଡିକ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ମୋଟ୍ ୧୧୭ଟି ମାମଲାର ଫଇସଲା ହୋଇଥିବା ବେଳେ ତନ୍ମଧ୍ୟରୁ ୮ଟି ଦେୱାନୀ ମାମଲା ଏବଂ ୧୦୯ଟି ଫୌଜଦାରି ମାମଲାର ଫଇସଲା ହୋଇଥିଲା। ବାଣପୁର ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ମଶାନ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)

ସରକାରୀ ଜମି ଜବରଦଖଲ ଉଚ୍ଛେଦ ଲାଗି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ସରକାରୀ ଜମି ମାଫିଆ, ରାଜନେତା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ଗାଁ ଶ୍ମଶାନ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ପ୍ରଶାସନିକ ଅବହେଳା, ଆନ୍ତରିକତା ଅଭାବରୁ ଦିନକୁ ଦିନ ଖୋର୍ଦ୍ଧାରୁ ସରକାରୀ ଜମି ହ୍ରାସ ପାଇବାରେ ଲାଗିଛି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜବରଦଖଲ ଜମିରେ ବେଆଇନ ଭାବେ ପାଚେରି, କୋଠା ନିର୍ମାଣ ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ତେବେ ଗାଁ ଶ୍ମଶାନ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି ବୋଲି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଦୁର୍ଗାପୁର ଓ ଝିଙ୍କିଝାରୀ ଦୁଇଟି ମୌଜାର କେତେଜଣ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏପରିକି ପ୍ରତିବାଦ କଲେ ଭଡ଼ାଟିଆ ଗୁଣ୍ଡା, ବନ୍ଧୁକର ଭୟ ଦେଖାଇ ଭୟଭୀତ କରୁଛନ୍ତି। ଏନେଇ କେତେଜଣ ଗ୍ରାମବାସୀ ବହୁବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏବେ ପୁଣି ଥରେ ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଖୋର୍ଦ୍ଧା ତହସିଲର ଝିଙ୍କିଝାରୀ ମୌଜାର ଖାତା ନଂ.୬୦୧, ପ୍ଲଟ ନଂ.୧୧୭୫ରେ ଏ ୧.୩୦୦ ଡିସିମିଲ କିସମ-ଶ୍ମଶାନ ଜମି ରହିଛି। ଏହି ଜମିରେ ପୂର୍ବପୁରୁଷରୁ ଦୁର୍ଗାପୁର ଓ ଝିଙ୍କିଝାରୀ ଗ୍ରାମବାସୀ ଶବଦାହ କରିଆସୁଛନ୍ତି। ତେବେ ଏହି ଜମିର କିଛି ଅଂଶ ଜବରଦଖଲରେ ରହିଛି। ଏଠାରେ ବେଆଇନ ଭାବେ ଘର ନିର୍ମାଣ ମଧ୍ୟ ହୋଇଛି। ଏହାର ପ୍ରତିବାଦ କଲେ ଗାଳିଗୁଲଜ କରିବା ସହ ଗୁଳି କରି ମାରିଦେବା ଭୟ ଦେଖାଉଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। କିଛିଦିନ ତଳେ ଏନେଇ ତହସିଲଦାର ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇନାହିଁ। ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବାକୁ ଦାବି କରିଛନ୍ତି।

## ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୧୩।୧୨ (ସତ୍ୟଜିତ ରାଉତ)

ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ସମସ୍ତ ବିଚାରବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଶନିବାର ଚଳିତ ବର୍ଷର ଅନ୍ତିମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହିଲୋକ ଅଦାଲତରେ ମୋଟ ଏକ ଲକ୍ଷ ୨୫ ହଜାର ୯୬୧ ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୯୮ ହଜାର ୩୭୪ ମାମଲା ଫଇସଲା କରାଯାଇଥିଲା। ଏହି ମାମଲାଗୁଡ଼ିକର ଫଇସଲା କରାଯାଇ ମୋଟ ୨୩ କୋଟି ୨୬ ଲକ୍ଷ ପାଞ୍ଚ ହଜାର ୪୮୦ ଟଙ୍କାର ରାଜସ୍ୱ, ଜରିମାନା ଏବଂ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ଫୌଜଦାରି ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ମୋଟରଯାନ ଦୁର୍ଘଟଣା, ଶ୍ରମ, ବିଭିନ୍ନ ଜନଉପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ୍ ବିଲ୍ ଏବଂ ପ୍ରାକ୍ ମକଦ୍ଦମା ଆଦି ଫଇସଲା କରାଯାଇଥିଲା।

ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାରବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଉକ୍ତ ଲୋକ ଅଦାଲତରେ ଅଂଶଗ୍ରହଣ କରିଥିବା ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି କୋର୍ଟ କର୍ମଚାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୁକ୍ତଙ୍କୁ ଜେଲଦଣ୍ଡ, ଜରିମାନା

### ପୂର୍ବଶତ୍ରୁତାରୁ ଆକ୍ରମଣ ମାମଲା

ବାଲୁଗାଁ, ୧୩।୧୨ (ସଂଗ୍ରାମ ପାଇକରାୟ)

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଶୁକ୍ରବାର ଅଭିଯୁକ୍ତ ଟାଙ୍ଗୀ ଥାନା ଜରିପଡ଼ା ଗ୍ରାମର ସାଗର ବେହେରାଙ୍କୁ ଜେଲଦଣ୍ଡାଦେଶ ଓ ଜରିମାନା ଆଦେଶ ଦେଇଛନ୍ତି। କୋର୍ଟ ବିବରଣୀ ଅନୁଯାୟୀ, ଗତ ମେ' ୨୧ତାରିଖ ଅପରାହ୍ନ ୩ଟାରେ ଜରିପଡ଼ା ଜଗନ୍ନାଥପୁର ଗ୍ରାମର ସାଧୁ ବେହେରା ଚିଲିକା କୂଳରୁ ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାରୁ ରାଗ ରଖିଥିବା ଉକ୍ତ ଗ୍ରାମର ସାଗର ବେହେରା ଅନ୍ୟ ୩ଜଣ ସହଯୋଗୀଙ୍କ ସହ ମିଶି ଅତର୍କିତ ଭାବେ ସାଧୁଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ସାଧୁଙ୍କୁ ପ୍ରଥମେ ଟାଙ୍ଗୀ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୫୯/୨୫ରେ)ରୁଜୁ କରି ଅଭିଯୁକ୍ତ ସାଗରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଏହି ମାମଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରାଧୀନ ଥିଲା। ଶୁକ୍ରବାର ମାଜିଷ୍ଟ୍ରେଟ ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ସାଗରଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୧୧୫(୨) ଅନୁଯାୟୀ ୬ମାସ ଜେଲଦଣ୍ଡ, ଧାରା ୧୧୭(୨)ରେ ୨ବର୍ଷ ଜେଲଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ବାବଦକୁ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସବୁ ଦଣ୍ଡ ଏକକାଳୀନ ଭୋଗିବାକୁ ପଡ଼ିବ ବୋଲି ଆଦେଶ ରହିଛି। ଏଥି ସହ ଜରିମାନା ଅର୍ଥରୁ ୨୦ ହଜାର ଟଙ୍କା କ୍ଷତିପୂରଣ ବାବଦରେ ଅଭିଯୋଗକାରୀଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ: ୧,୮୮,୯୬,୫୦୦ ଟଙ୍କା ଆଦାୟ

ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅଦାଲତ ପକ୍ଷରୁ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୌଜଦାରି, ଦେୱାନୀ, ମୋଟରଯାନ ଦୁର୍ଘଟଣା, ବୈବାହିକ ମାମଲା ଏବଂ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଗୁଡ଼ିକର ମାମଲା ଫଏସଲା କରାଯାଇଛି। ୪୯୯ଟି ମାମଲାର ବିଚାର କରାଯାଇଛି। ସେଥିରୁ ୧୯୫ଟି ମାମଲା ଫଇସଲା କରାଯାଇ ୧,୮୪,୫୧,୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦ଟି ଜାତୀୟକରଣ ବ୍ୟାଙ୍କର ୧୯ଟି ମାମଲା ବିଚାରକୁ ନିଆଯାଇ ୧୭ଟି ଫଇସଲା କରାଯାଇ ୪,୪୫,୫୦୦ ଟଙ୍କା ଆଦାୟ କରାଯାଇଛି। ଏଥିରେ ଖୋର୍ଦ୍ଧା କୋର୍ଟ ସମସ୍ତ ବିଚାରପତି ସହଯୋଗ କରିଥିଲେ। ଏହାକୁ ତାଲୁକ ଆଇନ ସେବା ସମ୍ପାଦକ ବସନ୍ତ ଶଥପଥୀ ସଂଯୋଜନା କରିଥିଲେ। ଓକିଲ ସଂଘର ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ, ଆଇନଜୀବୀ ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ମନ୍ମଥ ମିଶ୍ର, ନାର୍ସି ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକୋତ୍ସବ



ବେଗୁନିଆ, ୧୩।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚଳଚ୍ଚିତ୍ର କାହାଣୀ ସଂଳାପକାର ଡ.ରଜନୀ ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ କବି ତଥା କଥାକାର ଡ.ଅଜୟ ସାଇଁ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଧୁଭୂଷଣ ରାଉତ ଏବଂ ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆମେ ସମସ୍ତେ ଓଡ଼ିଶାର ସନ୍ତାନ। ଓଡ଼ିଆ ଭାଷା କହିବା, ଲେଖିବା ଏବଂ କୁହାଇବା ହେଲା ଆମର ମୂଳ ଧର୍ମ। ତେବେ ଆନ୍ତରିକତା ଅଭାବରୁ ଓଡ଼ିଆ ଭାଷାକୁ ସୁରକ୍ଷା ଦିଆଯାଇ ପାରୁନାହିଁ। କବି, ସାହିତ୍ୟିକ, ଲେଖକ ଏବଂ ଗାଳ୍ପିକମାନେ ହେଉଛନ୍ତି ଓଡ଼ିଆ ସାହିତ୍ୟ ଭାଷାର ସ୍ରଷ୍ଟା। ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ସାହିତ୍ୟ ଏବଂ ବିଜ୍ଞାନ ଦୁହେଁ ଯାଁଳା ଭାଇ ସଦୃଶ। ତେଣୁ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ସମସ୍ତଙ୍କର ଦାୟିତ୍ୱ ରହିବା ଜରୁରୀ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ସର୍ଜନା' ଏବଂ 'ପଞ୍ଜିକା' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସେହିପରି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ପ୍ରତିଯୋଗିତା କରାଯାଇଥିଲା। ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଡ.ସୋମନାଥ ବିଶୋୟୀ, ଡ.ସତ୍ୟଜିତ ଦାସ, ଅଧ୍ୟାପିକା ନମିତା ରାଣୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନବକିଶୋର ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଣ୍ଡୋ କ୍ରିକେଟ କ୍ଲବ୍ ସେମିରେ

ବାଘମାରୀ, ୧୩।୧୨ (ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ରେନ୍‌ବୋ କ୍ଲବ ପକ୍ଷରୁ ୩୧ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ରଞ୍ଜିତା ମହାଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ତମଣ୍ଡୋ କ୍ରିକେଟ କ୍ଲବ ଏବଂ ବାଙ୍କୀ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ତମାଣ୍ଡୋ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୫ ଉଇକେଟ ବିନିମୟରେ ୨୯୧ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ ଟିମ୍ ୨୬୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ତମାଣ୍ଡୋ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ ଟିମ୍‌ର ଶେଖର ସ୍ୱାଇଁ ୯୫ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏମ୍‌ଡି ସୁଲେମାନ ଏବଂ ନିକୁଞ୍ଜ ବଲିୟାରସିଂହ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।


କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଏଜେ କ୍ଲବ୍ ପାଇକତିଗିରିଆ ବିଜୟୀ



ବୋଲଗଡ଼, ୧୩।୧୨ (ଦେବବ୍ରତ ହୋତା)

ବୋଲଗଡ଼ ମହୋତ୍ସବ ପ୍ରତିଷ୍ଠାତା ରୋଟାରିଆନ ଜାନକୀ ବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ମହୋତ୍ସବ ଆରମ୍ଭ ପୂର୍ବରୁ ପ୍ରତିବର୍ଷ ଭଳି ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଶନିବାର ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନକ୍‌ଆଉଟ୍ ଭିତ୍ତିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା ପାଇକତିଗିରିଆର ଏଜେ କ୍ଲବ ଏବଂ ନୟାଗଡ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୧-୦ ଗୋଲରେ ଏଜେ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମୁଖ୍ୟ ରେଫରି ଭାବେ ଏମ୍.ଏସ୍ ବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମୀଧର ଚୌଧୁରୀ, ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ଭଞ୍ଜକିଶୋର ଯତି ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ ନବକିଶୋର ପଟ୍ଟନାୟକ, ରବୀନ୍ଦ୍ର ପରିଡ଼ା, ଅକ୍ଷୟ ପଟ୍ଟନାୟକ, ହରିବନ୍ଧୁ ସାହୁ, ଦିବାକର ପରମଗୁରୁ, ଫକିର ଫତେସିଂ, ଲଲାଟେନ୍ଦୁ କେଶରୀ ସିଂ, କୈଳାସ ତ୍ରିପାଠୀ, ହରିହର ସାହୁ, ପୂର୍ଣ୍ଣଚନ୍ଦ୍ର ପାଟଶାଣୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହୋତ୍ସବ ପ୍ରତିଷ୍ଠାତା ଜାନକୀ ବଲ୍ଲଭ ପାଢ଼ୀ, ଫ୍ରେଣ୍ଡସ କ୍ଲବ ସଭାପତି ବୁଦ୍ଧିରାମ ଦାସ ଓ ପୂର୍ବତନ ଖେଳାଳି ସୁବାସ ମଙ୍ଗରାଜଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ବାବୁ ସିଂ ମ୍ୟାଚ ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଡାଇମଣ୍ଡ କ୍ଲବ ଏବଂ ନୟାଗଡ଼ ଇଟାମାଟିର ଯଦୁମଣି କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## କ୍ରିକେଟ ଟୁର୍ନାମେଣ୍ଟ | ଜରିପୁଟକୁ ହରାଇ କୁରାଢ଼ମଲ୍ଲ ବିଜୟୀ

ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କୁରାଢ଼ମଲ୍ଲଠାରେ ମା'ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଶନିବାର ସେମିଫାଇନାଲ ମ୍ୟାଚ ଜରିପୁଟ ଏବଂ କୁରାଢ଼ମଲ୍ଲ ଟିମ୍ ମଧ୍ୟରେ ହେଇଥିଲା। ଜରିପୁଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୯ଉଇକେଟ ବିନିମୟରେ ୧୧୯ରନ ସଂଗ୍ରହ କରିଥିଲା। ଜବାବରେ କୁରାଢ଼ମଲ୍ଲ ଟିମ୍ ୧୩ ଓଭରରେ ୨ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁଶାନ୍ତ ପରିଡ଼ା ୫୯ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀ ନାରାୟଣ ଜେନା ଏବଂ ଆକାଶ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ଜିତେନ୍ଦ୍ର ପ୍ରଧାନ ସ୍କୋରର ଏବଂ ଶଶଭୂଷଣ ସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ପ୍ରସନ୍ନ ସାମନ୍ତରାୟ, କୃପାସିନ୍ଧୁ ରାଉତ, ଅବିର ପରିଡ଼ା, ପ୍ରେମାନନ୍ଦ କାଳିଆ, ବୈକୁଣ୍ଠ ସାମନ୍ତରାୟ, ଗଙ୍ଗାଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ତିରୁପତି ସାମନ୍ତରାୟ ସୂଚନା ଦେଇଛନ୍ତି।



# ରାଜ୍ୟ ପୁସ୍ତକ ମହୋତ୍ସବରେ ପୁସ୍ତକପ୍ରେମୀଙ୍କ ଭିଡ଼

## ଆକର୍ଷଣ ସାଜିଛି ଲାଇଭ୍ ସ୍କେଚିଂ

ଭୁବନେଶ୍ୱର,୧୩।୧୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଦର୍ଶନୀ ପଡିଆରେ ଚାଲିଥିବା ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପୁସ୍ତକପ୍ରେମୀଙ୍କ ଭିଡ଼ ହେଉଛି। ପୂର୍ବଦିନଗୁଡ଼ିକ ଭଳି ଶନିବାର ମଧ୍ୟ ପାଠିକାପାଠକଙ୍କ ସମାଗମ ଓ ଉତ୍ସାହ ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ଷ୍ଟଲ ବୁଲିବା ସହ ପୁସ୍ତକ କିଣାକିଣି କରିଥିଲେ। ତେବେ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଲାଇଭ୍ ସ୍କେଚିଙ୍ଗ୍ ଷ୍ଟଲ୍‌ରେ ଯୁବବର୍ଗଙ୍କ ଅଧିକ ଗହଳି ହେଉଛି। ପ୍ରତିଦିନ ସନ୍ଧ୍ୟାରେ ମହାବିଦ୍ୟାଳୟର ୮ଜଣ ଛାତ୍ର ଲୋକଙ୍କ ଲାଇଭ୍ ସ୍କେଚିଙ୍ଗ୍ କରୁଛନ୍ତି, ଯାହା ମହୋତ୍ସବର ଅନ୍ୟତମ ଆକର୍ଷଣ ପାଲଟିଛି। ପ୍ରତିଟି ପେନସିଲ୍ ସ୍କେଚିଙ୍ଗ୍ ପାଇଁ ୩୫୦ ଟଙ୍କା ଏବଂ ତୂଳୀରଙ୍ଗ ସ୍କେଚିଙ୍ଗ୍ ଚିତ୍ରକଳା ପାଇଁ ୪୫୦ ଟଙ୍କା ମୂଲ୍ୟ ରହିଛି। ମହାବିଦ୍ୟାଳୟର ଚିତ୍ରକଳା ବିଭାଗ ଛାତ୍ର ଶଶିକାନ୍ତ କହିଛନ୍ତି, ପୁସ୍ତକ ମହୋତ୍ସବରେ ଲାଇଭ୍ ସ୍କେଚିଙ୍ଗ୍ କରିବାର ସୁଯୋଗ ମିଳିବା ଆମ ପାଇଁ ଆନନ୍ଦର ବିଷୟ। ଏହାଦ୍ୱାରା ଆମ ଦକ୍ଷତା ଓ କଳା ନୈପୁଣ୍ୟତାର ବିକାଶ ହେବା ସହ ଲୋକଙ୍କ ସହିତ ମିଶିବା ଏବଂ ତାଙ୍କର ଚିତ୍ରକଳା ପ୍ରତି ରହିଥିବା ଆଗ୍ରହ ସମ୍ବନ୍ଧରେ ଜାଣିବାର ସୁଯୋଗ ମିଳୁଛି। ବିଗତ ଦିନରେ ଭାରତୀୟ ରୋଡ୍ କଂଗ୍ରେସରେ ମଧ୍ୟ ଆମେ ଦର୍ଶକଙ୍କର ଲାଇଭ ସ୍କେଚିଙ୍ଗ କରିଥିଲୁ। ଆଗାମୀ ଦିନରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଆଶା ରଖିଛୁ।


ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଲାଇଭ୍ ସ୍କେଚିଙ୍ଗ୍ ଷ୍ଟଲ୍‌ରେ ଲୋକଙ୍କ ଭିଡ଼।



### ବିତ୍ତୀୟ ଦୁନିଆର ତଥ୍ୟ ଦେଉଛି ପ୍ରତିଭୂତି ଓ ବିନିମୟ ବୋର୍ଡ

ମହୋତ୍ସବରେ ପାଠିକାପାଠକଙ୍କ ପାଇଁ ବିଭିନ୍ନ ଗଳ୍ପ, କବିତା, ପ୍ରବନ୍ଧ, ପାଠ୍ୟପୁସ୍ତକକୁ ଉପଲବ୍ଧ କରାଇବା ସହ ଲୋକଙ୍କ ବିତ୍ତୀୟ ସାକ୍ଷରତାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ବିତ୍ତୀୟ ଦୁନିଆର ତଥ୍ୟ ଓ ବିବରଣୀକୁ ନେଇ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ ପକ୍ଷରୁ ମହୋତ୍ସବରେ ଏକ ଷ୍ଟଲ୍ ଖୋଲିଛି। ଏହି ଷ୍ଟଲ୍‌ରେ ବିତ୍ତୀୟ ଶିକ୍ଷା ପୁସ୍ତକ, ବିତ୍ତୀୟ ଯୋଜନା ସମ୍ବନ୍ଧୀୟ ମାର୍ଗଦର୍ଶିକା ରହିଛି। ସିକ୍ୟୁରିଟି ମାର୍କେଟରେ ନିବେଶ, ସଞ୍ଚୟ ଓ ବୀମା ସମ୍ବନ୍ଧୀୟ ତଥ୍ୟ ଓ ବିବରଣୀ, ପେନ୍‌ସନ୍, ଅବସର ଓ ଇଷ୍ଟେଟ୍ ଯୋଜନା, ନିବେଶ ବିକଳ୍ପ ପାଇଁ ସରକାରୀ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଉଛି। ପ୍ରତି ସନ୍ଧ୍ୟାରେ ଏହି ଷ୍ଟଲ୍‌ରେ ଏକ କୁଇଜ୍ ପ୍ରତିଯୋଗିତା କରାଯିବା ସହ ବିଜେତାଙ୍କୁ ଉପହାର ପ୍ରଦାନପୂର୍ବକ ଉତ୍ସାହିତ କରାଯାଉଛି।

### ଜନଗଣନା ନେଇ ସଚେତନତା ସୃଷ୍ଟି

୨୦୨୭ରେ ଭାରତରେ ଜନଗଣନା ହେବ। ଏନେଇ ମହୋତ୍ସବରେ ଏକ ସ୍ୱତନ୍ତ୍ର ଜନଗଣନା ଷ୍ଟଲ୍ ଖୋଲାଯାଇଛି। ଜନଗଣନା ସମ୍ବନ୍ଧୀୟ ସୂଚନା ପ୍ରଦାନ ସହ ସଚେତନତା ସୃଷ୍ଟି କରାଯାଉଛି। ଏହି ଷ୍ଟଲ୍‌ରେ ଓଡ଼ିଶାର ପ୍ରତ୍ୟେକ ଜିଲାର ଜନଗଣନା ପୁସ୍ତିକା (୨୦୧୧ ମସିହା ଅନୁଯାୟୀ) ଉପଲବ୍ଧ ହେଉଛି। ସେହିପରି ଟେଲିକମ୍ ବିଭାଗ ପକ୍ଷରୁ ସାଇବର ସଚେତନତା ସୃଷ୍ଟି ପାଇଁ ଏକ ଷ୍ଟଲ୍ ନିର୍ମାଣ କରାଯାଇଛି। ଏଠାରେ ଡିଜିଟାଲ୍ ଠକେଇରୁ ନିଜକୁ ରକ୍ଷା କରିବା ଲାଗି ସଚେତନତା ସୃଷ୍ଟି ସହ ଆବଶ୍ୟକ ପରାମର୍ଶ ଦିଆଯାଉଛି।

# ବୀମା ଟଙ୍କା ପାଇଁ ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅପହରଣ

ଭୁବନେଶ୍ୱର,୧୩।୧୨(ତ୍ରିନାଥ ମହାନ୍ତି)

■ଛତ୍ରପୁର ନେବା ସମୟରେ ରାଜମହଲ ଛକରେ ଧରାପଡ଼ିଲେ
■୨ ଅଭିଯୁକ୍ତଙ୍କୁ କାବୁକରି ସଦର ପୋଲିସକୁ ହସ୍ତାନ୍ତର

ବୀମା ଟଙ୍କା ପାଇଁ ଜଣେ ଯୁବକଙ୍କୁ କଟକ ସଦର ଥାନା ମୈତ୍ରପଡ଼ାରୁ ମୁଣ୍ଡରେ ବନ୍ଧୁକ ରଖି ଅପହରଣ କରାଯାଇଥିଲା। ଅଭିଯୁକ୍ତମାନେ ଏକ ବୋଲେରୋରେ ଅପହରଣ କରି ଯୁବକଙ୍କୁ ଗଞ୍ଜାମ ଛତ୍ରପୁର ନେବା ସମୟରେ କ୍ୟାପିଟାଲ ଥାନା ପୋଲିସ ରାଜମହଲ ଛକରୁ ସେମାନଙ୍କୁ ଧରିଛି। କଟକ ସଦର ଥାନା ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ କ୍ୟାପିଟାଲ ଥାନା ପୋଲିସ ରାଜମହଲ ଛକରେ ଅଭିଯୁକ୍ତ ଯାଉଥିବା ଗାଡ଼ିକୁ ଅଟକାଇଥିଲେ। ହେଲେ ପୋଲିସକୁ ଦେଖି ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ଗିରଫ କରିଥିଲା। ଗିରଫ ୨ଅଭିଯୁକ୍ତ ପର୍ଶୁରାମ ରେଡ୍ଡୀ ଏବଂ କେ. ସୋମନାଥଙ୍କୁ ସଦର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁସାରେ, ଅଭିଯୁକ୍ତ ପର୍ଶୁରାମ ଏବଂ କେ. ସୋମନାଥ ମିଶି ବୀମା ଠକେଇ ରାକେଟ୍ କରିଥିଲେ। ଏହି ରାକେଟ୍‌ରେ ସେମାନେ ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରିଛନ୍ତି। ସେମାନେ ଛତ୍ରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକାଧିକ ଅପାଠୁଆ ଏବଂ ଅସୁସ୍ଥ ଲୋକଙ୍କୁ ଟାର୍ଗେଟ କରୁଥିଲେ। ତାଙ୍କ ଘରକୁ ଯାଇ ବୀମା କରିବା ପାଇଁ ପ୍ରବର୍ତ୍ତାଉଥିଲେ। ଲୋକ ଫର୍ମ ପୂରଣ କରିବା ପରେ ସେମାନେ ସେଥିରେ ନିଜର ଫୋନ୍ ନମ୍ବର ଏବଂ ଆକାଉଣ୍ଟ ନମ୍ବର ଦେଉଛନ୍ତି। ପରେ ବିଭିନ୍ନ ଜାଲିଆତି କରି ଲୋକଙ୍କ ଇନ୍‌ସ୍ୟୁରାନ୍ସ ଟଙ୍କାକୁ ହଡ଼ପ କରୁଥିଲେ। ଏହିଭଳି ସେମାନେ ଲକ୍ଷାଧିକ ଟଙ୍କା ଲୁଟିନେଇଥିବା ଅଭିଯୋଗକାରୀ ବାସୁଦେବ ରାଉଳ ଜାଣିବାକୁ ପାଇଥିଲେ। ସେ ଏସମ୍ପର୍କରେ ଏକାଧିକ ବ୍ୟକ୍ତିଙ୍କୁ ଜଣାଇବାପରେ ଅଭିଯୁକ୍ତ ପର୍ଶୁରାମ ଏବଂ ସୋମନାଥ କଟକ ସଦର ମୈତ୍ରପଡ଼ା ଘରକୁ ଯାଇ ବାସୁଦେବଙ୍କ ମୁଣ୍ଡରେ ବନ୍ଧୁକ ରଖି ଅପହରଣ କରିଥିଲେ। ଅଭିଯୋଗକାରୀଙ୍କ ରୁମ୍‌ମେଟ୍ ଏହାକୁ ବିରୋଧ କରିଥିଲେ ମଧ୍ୟ ତାଙ୍କୁ ମଧ୍ୟ ମାଡ଼ ମାରି ନେଇଥିଲେ। ରୁମ୍‌ମେଟ୍ ଥାନାକୁ ଜଣାଇବାପରେ ସଦର ଥାନା ପୋଲିସ ତ୍ୱରିତ ଭାବେ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରିଥିଲେ। ସେମାନେ ରାଜମହଲ ଦେଇ ଛତ୍ରପୁର ଯାଉଥିବା ଜଣାପଡ଼ିବା ପରେ କ୍ୟାପିଟାଲ ଥାନା ପୋଲିସକୁ ଆଲର୍ଟ କରାଯାଇଥିଲା। ଶେଷରେ କ୍ୟାପିଟାଲ ଥାନା ପୋଲିସ ସେମାନଙ୍କୁ ରାଜମହଲ ଛକରେ କାବୁ କରି ନେଇଥିଲା।

# ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର,୧୩।୧୨(ସତ୍ୟଜିତ ରାଉତ)

ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ସମସ୍ତ ବିଚାରବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଶନିବାର ଚଳିତ ବର୍ଷର ଅନ୍ତିମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ମୋଟ ଏକ ଲକ୍ଷ ୨୫ ହଜାର ୯୬୧ ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୯୮ ହଜାର ୩୭୪ ମାମଲା ଫଇସଲା କରାଯାଇଥିଲା। ଏହି ମାମଲାଗୁଡ଼ିକର ଫଇସଲା କରାଯାଇ ମୋଟ ୨୩ କୋଟି ୨୬ ଲକ୍ଷ ପାଞ୍ଚ ହଜାର ୪୮୦ ଟଙ୍କାର ରାଜସ୍ୱ, ଜରିମାନା ଏବଂ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ଫୌଜଦାରି ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ମୋଟରଯାନ ଦୁର୍ଘଟଣା, ଶ୍ରମ, ବିଭିନ୍ନ ଜନଉପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ୍ ବିଲ୍ ଏବଂ ପ୍ରାକ୍ ମକଦ୍ଦମା ଆଦି ଫଇସଲା କରାଯାଇଥିଲା।

ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାରବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଉକ୍ତ ଲୋକ ଅଦାଲତରେ ଅଂଶଗ୍ରହଣ କରିଥିବା ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ।

# ବାର୍, କ୍ଲବ୍, ରେଷ୍ଟୁରାଣ୍ଟ ଉପରେ ହେବ ଧରପଗଡ଼

ଭୁବନେଶ୍ୱର,୧୩।୧୨(ସତ୍ୟଜିତ ରାଉତ)

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ସତ୍ୟବିହାରରେ ଥିବା 'ନୋ ଲିମିଟ୍ ଏୟାର' ରେଷ୍ଟୁରାଣ୍ଟ ତଥା ହୁକା ବାର୍‌ରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏଭଳି ସ୍ଥିତିରେ ରାଜଧାନୀରେ ଥିବା ଅନ୍ୟ ବାର୍, କ୍ଲବ୍ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ବେଆଇନ କାର୍ଯ୍ୟକଳାପ ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏଥିପାଇଁ ଅବକାରୀ ବିଭାଗ, ଅଗ୍ନିଶମ ଓ ପୋଲିସ ପକ୍ଷରୁ ଧରପଗଡ଼ କରାଯିବାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ବାର୍ ପାଇଁ 'ନୋ ଲିମିଟ୍ ଏୟାର'କୁ ଅବକାରୀ ବିଭାଗ ପକ୍ଷରୁ ଲାଇସେନ୍ସ ଦିଆଯାଇ ନ ଥିଲା। ହେଲେ ସେଠାରେ ରେସ୍ତୋରାଂ ନାଁରେ ବେଆଇନ୍ ଭାବେ ହୁକା ବାର୍ ସହ ମଦ ଓ ନାଚଗୀତର ଆସର ଚାଲିଥିଲା। ଏହିଭଳି ରାଜଧାନୀରେ ଆଉ କେତେକ ରେଷ୍ଟୁରାଣ୍ଟ ମଧ୍ୟ କାରବାର ଚଳାଇଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି। ସେହିପରି ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ବିଭିନ୍ନ ସ୍ଥାନରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ଆସିବାପରେ ଅଗ୍ନିଶମ ବାହିନୀ ମଧ୍ୟ ସତର୍କ ହୋଇ ଚଢ଼ାଉ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଶନିବାର ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, 'ନୋ ଲିମିଟ୍ ଏୟାର'ରେ ବେଆଇନ କାର୍ଯ୍ୟକଳାପର ତଦନ୍ତ ପାଇଁ ଅବକାରୀ ଅଧୀକ୍ଷକ, ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍‌ଙ୍କ ଦ୍ୱାରା ଏକ ମିଳିତ ତଦନ୍ତ କରାଯାଉଛି। ଗତ କିଛିମାସ ତଳେ ଭୁବନେଶ୍ୱର ଅବକାରୀ ଟିମ୍ ଦ୍ୱାରା ୪ଟି ରେଷ୍ଟୁରାଣ୍ଟରେ ଚଢ଼ାଉ ହୋଇଥିଲା। ସେଗୁଡ଼ିକରେ ବିନା ଲାଇସେନ୍ସରେ ମଦ ବାର୍ ଚାଲୁଥିବାର ଜଣାପଡ଼ିଥିଲା।

### 'ନୋ ଲିମିଟ୍ ଏୟାର'ରେ ଅଗ୍ନିକାଣ୍ଡ ଘଟଣା

ଚଢ଼ାଉବେଳେ ବିଭିନ୍ନ କମ୍ପାନୀର ମଦ ଜବତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ତେବେ ସମସ୍ତ ଅବକାରୀ ଅଧୀକ୍ଷକଙ୍କୁ ରାଜ୍ୟରେ ବେଆଇନ ବିକ୍ରୟ ସ୍ଥାନଗୁଡ଼ିକ ଉପରେ ଚଢାଉ କରିବା ଏବଂ ବାର, ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଢାବାଗୁଡ଼ିକର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଶା କାରବାର ହେଉଥିବା ରେସ୍ତୋରାଂ ଓ ବାର୍‌ରେ ଯାଞ୍ଚ କରିବାକୁ କୁହାଯାଇଛି। ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଙ୍ଗିଲା ନାଗବଂଶର କଠୋର ପରମ୍ପରା


ଶ୍ୱେତପଦ୍ମା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ନାଗ ବଂଶମ୍'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୩।୧୨ (ସୌମ୍ୟରଞ୍ଜନ ରାଉତ)

ପ୍ରାଚୀନ କାଶୀ ନଗରୀର ଗୋଟିଏ ରୂଢ଼ିବାଦୀ ବ୍ରାହ୍ମଣ ପରିବାର ନାଗବଂଶ। ପରମ୍ପରା ଅନୁଯାୟୀ ପ୍ରଭୁଦତ୍ତ ମହାପାତ୍ର ହେଉଛନ୍ତି ବଂଶର ପୁରୋଧା। ପ୍ରଚଳିତ ବଂଶ ପରମ୍ପରା ଅନୁଯାୟୀ ପୁରୋଧାଙ୍କର ନିଷ୍ପତ୍ତି ଯେତେ କଠୋର ହେଲେ ବି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି। ପୁରୋଧା ପ୍ରଭୁଦତ୍ତ ମହାପାତ୍ର ଏମିତି କିଛି କଠୋର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିପାଇଁ ସାନଭାଇ ସୂର୍ଯ୍ୟକାନ୍ତ ମହାପାତ୍ର ଅବିବାହିତ ରହି ଯାଇଛନ୍ତି। ଏପରିକି ପ୍ରଭୁଦତ୍ତଙ୍କ ସ୍ତ୍ରୀ ସୁପ୍ରଭା ମଧ୍ୟ ଦୀର୍ଘ ୨୫ବର୍ଷ କାଳ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହିଥିଲେ। ପରବର୍ତ୍ତୀ ସମୟରେ ନାଗବଂଶର କଠୋର ନିଷ୍ପତ୍ତିକୁ ଗ୍ରହଣ କରିବାର ପରମ୍ପରା ଭଙ୍ଗ ହୋଇଛି। ଏମିତି ଏକ ବଂଶ ପରମ୍ପରାକୁ ନେଇ ପ୍ରଦୀପ ବିଶ୍ୱାଳଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ନାଗ ବଂଶମ୍' ମଞ୍ଚସ୍ଥ ହୋଇଯାଇଛି। ଶ୍ୱେତପଦ୍ମା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ନାଟ୍ୟବିତ୍ ପ୍ରଫେସର ନରେନ୍ଦ୍ର ମିଶ୍ର ଓ ବ୍ରହ୍ମପୁରର ନାଟ୍ୟ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାରଣାଙ୍କୁ 'ଶ୍ୱେତପଦ୍ମା ସାରସ୍ୱତ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମୁକୁନ୍ଦ ଚନ୍ଦ୍ର ଶତପଥୀ ଓ ଭଜକୃଷ୍ଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଓମ୍‌ଫେଡ୍‌କୁ 'ଟ୍ରଷ୍ଟ ବ୍ରାଣ୍ଡ୍ ଅଫ ଦି ଓଡ଼ିଶା ଆୱାର୍ଡ'

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)– ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ (ଓମ୍‌ଫେଡ୍)କୁ 'ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡିଶା ସମ୍ମାନ' ପ୍ରଦାନ କରଯାଇଛି। ଏକ ଘରୋଇ ଚ୍ୟାନେଲ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଆତ୍ମ ନିର୍ଭର' ଓଡିଶା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ଡେପୁଟି ମ୍ୟାନେଜର ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।



# ଅନ୍ନପୂର୍ଣ୍ଣା ଆନ୍ତର୍ଜାତିକ ଖାଦ୍ୟମେଳାରେ ରୁଚି



ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ମୁମ୍ବାଇର ନେସ୍କୋ ପ୍ରଦର୍ଶନୀ କେନ୍ଦ୍ରଠାରେ ଆରମ୍ଭ ହୋଇଥିବା ଅନ୍ନପୂର୍ଣ୍ଣା ଆନ୍ତର୍ଜାତିକ ଖାଦ୍ୟମେଳାରେ ଓଡ଼ିଶାର ସୁପରିଚିତ ରୁଚି ଫୁଡ୍‌ଲାଇନ ଅଂଶଗ୍ରହଣ କରିଛି। ଏହି ଖାଦ୍ୟମେଳାକୁ ଦେଶ ବିଦେଶର ଅନେକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପାନୁଷ୍ଠାନ, ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ, ବିତରକ ଓ ଖାଦ୍ୟ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇଛନ୍ତି । 'ରୁଚି' ଫୁଡ୍‌ଲାଇନ ଷ୍ଟଲ ଜାତୀୟ ଓ ଆନ୍ତର୍ଜାତିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପୋଦ୍ୟୋଗୀଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଦୀର୍ଘ ୫୦ବର୍ଷ ଧରି ମସଲା, ସିମାଇ, ପାସ୍ତା, ଚା' ଓ ବିଭିନ୍ନ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏବଂ ବିପଣନ କରି ଜାତୀୟସ୍ତରରେ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବା ରୁଚି ଫୁଡ୍‌ଲାଇନର ବିଭିନ୍ନ ଉତ୍ପାଦନ ଅନ୍ନପୂର୍ଣ୍ଣା ମେଳାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅଭିନେତା ଗୌରବ ପ୍ରତୀକ ଓ 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ ରୁଚି ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ରୁଚିର ସେଲ୍ସ ବିଭାଗ ମୁଖ୍ୟ ସୁରଜିତ ଜୟଧର ଓ ମାର୍କେଟିଂ ବିଭାଗର ଅଜିତ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠାରୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ)

ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ୧୪ରୁ ୨୧ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପୀ ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨ଟି ବିଭାଗକୁ ନେଇ ୩ଟି ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହେବ। ଏଥିରେ ସହରାଞ୍ଚଳରେ ଓଡ଼ିଶା ଓ ଓଡ଼ିଶା ବାହାରୁ ବଛାବଛା ୮ଟି ଦଳ, ଗ୍ରାମାଞ୍ଚଳର ଏ-ଡିଭିଜନରେ ୧୬ ଓ ବି-ଡିଭିଜନରେ ୧୨ଟି ଦଳକୁ ନେଇ ସମୁଦାୟ ୩୬ଟି ଦଳ ଭାଗ ନେବେ। ଦର୍ଶକମାନଙ୍କ ପାଇ ଫ୍ରି ଲଟେରିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଫଳରେ ଦର୍ଶକମାନେ ଖେଳ ଦେଖିବା ସହ ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ। ଚଳିତ ବର୍ଷ ସବୁ ଟିମ୍‌କୁ ବାଇକ ପ୍ରଦାନ କରାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଶୃଙ୍ଖଳିତ ଜୀବନ ସଫଳତା ଦେଇଥାଏ

### ସେଣ୍ଟ ଜୋସେଫ୍ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି

ଭୁବନେଶ୍ୱର,୧୩।୧୨(ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ ସେଣ୍ଟ ଜୋସେଫ୍ ହାଇସ୍କୁଲର ୭୫ବର୍ଷ ଅର୍ଥାତ୍ ପ୍ଲାଟିନମ୍ ଜୁବିଲି ପାଳିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର, ଶନିବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଶ୍ ଉପଭୋଗ କରିଛନ୍ତି। ଶୁକ୍ରବାର ପ୍ରଥମ ଦିବସରେ ଜୁନିୟର ସ୍କୁଲ କନ୍‌ସର୍ଟରେ କୋଲକାତା ଦକ୍ଷିଣର ଜିଏସ୍‌ଟି କମିଶନର ମାଧବ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଗଢ଼ି ତୋଳିବାରେ ଶିକ୍ଷାନୁଷ୍ଠାନର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସେହିପରି ଦ୍ୱିତୀୟ ଦିବସ ସିନିୟର କନ୍‌ସର୍ଟରେ ଜେନେରାଲ୍ ଷ୍ଟାଫ୍ ଏବଂ ୱାର ଏଷ୍ଟାବ୍ଲିଶମେଣ୍ଟ ନିର୍ଦ୍ଦେଶକ କଲୋନେଲ ସୁରେନ୍ଦ୍ର କୁମାର ରୋହିଲା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ସେଣ୍ଟ ଜୋସେଫ୍ ବିଦ୍ୟାଳୟର ୧୯୮୯ ବ୍ୟାଚ୍‌ର ଛାତ୍ର ଥିଲେ। ତେଣୁ ସେ ତାଙ୍କ ଛାତ୍ରଜୀବନକୁ ମନେପକାଇବା ସହିତ ଶୃଙ୍ଖଳତା କିପରି ଜୀବନରେ ସଫଳତା ଦେଇଥାଏ ସେନେଇ ମତ ରଖିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ କଟକ-ଭୁବନେଶ୍ୱର ଆର୍ଚବିସୋପ୍‌ର ଏସ୍‌ଭିଡି ଜନ୍ ବାରୱା ଯୋଗ ଦେଇ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରମାନଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଆନେସି(ଭାରତ)ର ସିଷ୍ଟର୍ସ ଅଫ୍ ସେଣ୍ଟ ଜୋସେଫ୍‌ର ସଭାପତି ଜଷ୍ଟିନ ଜି. ସେନାପତି, ଉପାଧ୍ୟକ୍ଷ ଦିବ୍ୟା, ପୂର୍ବତନ ପ୍ରିନ୍ସିପାଲ୍ସ ସିନିୟର ଲୁସି ଜୋସେଫ ଏବଂ ସିଲଭିଆ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ଅତୀତକୁ ପାଳନ କରିବା, ଭବିଷ୍ୟତକୁ ସଂଗଠିତ କରିବା' ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରିନ୍ସିପାଲ ଅର୍ଚ୍ଚନା ପ୍ଲାଟିନମ୍ ଜୁବିଲି ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ବର୍ଷ ଧରି ନିଷ୍ଠାର ସହିତ ସେବା କରିଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।


ସିନିୟର କନ୍‌ସର୍ଟର ମୁଖ୍ୟଅତିଥି କଲୋନେଲ ସୁରେନ୍ଦ୍ର କୁମାର ରୋହିଲାଙ୍କୁ ପ୍ରିନ୍ସିପାଲ ଅର୍ଚ୍ଚନା ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ପାଣି ଟାଙ୍କିରେ ପଡ଼ିଛି ୮ବର୍ଷ ହେଲା ତାଲା

ଯୋଗେଶ୍ୱରପୁର,୧୩।୧୨(ରଶ୍ମି ରଞ୍ଜନ ସାହୁ)

ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି କାର୍ଯ୍ୟକ୍ଷମ ନ ହୋଇ ୮ବର୍ଷ ହେଲା ଅଚଳ ହୋଇଥିବା ବେଳେ ଗେଟ୍‌ରେ ତାଲା ଝୁଲୁଥିବା ଦୁର୍ଗାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁରଠାରେ ଦୀର୍ଘ ୮ବର୍ଷ ତଳେ ଏକ ପାଣିଟାଙ୍କି ନିର୍ମାଣ କରାଯାଇ ତା'ର ସମସ୍ତ କାର୍ଯ୍ୟ ସରିଥିଲା। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟ ପାଣିଟାଙ୍କି ପାଖରେ ପଡ଼ିଥିଲେ ମଧ୍ୟ ଅଦ୍ୟାବଧି ସଂଯୋଗ ହୋଇ ନ ଥିବାରୁ ମୁରୁଡ଼ା, ଦୁର୍ଗାପୁର, ପାଇକସାହି, ମହାନ୍ତି ସାହି ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ନିର୍ମାଣାଧୀନ ପାଚେରି ଫାଟିଯାଇଥିବା ବେଳେ ଟାଙ୍କିରୁ କଳର ଛାଡ଼ିଲାଣି ଓ ଲୁହା ଗେଟ୍ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ପାଣି ଟାଙ୍କି ଭିତରଟା ଜଙ୍ଗଲ ହୋଇପଡ଼ିଥିବା ବେଳେ ସେଠାରେ ସାପ ବାସ କରୁଛନ୍ତି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ପାଣିଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ ଦାବି କରିଛନ୍ତି।

### ଜିଲାସ୍ତରୀୟ ଗ୍ରାମୀଣ ମହିଳା କଳା ପ୍ରତିଯୋଗିତା

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ମିତ୍ର ସଂଘର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଜିଲାସ୍ତରୀୟ ଗ୍ରାମୀଣ ମହିଳା କଳା ପ୍ରତିଯୋଗିତା ଚନ୍ଦନପୁର ନିକଟସ୍ଥ ଗଙ୍ଗା ନାରାୟଣପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝୋଟି, ଚିତା, ଶଙ୍ଖ, କାନ୍ଦଣା ପ୍ରଭୃତି କାର୍ଯ୍ୟକ୍ରମ ଗ୍ରାମର ମା' ଭଉଣୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ମାଳତୀପାଟପୁର ସରପଞ୍ଚ ମହେନ୍ଦ୍ର କୁମାର ମହାପାତ୍ର, ମଧୁସ୍ମିତା ସାହୁ, ବାସନ୍ତୀ କୁମାରୀ ମିଶ୍ର, ପ୍ରତାପ କୁମାର ମହାପାତ୍ର, ପ୍ରଭାସିନୀ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ସଂଘର ଆବାହକ ଅନନ୍ତ ଶତପଥୀ, ଉପଦେଷ୍ଟା ଦେବାଶିଷ ଦାଶ, ସଭାପତି ସୁବାସିନୀ ଶତପଥୀ, ସମ୍ପାଦକ ରାଜୀବ କୁମାର ମହାପାତ୍ର, ସହସମ୍ପାଦକ ସସ୍ମିତା ଶତପଥୀ, କୋଷାଧ୍ୟକ୍ଷ ଆଲୋକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ସଂଘର କାର୍ଯ୍ୟକର୍ତ୍ତା ଲକ୍ଷ୍ମୀପ୍ରିୟା ଦେ, ଗାୟତ୍ରୀ ଜେନା, ମଧୁସ୍ମିତା ମହାନ୍ତି, ଆରତୀ, ନମିତା ମଞ୍ଜରି ଶତପଥୀ, ଆଲୋକ ପାଣି, ଜଗଜିତ୍ ବିଷୋୟୀ, ରାଜଭୂଷଣ ପଟ୍ଟନାୟକ, ସ୍ମୃତିରଞ୍ଜନ ପାଲ୍ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୪୩୯

ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକର ୩ ପରୀକ୍ଷାକେନ୍ଦ୍ରରେ ୪୩୯ଜଣ ବିଦ୍ୟାର୍ଥୀ ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବଳରାମ ଦେବ ବିଦ୍ୟାପୀଠରେ ୨୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଅନୁପସ୍ଥିତ ଥିଲେ। ଟାଙ୍ଗୀ ବାଳିକା ଉଚ ବିଦ୍ୟାଳୟରେ ୧୧୧ଜଣ ପରୀକ୍ଷା ଦେଇଥିବାବେଳେ ୯ଜଣ ଅନୁପସ୍ଥିତ ଥିଲେ। ସେହିପରି ବଡ଼ପାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୯ ଜଣ ପରୀକ୍ଷା ଦେଇଥିବା ବେଳେ ୯ଜଣ ଅନୁପସ୍ଥିତ ଥିଲେ। ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣି ମଙ୍ଗରାଜ, ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା,ବଡ଼ପାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂ ପ୍ରମୁଖ ପରୀକ୍ଷା ପରିଚାଳକଭାବେଦାୟିତ୍ୱନିର୍ବାହକରିଥିଲେ।

# ୧୩,୩୪୦ ମକଦ୍ଦମା ଫଇସଲା, ୫.୪୦ କୋଟି ଜରିମାନା ଆଦାୟ

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)


ଲୋକ ଅଦାଲତରେ ପ୍ରାଧିକରଣର ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ଜିଲା ଆଇନସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩,୩୪୦ଟି ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୫ କୋଟି ୩୮ ଲକ୍ଷ ୪୭ ହଜାର ୪୭୨ ଟଙ୍କା ଆଦାୟ କରାଯାଇଛି। ଜିଲା ଓ ଦୌରାଜଜ୍ ଷଡ଼ଙ୍ଗୀ ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୈକତ୍ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲି ଅପରାଜିତା, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟାଧିକାରୀ ସୋନାଲି ମହାନ୍ତି, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରୀତିକା ଗର୍ଗ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅନିମେଶ ଜେନା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ନିଲିସା ପଟ୍ଟନାୟକ ପ୍ରମୁଖ ମାମଲାଗୁଡ଼ିକର ବିଚାର କରିଥିଲେ।

ଏହି ଲୋକ ଅଦାଲତରେ ୭୬ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୪ କୋଟ ୫ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୩୯ଟି ଚେକ୍ ବାଉନ୍ସ କେସ୍, ୬୫ ଆପରାଧିକ ମାମଲା, ୬ଟି ମନି ରିକଭରି କେସ୍, ୩୪ଟି ବିବାହ ବିବାଦ ସମ୍ପର୍କିତ ମାମଲା, ୧୦୬ଟି ଅଦର ସିଭିଲ କେସ୍, ୨୯୮ଟି ଅନ୍ୟ ଆପରାଧିକ ମାମଲା ଫଇସଲା କରାଯାଇଥିଲା। ଏହାଛଡ଼ା ୨୦୯ଟି ପ୍ରାକ୍ ମାମଲାର ଫଇସଲା କରାଯାଇ ବ୍ୟାଙ୍କଋଣ ବାବଦକୁ ୬୨ ଲକ୍ଷ ୭୮ ହଜାର ୯୮୫ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ଆୟୋଜନ କରାଯାଇଥିଲା।

# ବିଭିନ୍ନ ସମସ୍ୟା ନେଇ ଡ୍ରାଇଭର ମହାସଂଘର ଆଲୋଚନା

କାକଟପୁର/ଅସ୍ତରଙ୍ଗ,୧୩।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଶନିବାର ମଧ୍ୟାହ୍ନରେ ଷ୍ଟେଟ ବ୍ୟାଙ୍କ ନିକଟସ୍ଥ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ପରିସରରେ ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବହିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଡ୍ରାଇଭର ସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି (ଅଜୁ), ମୁଖ୍ୟବକ୍ତା ଭାବେ ରାଜ୍ୟ ସହସମ୍ପାଦକ ଆଲୋକ ରାଉତ, ଅନ୍ୟତମ ବକ୍ତା ଭାବେ ଚିତ୍ରସେନ ବେହେରା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସଭାପତି ଗୋପାଳ ବାରିକ, ଜିଲା ଉପସଭାପତି ଗୋପବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲା ସମ୍ପାଦକ କୁଲେନ ପାଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ୱେଲ ଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭର ସୁରକ୍ଷା ଆଇନ ଆଣିବା, ପ୍ରତ୍ୟେକ ୧୦୦ କି.ମି.ରେ ଡ୍ରାଇଭରଙ୍କ ପାଇଁ ପାର୍କିଂ, ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଇବା, ଗାଡ଼ି କାଗଜପତ୍ର ଯାଞ୍ଚ ଦାୟିତ୍ୱ ପୋଲିସକୁ ଦିଆ ନ ଯିବା ଆଦି ରହିଛି। ଏହାସହ ଆଗାମୀ ଦିନରେ କିପରି ଭାବେ ସଂଘଟି ସୁଦୃଢ଼ ହେବା ସହ ସ୍ଥାନୀୟ ପ୍ରଶାସନ ତରଫରୁ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଗୃହ ପାଇଁ ସ୍ଥାନୀୟ ପ୍ରଶାସନକୁ ପୂର୍ବରୁ ଦାବିପତ୍ର ଦିଆଯାଇଥିଲା। ତୁରନ୍ତ ସ୍ଥାନ ଯୋଗାଇ ଦେବାକୁ ଆଗାମୀ ଦିନରେ ସଂଘ ଜିଲା ଅଧିକାରୀଙ୍କ ନିକଟରେ ପହଞ୍ଚିବେ ବୋଲି ନିଷ୍ପତ୍ତି ନେଇଥିଲେ। ଅସ୍ତରଙ୍ଗ ବ୍ଲକର ପାଖାପାଖି ୧ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ବୈଠକରେ ସାମିଲ ହୋଇଥିଲେ। ସାମାଜିକ କର୍ମୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ବ୍ଲକ ଉପସଭାପତି ବସନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଅସ୍ତରଙ୍ଗ, କାକଟପୁର ବାର୍‌ରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

କାକଟପୁର/ଅସ୍ତରଙ୍ଗ,୧୩।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଗୋଆର ଏକ ନାଇଟ୍ କ୍ଲବରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ୨୫ଜଣ ପ୍ରାଣ ହରାଇଥିଲେ। ଗୋଆ ଘଟଣା ମନରୁ ନ ଲିଭୁଣୁ ଶୁକ୍ରବାର ଭୁବନେଶ୍ୱରର ଏକ ହୁକ୍କା ବାର୍‌ରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏଭଳି ସ୍ଥିତିରେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ରହିଥିବା ହୋଟେଲ, ରେଷ୍ଟୁରାଣ୍ଟ ଅବା ବାର୍‌ରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନ ଥିବା ସୂଚନା ମିଳିଛି। ସମୟ ଥାଉ ଥାଉ ଯଦି ପ୍ରଶାସନ, ଅବକାରୀ ବିଭାଗ, ଅଗ୍ନିଶମ ବାହିନୀ ସଜାଗ ନ ହୁଏ, ତେବେ ଆଗାମୀ ଦିନରେ ବଡ଼ କ୍ଷତି ଘଟିବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୩ଟି ବାର୍ ରହିଛି। ସେଥିମଧ୍ୟରୁ ୨ଟି କେବଳ ବାର୍ ରହିଥିବା ବେଳେ ୧ଟି ବାର୍ ଆଣ୍ଡ ହୋଟେଲ ଲଜିଂ ରହିଛି। ସେହିପରି କାକଟପୁର ବ୍ଲକ ଅଞ୍ଚଳରେ ୨ଟି ବାର୍ ମଧ୍ୟରୁ ୧ଟି ବାର, ଅନ୍ୟ ଗୋଟିଏ ହୋଟେଲ ଲଜିଂ ରହିଛି। ଏହି ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ହୋଇଥିବା ବେଳେ ଫାୟାର ସେଫ୍ଟି ପାଇଁ ଉପକରଣ, ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ପାଣି ଟାଙ୍କି, ଅଣ୍ଡର ଗ୍ରାଉଣ୍ଡ ଟାଙ୍କିସହ ପମ୍ପ ଲାଗିବା କଥା। ବାର୍ ଭିତରେ ଧୂମ୍ରପାନକୁ ବାରଣ କରିବା ଦରକାର। ମାତ୍ର ଅଧିକାଂଶ ନିୟମ ପାଳନ କରୁନାହାନ୍ତି। ସବୁଠାରୁ ଚିନ୍ତାର ବିଷୟ କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ରାସ୍ତା ପାର୍ଶ୍ୱରେ ବାର୍‌ଗୁଡ଼ିକ ଜନ ଗହଳିପୂର୍ଣ୍ଣ ଅଞ୍ଚଳରେ ରହିଛି। ସେଠାରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା ରହୁ ନ ଥିବାରୁ କୌଣସି ଦୁର୍ଘଟଣା ଘଟିଲେ ବ୍ୟାପକ ଧନଜୀବନ ହାନି ହେବା ଭୟ ରହିଛି, ଯାହାର କୌଣସି ତଥ୍ୟ ପ୍ରଶାସନ କିମ୍ବା ଅଧିକାରୀଙ୍କ ନିକଟରେ ନାହିଁ। ଏ ସମ୍ପର୍କରେ ଅସ୍ତରଙ୍ଗ ଅଗ୍ନିଶମ କାର୍ଯ୍ୟାଳୟ ଷ୍ଟେଶନ ଅଧିକାରୀ ପ୍ରହଲ୍ଲାଦ ରାୟ କହିଛନ୍ତି, ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ବାର୍‌ଗୁଡ଼ିକ ଅଗ୍ନି ନିରାପତ୍ତା ନିୟମ ପାଳନ କରୁନାହାନ୍ତି, ଖୁବ୍‌ଶୀଘ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପଟେ ଭୁବନେଶ୍ୱର ଘଟଣା ପରେ ଶୁକ୍ରବାର କୋଣାର୍କ ରାମଚଣ୍ଡୀରେ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ସମସ୍ତ ବାର୍ ସମେତ ବିଭିନ୍ନ ପ୍ରତିଷ୍ଠାନକୁ ୧୦ରୁ ୧୫ଦିନ ଭିତରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। କେଉଁଠି ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଅଛି, ଆଉ କେଉଁଠି ନାହିଁ ସେ ନେଇ ଅବକାରୀ ବିଭାଗକୁ ଜଣାଇ ଦିଆଯିବ।

# ଯୁବପିଢ଼ିଙ୍କ ନିକଟରେ ସତ୍ୟବାଦୀ ସାହିତ୍ୟର ଭାବଧାରାକୁ ପହଞ୍ଚାଅ


ଅତିଥିଙ୍କ ଦ୍ୱାରା ନ୍ୟାସର ଲୋଗୋ ଏବଂ ବାର୍ଷିକ ପତ୍ରିକା 'ସତ୍ୟସୁଧା' ଉନ୍ମୋଚନ କରାଯାଉଛି ।

## ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ଦ୍ୱିତୀୟ ବାର୍ଷିକୋତ୍ସବ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା କବି କୈଳାସ ରାୟଙ୍କ ୭୩ତମ ଜୟନ୍ତୀ ଅଠରନଳା ପାର୍କ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ନ୍ୟାସର ସଭାପତି ଗିରୀଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ଭୀମସେନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନ୍ୟାସର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଙ୍କ ଦ୍ୱାରା ନ୍ୟାସର ଲୋଗୋ ଏବଂ ବାର୍ଷିକ ପତ୍ରିକା 'ସତ୍ୟସୁଧା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ, କବି କୈଳାସ ରାୟଙ୍କ ସାହିତ୍ୟ କୃତୀ ଏବଂ ସତ୍ୟବାଦୀ ସାହିତ୍ୟର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସହସମ୍ପାଦକ କାମଦେବ ମହାରଣା କବିତାପାଠ କରିଥିବା ବେଳେ ଉପଦେଷ୍ଟା ଗୋଲକ ଚନ୍ଦ୍ର ଜେନା ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଉଚ୍ଚାଙ୍ଗ ଭାଷା-ସାହିତ୍ୟ ଉପରେ ଆଲୋଚନା କରି ଆଗାମୀ ଭବିଷ୍ୟତର ଯୁବପିଢ଼ିଙ୍କ ନିକଟରେ ସତ୍ୟବାଦୀ ସାହିତ୍ୟର ଭାବଧାରାକୁ ପହଞ୍ଚାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଅନନ୍ତ ପ୍ରସାଦ ଧନ୍ୟବାଦ ଦେଇଥିବା ବେଳେ ନ୍ୟାସର କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମାଝୀ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ କବି କଳ୍ପନା ମିଶ୍ରଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର, ମୀରାମ୍ବିକା ପାତ୍ର, ଅଂଶୁମାନ ସ୍ୱାଇଁ, ପ୍ରଜ୍ଞା ପାରମିତା ମିଶ୍ର ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

### ବିଜ୍ଞାନ ମେଳା ଉଦ୍‌ଯାପିତ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ଗୋପ ବ୍ଲକ ଅନ୍ତର୍ଗତ ଗଡ଼ଭିଙ୍ଗୁରା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକ ସନାତନ ସିଂ ସଭାପତି ଭାବେ ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ସାହୁ, କନିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ପରିଚାଳନା କମିଟିର ସଦସ୍ୟ ଏହି କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ପୂର୍ବତନ ଛାତ୍ରୀଛାତ୍ର ଏବଂ ବର୍ତ୍ତମାନର ଅଧ୍ୟୟନରତ ଛାତ୍ରୀଛାତ୍ର ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ ଏଥିରେ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ମେଳାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ମେଳା ଶିକ୍ଷାର୍ଥୀଙ୍କୁ ଗବେଷଣା ଓ ବିଜ୍ଞାନମନସ୍କ କରାଇବ ବୋଲି ଅତିଥିମାନେ ମତ ଦେଇଥିଲେ।

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୧୩।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଶନିବାର ନିମାପଡ଼ା ଅବକାରୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ କୁଶଭଦ୍ରା ନଦୀବନ୍ଧ ବ୍ରିଜ୍ ନିକଟରୁ ଜଣେ ଚୋରା ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟୀ ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଟିଆସାହି ଗ୍ରାମର ସୂର୍ଯ୍ୟକାନ୍ତ ବେହେରା। ବେପାରୀଙ୍କ ଠାରୁ ୩୦ଗ୍ରାମ ଚୋରା ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଜବତ ଚୋରା ବ୍ରାଉନ୍‌ସୁଗାରର ମୂଲ୍ୟ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ନିମାପଡ଼ା ଅବକାରୀ ଥାନା ଇନ୍ସପେକ୍ଟର ନିରାକାର ଦେହୁରୀ କହିଛନ୍ତି। ଏ ନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ କେସ୍ ନମ୍ବର ୧୭୦/୨୫-୨୬ ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

# 'ବେଦ ରହସ୍ୟ' ଶୀର୍ଷକ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ଅରୋଜ୍ୟୋତି ଟ୍ରଷ୍ଟ, ପୁରୀ ତଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ମିଳିତ ଆନୁକୂଲ୍ୟରେ 'ବେଦ ରହସ୍ୟ' ଶୀର୍ଷକ ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ପରିସରର ନିର୍ଦ୍ଦେଶକ ଜ୍ୟୋତିର୍ବିତ୍ ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ବେଦପାଠ ଅଧ୍ୟାପକ ଡ. ଜ୍ଞାନେଶ ଉପାଧ୍ୟାୟ କରିଥିବା ବେଳେ ଅରୋଜ୍ୟୋତି ଟ୍ରଷ୍ଟର ମୁଖ୍ୟ ଡ. ବିପିନାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅନ୍ତଃରାଷ୍ଟ୍ରୀୟ ଶିକ୍ଷଣ ସଂସ୍ଥାନ, ପଣ୍ଡିଚେରୀର ପ୍ରଫେସର ମଧୁସୂଦନ ମହାପାତ୍ର ଯୋଗଦେଇଥିଲେ। ଏଥିରେ ବିବିଧ ପ୍ରାନ୍ତରରୁ ଶତାଧିକ ଆଲୋଚକ ଅଂଶଗ୍ରହଣ କରି ବେଦ ରହସ୍ୟ ସଂକ୍ରାନ୍ତରେ ଚର୍ଚ୍ଚା କରିଥିଲେ। ସହ-ସଂଯୋଜକ ଡ. ବେଣୁଧର ଦାଶ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଂଯୋଜକ ଡ. ପ୍ରିୟରଞ୍ଜନ ରଥଙ୍କ ସଂଯୋଜନାରେ ସଂଗୋଷ୍ଠୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଡ. ସୁଶାନ୍ତ କୁମାର ଶତପଥୀ, ଡ. ନୀଳମାଧବ ଦାଶ, ଡ. ରାଜଶ୍ରୀ ପାଢ଼ୀ, ଡ. ମହେଶ ପାଣିଗ୍ରାହୀ, ଡ. ସ୍ୱାଗତିକା ମହାନ୍ତି, ଡ. ମିଥୁନ ଶତପଥୀ, ଡ. ସନ୍ଦୀପ ଚାଟାର୍ଜୀ, ଡ. ରୁଦ୍ର ପ୍ରସାଦ ମିଶ୍ରଙ୍କ ସମେତ ପରିସରର ଅଧ୍ୟାୟୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫେସର ଜନ୍ମେଜୟ ଧନ୍ୟବାଦ ଦେଇଥିଲେ।

# ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆୟୁଷ ଡାକ୍ତରଙ୍କ ସଫଳ ଯୋଗଦାନକୁ ସରକାରଙ୍କ ଅଣଦେଖା ଓ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଅନଶନ କରୁଥିବା ଆୟୁଷ ଛାତ୍ରୀଛାତ୍ର ଅନଶନକୁ ସ୍ଥଗିତ କରିଛନ୍ତି। ସଂଘ ପକ୍ଷରୁ ଦାବି କରାଯାଉଥିବା ୮ଟି ଯାକ ଦାବିକୁ ନ୍ୟାଯ୍ୟ ଦାବି ବୋଲି କହି ସ୍ୱାସ୍ଥ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ସଂଘର ଉପସ୍ଥିତିରେ ଆଲୋଚନା ହୋଇଥିଲା। ନୂତନ ପଦବୀ ସୃଷ୍ଟି କରିବା ବିଷୟରେ ନୂତନ କମିଟି ଗଠିତ ହେବା ସହିତ ତାହାର ନିର୍ଦ୍ଦେଶନାମା ଜାରି କରାଯାଇଛି। ତତ୍‌ସହିତ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ବୃଦ୍ଧି ନିମନ୍ତେ ଫାଇଲ୍ କାର୍ଯ୍ୟ ସରିଛି, ଖୁବଶୀଘ୍ର ଏନେଇ ନିର୍ଦ୍ଦେଶନାମା ଜାରି କରାଯିବ। ପ୍ରଚୁର ଔଷଧ ବିତରଣ ନିମନ୍ତେ ସରକାର ବ୍ୟବସ୍ଥା କରୁଛନ୍ତି। ଅନ୍ୟାନ୍ୟ ଦାବିଗୁଡ଼ିକ ଯଥାସମ୍ଭବ ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କୁ ଧାରଣା ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୪ ମାମଲା ଫଇସଲା

କାକଟପୁର/ଅସ୍ତରଙ୍ଗ,୧୩।୧୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅସ୍ତରଙ୍ଗ ଜେଏମ୍‌ଏଫ୍‌ସି ଅଦାଲତରେ ପଡ଼ିରହିଥିବା ଭିନ୍ନ ଭିନ୍ନ ମାମଲାଗୁଡ଼ିକର ଆପୋସ ସମାଧାନ କରାଯାଇଛି। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରି (ସାଲିସ୍‌ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ, ଜମି ଅଧିଗ୍ରହଣ, ଚେକ୍ ବାଉନ୍ସ, ଋଣ ମାମଲା ଇତ୍ୟାଦି ଆପୋସ ସହମତିରେ ସମାଧାନ କରାଯାଇଛି। ଏଥିସହ ପ୍ରାକ୍ ମୋକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ବିବାଦ, ପାରିବାରିକ ବିବାଦ ଇତ୍ୟାଦିର ସମାଧାନ କରାଯାଇଛି। ୪୨ଗୋଟି ମୋକଦ୍ଦମା ମଧ୍ୟରୁ ଫଇସଲା ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ୧୮ଟି ଫୌଜଦାରି (କ୍ରିମିନାଲ କମ୍ପାଉଣ୍ଡେବଲ), ୨ଟି (ଏନ୍‌ଆଇ ଆକ୍ଟର ଧାରା ୧୩୮), ୪ଟି ଜମିବାଡ଼ି ସମ୍ବନ୍ଧୀୟ ଫଇସଲା ହୋଇଥିଲା। ଚେକ୍ ବାଉନ୍ସ ବାବଦରେ ହିତାଧିକାରୀଙ୍କୁ ୬ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅସ୍ତରଙ୍ଗ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ ଉପସ୍ଥିତ ରହି ମାମଲାର ସମାଧାନ କରିଥିଲେ। ଅସ୍ତରଙ୍ଗ ଜେଏମ୍‌ଏଫ୍‌ସି କୋର୍ଟ ପେସ୍‌କାର, ଟାଇପିଷ୍ଟ ଉମେଶ ପ୍ରଧାନ, ପ୍ରୋସେସିଂ ସର୍ଭର ମାନସ ସେନାପତି ଉପସ୍ଥିତ ଥିବାବେଳେ ଆଇନଜୀବୀ ଉପସ୍ଥିତ ରହି ରାଷ୍ଟ୍ରୀୟ ଲୋକ ଅଦାଲତର କେସ୍‌ଗୁଡ଼ିକର ସମାଧାନ କରିବାରେ ସହଯୋଗ କରିଥିଲେ। ଲୋକ ଅଦାଲତରେ ୪୨ଟି ମାମଲାରୁ ସମୁଦାୟ ୨୪ଟି ମାମଲାର ଫଇସଲା ହୋଇଥିଲା।


ଲୋକ ଅଦାଲତରେ ଉପସ୍ଥିତ ଜଜ୍‌ମାନେ ।

# ସଚେତନତା ଡ୍ରପ୍‌ଆଉଟ ରୋକିପାରିବ

ସାକ୍ଷୀଗୋପାଳ, ୧୩।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ଭରତ ରାଉତ)


କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଅନ୍ୟମାନେ।

ଶ୍ରୀରାମଚନ୍ଦ୍ରପୁର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଉକ୍ତ ପଞ୍ଚାୟତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଓ ଅନ୍ୟତମ ଅତିଥି ଭାବେ ଉକ୍ତ ପଞ୍ଚାୟତର ମହିଳା ସଦସ୍ୟା ଅମିତା ବେହେରା ଓ କାମିନୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସତ୍ୟବାଦୀ ବ୍ଲକରେ ଡ୍ରପ୍ ଆଉଟ୍ ସଂଖ୍ୟା ଶୂନ କରାଯିବା ସହ ଉତ୍ତମ ଶିକ୍ଷାଦାନ ନିମନ୍ତେ ଉପସ୍ଥିତ ସଦସ୍ୟଙ୍କୁ ବ୍ଲକ ଶିକ୍ଷାଧିକାରୀ ପାଢ଼ୀ ପରାମର୍ଶ ଦେଇଥିଲେ। ସେହିଭଳି ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ କରିବା ନିମନ୍ତେ ଉପଯୁକ୍ତ ସଚେତନତା ସୃଷ୍ଟି କରାଯିବା ସହ ଅଭିଭାବକ ଓ ଶିକ୍ଷା ବିଭାଗ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ କହିଥିଲେ। କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପିଆର୍‌ଆଇ ସଦସ୍ୟ, ବିଦ୍ୟାଳୟ ଆଲୁମ୍ନି ସଦସ୍ୟ, ଏସ୍‌ଏମ୍‌ସି କମିଟି ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ସୁମନ୍ତ କୁମାର ପାଲ୍ ସଂଯୋଜନା କରିଥିଲେ। ସେହିଭଳି ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥୀ ଓ ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ଶିକ୍ଷା ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। କୌଣସି କାରଣବଶତଃ ବିଦ୍ୟାଳୟକୁ ଯାଇପାରୁ ନ ଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ଯୋଡ଼ିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଉକ୍ତ ସଭାରେ ନିଷ୍ପତ୍ତି ନିଆଯାଇଛି। ସିଆର୍‌ସିସି ତଥା ଶିକ୍ଷକ ପାର୍ଥସାରଥି ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ପରିଚାଳନା କମିଟି ସଭାପତି ସଦସ୍ୟ ଉପସ୍ଥିତ ଥିଲେ।

**ସାଂସଦଙ୍କ କ୍ରିକେଟ ଖେଳ ମହୋତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ କୂଳ ସରିଚୁଆଁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶନିବାର ସାଂସଦଙ୍କ କ୍ରିକେଟ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଥିଲା। ଏହି ମହୋତ୍ସବ ସନାତନି ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ସୀମିତ ଓଭର ଖେଳରେ ଫାଇନାଲ ମ୍ୟାଚ୍ କଦମପଡ଼ା ଓ ଧୂଳେସ୍ୱର ଟିମ୍ ମଧ୍ୟରେ ହୋଇଥିଲେ। ୩ ରନରେ କଦମ ପଡ଼ା ଟିମ୍ ବିଜୟୀ ହୋଇଥିଲା। ଏହି ଖେଳକୁ ୪୨ ମୌଜା ଭାଜପା ମଣ୍ଡଳ ପକ୍ଷରୁ ଆୟୋଜନ କରାଯାଇଥିଲା। ବିଶ୍ୱଜିତ୍ ମହାପାତ୍ର, ଉମାକାନ୍ତ ମହାପାତ୍ର, ବାସୁଦେବ ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ରସାନନ୍ଦ ବେହେରା, ପପୁ ସାସମଲ, ଜ୍ୟୋତି ରଞ୍ଜନ ଭୋଇ, ହର୍ଷ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ‘ଶିକ୍ଷା ହେଉଛି ପ୍ରକୃତ ସୁନା, ରୁପା’

**ଜୋହରିମଲ୍ଲ ହାଇସ୍କୁଲର ବାର୍ଷିକ ଉତ୍ସବ**

କଟକ,୧୩।୧୨(କାର୍ତ୍ତିକ ସାହୁ)

ମଣିଷ ଜୀବନରେ ଶିକ୍ଷା ହିଁ ସବୁ କିଛି ଦେଇଥାଏ। ଶିକ୍ଷା ହେଉଛି ପ୍ରକୃତ ସୁନା, ରୁପା ବୋଲି କଟକ ଗଣେଶଘାଟସ୍ଥିତ ଜୋହରିମଲ୍ଲ ହାଇସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାପୋଷ୍ଟ ଓ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। କଟକ ଶହୀଦ ଭବନଠାରେ ଶନିବାର ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ତଥାଗତ କହିଲେ, ଛାତ୍ରୀଛାତ୍ରମାନେ ଯେଉଁ ବିଷୟ ପ୍ରତି ଭଲ ପାଇବା ରଖୁଛନ୍ତି ସେଥିରେ ସଫଳତା ଆଣିବେ। ପିଲାଙ୍କ ରୁଚି ମାତାପିତା ଜାଣିବା ଦରକାର। ନିଜ ଘରୁ ହିଁ ସବୁ କିଛି ଶିକ୍ଷା ମିଳିଥାଏ। ହାଇସ୍କୁଲର ପ୍ରତିଷ୍ଠାତା ଜୋହରି ମଲ୍ଲଙ୍କ ପରିବାର ଶିକ୍ଷା ପ୍ରତି ସମର୍ପିତ। ଏହି ପରିବାର ଶିକ୍ଷାର ଅଗ୍ରଗତି ପାଇଁ କଟକ ସହରରେ ସ୍କୁଲ, କଲେଜ ଆଦି ପ୍ରତିଷ୍ଠା କରିବା ସହ ବହୁ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଆମର ଶିକ୍ଷା ସେହିପରି ହେବା ଦରକାର, ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଉତ୍ତମ ମଣିଷ ଭାବେ ସମାଜରେ ଗଣା ହେବେ ବୋଲି ତଥାଗତ କହିଥିଲେ।

ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ମୀରା ଦାସ ଯୋଗଦେଇ ପିଲାମାନେ ବହି ପାଠ ପଢ଼ି ଭଲ ଭାବେ ବୁଝିବା ଦରକାର। ସେମାନେ ଏକାଗ୍ର ଚିତ୍ତରେ ପାଠ ପଢ଼ିଲେ ନିଜକୁ ପ୍ରତିଷ୍ଠା କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟର ସଭାପତି କମଳ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ସତ୍ୟନାରାୟଣ ଅଗ୍ରୱାଲ ବିଦ୍ୟାଳୟର ଇତିବୃତ୍ତି ଉପସ୍ଥାପନ କରି ଶିକ୍ଷା କ୍ଷେତ୍ରରେ ଜୋହରିମଲ୍ଲ ହାଇସ୍କୁଲ ଏକ ଅନନ୍ୟ ଶିକ୍ଷାନୁଷ୍ଠାନ ବୋଲି କହିଥିଲେ। ଯୁଗ୍ମ ସମ୍ପାଦକ ପ୍ରଦୀପ ଅଗ୍ରୱାଲ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଦ୍ୟାଳୟର ସମସ୍ତେ ଚେଷ୍ଟିତ ବୋଲି କହିଥିଲେ। ଯୁଗ୍ମ ସମ୍ପାଦିକା ହେମା ଅଗ୍ରୱାଲ ପିଲାମାନଙ୍କୁ ସମସ୍ତ ଭଲ ଗୁଣର ଅଧିକାରୀ ହେବାକୁ କହିଥିଲେ। ବିଦ୍ୟାଳୟର ଅଧକ୍ଷା ଡ. ସୁଚିସ୍ମିତା ପ୍ରଧାନ ବିବରଣୀ ପ୍ରଦାନ ଅବସରରେ ଦଶମ ପରୀକ୍ଷାରେ ଶତପ୍ରତିଶତ ପରୀକ୍ଷାଫଳ ହେଉଥିବା ସୂଚାଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଦୁଇ ଅତିଥିଙ୍କୁ ସ୍ମୃତିଚିହ୍ନ ଓ ଅଙ୍ଗବସ୍ତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କୁନି କଳାକାରଙ୍କ ଓଡ଼ିଶୀ ନୃତ୍ୟ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରେକ୍ଷାଳୟରେ ହର୍ଷୋଲ୍ଲାସ ଭରି ଦେଇଥିଲା।



ଓଡ଼ିଶାପୋଷ୍ଟ ଓ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି, ନିକଟରେ ଅଛନ୍ତି ସ୍କୁଲର ଅଧକ୍ଷ ଏବଂ ଅତିଥିବୃନ୍ଦ।



ଜୋହରିମଲ୍ଲ ହାଇସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଜବରଦଖଲ ସରକାରୀ ଜମି ଉପରେ ପାଚେରି ନିର୍ମାଣ ପାଇଁ ତହସିଲଦାରଙ୍କ ଅନୁମତି

କଟକ ସଦର,୧୩।୧୨(ସୁଶାନ୍ତ କୁମାର ଜେନା)

ସରକାରଙ୍କ ମୂଲ୍ୟବାନ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗ ପରିକଳ୍ପନା କରି ଅର୍ଥ ମଞ୍ଜୁର କରିଛି। ଏହି ଅର୍ଥରେ ପାଚେରି ନିର୍ମାଣ କରାଯାଇ ଜମିକୁ ଜବର୍‌ଦଖଲମୁକ୍ତ କରାଯିବ। କଟକ ସଦର ତହସିଲ ଅନ୍ତର୍ଗତ ୩ଟି ସ୍ଥାନରେ ସରକାରୀ ଜମିର ସୁରକ୍ଷା ପାଇଁ ପାଚେରି ନିର୍ମାଣ କରାଯିବ। ଏହି ନିର୍ମାଣ ଦାୟିତ୍ୱ କଟକ ସଦର ବ୍ଲକ ଉପରେ ନ୍ୟସ୍ତ କରାଯାଇଛି। ହେଲେ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା ସ୍ଥାନ ଜବରଦଖଲ ଯୁକ୍ତ ଜମି ଅଟେ। ଏହି ସରକାରୀ ଜମିକୁ ଲୋକମାନେ ବହୁ ବର୍ଷ ଧରି ଜବର ଦଖଲରେ ରଖି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏହି ସ୍ଥାନରେ ପାଚେରି ନିର୍ମାଣ କରାଯାଇ ଜବରଦଖଲକାରୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। କଟକ ସଦର ତହସିଲ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୧୫୯୪୭/୨୯।୧୧।୨୦୨୫ ରେ ୩ଟି ସ୍ଥାନରେ ପାଚେରି ନିର୍ମାଣ ପାଇଁ ବିଡିଓଙ୍କୁ ସୁପାରିସ କରାଯାଉଛି। ସେହି ପଞ୍ଚାୟତଗୁଡ଼ିକ ହେଲା ଦଧିବାମନପୁର, ଫକୀରପଡ଼ା ଓ କୂଳସରିଚୁଆଁ। ଦଧିବାମନପୁର ଗ୍ରାମର ଖାତା ନଂ ୩୩୦, ପ୍ଲଟ ନଂ ୧୩୭, ଫକୀର ପଡ଼ାର ଖାତା ନଂ ୮୫୧, ପ୍ଲଟ ନଂ ୬୧ ଓ ଚାନ୍ଦୁଲି ଗ୍ରାମର ଖାତା ନଂ. ୩୯୭, ପ୍ଲଟ ନଂ. ୧୪୬୮ରେ ପାଚେରି କରାଯିବ। ଅନ୍ୟପକ୍ଷରେ ଜବରଦଖଲ ହୋଇ ସାରିଥିବା ଜମିରେ ସରକାର କାହିଁକି ଏଭଳି ବିବାଦୀୟ ପ୍ରକଳ୍ପ ଦ୍ୱାରା ପାଚେରି ନିର୍ମାଣ କରାଯାଉଛି, ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ସମସ୍ତ କାର୍ଯ୍ୟ ପାଇଁ ୧୩ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଅଭିଯୋଗ ସମ୍ପର୍କରେ କଟକସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ପାଚେରି ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ କରିବି ବୋଲି ସଦର କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କହିଛନ୍ତି।

## ଯୁବ ଆଇନଜୀବୀଙ୍କ ପାଇଁ ଥିଲେ ପ୍ରେରଣାଦାୟୀ




ଡ. ଅଶୋକ କୁମାର ମହାପାତ୍ରଙ୍କ ପଞ୍ଚମବାର୍ଷିକ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ଡ. ଅଶୋକ କୁମାର ମହାପାତ୍ରଙ୍କ ପଞ୍ଚମବାର୍ଷିକ ସ୍ମୃତି ସମାରୋହ**

କଟକ,୧୩।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଡ. ଅଶୋକ କୁମାର ମହାପାତ୍ରଙ୍କ ପଞ୍ଚମ ବାର୍ଷିକ ସ୍ମୃତି ସମାରୋହ ହାଇକୋର୍ଟ ବାର୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡ. ଅଶୋକ କୁମାର ମହାପାତ୍ର ସ୍ମୃତି କମିଟିର ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସ୍ମୃତି ସମାରୋହକୁ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଉଦ୍‌ଘାଟନ କରିଥିଲେ। ଅଶୋକ ମହାପାତ୍ରଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ଆଇନ ବିଶାରଦ ଭାବେ ଯୁବ ଆଇନଜୀବୀମାନଙ୍କ ପାଇଁ ପ୍ରେରଣାଦାୟୀ ଥିଲେ ବୋଲି ମୁଖ୍ୟ ଅତିଥି ବିଚାରପତି ଶତପଥୀ କହିଥିଲେ। ସମ୍ମାନିତ ଅତିଥି ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ ସ୍ମୃତିଚାରଣ କରି ଡ. ମହାପାତ୍ରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନର ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କର ଡ. ମହାପାତ୍ରଙ୍କ ବ୍ୟକ୍ତିତ୍ୱ ଓ ବାର୍ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆସନ୍ତା ବର୍ଷଠାରୁ ‘ଅଶୋକ ମହାପାତ୍ର ସ୍ମାରକୀ ବକ୍ତୃତାମାଳା’ ଆଇନ ସେମିନାର କରିବା ପାଇଁ ସଭାପତି ଓ ମୁଖ୍ୟ ଅତିଥି ସ୍ମୃତି ସଂସଦକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଆୟୋଜିତ ଜାତୀୟସ୍ତରୀୟ ମୁଟକୋର୍ଟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ଯୁବ ଆଇନଜୀବୀ ପ୍ରିୟରଞ୍ଜନ ମହାନ୍ତି, ଅନ୍ୱେଷା ପ୍ରିୟଦର୍ଶିନୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ମୃତି କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ହରପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରପତି ଭି. ନରସିଂହ, ସ୍ୱର୍ଗତ ମହାପାତ୍ରଙ୍କ ପତ୍ନୀ ଡକ୍ଟର ଚିନ୍ମୟୀ ମହାପାତ୍ରଙ୍କ ସମେତ ବରିଷ୍ଠ ଆଇନଜୀବୀ ଓ ହାଇକୋର୍ଟ ବାର୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ମୃତି କମିଟିର ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ଼ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଳୁଆ, ବାଉଁଶଟାଙ୍ଗର ଅଞ୍ଚଳରୁ ୨୧ ଶହ ଲିଟର ଚୋରା ମଦ ଜବତ



ଖୁଣ୍ଟୁଣୀ,୧୩।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳ ଡ଼ାଳୁଆ, ବାଉଁଶଟାଙ୍ଗର, କଂସର, ସଡକ ସାହି, ପାଟିଆ ସାହି, ପାଦପଥର ଆଦି ଅଞ୍ଚଳରେ ଶନିବାର ଆଠଗଡ଼ ଅବକାରୀ ବଭାଗ ଚଢ଼ାଉ କରି ୨୧ଶହ ଲିଟରର ଚୋରା ଦେଶୀ ମଦ ଓ ୧୫ ହଜାର ୮୨୦ ଲିଟର ପୋଚ ଜବତ କରିଛି। ଚଢ଼ାଉ ବେଳେ ମଦ ପ୍ରସ୍ତୁତକାରୀମାନେ ଖସି ଯିବାରେ ସକ୍ଷମ ହୋଇଯାଇଛନ୍ତି। ଗତ ସପ୍ତାହରେ ମଧ୍ୟ ଅବକାରୀ ବିଭାଗ ବହୁ ପରିମାଣର ଚୋରା ମଦ ଜବତ କରିବା ସହିତ ମଦ ପ୍ରସ୍ତୁତ ପାଇଁ ଥିବା ପୋଚ ନଷ୍ଟ କରିଥିଲା। ହେଲେ ମଦ ମାଫିଆମାନେ ଚଢ଼ାଉ ପରଦିନ ପୁଣି ମଦ ଆରମ୍ଭ କରି ଦେଉଥିବାରୁ ଏପରି ବ୍ୟବସାୟ ବୃଦ୍ଧି ପାଇଛି। ଜିଲା ଅବକାରୀ ଅଧୀକ୍ଷକ କରୁଣାକର ତିୱାରୀଙ୍କ ନିର୍ଦ୍ଦେଶରେ ଉପରୋକ୍ତ ଗ୍ରାମ ଓ ନିକଟବର୍ତ୍ତୀ ଜଙ୍ଗଲରେ ଦେଶୀ ମଦ ଭାଟି ଉପରେ ବିଭାଗୀୟ କର୍ମଚାରୀ ଚଢାଉ କରି ୨୧ ଶହ ଲିଟର ଦେଶୀ ମଦ ଜବତ କରିବା ସହ ବହୁ ପରିମାଣର ପୋଚ ନଷ୍ଟ କରିଥିଲେ। ହେଲେ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲେ। ଚଢ଼ାଉରେ ଆଠଗଡ଼ ଅବକାରୀ ଅଧୀକ୍ଷକ ରବି ନାରାୟଣ ପ୍ରଧାନ, ଉପ ନିରୀକ୍ଷକ ବିଶ୍ୱଜିତ୍ ଆରୁଖ, ତରୁଣ ପାତ୍ର, ସୌମ୍ୟ ରଞ୍ଜନ ମାଝୀ, ଅକ୍ଷୟ କୁମାର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆଠଗଡ଼ରେ ଗଡ଼ଜାତ ପରମ୍ପରା ନିଆରା

**ଗଦାସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ**

ଆଠଗଡ଼,୧୩।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଗଡ଼ଜାତ ନିଜିଗଡ଼ ଗଦାସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ ସାହିର ଉପକଣ୍ଠ ଭାଗୀରଥି ସାଗର ନିକଟସ୍ଥ ନବଗ୍ରହ ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଶ୍ରୀଧର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାହିର ପୁଅ ଅବସରପ୍ରାପ୍ତ ଜିଲା ଦୌରାଜଜ୍ ଲକ୍ଷ୍ମୀଧର ରଥ ଯୋଗଦେଇଥିଲେ। ଆଠଗଡ଼ରେ ଏହି ଗଡ଼ଜାତ ପରମ୍ପରା ନିଆରା ବୋଲି ମୁଖ୍ୟ ଅତିଥି ରଥ କହିଥିଲେ। ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥ ମୁଖ୍ୟ ବକ୍ତା ଓ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିଷଦ ପକ୍ଷରୁ ଉଦୟ-ଲାବଣ୍ୟ ପତ୍ରିକାର ସମ୍ପାଦକ ଲଲାଟେନ୍ଦୁ ସେନାପତିଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକା ଆବେଗକୁ ଉନ୍ମୋଚନ କରିଥିଲେ। ପରେ ଅତିଥିମାନେ ନିଜ ବାଲ୍ୟକାଳରେ ସାହିରେ ଅନୁଭୂତି ଓ ତତ୍କାଳୀନ ସାମାଜିକ ବ୍ୟବସ୍ଥା,ଭାଇଚାରା ତଥା ମୁରବୀମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଶ୍ୟାମାନନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଷଦର ଉପସଭାପତି ସୋମନାଥ ଭକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ସମ୍ପାଦକ ହର ପ୍ରସାଦ ସେଠୀଙ୍କ ସଂଯୋଜନାରେ ସାହିର ବରିଷ୍ଠ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ କାଉନସିଲର ମନୋରଞ୍ଜନ ପଟ୍ଟନାୟକ, ତଥାଗତ ପଟ୍ଟନାୟକ, ରାଜା ସାହାଣୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୌଜନ୍ୟା ରଥ, ରମେଶ ସେଠୀ ତଥା ଆଠଗଡ ଅଞ୍ଚଳର ବହୁ ଶିଶୁ କଣ୍ଠଶିଳ୍ପୀ, ନୃତ୍ୟାଙ୍ଗନା କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।



ଗଦାସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଜଷ୍ଟିସ ଗତିକୃଷ୍ଣ ମିଶ୍ରଙ୍କ ଜୀବନୀ ପଙ୍କରୁ ପଦ୍ମ ଉନ୍ମୋଚିତ

କଟକ,୧୩।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଗତିକୃଷ୍ଣ ମିଶ୍ର ଓଡ଼ିଶା ବିଚାର ବ୍ୟବସ୍ଥାର ଭୀଷ୍ମ ପିତାମହ। ସେ ୯୬ ବର୍ଷ ବୟସରେ ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉଦାହରଣ ଥିଲେ। ତାଙ୍କ ଅବଦାନ ଆଜି ବି ବିଚାର ବିଭାଗକୁ ଋଦ୍ଧିମନ୍ତ କରୁଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଆଲୋକ ଆରଦେ ମତପ୍ରକାଶ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜଷ୍ଟିସ ମିଶ୍ରଙ୍କ ସୁପୁତ୍ର ବିରଜା ମିଶ୍ରଙ୍କ ଲିଖିତ ଲୋଟସ ଫ୍ରମ ଦି ସ୍ୱାମ୍ପ (ପଙ୍କରୁ ପଦ୍ମ) ଜଷ୍ଟିସ ମିଶ୍ରଙ୍କ ଜୀବନୀକୁ ଜଷ୍ଟିସ ଆରାଦେ ଉନ୍ମୋଚନ କରିଛନ୍ତି। ମୁଖ୍ୟ ବକ୍ତା ସୁପ୍ରିମ କୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ କହିଲେ, ସ୍ୱର୍ଗତ ଜଷ୍ଟିସ ମିଶ୍ର ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଯାହା ସବୁଦିନ ପାଇଁ ଉଦାହରଣ। ପୁସ୍ତକର ରଚୟିତା ବିରଜା ମିଶ୍ର ଜଷ୍ଟିସ ମିଶ୍ରଙ୍କ କର୍ମମୟ ଜୀବନର ବିଶେଷ ମୁହୂର୍ତ୍ତକୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପ୍ରଶାସକ ବିବେକ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କେଦାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଶିଳ୍ପପତି ଭଲା ଚନ୍ଦ୍ର ମହାନ୍ତି, ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ କୁଜିବର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାର୍‌ପିଟରେ ଜଣେ ଗୁରୁତର ହେବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ କୁଜିବର ଗ୍ରାମର ସିପୁନ ସେଠୀ (୨୪) ଓରଫ ଶୁକୁଟା। ସୂଚନା ଅନୁଯାୟୀ କୌଣସି କାରଣକୁ ନେଇ କୁଜିବର ଗ୍ରାମର ନାରାୟଣ ବେହେରା ଓ ସିପୁନ ସେଠୀଙ୍କ ପରିବାର ମଧ୍ୟରେ ଶୁକ୍ରବାର ଗଣ୍ଡଗୋଳ ଘଟିଥିଲା। ଏଥିରେ ସିପୁନ୍ ଏକ କଟୁରିରେ ନାରାୟଣଙ୍କ ପୁଅ ତ୍ରିନାଥଙ୍କ ବାମ ହାତକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗଣ୍ଡଗୋଳରେ ୨/୩ଜଣ ଆହତ ହୋଇଥିବା ଜଣାପଡ଼ିଛି। ନାରାୟଣ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ. ୭୩୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ଶ୍ରୀଅରବିନ୍ଦଙ୍କ ପଞ୍ଚଦଶତମ ଦେହାଂଶ ପ୍ରତିଷ୍ଠା ଦିବସ

କଟକ,୧୩।୧୨(କାର୍ତ୍ତିକ ସାହୁ)

ମଧୁପାଟଣା ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅଫ ନିଉ ଥଟ୍ ଏବଂ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀଅରବିନ୍ଦଙ୍କ ପଞ୍ଚଦଶତମ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ବାସନ୍ତୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ କୁଳମଣି ଦାସ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଂସ୍କୃତ ବିଭାଗୀୟ ମୁଖ୍ୟ ପ୍ରାଧାପକ ରାଜୀବ ନନ୍ଦ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନିଉ ଲାଇଫ ଏଜୁକେଶନ ଟ୍ରଷ୍ଟର ସମ୍ପାଦକ ପ୍ରସାଦ ତ୍ରିପାଠୀ ଶ୍ରୀଅରବିନ୍ଦଙ୍କ ସିଦ୍ଧି ସାଧନା, ଭକ୍ତି ଭାବନା ଦ୍ୱାରା ମଣିଷ ଉନ୍ନତ ସୋପାନରେ ପଦାର୍ପଣ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀଅରବିନ୍ଦ ଆଶ୍ରମର ଆଜୀବନ ସଦସ୍ୟ ଅନାଦି ଚରଣ ସ୍ୱାଇଁ ଆଜି ମଧ୍ୟ ଶ୍ରୀଅରବିନ୍ଦଙ୍କ ପ୍ରାସଙ୍ଗିକତା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଭାଗ୍ୟଧର ବେହେରା, ଲକ୍ଷ୍ମୀକାନ୍ତ ସାହୁ, ସୁଶାନ୍ତ କୁମାର ସାମଲ ଓ ମନୋଜ କୁମାର ମୁଦୁଲି ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଶ୍ରୀଅରବିନ୍ଦଙ୍କ ପଞ୍ଚଦଶତମ ଦେହାଂଶ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

## ୧୫,୧୮୯ ମାମଲା ଫଇସଲା

**ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ**

**୩୪,୦୪,୦୧,୩୮୦ ଟଙ୍କା ଜରିମାନା, ଅନୁକମ୍ପାମୂଳକ ରାଶି**

କଟକ,୧୩।୧୨ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତବର୍ଷର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ୍ କୋର୍ଟ ସମେତ ତାଲୁକସ୍ତରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୩,୬୯୭ଟି ମାମଲା ମଧ୍ୟରୁ ୧୫,୧୮୯ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ୩୪,୦୪,୦୧,୩୮୦.୨୩ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ବାବଦକୁ ସ୍ଥିର କରାଯାଇଛି। ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମଜନିତ, ଉପଭୋକ୍ତାଜନିତ, ଚେକ ବାଉନ୍‌ସ, ରାଜସ୍ୱ ଓ ପ୍ରାକ ବିବାଦୀୟ ଜନିତ ମକୋଦ୍ଦମା ଆଦି ମାମଲାଗୁଡ଼ିକର ଫଇସଲା କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଆଡ୍‌ମିନିଷ୍ଟ୍ରେଟିଭ ଜଜ୍ ଫର କଟକ ଜଜ୍‌ଶିପ୍ ବିଚାରପତି ମାନସ ରଞ୍ଜନ ପାଠକ ଏବଂ ଓଡ଼ିଶା ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ ଲୋକ ଅଦାଲତରେ ଯୋଗଦେଇ ସମସ୍ତ କୋର୍ଟ ପରିଦର୍ଶନ କରି ମକଦ୍ଦମାଗୁଡିକ ଫଇସଲା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶନ କରିଥିଲେ। ବହୁ ସଂଖ୍ୟକ ଲୋକ ଯୋଗଦାନ କରି ସେମାନଙ୍କ ମାମଲାଗୁଡ଼ିକ ଫଇସଲା କରାଇଥିଲେ। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ ନିଜ କୋର୍ଟରେ ମାମଲାଗୁଡ଼ିକର ଫଇସଲା କରାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଲୋକ ଅଦାଲତ ପରିଚାଳନା କରିଥିଲେ।



ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଲୋକ ଅଦାଲତରେ ଉପସ୍ଥିତ ଅତିଥି।

**୧୫ ଗାଡ଼ି ପରସ୍ପରକୁ ଧକ୍କାଦେଲେ**

ଗ୍ରେଟର ନଏଡ଼ା ଅନ୍ତର୍ଗତ ଇଷ୍ଟର୍ନ ପେରିଫେରା ଏକ୍ସପ୍ରେସ୍‌ୱେରେ ଶନିବାର ସକାଳେ ପ୍ରବଳ କୁହୁଡ଼ି ଯୋଗୁ ୧୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ଏଥିରେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଘନ କୁହୁଡ଼ି କାରଣରୁ ରାସ୍ତା ଭଲ ଭାବେ ଦେଖାଯାଉ ନ ଥିବାରୁ ଗାଡ଼ିଗୁଡ଼ିକ ଧୀରେ ଧୀରେ ଚାଲୁଥିଲା। ଫଳରେ ପଛରୁ ଆସୁଥିବା ଗାଡ଼ି ଦେଖି ନ ପାରି ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ଏକ୍ସପ୍ରେସ୍‌ୱେରେ ୨ ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହୋଇଥିଲା।





ସଂସଦ ଭବନ ଆକ୍ରମଣର ୨୪ତମ ବାର୍ଷିକୀ ଅବସରରେ ଶନିବାର ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ପାଖରେ ଅଛନ୍ତି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ।

# ଥିରୁଭାନନ୍ତପୁରମ୍‌ରେ ଏନ୍‌ଡିଏ

## କେରଳ ପୌର ନିର୍ବାଚନ

**ଥିରୁଭାନନ୍ତପୁରମ୍, ୧୩।୧୨(ପି.ଟି.)**

ଆସନ୍ତାବର୍ଷ କେରଳ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ସେଠାରେ ଅନୁଷ୍ଠିତ ପଞ୍ଚାୟତ, ବ୍ଲକ ପଞ୍ଚାୟତ, ମ୍ୟୁନିସିପାଲିଟି ଏବଂ ପୌର ନିଗମ ନିର୍ବାଚନ ଫଳାଫଳ ରାଜ୍ୟର ଶାସକ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ପାଇଁ ଶକ୍ତ ଧକ୍କା ହୋଇଛି। କଂଗ୍ରେସ ନେତୃତ୍ୱାଧୀନ ମିଳିତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ନିର୍ଣ୍ଣାୟକ ବିଜୟ ହାସଲ କରିଥିବାବେଳେ ବହୁ ଦଶନ୍ଧି ଧରି ବାମଦଳ ନିୟନ୍ତ୍ରଣରେ ଥିବା ଥିରୁଭାନନ୍ତପୁରମ୍ ପୌର ନିଗମକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଛଡ଼ାଇ ନେଇଛି। କେରଳ ରାଜନୀତିରେ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗତବର୍ଷ ଭାଜପା ସେଠାରୁ ଗୋଟିଏ ଲୋକ ସଭା ଆସନରେ ବିଜୟୀ ହୋଇଥିଲା। ଥିରୁଭାନନ୍ତପୁରମ୍ କଂଗ୍ରେସ ଏମ୍‌ପି ଶଶୀ ଥରୁର ଭାଜପାକୁ ଅଭିନନ୍ଦନ ଜଣାଇଛନ୍ତି। ୪୫ ବର୍ଷ ହେଲା ଏଲ୍‌ଡିଏଫ୍‌ର କୁଶାସନରୁ ପରିବର୍ତ୍ତନ ଆଣିବାକୁ ସେ ପ୍ରଚାର ଚଳାଇଥିଲେ। ତେବେ ମତଦାତା ଅନ୍ୟ ଏକ ଦଳକୁ ସ୍ୱଷ୍ଟ ପରିବର୍ତ୍ତନ ପାଇଁ ଜନାଦେଶ ଦେଇଛନ୍ତି। ଏହା ଗଣତନ୍ତ୍ରର ସୌନ୍ଦର୍ଯ୍ୟ ବୋଲି ଥରୁର କହିଛନ୍ତି। ଭାଜପା କେରଳରେ ପ୍ରଥମ ମେୟର ପାଇଛି। ରାଜ୍ୟର ପ୍ରଥମ ମହିଳା ଆଇପିଏସ୍ ଅଫିସର ଆର୍. ଶ୍ରୀଲେଖା ଏହି ପଦ ପାଇଁ ନିର୍ବାଚିତ ହୋଇଛନ୍ତି।



ଆର୍. ଶ୍ରୀଲେଖା

## ନେପାଳରେ ଓଲିଙ୍କ ବିଶାଳ ରାଲି

**କାଠମାଣ୍ଡୁ, ୧୩।୧୨**

ନେପାଳରେ ଗତ ସେପ୍ଟେମ୍ବରରେ ଜେନ୍ ଜି ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ କେ.ପି. ଶର୍ମା ଓଲି ବିଦା ହୋଇଥିଲେ। ଏହାର ୩ ମାସ ପରେ ଶନିବାର ତାଙ୍କ ଦଳ ରାଜଧାନୀ କାଠମାଣ୍ଡୁ ନିକଟ ଭକ୍ତପୁରଠାରେ ବିଶାଳ ରାଲି କରିଛି। ଜେନ୍ ଜି ଆନ୍ଦୋଳନ ପରେ ଏହା ନେପାଳରେ ସର୍ବବୃହତ୍ ରାଲି ବୋଲି କୁହାଯାଉଛି, ଯେଉଁଥିରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ୟୁନିଫାଏଡ୍ ମାର୍କିଷ୍ଟ-ଲେନିନ୍‌ଷ୍ଟ) ପକ୍ଷରୁ ୩ ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି।

## ପାକ୍ସ ସିଲିକା ଗୋଷ୍ଠୀରୁ ଭାରତ ବାଦ୍

### କଂଗ୍ରେସର ସମାଲୋଚନା

**ନୂଆଦିଲ୍ଲୀ, ୧୩।୧୨(ପି.ଟି.)**

ଏକ ସୁରକ୍ଷିତ ସିଲିକନ୍ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ଆମେରିକା ନେତୃତ୍ୱରେ ରଣନୀତିକ ପଦକ୍ଷେପ ସ୍ୱରୂପ ଗଠନ ହୋଇଥିବା ପାକ୍ସ ସିଲିକନ୍ ଗ୍ରୁପ୍‌ରୁ ଭାରତ ବାଦ୍ ପଡ଼ିଥିବାର ଏହାକୁ ନେଇ କଂଗ୍ରେସ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଅବନତି ଏଥିରୁ ସ୍ୱଷ୍ଟ ହୋଇଛି। ଭାରତ ଏହି ଗ୍ରୁପ୍‌ରେ ସାମିଲ ହୋଇଥିଲେ ଲାଭବାନ୍ ହୋଇଥାନ୍ତା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହାଇଟେକ୍ ଯୋଗାଣ ଶୃଙ୍ଖଳରୁ ଚାଇନାର ନିୟନ୍ତ୍ରଣ ହ୍ରାସ କରିବାକୁ ୯ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏହି ଚୁକ୍ତିନାମାର ନାମ ପାକ୍ସ ସିଲିକା ରଖାଯାଇଥିଲା। ଉକ୍ତ ଗୋଷ୍ଠୀରୁ ଆମେରିକା ଭାରତକୁ ବାଦ୍ ଦେଇଥିବା କେତେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ଗୋଷ୍ଠୀରେ ଆମେରିକା, ଜାପାନ୍, କୋରିଆ, ସିଙ୍ଗାପୁର, ନେଦରଲାଣ୍ଡସ୍, ବ୍ରିଟେନ୍, ଇସ୍ରାଏଲ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଅଷ୍ଟ୍ରେଲିଆ ରହିଛି।

# ଭାରତ ଉପରୁ ଟାରିଫ୍ ହଟାଯାଉ

## ପ୍ରସ୍ତାବ ଆଣିଲେ ୩ ଆମେରିକୀୟ ଆଇନ ପ୍ରଣେତା



ରାଜା କ୍ରିଷ୍ଣମୂର୍ତ୍ତି



ଦେବୋରାହ ରୋସ୍



ମାର୍କ ଭେସି

**ୱାଶିଂଟନ, ୧୩।୧୨**

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଯିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜାତୀୟ ଏମର୍ଜେନ୍ସି ଘୋଷଣା ବୋଲି ଆମେରିକା ହଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ୩ ଜଣ ସଦସ୍ୟ କହିବା ସହ ଏହାକୁ ରଦ୍ଦ କରିବା ପାଇଁ ଶୁକ୍ରବାର ପ୍ରସ୍ତାବ ଆଣିଛନ୍ତି। ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦% ଶୁଳ୍କ ଆମେରିକୀୟ କର୍ମଚାରୀ, ଗ୍ରାହକ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ବେଆଇନ ଏବଂ କ୍ଷତିକାରକ ବୋଲି ସେମାନେ କହିଛନ୍ତି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ପ୍ରତିନିଧି ଦେବୋରାହ ରୋସ୍, ମାର୍କ ଭେସି ଏବଂ ରାଜା କ୍ରିଷ୍ଣମୂର୍ତ୍ତି ଏହି ପ୍ରସ୍ତାବ ଆଣିବା ସହ ବ୍ରାଜିଲ ଉପରେ ଲାଗୁ ହୋଇଥିବା ଅନୁରୂପ ଟାରିଫ ରଦ୍ଦ କରିବା ଏବଂ ଆମଦାନୀ ଶୁଳ୍କ ବଢ଼ାଇବା ଲାଗି ରାଷ୍ଟ୍ରପତିଙ୍କ ଜରୁରୀ କ୍ଷମତା ବ୍ୟବହାର ଉପରେ ଅଙ୍କୁଶ ଲଗାଇବାକୁ ସିନେଟ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି।

ଭାରତୀୟ ସାମଗ୍ରୀ ଉପରେ ଆମେରିକା ପୂର୍ବରୁ ୨୫% ଜବାବୀ ଶୁଳ୍କ ଲଗାଇଥିବାବେଳେ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା ଆଇନ ବଳରେ ଗତ ଅଗଷ୍ଟ ୨୭ରେ ଅତିରିକ୍ତ ୨୫% ଟାରିଫ୍ ଲଗାଇଛି। ଫଳରେ ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ପରିମାଣ ୫୦ ପ୍ରତିଶତରେ ପହଞ୍ଚିଛି। ନର୍ଥ କାରୋଲିନାର ଅର୍ଥନୀତି ମୁଖ୍ୟତଃ ବାଣିଜ୍ୟ, ପୁଞ୍ଜିନିବେଶ ଜରିଆରେ ଭାରତ ଉପରେ ଏବଂ ଦକ୍ଷ ଭାରତୀୟ ଆମେରିକୀୟ ଜନସାଧାରଣଙ୍କ ଉପରେ ନିର୍ଭର କରିଥାଏ ବୋଲି କଂଗ୍ରେସ ସଦସ୍ୟ ରୋସ୍ କହିଛନ୍ତି। ଭାରତୀୟ କମ୍ପାନୀଗୁଡ଼ିକ ଉକ୍ତ ରାଜ୍ୟରେ ବିଲିୟନ ଡଲାର ନିବେଶ କରି ଅନେକ ହଜାର ନିଯୁକ୍ତି ସୃଷ୍ଟି କରିଛନ୍ତି। ନର୍ଥ କାରୋଲିନାରୁ ଉତ୍ପାଦିତ ସାମଗ୍ରୀ ଭାରତକୁ ରପ୍ତାନି ଦ୍ୱାରା ଅନେକ ନିୟୁତ ଡଲାର ଆୟ ହୋଇଥାଏ। ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୀତିକ ସହଯୋଗୀ। ଏଭଳି ବେଆଇନ ଟାରିଫ୍ ଲଗାଇବା ଟର୍ଥ ଟେକ୍ସାନଙ୍କ ଉପରେ ଟିକସ ବୋଲି ଭେସି କହିଛନ୍ତି। ସେହିପରି ଭାରତୀୟ-ଆମେରିକୀୟ କଂଗ୍ରେସମ୍ୟାନ୍ କ୍ରିଷ୍ଣମୂର୍ତ୍ତି କହିଛନ୍ତି, ଟାରିଫ୍ ଉତ୍ପାଦନ ବିରୋଧୀ ଏବଂ ଯୋଗାଣ ଶୃଙ୍ଖଳକୁ ବାଧାଦେବା ସହ ଆମେରିକୀୟ ଶ୍ରମିକଙ୍କୁ କ୍ଷତି ପହଞ୍ଚାଇବ। ଏଥିସହିତ ଗ୍ରାହକମାନେ ମହଙ୍ଗାର ସମ୍ମୁଖୀନ ହେବେ। ଏହି ଟାରିଫ୍ ହଟାଇଦେଲେ ଆମେରିକା-ଭାରତ ଅର୍ଥନୀତି ଏବଂ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

## ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା କଲେ ୧୯ ରାଜ୍ୟ

### ନୂଆ ଏଚ୍-୧ବି ଭିଜା ଉପରେ ବେଆଇନ ୧ ଲକ୍ଷ ଡଲାର ଦେୟ

**ନ୍ୟୁୟର୍କ, ୱାଶିଂଟନ, ୧୩।୧୨**



ଡୋନାଲ୍ଡ ଟ୍ରମ୍ପ

ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧ ଲକ୍ଷ ଡଲାର ଦେୟ ଲାଗୁ କରିଥିବାବେଳେ ଏହାକୁ ବିରୋଧ କରି କାଲିଫର୍ନିଆ ସମେତ ଅନ୍ୟ ୧୯ ରାଜ୍ୟ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା ରୁଜୁ କରିଛନ୍ତି। ଟ୍ରମ୍ପ ପ୍ରଶାସନର ଏଭଳି ବେଆଇନ ନିଷ୍ପତ୍ତି ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରଯୁକ୍ତି ଭଳି ପ୍ରମୁଖ ସେକ୍ଟରଗୁଡ଼ିକରେ ଶ୍ରମିକ ଅଭାବକୁ ଆହୁରି ବଢ଼ାଇଦେବ ବୋଲି ସେମାନେ ସତର୍କ କରିଦେଇଛନ୍ତି। ସେପ୍ଟେମ୍ବରରେ ଟ୍ରମ୍ପ କରିଥିବା ଏହି ଦେୟ ଘୋଷଣାକୁ ବୋଷ୍ଟନ୍‌ର ସଂଘୀୟ ଅଦାଲତରେ ଏହା ତୃତୀୟ ଚ୍ୟାଲେଞ୍ଜ। ସମ୍ପ୍ରତି ନିଯୁକ୍ତିଦାତାମାନେ ଏଚ୍-୧ବି ଭିଜା ପାଇଁ ୨,୦୦୦ରୁ ୫,୦୦୦ ଡଲାର ଦେୟ ପୈଠ କରୁଥିବାବେଳେ ନୂଆ ନିଷ୍ପତ୍ତି ଯୋଗୁ ଏହି ଭିଜା ପାଇବା ଅତ୍ୟଧିକ ମହଙ୍ଗା ହୋଇଯିବ। ନ୍ୟୁୟର୍କ ଆର୍ଟର୍ନି ଜେନେରାଲ ଲେଟିଟିଆ ଜେମ୍ସଙ୍କ ସମେତ ୧୯ ଜଣ ଆର୍ଟର୍ନି ଜେନେରାଲ ଶୁକ୍ରବାର ଏହି ମକଦ୍ଦମା ଦାଏର କରିଛନ୍ତି।

ଅତି କୁଶଳୀ ବିଦେଶୀ ପେସାଦାରମାନଙ୍କୁ ଆମେରିକାରେ ସାମୟିକ ଭାବେ କାର୍ଯ୍ୟ କରିବା ପାଇଁ ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅନୁମତି ଦେଇଥାଏ। ଭାରତୀୟମାନେ ଏହି ଭିଜାକୁ ଅଧିକ ବ୍ୟବହାର କରିଥାନ୍ତି। ନୂଆ ଦେୟ ଏହି କାର୍ଯ୍ୟକ୍ରମକୁ ସରକାର ଏବଂ ଅଣଲାଭକରୀ ନିଯୁକ୍ତିଦାତାମାନଙ୍କ ପାଇଁ ଅତ୍ୟନ୍ତ ଅପହଞ୍ଚ ହେବ। କାରଣ ସେମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଏଚ୍-୧ବି ଭିଜାଧାରୀଙ୍କ ଉପରେ ଅଧିକ ନିର୍ଭରଶୀଳ। ଏହି ଭିଜା ମେଧାବୀ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଆମେରିକା ଆସିବା ପାଇଁ ଅନୁମତି ଦେଇଥାଏ। ଟ୍ରମ୍ପ ପ୍ରଶାସନର ବେଆଇନ ନିଷ୍ପତ୍ତି ଉକ୍ତ କାର୍ଯ୍ୟକ୍ରମକୁ ନଷ୍ଟ କରିବ ଏବଂ ସ୍ୱାସ୍ଥ୍ୟସେବା ପାଇବାରେ ରାଜ୍ୟବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ପିଲାମାନଙ୍କ ଶିକ୍ଷା ଏବଂ ଦେଶର ଅର୍ଥନୀତି କ୍ଷତିଗ୍ରସ୍ତ ହେବ ବୋଲି ଜେମ୍ସ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ରାଷ୍ଟ୍ରପତି ଟ୍ରମ୍ପ ସମସ୍ତ ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ଏକକାଳୀନ ୧ ଲକ୍ଷ ଡଲାର ଦେୟ ଲଗାଇବାକୁ ଘୋଷଣା କରିଥିଲେ। ବର୍ତ୍ତମାନର ଦେୟ ଉପରେ ଏହା ହଠାତ୍ ବହୁଗୁଣ ବୃଦ୍ଧି ବୋଲି ଆର୍ଟର୍ନି ଜେନେରାଲ କହିଛନ୍ତି।

## ରିକି କେଜ୍‌ଙ୍କ ଘରୁ ଚୋରି



**ବେଙ୍ଗାଲୁରୁ, ୧୩।୧୨**

ଗ୍ରାମୀ ପୁରସ୍କାର ବିଜେତା ସଙ୍ଗୀତକାର ରିକି କେଜ୍‌ଙ୍କର ଏକ ସମ୍ପ୍ କଭର ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏକ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ସଂସ୍ଥା ଜମାଟୋର ଡ୍ରାଇଭର ଗୁରୁବାର ସନ୍ଧ୍ୟାରେ ତାଙ୍କ ଘରେ ପଶି ସମ୍ପ୍ କଭର ଚୋରି କରିଥିବା ରିକି କହିଛନ୍ତି। ଏ ସମ୍ପର୍କରେ ସେ Xରେ ପୋଷ୍ଟ କରିଛନ୍ତି। ରିକି ସିସିଟିଭି ଫୁଟେଜ୍ ଏବଂ ଉକ୍ତ ବ୍ୟକ୍ତିଙ୍କ ମୁହଁର ସ୍କ୍ରିନ୍‌ଶଟ୍ ଏବଂ ସେ ଆସିଥିବା ଗାଡ଼ିର ବିବରଣୀ ମଧ୍ୟ ଶେୟାର କରିଛନ୍ତି। ଏଥିରେ ସେ ଜମାଟୋ ଏବଂ ବେଙ୍ଗାଲୁରୁ ସିଟି ପୋଲିସକୁ ଟ୍ୟାଗ୍ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହାୟତା କରିବାକୁ ନିବେଦନ କରିଛନ୍ତି।

## ନାବାଳିକାଙ୍କୁ ଅପହରଣ, ୨୫ ଦିନ ରଖି ବଳାତ୍କାର

**ବାଲିଆ, ୧୩।୧୨**

ଉତ୍ତରପ୍ରଦେଶର ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ମୁମ୍ବାଇ ଓ ପୁଣେ ନେଇ ୨୫ ଦିନ ରଖିବା ସହ ଅନେକ ଥର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ବାବୁରାମ (୨୧) ଗତ ନଭେମ୍ବର ୧୪ରେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ପରେ ତାଙ୍କ ପ୍ରତି ହୋଇଥିବା ଯୌନ ନିର୍ଯାତନା ସମ୍ପର୍କରେ କହିଛି। ଶୁକ୍ରବାର ଧର୍ମାପୁରରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି।

## ମାଓବାଦୀ ବିରୋଧୀ ଅଭିଯାନ ବେଳେ ୯୨ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ, ୧୩।୧୨**

ଦେଶରେ ମାଓବାଦୀ ବିରୋଧୀ ଅଭିଯାନ ବେଳେ ୯୨ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି। ବିଭିନ୍ନ ସୁରକ୍ଷା ଏଜେନ୍ସିର ମିଳିତ ଚଢ଼ାଉ ଫଳରେ ମାଓବାଦୀମାନଙ୍କ ଆର୍ଥିକ ଜୀବନରେଖା ସଙ୍କୁଚିତ ହୋଇଯାଇଛି। ସହରୀ ମାଓବାଦୀଙ୍କ ସୂଚନା ନେଟ୍‌ୱର୍କ ଉପରେ ନିୟନ୍ତ୍ରଣକୁ କଡ଼ାକଡ଼ି କରିବା ଫଳରେ ସେମାନଙ୍କର ଯଥେଷ୍ଟ ନୈତିକ ଏବଂ ମନସ୍ତାତ୍ତ୍ୱିକ କ୍ଷତି ଘଟିଥିବା ଶନିବାର ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହାକୁ ହାସଲ କରିବା ପାଇଁ ସରକାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଏକ ସମର୍ପିତ ଶାଖା ସୃଷ୍ଟି କରିଛନ୍ତି, ଯିଏକି ୪୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ସେହିପରି ରାଜ୍ୟ କର୍ତ୍ତୃପକ୍ଷ ୪୦ କୋଟି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ସରକାର ସୂଚନା ଦେଇଛନ୍ତି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ପୂର୍ବତନ ବାୟୁସେନା ଅଧିକାରୀ ଗିରଫ

**ଗୁଆହାଟୀ, ୧୩।୧୨**

ପାକିସ୍ତାନ ଗୁପ୍ତଚରଗିରି ନେଟ୍‌ୱର୍କ ସହ ସମ୍ପୃକ୍ତି ଅଭିଯୋଗରେ ଭାରତୀୟ ବାୟୁସେନାର ଜଣେ ଅବସରପ୍ରାପ୍ତ ଅଫିସରଙ୍କୁ ଆସାମ ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ଅଭିଯୁକ୍ତ କୁଳେନ୍ଦ୍ର ଶର୍ମାଙ୍କ ଘର ତେଜପୁରର ପଟିଆ ଅଞ୍ଚଳରେ। ଦୀର୍ଘଦିନ ଧରି ତାଙ୍କ ଉପରେ ନଜର ରଖିବା ଓ ପ୍ରାରମ୍ଭିକ ତଦନ୍ତ ପରେ ପୋଲିସ ତାଙ୍କୁ ହାଜତକୁ ନେଇଛି। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ସହ ସମ୍ପୃକ୍ତ ବ୍ୟକ୍ତି ଯୋଗାଯୋଗରେ ରହିବା ସହିତ ସମ୍ବେଦନଶୀଳ ସୂଚନା ଯୋଗାଉଥିଲେ। ତାଙ୍କ ମୋବାଇଲ ଫୋନ୍ ଏବଂ ଲାପ୍‌ଟପ୍‌ରୁ ସନ୍ଦେହଜନକ ତଥ୍ୟ ମିଳିଛି। କେତେକ ତଥ୍ୟକୁ ଲିଭାଇ ଦିଆଯାଇଥିବା ଜଣାପଡ଼ିଛି। ଗୁପ୍ତଚରଗିରି ନେଇ ଶର୍ମାଙ୍କ ଉପରେ ସନ୍ଦେହ ଅତ୍ୟନ୍ତ ଦୃଢ଼ ହୋଇଥିଲେ ମଧ୍ୟ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ତାହା ସ୍ୱଷ୍ଟ କରାଯାଇପାରିବ ନାହିଁ ବୋଲି ସୋନିପତ ଡିଏସ୍‌ପି ହରିଚରଣ ଭୂମିଜ କହିଛନ୍ତି। ଶର୍ମା ଅବସର ନେବା ପୂର୍ବରୁ ତେଜପୁର ବାୟୁସେନା ଘାଟିରେ ଜୁନିୟର ୱାରେଣ୍ଟ ଅଫିସର ଭାବେ ପୋଷ୍ଟିଂ ହୋଇଥିଲେ, ଯେଉଁଠି ସୁଖୋଇ-୩୦ ସ୍କ୍ୱାଡ୍ରନ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ବାୟୁସେନା ସମ୍ପତ୍ତି ରହିଛି।



ନୂଆଦିଲ୍ଲୀର ଓଖ୍‌ଲାରେ ଶନିବାର ଅନୁଷ୍ଠିତ ପେଟ୍ ଫେଡ୍ ଦିଲ୍ଲୀ ମେଳାରେ ଯୁବତୀମାନେ ସେମାନଙ୍କ ପୋଷା ଯନ୍ତୁଙ୍କ ସହ ସାମିଲ ହୋଇଛନ୍ତି।

## କାମ୍ବୋଡ଼ିଆ ସହ ସଂଘର୍ଷ: ୪ ଥାଇ ସୈନ୍ୟ ନିହତ

### ଟ୍ରମ୍ପଙ୍କ ଅସ୍ତ୍ରବିରତିକୁ ମାନିଲାନି ବ୍ୟାଙ୍କକ୍

**ବ୍ୟାଙ୍କକ୍, ୧୩।୧୨**

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସଂଘର୍ଷ ଶନିବାର ଜାରି ରହିଛି। ଏଥିରେ ଥାଇଲାଣ୍ଡର ୪ ଜଣ ସୈନ୍ୟ ନିହତ ହୋଇଛନ୍ତି। ସଂଘର୍ଷ ବନ୍ଦ କରିବାକୁ ୨ ଦେଶ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ୍ ଏହାକୁ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ହିଂସା ଯୋଗୁ ସୀମାର ଉଭୟ ପାର୍ଶ୍ୱରୁ ପାଖାପାଖି ୫ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଉପନିବେଶୀୟ ଶାସନ କାଳରେ ହୋଇଥିବା ବିବାଦୀୟ ସୀମା ନିର୍ଦ୍ଧାରଣକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗିରହିଛି।

## ଜାପାନରେ ରିଲିଜ ହେବ 'ପୁଷ୍ପା ୨'





**ହାଇଦ୍ରାବାଦ୍:** ବ୍ଲକ୍‌ବଷ୍ଟର ଫିଲ୍ମ 'ପୁଷ୍ପା ୨: ଦି ରୁଲ୍' ଏବେ ଜାପାନରେ ରିଲିଜ ପାଇଁ ପ୍ରସ୍ତୁତ ହେଉଛି। ଆଉ ଏହି ରିଲିଜ ପୂର୍ବରୁ ଅଭିନେତା ଅଲ୍ଲୁ ଅର୍ଜୁନ ପ୍ରମୋଶନ ପାଇଁ ଜାପାନ ଗସ୍ତରେ ଯିବା ପ୍ରସଙ୍ଗକୁ ତାଙ୍କ ମ୍ୟାନେଜର ନିଶ୍ଚିତ କରିଛନ୍ତି। 'ପୁଷ୍ପା ୨' ୨୦୨୬ ଜାନୁଆରୀ ୧୬ରେ 'ପୁଷ୍ପା କୁନରିନ୍' ନାମରେ ଜାପାନରେ ମୁକ୍ତିଲାଭ କରିବ। ସୋସିଆଲ ମିଡିଆରେ ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ଅଲ୍ଲୁ ଅର୍ଜୁନଙ୍କ ମ୍ୟାନେଜର ଶରତ ଚନ୍ଦ୍ର ନାଇଡୁ କହିଛନ୍ତି ଯେ ଅଲ୍ଲୁ ଅର୍ଜୁନ ପ୍ରମୋଶନ ପାଇଁ ଜାପାନ ଯିବେ।

ଜାପାନରେ ଏହି ଫିଲ୍ମର ଏକ ସ୍ୱତନ୍ତ୍ର ୨୨୦-ମିନିଟ୍ ବିଶିଷ୍ଟ ଏକ୍ସଟେଣ୍ଡେଡ୍ କଟ୍ ଭର୍ସନ ରିଲିଜ ହେବ। ଏହା ମୂଳ ୨୦୦-ମିନିଟ୍ ଭର୍ସନ୍‌ଠାରୁ ୨୦ ମିନିଟ୍ ଅଧିକ। ଏହା ଅଲ୍ଲୁ ଅର୍ଜୁନଙ୍କର ପ୍ରଥମ ଜାପାନ ଗସ୍ତ ହେବାର ସମ୍ଭାବନା ଅଛି। ଫିଲ୍ମର ଅଫିସିଆଲ ଜାପାନିଜ ପୋଷ୍ଟର ଓ ଟ୍ରେଲର୍ ପୂର୍ବରୁ ହିଁ ରିଲିଜ ହୋଇସାରିଛି।

## ନୌସେନା ଗୋଳାବାରୁଦ ଭଣ୍ଡାର ନିକଟରେ ବିସ୍ଫୋରଣ

**କରୱାର, ୧୩।୧୨**

କର୍ନାଟକର ଉତ୍ତର କନ୍ନଡ ଜିଲ୍ଲାରେ ଥିବା ଭାରତୀୟ ନୌସେନାର ଗୋଳାବାରୁଦ ଭଣ୍ଡାର ନିକଟରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ବିସ୍ଫୋରଣ ଘଟି ୩୦ରୁ ଊର୍ଦ୍ଧ୍ୱ ଘରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନୌସେନାର ପ୍ରୋଜେକ୍ଟ ସି'ବାର୍ଡର ଅଂଶବିଶେଷ ଭାବେ ବେଲେକେରି ଅସ୍ତ୍ରଭଣ୍ଡାର ୨୦୧୫ରେ ଆରମ୍ଭ ହୋଇଥିଲା। ସେଠାରେ ଯୁଦ୍ଧଜାହାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରହିଥାଏ। ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ଦିଲ୍ଲୀ ଏକ୍ୟୁଆଇ ୪୪୧: ଜିଆର୍‌ଏପି-୪ ଲାଗୁହେଲା

**ନୂଆଦିଲ୍ଲୀ, ୧୩।୧୨**

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଶନିବାର ସନ୍ଧ୍ୟାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୪୧ରେ ପହଞ୍ଚିଛି, ଯାହାକି ଅତ୍ୟନ୍ତ ଗମ୍ଭୀର ବର୍ଗର। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଲାଗି ଜରୁରୀ ପଦକ୍ଷେପ ସ୍ୱରୂପ ଦିଲ୍ଲୀ କର୍ତ୍ତୃପକ୍ଷ ଗ୍ରେଡେଡ୍ ଆକ୍ସନ ରେସ୍ପନ୍ସ ପ୍ଲାନ୍ (ଜିଆର୍‌ଏପି)ର ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିଛନ୍ତି। ଦିଲ୍ଲୀରେ କିଛିଘଣ୍ଟା ପୂର୍ବରୁ ଜିଆର୍‌ଏପି-୩ ଲାଗୁ ହୋଇଥିଲା। ସ୍ଥିତି ଅଧିକ ଖରାପ ହେଉଥିବା ଏକ୍ୟୁଆଇରୁ ଜଣାପଡ଼ିବା ପରେ ବାୟୁ ଗୁଣବତ୍ତା ପରିଚାଳନା ଆୟୁକ୍ତ (ସିଏକ୍ୟୁଏମ୍) ଜିଆର୍‌ଏପି-୪ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଅପରାହ୍ନ ୪ଟାରେ ଏକ୍ୟୁଆଇ ୪୩୧ ଥିବାବେଳେ ୬ଟା ବେଳକୁ ୪୪୧କୁ ଖସିଥିଲା। ବାୟୁ ପ୍ରବାହର ମନ୍ଥର ଗତି, ସ୍ଥିର ବାୟୁମଣ୍ଡଳ, ପ୍ରତିକୂଳ ପାଣିପାଗ ସ୍ଥିତି ତଥା ପ୍ରଦୂଷିତ କଣିକାଗୁଡ଼ିକ ଖେଳାଇ ନ ହୋଇ ସ୍ଥିର ରହିବା ଫଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଗମ୍ଭୀର ସ୍ତରକୁ ଆସିଥିଲା ବୋଲି ସିଏକ୍ୟୁଏମ୍ କହିଛି।

ଦିଲ୍ଲୀର ଆନନ୍ଦବିହାର ଅଞ୍ଚଳ ଶନିବାର ସନ୍ଧ୍ୟାରେ ବହଳ ଧୂଆଁ କୁହୁଡ଼ିରେ ଘୋଡ଼ାଇ ହୋଇ ରହିଥିବାବେଳେ ଏକ୍ୟୁଆଇ ୪୮୮କୁ ଖସିଆସିଛି। ଏଭଳି ବାୟୁ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ସେହିପରି ଇଣ୍ଡିଆ ଗେଟ୍, କର୍ତ୍ତବ୍ୟ ପଥରେ ଏକ୍ୟୁଆଇ ୪୦୭ ରହିଛି। ଫଳରେ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳରେ ତୁରନ୍ତ ସର୍ବାଧିକ କଟକଣା ଜିଆର୍‌ଏପି-୪ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କଟକଣା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ରେ ନିର୍ମାଣ କାର୍ଯ୍ୟ ଓ ଜବରଦଖଲ ଉଚ୍ଛେଦ ସମ୍ପୂର୍ଣ୍ଣ ନିଷିଦ୍ଧ ହେବା ସହ ଷ୍ଟୋନ୍ କ୍ରସର, ଖଣି ଉତ୍ତୋଳନ ଆଦି ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୫ମ ଶ୍ରେଣୀ ପର୍ଯ୍ୟନ୍ତ ହାଇବ୍ରିଡ୍ ଲର୍ନିଂ ମୋଡ୍‌ରେ ପାଠପଢ଼ା ପାଇଁ ପରାମର୍ଶ ଦିଆଯାଇଛି।

ଦିନ କେଇଟା ପରେ ବିଦାୟନେବାକୁ ଯାଉଥିବା ୨୦୨୫ ବର୍ଷ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ଅନେକ ଚର୍ଚ୍ଚିତ ଘଟଣାର ଛାପ ଛାଡ଼ିଯାଇଛି। ଗୋପାଳପୁର ବେଳାଭୂମିରେ ପୁରୁଷବନ୍ଧୁଙ୍କ ଆଗରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରି ଲଜ୍ଜାଜନକ ଘଟଣା ଓ ସ୍କୁଲ ବସ୍ ଭିତରେ ୪ ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ଥିଲା କଳଙ୍କିତ ଅଧ୍ୟାୟ। ପ୍ରକୃତି ଦାଉରେ କନ୍ଧମାଳ ଓ ଗଜପତି ଜିଲାରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ଜନଜୀବନ। ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ଭଳି ଦୈବୀ ଦୁର୍ବିପାକ ଭୟ ଖେଳାଇଦେଇଥିଲା। କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ଥିଲା ଚଳିତ ବର୍ଷର ଚର୍ଚ୍ଚିତ ଅପରାଧ। ଏହିଭଳି ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...



# ଭୂସ୍ଖଳନ



ଦିନ କେଇଟା ପରେ ବିଦାୟନେବାକୁ ଯାଉଥିବା ଏହି ବର୍ଷରେ ଭୂସ୍ଖଳନ କନ୍ଧମାଳ ଓ ଗଜପତି ଜିଲାରେ ଭୟ ସୃଷ୍ଟି କରିଥିଲା। ୨ ଜିଲାରେ ଏକାଧିକ ଭୂସ୍ଖଳନ ହୋଇଛି। ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗାଘାଟି ରାସ୍ତାରେ ସେପ୍ଟେମ୍ବର ୧୬ରେ ପ୍ରଥମଥର ଭୂସ୍ଖଳନ ହୋଇଥିଲା। ସେହି ସପ୍ତାହରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ବାଦଲଫଟା ବର୍ଷା ହେବାରୁ ପୁଣି ଭୂସ୍ଖଳନ ହୋଇ ପାହାଡ଼ରୁ ବଡ଼ ପଥର ଖସି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ଏଥିଯୋଗୁ ପ୍ରାୟ ୨ମାସ ଧରି କଳିଙ୍ଗାଘାଟିରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ମରାମତି ପରେ ରାସ୍ତା ସ୍ୱାଭାବିକ ହୋଇଥିଲେ ମଧ୍ୟ ଏବେ ବି ଘାଟିର ଅନେକ ସ୍ଥାନରେ ବଡ଼ ବଡ଼ ପଥର ଝୁଲି ରହିଛି। ସେହିପରି ଅକ୍ଟୋବର ପ୍ରଥମ ସପ୍ତାହରେ ଗଜପତି ଜିଲାରେ ମୂଷଳଧାରାରେ ବର୍ଷା ଯୋଗୁ ୪ଟି ବ୍ଲକ୍‌ରେ ଭୂସ୍ଖଳନ ସହ ପାହାଡ଼ ଧସିଥିଲା। ଜିଲାର ରାୟଗଡ଼ ବ୍ଲକ୍ ମାଲବା ପଞ୍ଚାୟତ ପେକଟ ଗାଁରେ ଚାଷଜମିରୁ ଫେରୁଥିବା ବାପପୁଅ ଭୂସ୍ଖଳନରେ ନିଖୋଜ ହୋଇଗଲେ। ବହୁ ଉଦ୍ୟମ ସତ୍ତ୍ୱେ ସେମାନଙ୍କର ଆଉ ପତ୍ତା ମିଳିଲାନାହିଁ। ସେହିପରି ମୋହନା ବ୍ଲକ୍‌ରେ ଜଣେ ଓ ଆର୍.ଉଦୟଗିରି ବ୍ଲକ୍‌ରେ ଜଣଙ୍କର ପାଣି ସୁଅରେ ଭାସିଯାଇ ଜୀବନ ଯାଇଥିଲା।

## ଆଇନଜୀବୀ ପୀତବାସଙ୍କୁ ଗୁଳି

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଅକ୍ଟୋବର ୬ କୁମାର ପୂର୍ଣ୍ଣିମା ରାତିରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ଥିଲା ଚଳିତ ବର୍ଷର ଚର୍ଚ୍ଚିତ ଅପରାଧ। ହତ୍ୟାକାଣ୍ଡରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ (ପିଣ୍ଟୁ) ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ ସ୍ପଷ୍ଟକରିବା ପରେ ଏହା ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା। ହତ୍ୟାକାଣ୍ଡ ପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ପୀତବାସଙ୍କୁ ସୁପାରି କିଲର ଦ୍ୱାରା ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଥିଲା। ଏହି ଘଟଣାରେ ମୋଟ ୧୬ ଜଣ ଗିରଫ ହୋଇଛନ୍ତି। ଷଡ଼ଯନ୍ତ୍ରକାରୀ ବିକ୍ରମଙ୍କ ସମେତ ୧୫ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପିଣ୍ଟୁଙ୍କୁ ଫୁଲବାଣୀ ଜେଲରେ ରଖାଯାଇଛି।



## ଗୁଣି ସନ୍ଦେହରୁ ସଂଘର୍ଷ, ଗଡ଼ିଲା ୩ ମୁଣ୍ଡ

ଗଞ୍ଜାମ ଜିଲା ଧରାକୋଟ ବ୍ଲକ୍ ବାହାରପୁର ପଞ୍ଚାୟତ ଖାରିପଲ୍ଲୀ ଗ୍ରାମରେ ମାର୍ଚ୍ଚ ୧୮ରେ ଗୁଣିଗାରେଡ଼ିକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୁଣ୍ଡ ଗଡ଼ିଥିଲା। ଜଣେ ବ୍ୟକ୍ତି ଗୁଣି କରୁଥିବା ଗ୍ରାମବାସୀ ସନ୍ଦେହକରି ତାଙ୍କୁ ବିରୋଧ କରିବାରୁ ସେ ଗାଁ ଛାଡ଼ି ଚାଲିଯାଇଥିଲେ। ପୋଲିସ ହସ୍ତକ୍ଷେପ ପରେ ପୁଣି ଗାଁକୁ ଆସିଥିବା ବେଳେ ଲୋକେ ତାଙ୍କ ଘରକୁ ଯାଇ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପୁଅ ବିରୋଧ କରିବାରୁ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ବାପପୁଅଙ୍କ ସହ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା।

## ୧୦୦ତମ ଜନ୍ମଦିନରେ ୩.୪ କୋଟି ଦାନ



ବ୍ରହ୍ମପୁରର ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର କେ. ଲକ୍ଷ୍ମୀବାଈ ଡିସେମ୍ବର ୫ ରେ ତାଙ୍କ ୧୦୦ତମ ଜନ୍ମଦିନରେ ନିଜ ସଞ୍ଚିତ ଅର୍ଥରୁ ୩ କୋଟି ୪୦ ଲକ୍ଷ ଟଙ୍କା ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଉତ୍ତମ ଚିକିତ୍ସା, ଗବେଷଣା ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏମ୍ସର ସଫଳତା ପାଇଁ ସେ ଏହି ଟଙ୍କା ପ୍ରଦାନ କରିଛନ୍ତି। ସ୍ତ୍ରୀରୋଗ ସମ୍ବନ୍ଧୀୟ କର୍କଟ ନିରାକରଣ କ୍ଷେତ୍ରରେ ଏହା ବିନିଯୋଗ ହେବ। ଡା. ଲକ୍ଷ୍ମୀବାଈ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭକରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ।

## ସେନା ପୋଷାକରେ ଦାଗ

ସ୍କୁଲ ବସ୍ ଭିତରେ ୪ ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ଥିଲା ଚଳିତ ବର୍ଷ ଆରମ୍ଭରୁ ଘଟିଥିବା ଏକ କଳଙ୍କିତ ଘଟଣା। ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଜାନୁଆରୀ ୨ରେ ବସ୍ ଭିତରେ ଶିଶୁକନ୍ୟାଙ୍କୁ କରାଯାଇଥିବା ଯୌନ ଶୋଷଣ କାର୍ଯ୍ୟ ଅଭିଭାବକଙ୍କ ମନରେ ଜାଳିଥିଲା ଅସନ୍ତୋଷର ନିଆଁ । ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏହାର ତ୍ୱରିତ ବିଚାରକରି ୨ ସେନା କର୍ମଚାରୀ ଭୂତେଦିଆ ଜଏସ୍ କୁମାର ଓ ହସେଲଦାର ମୁଣ୍ଡା(୩୭)ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜଏସ୍ କୁମାରଙ୍କ ଘର ଗୁଜରାଟ ମେହେସାନା ଜିଲାରେ ହୋଇଥିବା ବେଳେ ହସେଲଦାରଙ୍କ ଘର ଦେବଗଡ଼ ଜିଲାର ବାଇଧର ଗାଁରେ। ଜଏସ୍ କୁମାର କଲେଜରେ ଥିଲେ ହାବିଲଦାର ଓ ହସେଲଦାର ନାୟକ।

## 'ଭାର୍ଗବାସ୍ତ୍ର'ର ସଫଳ ପରୀକ୍ଷଣ

ଗଞ୍ଜାମ ଜିଲା ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଡ୍ରୋନ୍ କିଲର ଭାର୍ଗବାସ୍ତ୍ରର ସଫଳ ପରୀକ୍ଷଣ ହୋଇଥିଲା। ଡ୍ରୋନ୍ ଜରିଆରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ଏହି ସିଷ୍ଟମ ତିଆରି ହୋଇଛି। ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ଏହି କାଉଣ୍ଟର ଆଟାକ୍‌ସିଷ୍ଟମରେ ମାଇକ୍ରୋ ରକେଟ ଟେକ୍ନୋଲଜି ବ୍ୟବହାର କରାଯାଇଥିବାରୁ ଏହା ଏକାଧିକ ଡ୍ରୋନ୍‌କୁ ଲକ୍ଷ୍ୟକରି ନଷ୍ଟକରିବାର କ୍ଷମତା ରଖିଛି। ଗୋଳାବନ୍ଧରେ ସୈନ୍ୟବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ୩ଟି ପର୍ଯ୍ୟାୟରେ ଏହାର ପରୀକ୍ଷଣ କରାଯାଇଥିଲା।






## ରେକର୍ଡ ସଂଖ୍ୟକ ଅଲିଭ ରିଡ୍‌ଲେ

ଋଷିକୁଲ୍ୟା ମୁହାଣ ସାମୁଦ୍ରିକ ବେଳାଭୂମିରେ ବିରଳ ଅଲିଭ ରିଡ୍‌ଲେ କଇଁଛମାନେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଣ୍ଡା ଦେଇଥିଲେ। ଜଳବାୟୁ ଅନୁକୂଳ ଥିବାରୁ ଫେବୃଆରୀ ୧୫ରୁ ୨୨ ତାରିଖ ୮ ଦିନ ଭିତରେ ୬ ଲକ୍ଷ ୯୮ ହଜାର ୭୧୮ କଇଁଛ ଅଣ୍ଡା ଦେଇଥିଲେ। ଗୋଖରକୁଦାରୁ ବଟେଶ୍ୱର ପର୍ଯ୍ୟନ୍ତ ଏହି ବିଦେଶୀ କଇଁଛମାନେ ଅଣ୍ଡା ଦେଇଥିଲେ। ବନ ବିଭାଗ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏମାନଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଗଣ ଅଣ୍ଡାଦାନ ସମୟ ପୁଣି ପାଖେଇ ଆସୁଥିବାରୁ ଏବେଠାରୁ ବନ ବିଭାଗ ସଜାଗ ରହିଛି।

## ସୁନାପୁର ବେଳାଭୂମି ବ୍ଲୁ ଫ୍ଲାଗ

ଗଞ୍ଜାମ ଜିଲା ସୁନାପୁର ବେଳାଭୂମି ବ୍ଲୁ ଫ୍ଲାଗ ମାନ୍ୟତା ବଜାୟ ରଖିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଏହି ବେଳାଭୂମିକୁ ପ୍ରଥମଥର ପାଇଁ ୨୦୨୩-୨୪ରେ ବ୍ଲୁ ଫ୍ଲାଗ ମାନ୍ୟତା ମିଳିଥିଲା। ଗୋଆର ବେଳାଭୂମି ଭଳି ସୁନାପୁରକୁ ରୂପ ଦେବା ପାଇଁ ଉଦ୍ୟମ କରାଯାଇଛି। ସେଠାରେ ତିଆରି ହୋଇଥିବା ପ୍ରତ୍ୟେକ ସାମଗ୍ରୀରେ ବାଉଁଶ, ପାଲ ଓ ନଡ଼ା ବ୍ୟବହାର କରାଯାଇଛି। ଜିଲାରେ ପ୍ରାୟ ୫୮ କିମି ବେଳାଭୂମି ରହିଛି। ଏହା ମଧ୍ୟରେ ହରିପୁର, ଗୋପାଳପୁର ଓ ସୁନାପୁର ବେଳାଭୂମିର ସ୍ୱତନ୍ତ୍ରତା ରହିଛି। ତେବେ ଗୋପାଳପୁରକୁ ବିଗତ ବର୍ଷ ବ୍ଲୁଫ୍ଲାଗ ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସ୍ଥାନାଭାବରୁ ତାହା ପ୍ରସ୍ତାବରେ ରହିଯାଇଛି।

## ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

ଗୋପାଳପୁର ବେଳାଭୂମିରେ ଜୁନ୍ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ୬ ଜଣ ସାବାଳକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଉକ୍ତ ମାମଲାର ବିଚାର ପ୍ରକ୍ରିୟା ଚାଲିଛି।

## ନାବାଳିକାଙ୍କୁ ବଳାତ୍କାର ପରେ ପୋଡ଼ିଦେଲେ

କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଫେବୃଆରୀ ୨୭ରେ ନାବାଳିକା ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ପ୍ରେମିକ ଡାକି ନେଇ ସାଙ୍ଗମାନଙ୍କ ସହ ଦାରିଙ୍ଗବାଡ଼ିର ଏକ ପାର୍କ ବୁଲିବାକୁ ଯାଇଥିଲେ। ପାର୍କ ବନ୍ଦ ଥିବାରୁ ସେମାନେ ସୋରଡ଼ା ଥାନା ଗାଜଲବାଡ଼ି ଜଙ୍ଗଲକୁ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ମୃତଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ମାର୍ଚ୍ଚ ୧ରେ ନାବାଳିକାଙ୍କ କଙ୍କାଳ ଜବତ ହୋଇଥିଲା। ଏହାର ତଦନ୍ତକରି ପୋଲିସ ୪ ଜଣଙ୍କୁ ଜେଲ ପଠାଇଥିଲା। ସେମାନଙ୍କୁ ଫାଶୀଦଣ୍ଡ ଦାବିରେ ଟିକାବାଲି ବନ୍ଦ ହୋଇଥିଲା।



## ସଙ୍ଗଠନ ଛାଡ଼ିଲେ କ୍ୟାଡର ମାଓବାଦୀ

କନ୍ଧମାଳ ଜିଲାକୁ ମାଓବାଦୀମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିଛି। ଚଳିତବର୍ଷ କେତେଜଣ କ୍ୟାଡର ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ଆଉ କେତେଜଣ ସୁରକ୍ଷା ବାହିନୀର ଗୁଳି ବିନିମୟ ବେଳେ ନିପାତ ହୋଇଛନ୍ତି। ଗତ ଜୁଲାଇରେ ୨ ମହିଳା କ୍ୟାଡରଙ୍କ ସମେତ ୩ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ନଭେମ୍ବରରେ ଏକ ଦମ୍ପତି ସଙ୍ଗଠନ ଛାଡିଥିଲେ।

## ହୋମ୍‌ଗାର୍ଡ ଦୌଡ଼ ପରୀକ୍ଷା ନେଲା ୨ ଜୀବନ

ଗଜପତି ଜିଲା ପାରଳାଖେମୁଣ୍ଡିରେ ମେ ୨୯ରେ ହୋମ୍‌ଗାର୍ଡ ପଦବୀ ପାଇଁ ଶାରୀରିକ ପରୀକ୍ଷା ଚାଲିଥିବା ବେଳେ ୨ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଆଲୋଡନ ଖେଳାଇ ଦେଇଥିଲା। ଏଥିରେ ୬ଜଣ ପରୀକ୍ଷାର୍ଥୀ ମଧ୍ୟ ଗୁରୁତର ହୋଇଥିଲେ। ଏହି ଘଟଣା ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଥିଲା। ରାଣୀପେଣ୍ଠଠାରୁ ପଦ୍ମପୁର ଯାଏ ୨ କି.ମି. ରାସ୍ତା ହେଉଥିବା ଶାରୀରିକ ଦୌଡ଼ ପରୀକ୍ଷାରେ ବିଭିନ୍ନ ଅଞ୍ଚଳରୁ ୧୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୪ଲକ୍ଷ ଲେଖାଏ ଟଙ୍କା ସହାୟତା ଘୋଷଣା କରିଥିଲେ।

# ବନ୍ଦେ ଭାରତ ଟ୍ରେନ୍‌ରେ ମିଳିବ ସ୍ଥାନୀୟ ଖାଦ୍ୟ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)



ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ମନ୍ତ୍ରୀ ଅଧିକାରୀମାନଙ୍କୁ ବନ୍ଦେ ଭାରତ ଟ୍ରେନ୍‌ରେ ଅଞ୍ଚଳର ସ୍ଥାନୀୟ ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଖାଦ୍ୟ ପ୍ରଚଳନ ଦ୍ୱାରା ଯାତ୍ରୀଙ୍କ ଅଭିଜ୍ଞତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ ଯାହା ଯାତ୍ରା କରାଯାଉଥିବା ଅଞ୍ଚଳଗୁଡ଼ିକର ସଂସ୍କୃତି ଏବଂ ସ୍ୱାଦକୁ ଯାତ୍ରୀଙ୍କ ମଧ୍ୟରେ ପରିଚିତ କରିବ। ଆଗାମୀ ଦିନର ସମସ୍ତ ଟ୍ରେନ୍‌ରେ ଏହି ସୁବିଧା ଉପଲବ୍ଧ କରାଯିବ। ବୈଠକରେ କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ନକଲି ପରିଚୟ ମାଧ୍ୟମରେ ଟ୍ରେନ୍ ଟିକେଟ ବୁକିଂ ଉପରେ ଭାରତୀୟ ରେଳପଥ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ସକାରାତ୍ମକ ଫଳାଫଳ ପ୍ରଦାନ କରୁଛି। ବ୍ୟବହାରକାରୀ ପରିଚୟ ସ୍ଥାପନ ଏବଂ ନକଲି ପରିଚୟ ଚିହ୍ନଟ ପାଇଁ ଏକ କଠୋର ବ୍ୟବସ୍ଥା ପ୍ରଚଳନ ପରେ ୱେବ୍‌ସାଇଟରେ ପ୍ରତିଦିନ ପ୍ରାୟ ୫,୦୦୦ ନୂତନ ବ୍ୟବହାରକାରୀ ଆଇଡି ଯୋଡ଼ାଯାଉଛି। ପୂର୍ବରୁ ଏହି ସଂଖ୍ୟା ପ୍ରତିଦିନ ପ୍ରାୟ ୧ ଲକ୍ଷ ନୂତନ ବ୍ୟବହାରକାରୀ ଆଇଡି ଛୁଇଁଥିଲା। ଏହି ପଦକ୍ଷେପଗୁଡ଼ିକ ପୂର୍ବରୁ ଭାରତୀୟ ରେଳପଥକୁ ୩.୦୩ କୋଟି ନକଲି ଆକାଉଣ୍ଟକୁ ନିଷ୍କ୍ରିୟ କରିବାରେ ସାହାଯ୍ୟ କରିଛି। ଅନ୍ୟ ୨.୭ କୋଟି ବ୍ୟବହାରକାରୀ ଆଇଡିକୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି କିମ୍ବା ସେମାନେ କରୁଥିବା ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ଆଧାରକରି ନିଲମ୍ବନ ପାଇଁ ଚିହ୍ନଟ କରାଯାଇଛି।

## ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସେମିନାର

ଭୁବନେଶ୍ୱର,୧୩।୧୨

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସଟିଆର-୯ ଓ ଜିଏସଟିଆର ୯ସି' ସମ୍ପର୍କୀତ ଏକ ବୈଷୟିକ ସେମିନାର ସିଏମ୍ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। , ରାଜ୍ୟ ସିଟି ଜିଏସଟିର ଅତିରିକ୍ତ କମିଶନର ଅମିତାଭ ଆନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଷ୍ଟ ଆକାଉଣ୍ଟାଣ୍ଟ ସିଏମ୍ଏ ଶିବପ୍ରସାଦ ପାଢୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ଭୁବନେଶ୍ୱର ଚାପ୍ଟରର ଚେୟାରମ୍ୟାନ୍ ସିଏମ୍ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସନାଲ ଡେଭେଲପମେଣ୍ଟ କମିଟିର ଅଧ୍ୟକ୍ଷ ସିଏମ୍ଏ ବରଦା ପ୍ରସନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ମାଲାବାରର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଉନ୍ମୋଚିତ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଶହୀଦନଗର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। ସ୍ୱତନ୍ତ୍ର ଶୈଳୀରେ ଗଢ଼ାଯାଇଥିବା ସୁନା ଓ ହୀରା ଗହଣା ଏହି କଲେକ୍ସନରେ ଅନ୍ତର୍ଭୁକ୍ତ ରହିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ଫ୍ଲାଗଶିପ୍ ଅଭିଯାନର ୧୫ତମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ୨୨ କନ୍ୟା ଓ ୧୦ ସେଲିବ୍ରିଟିଙ୍କୁ ଏକତ୍ରିତ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଆଲିଆ ଭଟ୍ଟ, କରୀନା କପୁର ଖାନ୍, ଏନ୍‌ସିଆର୍, କାର୍ଥୀ, ଅନିଲ କପୁର, ଶ୍ରୀନିଧି ସେଟ୍ଟୀ , ରୁକ୍ମିଣୀ ମିତ୍ର, ପ୍ରାର୍ଥନା ବେହେରେ ଏବଂ ମାନସୀ ପାରେଖ ଏହି କ୍ୟାମ୍ପେନ୍‌ର ଅଂଶ ହୋଇଛନ୍ତି। ଅଭିନେତ୍ରୀ ଲୁମ୍ବ୍ରାନିଆ ଶତପଥୀ କ୍ୟାମ୍ପେନ୍‌ର ଶୁଭାରମ୍ଭ ଅବସରରେ ଯୋଗଦେଇଥିଲେ। ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଡାଇମଣ୍ଡ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଅଭିଷେକ ବର୍ମନଙ୍କ ନିର୍ଦ୍ଦେଶିତ ଏବଂ ଶୁଭ୍ରଜିତ ମୁଖାର୍ଜୀଙ୍କ ମ୍ୟୁଜିକ କମ୍ପୋଜିଶନରେ ଉନ୍ମୋଚନ କରାଯାଇଥିବା ଫିଲ୍ମରେ ଭାବାବେଗ, ସଂସ୍କୃତି ଓ ପରମ୍ପରା ଝଲକ ଦେଖିବାକୁ ମିଳିଛି। ମାଲାବାରର ଚେୟାରମ୍ୟାନ ଏମ୍. ପି. ଅହମ୍ମଦ କହିଛନ୍ତି, ପ୍ରତିବର୍ଷ ଏହି କ୍ୟାମ୍ପେନ ମାଧ୍ୟମରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟବର୍ତ୍ତୀ ହୋଇପାରିଥିବାରୁ ଉତ୍ସାହିତ ଅଛୁ।

# ଜୟଆଲୁକ୍କାସ୍ ପକ୍ଷରୁ 'ଉପହାର ଦେବାର ଋତୁ' ଆରମ୍ଭ




ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ଜୁଏଲେରି ବ୍ରାଣ୍ଡ୍ ଜୟଆଲୁକ୍କାସ୍ ପକ୍ଷରୁ ସାରା ଦେଶରେ ଉତ୍ସବ ଅଭିଯାନ 'ଉପହାର ଦେବାର ଋତୁ' ଆରମ୍ଭ ହୋଇଛି। ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ବ୍ରାଣ୍ଡର ସମସ୍ତ ଶୋ'ରୁମ୍‌ରେ ଏହି ଅଭିଯାନ ଚାଲିବ। ଉତ୍ସବ ଓ ବିବାହ ଋତୁରେ ଗ୍ରାହକଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ ପାଇଁ ବର୍ଷର ଶେଷ ଅଫର ଭାବେ ଏହି ଘୋଷଣା କରାଯାଇଛି। ୧୨ଟି ଦେଶର ୧୯୦ଟି ଶୋ'ରୁମ୍ ସହିତ ଗଠିତ ଏକ ବୈଶ୍ୱିକ ନେଟ୍‌ୱର୍କର ଅଂଶ ଭାବେ ଏହି ଅଭିଯାନ ଭାରତର ଡାଇନାମିକ୍ ଜୁଏଲେରି ରିଟେଲ ବଜାରରେ 'ଉପହାର ଦେବାର ଋତୁ' ଅଭିଯାନ ଗ୍ରାହକଙ୍କ ପାଇଁ ଦୁଇଟି ଅସାଧାରଣ ଅଫର ନେଇ ଆସିଛି। ଏହା ଅଧୀନରେ ଗ୍ରାହକମାନେ ପୁରୁଣା ସୁନା ବିନିମୟରେ ଅତିରିକ୍ତ ପ୍ରତି ଗ୍ରାମରେ ୨୨୫୦ ଟଙ୍କା ପାଇପାରିବେ। ଏହା ସହ ଡାଇମଣ୍ଡ ଓ ଅନ୍‌କଟ୍ ଡାଇମଣ୍ଡର ମୂଲ୍ୟରେ ସିଧାସଳଖ ୨୫% ରିହାତି ରହିଛି । ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟରମ୍ୟାନ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଆମର 'ଉପହାର ଦେବାର ଋତୁ' ଅଭିଯାନ ହେଉଛି ଭାରତର ସମସ୍ତ ଅଳଙ୍କାରପ୍ରେମୀଙ୍କ ପକ୍ଷରୁ ପାଇଥିବା ଦୀର୍ଘସ୍ଥାୟୀ ବିଶ୍ୱାସ ଓ ପ୍ରେମ ପ୍ରତି ଆମର ହୃଦୟଙ୍ଗମ କୃତଜ୍ଞତା ପ୍ରକାଶ କରିବାର ଗୋଟିଏ ପ୍ରୟାସ । ଏହି ଅଭିଯାନ ଜୟଆଲୁକ୍କାସ୍‌ର ବିସ୍ତୃତ ଭାରତୀୟ ରିଟେଲ ନେଟ୍‌ୱର୍କରେ ରହିଥିବା, ଯାହା ଦେଶର ଯେକୌଣସି ସ୍ଥାନର ଗ୍ରାହକମାନେ ବିଶ୍ୱମାନର ଉତ୍କୃଷ୍ଟତାରେ ବିଶେଷ ଭାବେ ତିଆରି ହୋଇଥିବା କଲେକ୍ସନ ପାଇପାରିବେ। ଏହାସହ ଜୟଆଲୁକ୍କାସ୍ ତାଙ୍କର ବିସ୍ତୃତ ଗ୍ରାହକକେନ୍ଦ୍ରିକ ସେବାଗୁଡ଼ିକୁ ଜାରି ରଖିଛି ।

# କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଉଦ୍‌ଘାଟନକଲେ ଅକ୍ଷୟ୍ କୁମାର

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ଭାରତର ଅଗ୍ରଣୀ ଅଳଙ୍କାର କମ୍ପାନୀ କଲ୍ୟାଣ ଜୁଏଲର୍ସ ଶନିବାର ଭୁବନେଶ୍ୱର ବାଣୀବିହାର ଏବଂ କଟକ ସିଡିଏ ସେକ୍ଟର-୧ ଜୁଡିସିଆଲ ଏକାଡେମୀ ନିକଟରେ ଏହାର ସମ୍ପୂର୍ଣ୍ଣ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଉଭୟ ଶୋ'ରୁମ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅକ୍ଷୟ କୁମାର କହିଛନ୍ତି, 'କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଉଦ୍‌ଘାଟନରେ ଅଂଶୀଦାର ହୋଇ ମୁଁ ପ୍ରକୃତରେ ଆନନ୍ଦିତ। ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ଏକ ବ୍ରାଣ୍ଡର ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ। ମୁଁ ନିଶ୍ଚିତ ଯେ ଏହି ସହରର ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ସେମାନଙ୍କର ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପରିସରର ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ। ଉଦ୍‌ଘାଟନ ବିଷୟରେ ମତାମତ ଦେଇ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି, ଓଡ଼ିଶାରେ ଆମର ନୂତନ ଶୋ'ରୁମ୍ ଉଦଘାଟନ ସହ ଆମେ ଏକ ବ୍ୟାପକ ଶପିଂ ଗନ୍ତବ୍ୟସ୍ଥଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ପ୍ରକୃତରେ ଆମର ଗ୍ରାହକଙ୍କ ବଢୁଥିବା ଆବଶ୍ୟକତା ପୂରଣ କରିବ। ସୂଚନା ଥାଉକି, କଲ୍ୟାଣ ଜୁଏଲର୍ସ ଷ୍ଟୋରରେ ବିଭିନ୍ନ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ପ୍ରତି ଗ୍ରାମ୍ ପାଇଁ ଫ୍ଲାଟ୍ ୭୫୦ ଟଙ୍କା ଛାଡ଼, ପ୍ରତି ଗ୍ରାମ୍ ପାଇଁ ଫ୍ଲାଟ୍ ୧୦୦ ଟଙ୍କା। ପ୍ରିମିୟମ ଏବଂ ଷ୍ଟଡେଡ୍ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ ପ୍ରତି ୧୫୦୦ ଟଙ୍କା ଏବଂ ମନ୍ଦିର ତଥା ପ୍ରାଚୀନ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ୍ ପ୍ରତି ୧୦୦୦ ଟଙ୍କା ରିହାତି ରହିଛି। ବ୍ରାଣ୍ଡର ସ୍ୱତନ୍ତ୍ର ସୁନା ବୋର୍ଡ ହାର, ବଜାରରେ ସର୍ବନିମ୍ନ ଏବଂ ସମସ୍ତ ଶୋ'ରୁମ୍‌ରେ ସମାନ, ସୀମିତ ଅବଧି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଏହି ଶୋ'ରୁମ୍‌ରେ କଲ୍ୟାଣର ଲୋକପ୍ରିୟ ହାଉସ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ଉପଲବ୍ଧ ହେବ, ଯେପରିକି ମହୁରତ୍ (ବିବାହ ଅଳଙ୍କାର ଲାଇନ), ମୁଦ୍ରା (ହସ୍ତଶିଳ୍ପ ପ୍ରାଚୀନ ଅଳଙ୍କାର), ନିମା (ମନ୍ଦିର ଅଳଙ୍କାର), ଗ୍ଲୋ (ଡାନ୍ସିଂ ହୀରା), ଜିଆ (ସଲିଟାୟାର ପରି ହୀରା ଅଳଙ୍କାର), ଅନୋଖି (ଅନ୍‌କଟ୍ ହୀରା), ଅପୂର୍ବ (ବିଶେଷ ଅବସର ପାଇଁ ହୀରା), ଅନ୍ତରା (ବିବାହ ହୀରା), ହେରା (ଦୈନିକ ପୋଷାକ ହୀରା), ରଙ୍ଗ (ମୂଲ୍ୟବାନ୍ ପଥର ଅଳଙ୍କାର) ଏବଂ ସଦ୍ୟ ଲଞ୍ଚ ହୋଇଥିବା ଲୀଳା (ରଙ୍ଗିନ ପଥର ଏବଂ ହୀରା ଅଳଙ୍କାର)।







କଟକରେ ଅକ୍ଷୟ କୁମାରଙ୍କୁ ନିଖିଳ ଗୁପ୍ତା ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି। ଭୁବନେଶ୍ୱରରେ ସମାବେଶକୁ ଅକ୍ଷୟ କୁମାର ସମ୍ବୋଧିତ କରୁଛନ୍ତି।

## ତମାଖୁ ଛାଡ଼ନ୍ତୁ, ପିତାମାତାଙ୍କୁ ଧ୍ୟାନ ଦିଅନ୍ତୁ ଓଡ଼ିଶାବାସୀ: ଅକ୍ଷୟ

ଭୁବନେଶ୍ୱର,୧୩।୧୨

ଅଭିନେତା ଅକ୍ଷୟ କୁମାର ସମାବେଶକୁ ସମ୍ବୋଧିତକରି କହିଛନ୍ତି, ସମ୍ପର୍କ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାବାସୀ ସମ୍ପର୍କକୁ ବହୁତ ଗୁରୁତ୍ୱ ଦେଇଥା'ନ୍ତି, ସେମାନେ ସଚ୍ଚୋଟ ଅଛନ୍ତି। ଓଡ଼ିଶାବାସୀଙ୍କ ଏହି ସ୍ୱଭାବ ପାଇଁ ମୁଁ ଓଡ଼ିଶା ଆସିଛି। ଏହା ସହ ଓଡ଼ିଶାବାସୀ ତମାଖୁ ସେବନ ନ କରିବାକୁ ସେ ଆହ୍ୱାନ ଦେବା ସହ ସର୍ବଦା ପିତାମାତଙ୍କ ପ୍ରତି ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ।

## ଅପରାଧ

# କନ୍ଧମାଳ ଜଙ୍ଗଲରେ ଲୁଚିଛନ୍ତି ୩୦ ମାଓବାଦୀ

**କ୍ୟାମ୍ପ୍‌ରୁ ବନ୍ଧୁକ, ଗୁଳି ଓ ମାଓ ସାମଗ୍ରୀ ଜବତ**

- ସଙ୍ଗଠନର ମଙ୍ଗ ଧରିଛନ୍ତି ନିଖିଲ, ଇନ୍ଦୁ
- ଗାଁଠାରୁ ୧୦ କି.ମି. ଦୂରରେ କ୍ୟାମ୍ପ୍, ଗ୍ରାମବାସୀଙ୍କୁ ସାମିଲ କରୁଛନ୍ତି
- ବନ୍ଧୁକ ନ ଛାଡ଼ିଲେ କଡ଼ା ଜବାବ ଦିଆଯିବ: ଏସ୍‌ପି

ଭୁବନେଶ୍ୱର,୧୩।୧୨(ତ୍ରିନାଥ ମହାନ୍ତି)



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।

କନ୍ଧମାଳ ଜିଲା ବେଲଘର ପୋଷ୍ଟ ସୀମା ମଧ୍ୟରେ ମୁଣ୍ଡିମାସ୍କ ଗ୍ରାମାଞ୍ଚଳ ନିକଟ କଟାମୁଣ୍ଡ ଜଙ୍ଗଲରେ ଚାଲିଥିବା ସର୍ଚ୍ଚ ଅପରେଶନ ଶେଷ ହୋଇଛି। ଏହି ଅପରେଶନ ବେଳେ ୩୦ରୁ ଅଧିକ ଗୁଳି, ୩ ବନ୍ଧୁକ, ଟର୍ଚ୍ଚ, ଆଇଡି ଡିଟୋନେଟର, ଇଲେକ୍ଟ୍ରି ଡିଟୋନେଟର, ମେଡିସିନ, ସୋଲାର ଆଦି ସାମଗ୍ରୀ ଜବତ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କନ୍ଧମାଳ ଜଙ୍ଗଲରେ ୩୦ ଜଣ ମାଓବାଦୀ ଲୁଚି ରହିଥିବାବେଳେ ଏମାନଙ୍କ ଭିତରୁ ୬ଜଣ ଛତିଶଗଡ଼ୀ ଥିବା ଜଣାପଡ଼ିଛି।

ଗତ ୨ ତାରିଖରେ ସିଆର୍‌ପିଏଫ୍ ଯବାନଙ୍କୁ ସୂଚନା ମିଳିଥିଲା ଯେ, ୩୦ ଜଣ ମାଓବାଦୀ ବେଲଘର ପୋଷ୍ଟ ସୀମା ମଧ୍ୟରେ ମୁଣ୍ଡିମାସ୍କ ଗ୍ରାମାଞ୍ଚଳ ନିକଟ କଟାମୁଣ୍ଡରେ ବୁଲୁଛନ୍ତି। ସେମାନେ ନିକଟବର୍ତ୍ତୀ ଅଞ୍ଚଳରେ କ୍ୟାମ୍ପ୍ କରି ସ୍ଥାନୀୟ ଗ୍ରାମବାସୀଙ୍କୁ ଧମକାଇ ସଙ୍ଗଠନରେ ସାମିଲ କରୁଛନ୍ତି। ଏଥିସହ ଯବାନଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଯୋଜନା କରୁଛନ୍ତି। ଏମାନଙ୍କୁ କ୍ଷତି ଘଟାଇବା ପାଇଁ ବିସ୍ଫୋରକ ସଂଗ୍ରହ କରୁଛନ୍ତି। ଏହାପରେ ତୁରନ୍ତ କନ୍ଧମାଳ ପୋଲିସ ଓ ଯବାନମାନେ ଅପରେଶନ ୧୪ ଆରମ୍ଭ କରିଥିଲେ। ଯବାନମାନଙ୍କ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ଗତ ୫ ତାରିଖ ସକାଳ ପ୍ରାୟ ୧୧ଟାରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନମାନେ ଜୀବନ ବଞ୍ଚାଇବାକୁ ଯାଇ ଗଛ ପଛରେ ଲୁଚି ପାଲଟା ଗୁଳି ଚାଳନା କରିଥିଲେ। ଯବାନମାନେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ୨୦ରୁ ୨୫ ମିନିଟ୍ ଧରି ଗୁଳି ବିନିମୟ ପରେ ମାଓବାଦୀଙ୍କ ପକ୍ଷରୁ ଗୁଳିଚାଳନା ବନ୍ଦ ହୋଇଯାଇଥିଲା। ଯବାନମାନେ ଏସ୍‌ଓପି ଅନୁସାରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। କନ୍ଧମାଳରେ ଲୁଚିଥିବା ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି। ଯବାନଙ୍କ ଉପରକୁ ଗୁଳି ଚଳାଇଥିବା ଦଳରେ ନିଖିଲ, ଇନ୍ଦୁ, ସୁନୀଲ, ନକୁଳ, ସୁନ୍ଦର, ନନ୍ଦେ, କୁମାରୀ, ସନ୍ଧ୍ୟା, ପ୍ରଦୀପ, ସିନୁ ପ୍ରମୁଖ ରହିଛନ୍ତି। ମାଓବାଦୀ ସଶସ୍ତ୍ର କ୍ୟାଡର ସ୍ଥାନୀୟ ଅଞ୍ଚଳରେ ବୁଲି ବୁଲି ଗାଁ ଲୋକଙ୍କୁ ରାଜ୍ୟ ବିରୋଧରେ ଲଢ଼ିବା ପାଇଁ ସେମାନଙ୍କ ଦଳରେ ଯୋଗଦେବାକୁ ଖୋଲାଖୋଲି ଭାବେ ଉସୁକାଇଥିଲେ। ସେମାନେ ସୁରକ୍ଷା ବାହିନୀ ଉପରେ ପ୍ରବଳ କ୍ଷତି ଘଟାଇବାରେ ସାହାଯ୍ୟ କରିବାକୁ ଲୋକଙ୍କୁ ବାଧ୍ୟ କରୁଥିଲେ। ଏଥିସହ ସେମାନେ ସାଧାରଣ ବେଶରେ ବଜାରକୁ ଆସି ଜିନିଷପତ୍ର କିଣି ନେଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡ଼ିଛି।

ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିସି କହିଛନ୍ତି, ଜିଲାରେ ଛତିଶଗଡ଼ୀ ମାଓବାଦୀ ରହିଥିବା ସୂଚନା ମିଳିବା ପରେ ଅପରେଶନକୁ ଜୋର୍‌ଦାର କରାଯାଉଛି। ସେମାନେ ବନ୍ଧୁକ ଛାଡ଼ି ଆମ ନିକଟରେ ଆତ୍ମସମର୍ପଣ କରନ୍ତୁ। ନ ହେଲେ ସେମାନଙ୍କୁ ଉଚିତ୍ ଜବାବ ଦିଆଯିବ। ମାଓବାଦୀ ଏବେ ପାହାଡ଼ ଗୁମ୍ଫା ଭିତରେ କ୍ୟାମ୍ପ୍ କରୁଥିବାରୁ ସେମାନଙ୍କୁ ମୁକାବିଲା କରିବା ପୋଲିସ ପାଇଁ ବଡ଼ କଷ୍ଟ ହେଉଛି। ସାଟେଲାଇଟ୍ ଫଟୋରୁ ସେମାନଙ୍କ ଗତିବିଧି ଜାଣିହେଉ ନ ଥିବାରୁ ପୋଲିସ ପାହାଡ଼ ଅଞ୍ଚଳରେ ଅଧିକରୁ ଅଧିକ ସର୍ଚ୍ଚ ଅପରେଶନ କରୁଥିବା ସେ କହିଛନ୍ତି।

**ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ**

# ମାଡ଼ ଖାଇ ଗଣିତ ଶିକ୍ଷକ ଫେରାର

ବାଲେଶ୍ୱର, ୧୩।୧୨(ବାଞ୍ଛାନିଧି ଦେ)



ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା।

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷାଦେବା ପରିବର୍ତ୍ତେ ଅସଦାଚରଣ, ବଳାତ୍କାର ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସୁଛି। ବାଲେଶ୍ୱର ଟାଉନ ଥାନା ଅଧୀନ ହାଜି ନାସିରୁଦ୍ଦିନ ଉପ୍ରା (ମଇ) ଉଚ୍ଚ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଶିକ୍ଷକ ଅସଦାଚରଣ କରିଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୧୧/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ଗୁରୁବାର ମଧ୍ୟାହ୍ନ ସମୟରେ ଗଣିତ ଶିକ୍ଷକ ଶେଖ ରେହାନ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟର ଉପରମହଲାକୁ ଆସିବା ପାଇଁ କହିଥିଲେ। ସେ ଛାତ ଉପରକୁ ଯିବା ପରେ ଶିକ୍ଷକ ଜଣକ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଛାତ ଉପରୁ ତଳକୁ ଦୌଡ଼ି ପଳାଇ ଆସିଥିଲେ। ଘରକୁ ଯାଇ ଏ ସମ୍ପର୍କରେ ମା'ବାପାଙ୍କୁ ଜଣାଇଥିଲେ। ଶୁକ୍ରବାର ବିଦ୍ୟାଳୟ ଛୁଟି ଥିଲା। ଶନିବାର ଛାତ୍ରୀଙ୍କ ମା' ଓ ବାପା ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗଣିତ ଶିକ୍ଷକଙ୍କୁ ପଚରାଯିବାରୁ ଅଭିଯୋଗକୁ ସେ ଅସ୍ୱୀକାର କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଗାଁ ଲୋକେ ଗଣିତ ଶିକ୍ଷକଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ। କୌଶଳକ୍ରମେ ଶିକ୍ଷକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ନାବାଳିକା ଛାତ୍ରୀଙ୍କ ବୟାନ ରେକର୍ଡ କରି ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶିକ୍ଷକଙ୍କର ମୋବାଇଲ ସୁଇଚ୍ ଅଫ୍ ରହିବା ସହ ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

**ଅଜାଘରକୁ ବୁଲି ଆସିଥିବା ନାତିକୁ ହତ୍ୟା ଘଟଣା**

# ଅଭିଯୁକ୍ତଙ୍କ ଘର ଜାଳିଦେଲେ ଲୋକେ

କବିସୂର୍ଯ୍ୟନଗର,୧୩।୧୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ.ସାମନ୍ତରାପଲ୍ଲୀ ଗାଁରେ ଅଜା ସନିଆ ଭୂୟାଁଙ୍କ ଘରକୁ ବୁଲି ଆସିଥିବା ଆଦିତ୍ୟ ଜେନା(୯)ଙ୍କୁ ବୁଧବାର ତଣ୍ଟିଚିପି ହତ୍ୟା କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ସନିଆଙ୍କ ପଡୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଶନିବାର ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ସୋନାଲିଙ୍କ ଘରେ ନିଆଁ ଲଗାଇ ଦେବାସହ ଭଙ୍ଗାରୁଜା କରିଛନ୍ତି। ଖବରପାଇ କବିସୂର୍ଯ୍ୟନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଉ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି । ତେବେ ନିଆଁ କିପରି ଲାଗିଲା, କିଏ ଲଗାଇଲା କେହି କିଛି କହୁନାହାନ୍ତି। ସୂଚନାଯୋଗ୍ୟ, କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଥିବା ଅଜାଘର ସନିଆଙ୍କ ଘରକୁ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ବୁଲିବାକୁ ଆସିଥିଲେ। ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଚାଲିଯାଇଥିଲେ। କାମ କରୁଥିବା ବେଳେ ସେ ନାତି ନିଖୋଜ ଖବର ପାଇ ଘରକୁ ଫେରିଆସିଥିଲେ। ଖୋଜାଖୋଜି ପରେ ଆଦିତ୍ୟଙ୍କ ମୃତଦେହ ଘର ବାଡ଼ିପଟ ଲାଟିନ ପାଖରୁ ମିଳିଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ୮୩୦/୨୫ରେ ମାମଲା ରୁଜୁ କରି ତଦନ୍ତ ପରେ ପଡୋଶୀ ସୋନାଲିଙ୍କୁ ଗିରଫ କରିଥିଲା।

# ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ସ୍ତ୍ରୀ ଅଟକ

ଖଣ୍ଡପଡ଼ା,୧୩।୧୨(ଅଜୟ କୁମାର ମହାରଣା)

**ପାରିବାରିକ ଗଣ୍ଡଗୋଳ**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ ବାସୁଦେବପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିବା ବେଳେ ପୋଲିସ ଉକ୍ତ ମହିଳାଙ୍କୁ ଖଣ୍ଡପଡ଼ା ଥାନାରେ ଅଟକ ରଖିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ, ବାସୁଦେବପୁର ଗ୍ରାମର ବାପୁନି ମହାପାତ୍ର ଓ ସ୍ତ୍ରୀ ଲକି ନାୟକଙ୍କ ମଧ୍ୟରେ ବିଭିନ୍ନ କାରଣରୁ ସଦାବେଳେ ପାଟିତୁଣ୍ଡ ହୋଇଥାଏ। ଫଳରେ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ତେବେ ଗତ ୨ ଦିନ ହେଲା ଘରେ ଶାଶୁ ଓ ଶ୍ୱଶୁର କେହି ନ ଥିବାରୁ ବୋହୂ ଲକି ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀ ବାପୁନିଙ୍କୁ ହତ୍ୟା କରି ଘଟଣାଟିକୁ ଏକ ଆତ୍ମହତ୍ୟାର ରୂପ ଦେବାପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସ୍ୱାମୀଙ୍କୁ ବୋହୂ ହତ୍ୟା କରିଥିବା ନେଇ ପୁଅଙ୍କ ବାପା ମଧୁସୂଦନ ମହାପାତ୍ର ଶନିବାର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହି ଘଟଣାର ପ୍ରଚ୍ଛଦପଟରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି। ଏନେଇ ଖଣ୍ଡପଡ଼ା ଥାନାରେ ୩୫୭/୨୫ରେ ମାମଲା ରୁଜୁ ହୋଇଛି।

# ବାଲି ବ୍ୟବସାୟକୁ କେନ୍ଦ୍ରକରି ଫାଙ୍କା ଗୁଳିଚାଳନା

**୨ କାର୍ ସହ ୪ ଅଟକ**



ପୋଲିସ ପହଞ୍ଚି ବୁଝାଶୁଝା କରୁଛି।

ଲଙ୍ଗଳେଶ୍ୱର, ୧୩।୧୨(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗିଲାଯୋଡ଼ି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତା ଓ ବାଲି ବ୍ୟବସାୟକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ଗାଁରେ ଗଣ୍ଡଗୋଳ ହେବା ସହ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ୨ଟି କାର୍ (ନଂ. ଓଡ଼ି୦୧ବିଡ଼ି-୮୭୮୨ ଓ ଓଡ଼ି୦୧ଏଲ୍-୨୬୬୩) ସହ ୪ ଜଣ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ମୁତାବକ, ବିଳମ୍ବିତ ରାତିରେ ୮ଜଣ ଦୁର୍ବୃତ୍ତ ଦୁଇଟି କାର୍‌ରେ ଆସି ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା କରିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ସେମାନଙ୍କୁ ସାମ୍ନା କରିବାରୁ ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। କାର୍ ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଉଥିବା ବେଳେ ୪ଜଣଙ୍କୁ କାବୁ କରିଥିଲେ ଗ୍ରାମବାସୀ। ସିଂଲା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଛନ୍ତି। ଗ୍ରାମରେ ୨୩ ଜଣିଆ ଶାନ୍ତି କମିଟି ଗଠନ କରାଯାଇଛି। କମିଟି ସଭାପତି ନବକୃଷ୍ଣ ଦାସ, ଉପସଭାପତି ତପନ କୁମାର ଜେନା, ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ସିଂଲା ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ପୂର୍ବ ଶାନ୍ତି ଫେରାଇ ଆଣିବା ନିମନ୍ତେ ଆଲୋଚନା କରିଥିଲେ। ପୂର୍ବରୁ ଗତ ନଭେମ୍ବର ୨୮ ତାରିଖରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ବେଳେ ଜଣେ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ।

**ଗୟଳ ଆକ୍ରମଣରେ ଜଣେ ମୃତ**

ନୀଳଗିରି,୧୩।୧୨(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କଇମହୁଡ଼ି ଗ୍ରାମରେ ଗୟଳ ଆକ୍ରମଣରେ ଶନିବାର ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମକରା ସରେନ (୫୫) ଓ ଦୁର୍ଗା କାର୍ଜି (୨୭)ଙ୍କର ୫ଟି ଗୋରୁ ହଜିଯାଇଥିଲା। ଉଭୟେ ପୂର୍ବାହ୍ନରେ ଗୋରୁ ଖୋଜିବାକୁ ଯାଇଥିଲେ। ଗାଁ ପାଖ କୁଲଡ଼ିହା ରେଞ୍ଜ କଇମହୁଡ଼ି ବିଟ ନିକଟ କାଶିଆଡ଼ାହିଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଉଭୟଙ୍କୁ ଆକ୍ରମଣ କରିଥିଲା। ଗୟଳ ଆକ୍ରମଣରେ ମକରା ଗୁରୁତର ହୋଇଥିଲେ। ତାଙ୍କୁ ଉଦଳା ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ସାମୂହିକ ଶକ୍ତି ସଞ୍ଚୟକୁ ଗୁରୁତ୍ୱ

## ଆଜି 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ'



ଶକ୍ତି ହିଁ ସମ୍ବଳ। ଶକ୍ତିର ସଦୁପଯୋଗ କରିପାରିଲେ ଏହା ପ୍ରଗତି ଏବଂ ପ୍ରକୃତିର ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ତେଣୁ ଶକ୍ତି ସଂରକ୍ଷଣ ଏବଂ ଏହାର ସଦୁପଯୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୪କୁ 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଉଛି। ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଇଫିସିଏନ୍ସି (ବିଇଇ) ଦ୍ୱାରା ୧୯୯୧ ଡିସେମ୍ବର ୧୪ରେ ପ୍ରଥମ ଥର ଏହି ଦିବସ ପାଳନ କରାଯାଇଥିଲା। ପରେ ୨୦୦୧ରେ ଶକ୍ତି ସଂରକ୍ଷଣ ଅଧିନିୟମ (ଏନର୍ଜି କଞ୍ଜରଭେଶନ୍ ଆକ୍ଟ) ଲାଗୁ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସ୍ଥାୟୀ ଶକ୍ତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ଆଗକୁ ବଢ଼ାଇବା'। ବର୍ତ୍ତମାନ ସମୟରେ ପ୍ରତ୍ୟେକ କାର୍ଯ୍ୟରେ ଶକ୍ତି ବା ଏନର୍ଜିର ବ୍ୟବହାର ହେଉଛି। ତେବେ ଅଧିକାଂଶ ସମୟରେ ଶକ୍ତିର ଅପବ୍ୟବହାର ହେଉଥିବାବେଳେ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ସଙ୍କଟ ଟାଣି ଆଣୁଛି। ତେଣୁ ସାମୂହିକ ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଦିବସରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଦେଶର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା କ୍ଷେତ୍ରରେ ଶକ୍ତି ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ।

– ବନ୍ଦନା ସେଠୀ

# ଅଭିବୃଦ୍ଧି ପଥକୁ ପରିଭାଷିତ କରିବ ପୂର୍ବୋଦୟ: ରାଜ୍ୟପାଳ

ଭୁବନେଶ୍ୱର,୧୩।୧୨(ସୁଚିସ୍ମିତା ସାହୁ)



ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ଦ ଏନର୍ଜି ଫୋରମ୍‌ର ପୁସ୍ତିକାଗୁଡ଼ିକୁ ଉନ୍ମୋଚନ କରୁଛନ୍ତି।

ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତ ଅଭିବୃଦ୍ଧି ପଥକୁ ପରିଭାଷିତ କରିବ ଏବଂ ଓଡ଼ିଶାର ପ୍ରଗତି ସମଗ୍ର ଅଞ୍ଚଳର ବିକାଶରେ ଏକ ନୂତନ ପର୍ଯ୍ୟାୟକୁ ପ୍ରଜ୍ୱଳିତ କରିବ। ଏହି କାର୍ଯ୍ୟକ୍ରମ କେବଳ ଏକ ଶିକ୍ଷାଗତ କିମ୍ବା ନୀତିଗତ ମଞ୍ଚ ନୁହେଁ, ଭାରତର କ୍ରମ ବିକଶିତ ଆକାଂକ୍ଷା, ସଭ୍ୟତାଗତ ଆତ୍ମବିଶ୍ୱାସ ଏବଂ ପୂର୍ବ ଭାରତର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି।

ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନ୍ତର୍ଜାତୀୟ ସମ୍ମିଳନୀ 'ପୂର୍ବୋଦୟ ଦୃଷ୍ଟିକୋଣ –୨୦୨୫'କୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ପୂର୍ବ ଭାରତ ଏକଦା ସମୃଦ୍ଧିର ଆଲୋକବର୍ତ୍ତିକା ଥିଲା। ଏହା ସମୃଦ୍ଧ ବନ୍ଦର, ବ୍ୟାପକ ବାଣିଜ୍ୟ ନେଟ୍‌ୱର୍କ, ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ଏବଂ ସାଧବ ଗୋଷ୍ଠୀ ପାଇଁ ଗର୍ବ କରୁଥିଲା। କିନ୍ତୁ ସମୟ ସହିତ ଐତିହାସିକ ବାଧା, ଦୀର୍ଘକାଳ ଧରି ଅବହେଳା ଏବଂ ଭିତ୍ତିଭୂମିଗତ ପ୍ରତିବନ୍ଧକ ଏହି ଅଞ୍ଚଳକୁ ପଛରେ ପକାଇ ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ଏକ ଐତିହାସିକ ମୋଡ଼ରେ ପହଞ୍ଚିଛି। ପୂର୍ବୋଦୟ ମିଶନର ଶୁଭାରମ୍ଭ ଏହି ସ୍ୱୀକୃତିକୁ ପ୍ରତିଫଳିତ କରେ ଯେ ପୂର୍ବ ଭାରତର ଉତ୍ଥାନ କେବଳ ଏହି ଅଞ୍ଚଳ ପାଇଁ ନୁହେଁ, ବରଂ ଦେଶର

### ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ସାମଗ୍ରିକ ପ୍ରଗତି ସହିତ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନର ଦୃଷ୍ଟିକୋଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ପୂର୍ବୋଦୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଭୂମିକା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିବା ସହ ରାଜ୍ୟର ଅନ୍ତର୍ନିହିତ ଶକ୍ତି, ପ୍ରଚୁର ପ୍ରାକୃତିକ ସମ୍ପଦ, ସୁଦୀର୍ଘ ଉପକୂଳ, ଦକ୍ଷ କର୍ମଚାରୀ, ସ୍ଥିର ଶାସନ ଢାଞ୍ଚା ଏବଂ ଦୃଢ଼ ଓ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ଉପରେ କହିଥିଲେ। ଓଡ଼ିଶାର ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ଯଥା- ସେମିକଣ୍ଡକ୍ଟର ଇକୋସିଷ୍ଟମରେ ପ୍ରବେଶ, ରେଳ, ବନ୍ଦର ଓ ବିମାନ ବନ୍ଦର ଭିତ୍ତିଭୂମିର ପ୍ରସାର, ସବୁଜ ହାଇଡ୍ରୋଜେନ ଜୋନ୍‌ର ବିକାଶ ସହିତ ବ୍ୟାପକ ଭାବେ ପର୍ଯ୍ୟଟନ ଏବଂ ଐତିହ୍ୟ ପ୍ରକଳ୍ପର ନିରନ୍ତର ଅଭିବୃଦ୍ଧି ବିକାଶର ପ୍ରମୁଖ ବାହକ ସାଜିଛି। ଏହି ସମ୍ମିଳନୀ ଭାରତର ପୂର୍ବାଞ୍ଚଳକୁ ଦକ୍ଷିଣ-ପୂର୍ବ ଏସିଆ ସହିତ ସଂଯୋଗ କରୁଥିବା ଅର୍ଥନୈତିକ କରିଡରକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ନୀତି ସୃଷ୍ଟି କରିବ, ଯାହା ସ୍ଥାୟୀ ଏବଂ ସମାବେଶୀ ଆଞ୍ଚଳିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ଦ ଏନର୍ଜି ଫୋରମ୍‌ର ପୁସ୍ତିକାଗୁଡ଼ିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡିଓ ଅଭିଭାଷଣ ପ୍ରଦର୍ଶିତ ହୋଇଥିଲା। ଫେଡେରାଲ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ନେପାଳର ରାଷ୍ଟ୍ରଦୂତ ଡ. ଶଙ୍କର ପ୍ରସାଦ ଶର୍ମା ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ନୀତି ଯୋଜନା ଏବଂ ଗବେଷଣା) ଅପର୍ଣ୍ଣା ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଦି ଏନର୍ଜି ଫୋରମର ଟ୍ରଷ୍ଟି ସିଦ୍ଧାର୍ଥ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

# ଜନପ୍ରତିନିଧିଙ୍କ ୩ ଗୁଣା ଦରମା ବୃଦ୍ଧି ରାଜ୍ୟକୁ ନିନ୍ଦିତ କରିଛି: ସ୍ମୃତି

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ଓଡ଼ିଶାକୁ ଗରିବ ରାଜ୍ୟ ଦର୍ଶାଇ କେନ୍ଦ୍ର ସରକାରଙ୍କ ନିକଟରେ ସ୍ୱତନ୍ତ୍ର ପ୍ୟାକେଜ ଦାବି କରାଯାଇଆସୁଛି। ତେବେ ମନ୍ତ୍ରୀ, ବିଧାୟକମାନଙ୍କ ୩ଗୁଣା ଦରମା ବୃଦ୍ଧି ସହ ପେନ୍‌ସନ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ସାମ୍ବାଦିକ ଭବନଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଭାଜପା ସରକାର ଶାସନକୁ ଆସିବା ପରେ ଏହାର ପ୍ରତିନିଧି ଓ କର୍ମକର୍ତ୍ତାମାନେ ନିଜକୁ ଜନ ସେବକ ବୋଲି ପ୍ରଚାର କଲେ। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନସେବା ପାଇଁ ନିର୍ବାଚିତ ହେଉଥିବା ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀଦଳ ନେତା, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ଓ ବିଧାୟକମାନେ ସେହି ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ୩ ଗୁଣା ବୃଦ୍ଧିକରି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତକରିବା ନିନ୍ଦନୀୟ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା



ମୃତକଙ୍କ ପରିବାର ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କେନ୍ଦୁଝର,୧୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

### କିସ୍‌ରେ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱରରେ ଅବସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍) ଛାତ୍ରାବାସରେ ରହି ପଢୁଥିବା ଜଣେ ଆଦିବାସୀ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଶନିବାର ପୂର୍ବାହ୍ନ ୧୧ ଟାରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପରିବାର ଲୋକେ, ଗ୍ରାମବାସୀ ଧାରଣା ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିବାର ଲୋକେ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିଲେ। ପରିବାର ପକ୍ଷରୁ ଟାଉନ ଥାନାରେ ହତ୍ୟା ଅଭିଯୋଗ କରିବା ସହ ନ୍ୟାୟ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଟିକରଗୁମୁରା ଗ୍ରାମର ରଘୁନାଥ ମୁଣ୍ଡାଙ୍କ ପୁଅ ଶିବ ମୁଣ୍ଡା ଭୁବନେଶ୍ୱରସ୍ଥିତ କିସ୍‌ରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଶୁକ୍ରବାର ସକାଳେ କିସ୍ କର୍ତ୍ତୃପକ୍ଷ ଫୋନ କରି ପୁଅ ବାଥ୍‌ରୁମରେ ପଡିଯିବାରୁ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବା କହିଥିଲେ। ଖବର ପାଇବା ପରେ ରଘୁନାଥ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଯାଇଥିଲେ। ହସ୍‌ପିଟାଲରେ ତାଙ୍କୁ ପୁଅର ମୃତଦେହ ହସ୍ତାନ୍ତର କରାଯାଇଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ନ କରି ଏବଂ ମେଡିକାଲରେ ଚିକିତ୍ସା ସମ୍ପର୍କିତ କାଗଜ ନ ଦେଇ ପଠେଇ ଦିଆଯାଇଥିଲା। ମୃତଦେହ ଆଣିବା ସମୟରେ ବେକ ଏବଂ ହାତରେ ରଶି ଦାଗ ଦେଖିଥିଲେ। ଫଳରେ ସନ୍ଦେହ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ମୃତଦେହ ଗାଁକୁ ଆଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖି ଅଧିକ ତଦନ୍ତ ଦାବି ସହ ୧ କୋଟି ଟଙ୍କା କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଧାରଣାରେ ବସିଥିଲେ। ପୋଲିସ ସେମାନଙ୍କ ସହିତ ଆଲୋଚନା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିସ୍‌ର କର୍ତ୍ତୃପକ୍ଷଙ୍କୁ ଡକାଇ ଆଲୋଚନା କରାଯିବ ବୋଲି ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍‌ର ଧାରା ୧୦୬ ଓ ୭୫ ଜୁଭେନାଇଲ ଜଷ୍ଟିସ୍‌ରେ ମାମଲା ରୁଜୁ କରିଛି। ରେଡ୍‌କ୍ରସ ପକ୍ଷରୁ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଜିରୋ ଏଫ୍‌ଆଇଆର୍(ନଂ.୪/୨୦୨୫)ରେ ମାମଲା ରୁଜୁ କରି ଇନ୍‌ଫୋସିଟି ଥାନା, ଭୁବନେଶ୍ୱରକୁ ପଠେଇ ଦିଆଯାଇଛି। ସେଠାରେ ଘଟଣା ଘଟିଥିବାରୁ କେସ୍ କରିବାକୁ ଦିଆଯାଇଛି।

# ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ବଙ୍ଗଳା–୨ରେ ରହିବେ ମୁଖ୍ୟମନ୍ତ୍ରୀ

### ମୁତୟନ ହେବ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଣିକି ନୂଆଦିଲ୍ଲୀ ଗସ୍ତରେ ଗଲେ ଓଡ଼ିଶା ଭବନ କିମ୍ବା କୌଣସି ହୋଟେଲରେ ରହିବାକୁ ଆଉ ପଡ଼ିବ ନାହିଁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ବଙ୍ଗଳାର ବ୍ୟବସ୍ଥା କରାଯାଇଛି। ଏମିତିକି ଦିଲ୍ଲୀରେ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ରେ ସେ ତାଙ୍କ ସରକାରୀ ବାସଗୃହ ସହିତ ନିଜସ୍ୱ କାର୍ଯ୍ୟାଳୟ ସେଠାରୁ ଚଳାଇବେ। ରାଜ୍ୟ ସରକାରଙ୍କ କୋଟାର ଦୁଇଟି ସ୍ଲଟ୍ ବଦଳରେ ତାଙ୍କୁ ଏହି ବଙ୍ଗଳା ପ୍ରଦାନ କରାଯାଇଛି। ଏଥିଲାଗି ସାଧାରଣ ଲାଇସେନ୍ସ ଫି ପ୍ରଦାନ କରିବେ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୧ ତାରିଖରେ ରାଜ୍ୟ ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କୁ ଚିଠି କରାଯାଇଛି। ସେହି ଚିଠିରେ ଉଲ୍ଲେଖ କରାଯାଇଛି, ଚିଠି ଜାରିହେବାର ୮ ଦିନ ମଧ୍ୟରେ ଏହି ବଙ୍ଗଳା ଗ୍ରହଣ କରିବା ନେଇ କ୍ଲିୟରାନ୍ସ କର। ଜଣେ ଯୋଗ୍ୟ ପ୍ରତିନିଧିଙ୍କ ଜରିଆରେ ବଙ୍ଗଳାକୁ ଦଖଲକୁ ନେଇପାରିବେ। ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ଲାଇସେନ୍ସ ଫି ବାବଦ ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ। ଯଦି ମୁଖ୍ୟମନ୍ତ୍ରୀ ଖାଲି କରିବାକୁ ଚାହିଁବେ ବା ଅବସର ନେଲେ ଏହି ବଙ୍ଗଳା ଆପେ ଆପେ ଜେନେରାଲ ପୁଲ୍ ଅଧୀନକୁ ଚାଲିଯିବ। ଏହାପରେ ରାଜ୍ୟ ସରକାର ନିଜ ଇଚ୍ଛାରେ ଏହି ବଙ୍ଗଳା ଅନ୍ୟ କାହାକୁ ପ୍ରଦାନ କରିପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆଦିଲ୍ଲୀ ସ୍ଥିତ ବଙ୍ଗଳାର ସୁରକ୍ଷା ବ୍ୟବସ୍ଥା ନେଇ ଓଡ଼ିଶାର ଗୋଇନ୍ଦା ବିଭାଗ ପକ୍ଷରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ରାଜ୍ୟ ଆବାସିକ କମିଶନରଙ୍କ ପାଖରୁ ହସ୍ତଗତ ହୋଇଥିବା ଚିଠି ମୁତାବକ ମୁଖ୍ୟମନ୍ତ୍ରୀଙ୍କୁ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶନିବାର ଏହି ବଙ୍ଗଳା ଦଖଲକୁ ନେବେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ଆବଶ୍ୟକ ପୋଲିସ ଫୋର୍ସର ଆବଶ୍ୟକତା ନେଇ ଆବାସିକ କମିଶନର ଜଣାଇଛନ୍ତି। ଜଣେ କ୍ୟାମ୍ପ କମାଣ୍ଡରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ପ୍ରଦାନ କରାଯାଉ। ପ୍ରତ୍ୟେକ ମାସରେ ଏହାକୁ ରୋଟେଶନ ବ୍ୟବସ୍ଥାରେ ଫୋର୍ସ ପରିବର୍ତ୍ତନ ହେବେ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ଭିଭିଆଇପି ବଙ୍ଗଳାର ଯଥାର୍ଥତା କ'ଣ ଅଛି: ବିଜେଡି

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ଠାରେ ବଙ୍ଗଳା–୨କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଆଲଟମେଣ୍ଟ କରାଯାଇଛି। ଏହା ସହ ଓଡ଼ିଶା ପୋଲିସର ଏକ ପ୍ଲାଟୁନ ଫୋର୍ସ ସୁରକ୍ଷା ବଳୟ ଭିତରେ ମୁତୟନ ରହିବେ। ଏହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ଗଠନହେବା ପରଠାରୁ ମୋହନ ମାଝୀ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀରେ ଭିଭିଆଇପି ବଙ୍ଗଳା ନେବାର ଯଥାର୍ଥତା କ'ଣ ରହିଛି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନେଇ ଓଡ଼ିଶା ଶାସନର ଡୋରି ସେଠାରେ ରଖିବାକୁ ଭାଜପା ଚାହୁଁଛି। ପ୍ରୋଟୋକଲ୍ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ସେଠିକା ପୋଲିସ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୋଲିସ ଉପରେ ଭରସା ନ କରି ରାଜ୍ୟ ତହବିଲରୁ ବିପୁଳ ଅର୍ଥ ବ୍ୟୟରେ ରାଜ୍ୟ ପୋଲିସ ଫୋର୍ସ ନେବାର ଯଥାର୍ଥତା କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# ୩ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର,୧୩।୧୨ (ବନ୍ଦନା ସେଠୀ)

### ଜି.ଉଦୟଗିରି ସବୁଠୁ ଥଣ୍ଡା ସହର

ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ ହ୍ରାସ ପାଇଥିବାବେଳେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ଛୁଇଁଛି। ଗତ ୨୪ ଘଣ୍ଟାରେ କନ୍ଧମାଳ ଜିଲାର ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସେମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୫.୫, ଦାରିଙ୍ଗବାଡି ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର ଓ ରାଉରକେଲାରେ ୮ ଡିଗ୍ରୀ, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୋଳ ୯, ଢେଙ୍କାନାଳ, ବୌଦ୍ଧ, ରାୟଗଡ଼ା ଏବଂ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଝାରସୁଗୁଡା ଏବଂ ଅନୁଗୋଳ ଜିଲାରେ ପ୍ରବଳ ଶୀତ ଅନୁଭୂତ ହେବା ନେଇ ଆକଳନ କରାଯାଇଛି। ସେହିପରି ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବା କାରଣରୁ ଆସନ୍ତା ୬ରୁ ୭ ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# କ୍ଲାସ୍‌ରୁମ୍‌ରେ ୯ମ ଶ୍ରେଣୀ ଛାତ୍ରଙ୍କଠାରୁ ବନ୍ଧୁକ ଜବତ

ପାଟକୁରା,୧୩।୧୨ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକ କୋରୁଆ ସରକାରୀ ହାଇସ୍କୁଲର ଜଣେ ୯ମ ଶ୍ରେଣୀ ଛାତ୍ରଙ୍କଠାରୁ ଏକ ବନ୍ଧୁକ ଜବତ କରି ତାଙ୍କୁ ପୋଲିସ ଶୁକ୍ରବାର କୋରୁଆସ୍ଥିତ ବାଳସୁଧାର ଗୃହକୁ ନେଇ ପଚରାଉଚରା କରୁଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ନୃସିଂହ ଚନ୍ଦ୍ର ମଲିକ ଥାନାରେ ଏତଲା ଦେଇଥିଲେ। ନଂ. ୩୪୦/୨୫ ଦଫା ୨୫ ଆର୍ମ ଆକ୍ଟ ଓ ୩୫୧(୨) ବିଏନ୍‌ଏସ୍‌ରେ ମାମଲା ରୁଜୁ କରାଯାଇ ଛାତ୍ରଙ୍କୁ କୋରୁଆସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି।

ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର କ୍ଲାସରେ ଥିବା ସମୟରେ ହୋ ହାଲ୍ଲା ଶୁଣି ଜଣେ ଶିକ୍ଷକ ସେହି କ୍ଲାସରୁମକୁ ଯାଇ କାହିଁକି ଏତେ ଜୋରରେ ପାଟିକରୁଛ ବୋଲି ପଚାରିଥିଲେ। ଜଣେ ଛାତ୍ର ବନ୍ଧୁକ ପାଖରେ ରଖିଥିବା ପିଲାମାନେ କହିଥିଲେ। ଶିକ୍ଷକ ବନ୍ଧୁକ ରଖିଥିବା ଛାତ୍ରଙ୍କ ଶାର୍ଟ ତଳେ ବନ୍ଧୁକ ଥିବା ଦେଖିବାକୁ ପାଇ ପ୍ରଧାନଶିକ୍ଷକ ମଲିକଙ୍କୁ ରିପୋର୍ଟ କରିଥିଲେ। ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇ କୁଦାନଗରୀ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ସ୍କୁଲରେ ପହଞ୍ଚି ବନ୍ଧୁକ ଜବତ କର ଛାତ୍ରଙ୍କୁ ଥାନାକୁ ନେଇଥିଲେ। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି।

# ଭାଲୁର ମୃତଦେହ ଠାବ

ନୂଆପଡ଼ା,୧୩।୧୨(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ୍ ବନାଞ୍ଚଳ ଅଧୀନ ଭଇଁଷାତାଳ ପଞ୍ଚାୟତ ବଲୋଦା ଗାଁର ଏକ କୃଷିଫାର୍ମ ପରିସରରେ ଏକ ଭାଲୁର ମୃତଦେହ ଠାବ କରାଯାଇଛି। ଖରିଆର ରୋଡ୍ ବନ ବିଭାଗ ପକ୍ଷରୁ ଶନିବାର ଭାଲୁର ମୃତଦେହ ବ୍ୟବଚ୍ଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତା ଯାଇଛି। ଭାଲୁର ବୟସ ୧୫ରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଭାଲୁର ପାଟି ଓ ଜିଭରେ ଘା'ହୋଇ ଯାଇଥିଲା। ବ୍ୟବଚ୍ଛେଦ ସମୟରେ ପେଟରୁ କିଛି ଖାଦ୍ୟ କିମ୍ବା ପାଣି ବାହାରି ନ ଥିବାରୁ ପାଟିରେ ଘା' ହେବା ଦ୍ୱାରା ଖାଦ୍ୟ ନ ଖାଇ ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।



ମୃତ ଭାଲୁ।

# ଦିଲ୍ଲୀ ସମାବେଶକୁ ଗଲେ ଓଡ଼ିଶାର ଶତାଧିକ କଂଗ୍ରେସ ନେତା ଓ କର୍ମୀ

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ରାମଲୀଳା ମଇଦାନରେ ରବିବାର ସମ୍ବିଧାନ ବଞ୍ଚାଅ, ଏସ୍‌ଆଇଆର୍ ବନ୍ଦକର ଏବଂ ଭୋଟ ଚୋର ଗାଦି ଛାଡ଼ ପ୍ରସଙ୍ଗରେ ଏକ ବିଶାଳ ସମାବେଶ ହେବାକୁ ଯାଉଛି। ଦେଶରୁ ଲକ୍ଷାଧିକ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଉଥିବାବେଳେ ଓଡ଼ିଶାରୁ ଶତାଧିକ ନେତା ଓ କର୍ମୀ ଦିଲ୍ଲୀ ଗସ୍ତ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ନେତୃତ୍ୱରେ ୨ ହଜାରରୁ ଅଧିକ ନେତା ଓ କର୍ମୀ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ରବିବାର ରକାବଗଞ୍ଜ ରୋଡ଼ଠାରେ ଓଡ଼ିଶାର ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରି ରାମଲୀଳା ମଇଦାନ ପର୍ଯ୍ୟନ୍ତ ଯିବେ।

# ବିଜେଡି ଅଭିଯୋଗରେ ପାଲଟା ବର୍ଷିଲେ ଭାଜପା, କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ମହାନଦୀ ପ୍ରସଙ୍ଗରେ ଆପୋସ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ ସ୍ପଷ୍ଟ କରାଯାଉ ନାହିଁ। ପ୍ରସନ୍ନଙ୍କ ମନ୍ତବ୍ୟ ଉପରେ ପାଲଟା ଟାର୍ଗେଟକରି ଭାଜପାର ବରିଷ୍ଠ ବିଧାୟକ ତଥା ମହାନଦୀ କମିଟି ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ୨୪ ବର୍ଷରେ ସମାଧାନ କଲେ ନାହିଁ, ଏବେ ସେମାନଙ୍କୁ ପରାମର୍ଶ ଦେଉଛନ୍ତି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ପୂର୍ବ ସରକାରକୁ ଏହି ପ୍ରସଙ୍ଗରେ ଟାର୍ଗେଟକରି କହିଛନ୍ତି, ସେ ବିରୋଧୀ ଦଳ ନେତା ଥିବା ସମୟରେ ମହାନଦୀ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଲାଗି ଚିଠି ଲେଖୁଥିଲେ ମଧ୍ୟ କିଛି ଉତ୍ତର ଆସୁ ନ ଥିଲା।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରସନ୍ନ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଜୀବନ୍ତ ମହାନଦୀକୁ ହତ୍ୟାକରିବା ଲାଗି ଏକ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହି ଷଡ଼ଯନ୍ତ୍ର ଆଜି ମଧ୍ୟ ଚାଲିଛି। ଏହି ଷଡ଼ଯନ୍ତ୍ରରେ ଭାରତ ସରକାର ମୂକ ସାଥୀ ସାଜିଛନ୍ତି। ସମସ୍ତ ବିଧିବିଧାନକୁ ବେଖାତିରକରି ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଥିବାବେଳେ କେନ୍ଦ୍ର ସରକାର ଶୁଣ୍ଢି ସାକ୍ଷୀ ମାତାଲ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି। କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଆକାଶ କଇଁଆ ଗିଳିକା ମାଛରେ ପରିଣତ ହୋଇଛି। ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ। ବର୍ତ୍ତମାନ ରାଜ୍ୟ ସରକାର ଆପୋସ ସମାଧାନର ପ୍ରସ୍ତାବନା କରିଛନ୍ତି, ଓଡ଼ିଶାବାସୀ ଜାଣିବା ପାଇଁ ଚାହାନ୍ତି କି ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ। ସରକାର ଟ୍ରିବ୍ୟୁନାଲରୁ ଓହରିଯିବାକୁ ଯୋଜନା କରୁନାହାନ୍ତି ତ। ରାଜ୍ୟ ସରକାର ଆପୋସ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଙ୍ଗଠନଗୁଡ଼ିକୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ ନା ନାହିଁ। ରାଜ୍ୟବାସୀ ଟ୍ରିପଲ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣ କହିଛନ୍ତି, ୨୪ ବର୍ଷ ସରକାରରେ ବିଜେଡି ମହାନଦୀ ପ୍ରସଙ୍ଗରେ ୨ କିମ୍ବା ୪ଟି କମିଟି କରିଥିଲା। ସେହି କମିଟି କ'ଣ ଅନୁସନ୍ଧାନ କଲା କି ରିପୋର୍ଟ ଦେଲା ତାକୁ ସାର୍ବଜନୀନ କରାଗଲା ନା ନାହିଁ ତାହା ହେଉଛି ମୂଳ ପ୍ରଶ୍ନ। ଯେଉଁ ମହାନଦୀ କମିଟି ସରକାର ଗଠନ କରିଛନ୍ତି ତା'ର ବୈଠକ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ହେବାକୁ ସ୍ଥିର ହୋଇଛି। ବିଜେଡି ସରକାର ୨୪ ବର୍ଷରେ ମହାନଦୀ କଥାରେ କ'ଣ କରିଛନ୍ତି ଜାଣିଲେଣି, ସେଥିଲାଗି ସେମାନଙ୍କୁ ସବୁ ଆକାଶ କଇଁଆ ଗିଳିକା ମାଛ ଭଳି ଲାଗୁଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା କଥା ସେମାନେ ୨୦ ବର୍ଷ କାଳ ଜାଣିପାରିଲେ ନାହିଁ। ବିଜେଡି କଥାର ଗୁରୁତ୍ୱ କିଛି ନାହିଁ। ବିଜେଡି ଯଦି କିଛି କରିଥାଆନ୍ତା ତେବେ ଉପଦେଶ ଦେଇଥିଲେ ଚଳିଥାଆନ୍ତା ବୋଲି ଜୟନାରାୟଣ କହିଛନ୍ତି।

ନରସିଂହ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଥିବାବେଳେ ସର୍ବଦଳୀୟ ବୈଠକ ଡାକିବା ଲାଗି ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ କୌଣସି ଉତ୍ତର ମିଳୁ ନ ଥିଲା। ଏବେ ବିଜେଡି ଯେଉଁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛି ତା'ର ଲାଭ କ'ଣ ଅଛି। ସେହି ସମୟରେ ନବୀନ ପଟ୍ଟନାୟକ କହିଥିଲେ, ଅଣମୌସୁମୀ ସମୟରେ ହୀରାକୁଦକୁ ଯେତିକି ପାଣି ଆସିବା କଥା ଆସୁଛି, ତା'ର ଉତ୍ତର ଏମାନେ ଆଗ ଦିଅନ୍ତୁ। ସରକାର ସର୍ବଦଳୀୟ ବୈଠକ ଡାକିଲେ ସେଠିକି ପ୍ରସନ୍ନ ପ୍ରଥମେ ଯାଆନ୍ତୁ, ସେଠାରେ ନିଜର ମତାମତ ରଖନ୍ତୁ। ଯଦି ସରକାର କିଛି ନ କରିବେ ତା'ପରେ ଗଣମାଧ୍ୟମରେ କିଛି କୁହନ୍ତୁ। ଏବେର ସରକାରଙ୍କୁ ଧନ୍ୟବାଦ ଦେବା କଥା କାରଣ ସେମାନେ ଅନ୍ତତଃ ସର୍ବଦଳୀୟ କମିଟି କରିଛନ୍ତି ବୋଲି ନରସିଂହ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCBBSBGPL FLYOVER-eOT28, ତା.08.12.2025ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧା କାର୍ଯ୍ୟ ସହିତ ବାଘୁଆପାଳ ମଧ୍ୟରେ ଫ୍ଲାଇଓଭର ଲାଇନ ସମ୍ବନ୍ଧୀୟ ବାଘୁଆପାଳ ଷ୍ଟେସନରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ନୂତନ ଡିଷ୍ଟ୍ରିବ୍ୟୁଟେଡ୍ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ସଂସ୍ଥାପନ ଓ ପ୍ରଚଳନ।"

ଆନୁମାନିକ ମୂଲ୍ୟ : ₹ 16,91,65,741/-, EMD : ₹ 9,95,800/-, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ।

ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.08.01.2026ରିଖ 1100 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.inରେ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ / ଭୁବନେଶ୍ୱର

PR-187/CI/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KUR-525, ତା.05.12.2025ରିଖ

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ ସାଉଥ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 89,39,558.82, EMD : ₹ 1,78,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.15.12.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.12.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-895/Q/25-26

No.T-115

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0210/2526

## ତୃତୀୟ ଟି୨୦ ଆଜି

# ଗିଲ୍‌ଙ୍କ ଉପରେ ନଜର ରହିବ

ଧର୍ମଶାଳା, ୧୩।୧୨ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ରବିବାର ଏଠାରେ ଅନୁଷ୍ଠିତ ହେବ। ପୂର୍ବ ୨ ମ୍ୟାଚ ଶେଷରେ ସିରିଜ ୧-୧ ସ୍ଥିତିରେ ରହିଛି। ତେଣୁ ଏଠାରେ ବିଜୟ ସହ ସିରିଜରେ ଅଗ୍ରଣୀ ନେବାକୁ ଦୁଇ ଦଳର ଲକ୍ଷ୍ୟ ରହିବ। ଅନ୍ୟପକ୍ଷରେ ଆଗକୁ ଟି୨୦ ବିଶ୍ୱକପ ଆସୁଥିବାରୁ ଦଳରେ ସ୍ଥାନ ସୁରକ୍ଷିତ କରିବାକୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ପାଇଁ ସମ୍ଭବତଃ ଶେଷ ସୁଯୋଗ ରହିବ। ନଚେତ୍ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପ୍ଲାନ୍ 'ବି' ଯୋଜନାକୁ ଯାଇପାରେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଭଲ ଫର୍ମରେ ନାହାନ୍ତି। ଗିଲ୍‌ଙ୍କ ପାଇଁ ଇନ୍‌ଫର୍ମ ସଞ୍ଜୁ ସାମସନଙ୍କୁ ବାହାରେ ବସିବାକୁ ପଡୁଛି। ତେଣୁ ଦଳରେ ସ୍ଥାନ ପକ୍କା କରିବାକୁ ହେଲେ ଗିଲ୍‌ଙ୍କୁ ଏହି ମ୍ୟାଚରେ ବଡ଼ ଇନିଂସ ଖେଳିବାକୁ ହେବ। ୧୦ ଡିଗ୍ରୀ ତାପମାତ୍ରା ତଳେ ଉଭୟ ଦଳକୁ ଏଠାରେ ଖେଳିବାକୁ ହେବ।

ଏନ୍‌ରିଚ ନର୍କିଆ, ମାର୍କୋ ଜାନସେନ, ଲୁନ୍‌ଗି ଏନ୍‌ଗିଡ, ଓଟନିଲ ବାର୍ଟମାନ ଓ ଲୁଥୋ ସିପାମଲାଙ୍କୁ ନେଇ ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣ ବେଶ୍ ଶାଣିତ। ଭାରତୀୟ ପରିବେଶରେ କିପରି ବୋଲିଂ କରିବାକୁ ହୁଏ ତାହା ସେମାନେ ଦେଖାଇ ସାରିଛନ୍ତି। ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନର ଏହି ଷ୍ଟାଡିୟମରେ ବୋଲରଙ୍କୁ ଅତିରିକ୍ତ ବାଉନ୍ସ ଓ ମୁଭ୍‌ମେଣ୍ଟ ମିଳିବ। ଏ କ୍ଷେତ୍ରରେ ଭ୍ରମଣକାରୀ ଦଳର ପେସ୍ ଆକ୍ରମଣକୁ ମୁକାବିଲା କରିବା ଭାରତୀୟ ବ୍ୟାଟରଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। କ୍ୱିଣ୍ଟନ ଡିକକ୍ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏଡେନ ମାରକ୍ରମ, ଦେୱାଲ୍ଡ ବ୍ରେଭିସ, ଡୋନୋଭାନ ଫେରେରା, ଡେଭିଡ ମିଲର ଓ ଅଲ୍ ରାଉଣ୍ଡର ଜାନସେନଙ୍କୁ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଲମ୍ବା। ଆଗାମୀ ଟି୨୦ ବିଶ୍ୱକପରେ ଟାଇଟଲ ବଜାୟ ରଖିବାକୁ ହେଲେ ତୃତୀୟ ଟି୨୦କୁ ମିଶାଇ ଭାରତକୁ ଆଉ ମାତ୍ର ୮ଟି ମ୍ୟାଚ ଅଭ୍ୟାସ ପାଇଁ ମିଳିବ। ଗିଲ୍ ଓ ସୂର୍ଯ୍ୟ କୁମାର ଫର୍ମରେ ନ ଥିବାରୁ କୋଚ୍ ଗୌତମ ଗମ୍ଭୀରଙ୍କ ଚିନ୍ତା ବଢ଼ି ଯାଇଛି। ଇଂଲଣ୍ଡ ବିପକ୍ଷରେ ଗୋଟିଏ ସିରିଜରେ ଖରାପ ଖେଳିଥିବାରୁ ସାମସନଙ୍କୁ ବାହାରେ ବସାଯାଇଛି। ମାତ୍ର ଗିଲ୍ ଓ ସୂର୍ଯ୍ୟଙ୍କୁ କ୍ରମାଗତ ସୁଯୋଗ ମିଳୁଥିବାରୁ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଦ୍ୱିତୀୟ ଟି୨୦ରେ ଅକ୍ଷର ପଟେଲଙ୍କୁ ୩ ନମ୍ବର ଏବଂ ଶିବମ୍ ଦୁବେଙ୍କୁ ୮ ନମ୍ବରରେ ବ୍ୟାଟିଂ ସୁଯୋଗ ମିଳିବା ଫେଲ୍ ମାରିଛି। ତେଣୁ ତାହାର ପୁନରାବୃତ୍ତି ହେବନାହିଁ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରାଙ୍କ ସହିତ ଯଦି ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ ଓପନ କରିବେ ତେବେ ଅର୍ଶଦୀପ ସିଂଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ। କାରଣ ଅର୍ଶଦୀପଙ୍କ ପାଇଁ ଏପର୍ଯ୍ୟନ୍ତ ସିରିଜ ଭଲରେ ଯାଇନାହିଁ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍ ଷ୍ଟାର**

**HAPPY BIRTHDAY**



Asish Kumar Barik(6y)
ବାଲିପାଟଣା (ଖୋର୍ଦ୍ଧା)
ଶୁଭେଚ୍ଛା ସହ:
ଜେଜେ, ଜେଜେମା, ବାପା, ମାମା, ଦାଦା, ଖୁଡ଼ି, ଅଜା, ଆଈ, ନନା, ପିଇସା, ଟିନୁ, ଗୁଡୁ, ଶ୍ରଦ୍ଧା, ସାଇ, ଗୁଗୁଲି, ସନି, ଚେମିନା।

# ସ୍କ୍ୱାଶ ବିଶ୍ୱକପ୍: ପ୍ରଥମଥର ଫାଇନାଲରେ ଭାରତ

ଚେନ୍ନାଇ, ୧୩।୧୨(ପି.ଟି.)

ଇଜିପ୍ଟକୁ ୩-୦ରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସ୍କ୍ୱାଶ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସିଡ୍ ଭାରତ ବର୍ତ୍ତମାନ ଟାଇଟଲ ମୁକାବିଲାରେ ହଂକଂ ଚାଇନାକୁ ଭେଟିବ। ଏହି ମ୍ୟାଚ ଏକ୍ସପ୍ରେସ୍ ଆଭେନ୍ୟୁ ମଲ୍‌ରେ ଖେଳାଯିବ। ହଂକଂ ଚାଇନା ସେମିଫାଇନାଲରେ ଜାପାନକୁ ପରାସ୍ତ କରିଥିଲା। ଜାତୀୟ ଚାମ୍ପିୟନ ତଥା ୪୫ତମ ର୍ୟାଙ୍କିଙ୍ଗପ୍ରାପ୍ତ ଭେଲାଭାନ ସେନ୍ଥିଲ କୁମାର ବିଶ୍ୱର ୯୬ ନମ୍ବର ଖେଳାଳି ଇବ୍ରାହିମ ଏଲ୍‌କାବାନିଙ୍କୁ ୭-୧, ୭-୩, ୭-୬ରେ ହରାଇ ଦେଇଛନ୍ତି। ଦେଶର ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ମହିଳା ଖେଳାଳି ଅନାହତ ସିଂ (ବିଶ୍ୱର ୨୮ନମ୍ବର) ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୬-୭, ୭-୫, ୭-୩, ୩-୭, ୭-୩ରେ ୪୪ ର୍ୟାଙ୍କିଙ୍ଗପ୍ରାପ୍ତ ନୁର୍ ହିକାଲଙ୍କୁ ହରାଇ ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଅନାହତ ସିଂଙ୍କୁ ପାର୍ଟନର କରି ୨୦୨୩ରେ ହାଙ୍ଗଝୋ ଏସିଆନ ଗେମ୍ସରେ ବ୍ରୋଞ୍ଜ ଜିତିଥିବା ଅଭୟ ସିଂ ୭-୫, ୬-୭, ୭-୫, ୭-୬ରେ ଆଡାମ ହାୱାଲଙ୍କୁ ପରାଜିତ କରିବା ଦ୍ୱାରା ଆୟୋଜକ ଦେଶ ପାୱାରହାଉସ୍ ଇଜିପ୍ଟ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲା। ଇଜିପ୍ଟ ହେଉଛି ୨୦୧୨ ଓ ୨୦୨୩ ଟାଇଟଲ ବିଜେତା। ଟୁର୍ନାମେଣ୍ଟରେ ଭାରତର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୨୦୨୩ରେ ସେମାନେ ମାଲେସିଆଠାରୁ ପରାଜିତ ହୋଇ ବ୍ରୋଞ୍ଜ ଜିତିଥିଲେ। ଭାରତ ୩-୦ରେ ଅଗ୍ରଣୀ ଲାଭ କରିସାରିଥିବାରୁ ଜ୍ୟୋତ୍ସ୍ନା ଚିନାପ୍ପା ଓ ନାର୍ଡିନ ଗାରାସ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ନିରର୍ଥକ ହୋଇପଡ଼ିଥିଲା। ୧୨ଟି ଦଳକୁ ନେଇ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସୁଇଜରଲାଣ୍ଡ ଓ ବ୍ରାଜିଲକୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା। ଦଳ ଦକ୍ଷିଣ ଆଫ୍ରିକାକୁ ୩-୦ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

## ନାଲ୍‌କୋ ଓପନ ଟେନିସ

ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ (ବିଡିଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟରେ ବିଭିନ୍ନ ବର୍ଗର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ କବିର ହଂସ-ଦେବାଶିଷ ସାହୁ ଏବଂ ପ୍ରତ୍ୟୁଷ ମହାନ୍ତି-ଅମୃତଜୟ ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। ସେହିପରି ମହିଳା ସିଙ୍ଗଲ୍ସରେ ପ୍ରିଶା ଦାସ, ସେକ୍ ଶାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଆହାନ ମିଶ୍ର, ଆୟୁଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଲେଶ ରଥ ସେମିରେ ପହଞ୍ଚିଛନ୍ତି। ୧୪ ବର୍ଷରୁ କମ୍ ବାଳିକାରେ ସେକ୍ ଶାଫଜା, ସାଇ ରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଚନା ଦାସ ଏବଂ ବାଳକ ସିଙ୍ଗଲ୍ସରେ ସିୟାଂଶ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୂୟାଷ ଥଟୋଇ ଓ ସଫଲ ଆଗାମାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଏସ୍‌ଏସି-କ୍ଲାଉଡ୍ସ ଫାଇନାଲ

ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)

ଇନୋଭାରେ କପ୍ କର୍ପୋରେଟ କ୍ରିକେଟ ଲିଗ୍‌ର ଫାଇନାଲ ରବିବାର ସିଭି ରମଣ ଷ୍ଟାଡିୟମରେ ଏସ୍‌ଏସି ଓ ଇନୋଭାରେ କ୍ଲାଉଡ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏସ୍‌ଏସି ୬ ଉଇକେଟରେ ସିସିସିକୁ ହରାଇ ଦେଇଛି। ବିଜୟୀ ଦଳର ଅବିନାଶ ଭୂୟାଁ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ସୁସ୍ମିତ ଦାଶ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଇନୋଭାରେ କ୍ଲାଉଡ୍ସ ୩ ଉଇକେଟରେ ଇସିସିକୁ ହରାଇ ଦେଇଛି। କ୍ଲାଉଡ୍ସର ରାଜେଶ ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ରୀତମ ସିଂ ଓ ଅସ୍ମିତ ରାଉତ ଇମ୍ପାକ୍ଟ ପ୍ଲେୟର ହୋଇଛନ୍ତି।


# Classified Everyday
**0674-2580101, 9692975378**



## MATRIMONIAL

### BRIDE WANTED

Wanted Brahmin B-tech bride for boy 1999/5'6", software Engineer, MNC Bangalore. 7008283078. D-2787

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorce ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2826

Handsome Khandayat Boy 1997, 5'8" B-Tech Serving Accenture, Bhubaneswar, SUNASANSAR. 9937512659. D-2827

### GROOM WANTED

34 ବୟସ୍କା ବିଧବା Govt Lecture ସୁନ୍ଦର ଖଣ୍ଡାୟତ ଝିଅଙ୍କୁ ବରପାତ୍ର ଯୋଗାଯୋଗ କରନ୍ତୁ। 8249280543. D-2791

ବ୍ରାହ୍ମଣ Govt lab technician 49 ବୟସ୍କା divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6370471610. D-2791



## REAL ESTATE

### SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14



## CONSTRUCTION

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2828

## GENERAL

WELDING WORKS, ANYBODY WANTS ANY WELDING, WORKS LIKE SHUTTER, GODOWN, GRILLS, DOORS & WINDOWS. PL CALL 7809525452. D-225




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before Executive Magistrate , berhampur, Ganjam, dated- 29.05.2025, I, Sushila Pradhan, W/o.- Raghu Pradhan, Resident of At- Puintola, Small Street, P.O./P.S/Dist.- Ganjam, Odisha- 761026 declare that I have changed my name from Budhi Pradhan to Sushila Pradhan. Henceforth, I shall be known as Sushila Pradhan for all purposes.
Sushila Pradhan D-2829

By virtue of an affidavit sworn before The Executive Magistrate, Angul, affidavit No.- 6091, dated- 11.12.2025, I, ADITYA VIKRAM MOHAPATRA, Address: At- J.S.P.L, NISHA, P.O.- NISHA, P.S.- NISHA, Dist.- ANGUL, Odisha- 759130 declare that I have changed my name from ADITYA BIKRAM MOHAPATRA to ADITYA VIKRAM MOHAPATRA. Henceforth, I shall be known as ADITYA VIKRAM MOHAPATRA for all purposes.
ADITYA VIKRAM MOHAPATRA D-2812

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Jharsuguda, CF.No. 9079, Dtd. 11.12.2025, I, Debasis Dash, S/o. Gunasagar Dash, R/o. At- Tihadipali, P.O.- Marakuta, P.S.- Sadar, Dist.- Jharsuguda (Odisha), PIN- 768202 declare that I have changed my name from Debashish Dash to Debasis Dash. Henceforth I shall be known as Debasis Dash for all proposes.
Debasis Dash D-2822

By virtue of an affidavit sworn before the Executive Magistrate, Karlamunda, No.112, Dtd. 12.12.2025, I, Duryodhan Kumar, R/o. Village- Putigaon, P.O.- S. Malpada, P.S.- M. Rampur, Dist.- Kalahandi, Odisha declare that my son Toshal Kumar's LIC policy No.573762006 his name has been wrongly mentioned as Harikesh Kumar instead of Toshal Kumar. That both the names is one and same person. Now I want to correction of my son's name as Toshal Kumar for all purposes. D-2823

I, Leena Pradhan, Village/P.O.- Gadasila, P.S.- Dhenkanal Sadar, Dist.- Dhenkanal, Odisha- 759025 declare that I have changed my name from SALINI PRADHAN to LEENA PRADHAN, dtd. 17.11.2025 before Notary Public, Dhenkanal.
Leena Pradhan. D-2824

I, Sanju khatua, W/o.- Santosh Kumar Khatua. By virtue of an affidavit sworn before the Executive Magistrate, Athagarh, dated 15.09.2025, the name of my minor son Suryakanta Khatua (old name) S/o.- Santosh Kumar Khatua of At/P.O.- Kandarpur, P.S.- Athagarh, Dist.- Cuttack, 754029 Odisha has changed the name to Suryamani Khatua. Henceforth he shall be described as Suryamani khatua for all purposes. D-2825

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଉଦିତ୍ ନାରାୟଣ ସାହୁ (ଅତୁଲ୍)
ଆବିର୍ଭାବ : ୨୦.୦୬.୨୦୦୫ । ତିରୋଧାନ : ୦୪.୧୨.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତୋର ଅମର ଆତ୍ମାର ସଦଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ସ୍ୱର୍ଗବାସ ଶାନ୍ତି ଦାୟକ ହେଉ ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ : ଅତିପ୍ରିୟ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ପ୍ଲଟ ନଂ : ୧୭୫୪, ଲିଙ୍ଗିପୁର, ଭୁବନେଶ୍ୱର - ୨

## LEGAL NOTICE

IN THE COURT OF THE 1ST ADDL. SENIOR CIVIL JUDGE, BHUBANESWAR.
C.S.NO.913/OF 2024

Dibyashakti Priyadarshini .... Plaintiff
-Versus-
Saraswati Sahoo and others .....Defendants

NOTICE UNDER ORDER- 5, RULE- 20 OF C.P.C.

TO,
(1) Bijaya Kumar Patra, aged about 57 years, son of Late Satrughna Patra, Director, Home Base Estate Pvt. Ltd., Plot No.- 389, Bomikhal, P.S.- Laxmisagar, Bhubaneswar, Dist.- Khurda, (2) Tamal Lata Padhi, aged about 71 years, W/o.- Braja Kishore Padhi, At- Khunitasahi, P.O./P.S./Dist.- Puri, at present residing at Qrs. No.- E- 41/4, Unit- 9 Flat, P.O.- Bhoi Nagar, P.S.- Saheed Nagar, Bhubaneswar, Dist.- Khurda, (3) Tanushree Mohanty, aged about 51 years, wife of Deb Prakash Mohanty, At- Flat No.- 207, Madhukunja Enclave, Rasulgarh, Bhubaneswar, Dist.- Khurda, (4) Sailabala Mohanty, aged about 75 years, wife of Kailash Chandra Mohanty, At- Plot No.- 173, Road No.- 4, Mahavir Nagar, Jharapada, P.O./P.S.- Laxmisagar, Bhubaneswar, Dist.- Khurda.

Whereas the above named plaintiff has instituted a suit before this court against you and others for declaration, partition, permanent injunction and enforcement of the right of pre-emptive purchase, in which you are avoiding to receive summons and attend the court. Take notice that the case is posted to dated 22nd day of January 2026 at about 10.30 A.M. to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the court of this 13th day of November 2025.

A- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238; (1) Plot No.- 268, Kisam- Adi, Area Ac.0.21decs., Bounded By: East-Road, West/North/ South- Plot No.- 263, (2) Plot No.- 300, Kisam- Rasta, Area Ac.0.08decs., Bounded By: North- Plot No.- 296, South- Plot No.- 303, East- Plot No.- 301, West- Road. (3) Plot No.- 303, Kisam- Rasta, Area Ac.0.12decs., Bounded By: North- Plot No.- 300, South- Plot No.- 304, East- Plot No-302, West- Road. (4) Plot No.- 299, Kisarm- Adi, Area Ac.0.05decs., Bounded By: North- Plot No.- 297, South- Plot No.- 304, East- Plot No.- 300, West- Plot No.- 268. (5) Plot No.- 304, Kisam- Rasta, Area Ac.0.07decs., Bounded By: North- Plot No.- 299, South- Plot No.- 305, East- Plot No.- 303, West- Plot No.- 268.

B- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No-238; (1) Plot No.- 268, Kisam- Adi, Area Ac.0.21decs., Bounded By: East-Road, West/North/ South- Plot No.- 263. (2) Plot No.- 300, Kisam- Rasta, Area Ac.0.08decs., Bounded By: North- Plot No.- 296, South- Plot No.- 303, East- Plot No.- 301, West- Road. (3) Plot No.- 303, Kisam- Rasta, Area Ac.0.12decs., Bounded By: North- Plot No.- 300, South- Plot No.- 304, East- Plot No.- 302, West- Road.

C- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No-268, Kisam-Adi, Area Ac.0.21decs, Bounded By: East- Road, West/North/ South- Plot No.- 263, corresponding to Mutation Khata No.- 623/71, Plot No.- 268, Kisam- Gharabari, Area Ac.0.21decs.

D- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 303, Kisam- Rasta, Area Ac.0.07.3decs out of area Ac.0.12decs., Bounded By: North- Plot No.- 300, South-Plot No-304, East- Plot No.- 302, West-Road.
corresponding to Mutation Khata No.- 616/1342, Plot No.- 303/2511, Area Ac.0.073decs, Kisam- Road.

E-SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 303, Kisam- Rasta, Area Ac.0.04decs out of area Ac.0.12decs.
Towards side. Bounded By: North- Plot No.- 300, South- Plot No.- 304, East- Plot No.- 302, West- Road.

F- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 300, Kisam- Rasta, Area Ac.0.08decs. Bounded By: North- Plot No.- 296, South- Plot No.- 303 East- Plot No.- 301, West- Road.

S/d./- 1st Addl. Senior Civil Judge, Bhubaneswar
D-2829

# ୱେଡିଂ ପ୍ଲାନର

**ବିବାହ ପ୍ରତ୍ୟେକ ଯୁବତୀଯୁବକଙ୍କ ଜୀବନର ଏକ ବଡ଼ ଉତ୍ସବ। ତେଣୁ ଭୋଜିଠାରୁ ଆରମ୍ଭ କରି ନାଚଗୀତ ଆଦି ପ୍ରତ୍ୟେକ କାର୍ଯ୍ୟକୁ ଖୁବ୍ ଧୁମ୍‌ଧାମ୍‌ରେ ଆୟୋଜନ କରିବା ସହ ଏହି ବିଶେଷ କାର୍ଯ୍ୟକ୍ରମର ସବୁ ମୁହୂର୍ତ୍ତକୁ ନିଜ ସହିତ ଯୋଗ ଦେଇଥିବା ଅତିଥିଙ୍କ ପାଇଁ ମଧ୍ୟ ସ୍ମରଣୀୟ କରି ରଖିବାକୁ ସମସ୍ତେ ଚାହାନ୍ତି। ତେଣୁ ବିବାହ ଉତ୍ସବର ସମସ୍ତ ଆୟୋଜନକୁ ଅଧିକ ସ୍ପେଶାଲ ଏବଂ ଗ୍ରାଣ୍ଡ କରିବା ଉଦ୍ଦେଶ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି ୱେଡିଂ ପ୍ଲାନରଙ୍କ ଡିମାଣ୍ଡ...**

ବର୍ତ୍ତମାନ ଅଧିକାଂଶ ପରିବାରରେ ଅନେକ ସଦସ୍ୟ ଜବ୍ ହେଉ ଅବା ବିଜ୍‌ନେସ୍ ଆଦି ପାଇଁ ପରିବାରଠାରୁ ଦୂରରେ ରହୁଛନ୍ତି। ତେଣୁ ପରିବାରରେ କାହାର ବିବାହ ହେଲେ, କୌଣସି ଜଣେ ସଦସ୍ୟଙ୍କୁ ବିବାହର ସମସ୍ତ ଆୟୋଜନ ଏକାକୀ କରିବା ଏତେ ସହଜ କଥା ନୁହେଁ। ତେଣୁ ବିବାହ ଉତ୍ସବର ସମସ୍ତ ଆୟୋଜନକୁ ଅଧିକ ସ୍ପେଶାଲ ଏବଂ ଗ୍ରାଣ୍ଡ୍ କରିବା ଲାଗି ବର୍ତ୍ତମାନ ଅଧିକାଂଶ ୱେଡିଂ ପ୍ଲାନିଂ କମ୍ପାନୀମାନଙ୍କ ଉପରେ ନିର୍ଭର କରୁଛନ୍ତି। ଯେଉଁଥିରେ ୱେଡିଂ ପ୍ଲାନରମାନେ ବାହାଘରର ଭେନ୍ୟୁ, ଡେକୋରେଶନ୍, ଲାଇଟିଂ, ମ୍ୟୁଜିକ୍, ଏଣ୍ଟରଟେନ୍‌ମେଣ୍ଟ, ଗେଷ୍ଟଙ୍କୁ ହୋଷ୍ଟ କରିବା ଏବଂ ସର୍ବୋପରି ଖାଇବା ମେନ୍ୟୁ ଓ ସର୍ଭିଂ ସର୍ଭିସ୍ ପର୍ଯ୍ୟନ୍ତ ସବୁ କିଛିର ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଏମିତିରେ ଗ୍ରୁମ୍ ଏବଂ ବ୍ରାଇଡ୍‌ଙ୍କ ୱେଡିଂ ଏବଂ ରିସେପ୍ସନ ଡ୍ରେସ୍‌ଠୁ ଆରମ୍ଭ କରି ମେକ୍‌ଅପ୍ ପର୍ଯ୍ୟନ୍ତ ସବୁ ସୁବିଧା ଏହି କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଉଛି। ଯଦ୍ୱାରା ଉଭୟ ପରିବାରକୁ କିଛି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲେ ସୁଦ୍ଧା ଅଚିନ୍ତାରେ ବିବାହର ସମସ୍ତ କାର୍ଯ୍ୟକ୍ରମର ଆନନ୍ଦ ଉଠାଇ ପାରୁଛନ୍ତି।

**ବଢ଼ୁଛି ବିଜ୍‌ନେସ୍ ଓ କ୍ୟାରିୟର ଅପ୍ସନ:** ବର୍ତ୍ତମାନ ବିବାହ କିମ୍ବା ଅନ୍ୟ ବଡ଼ ବଡ଼ ପାର୍ଟି ଫଙ୍କ୍‌ସନ୍ ଆରେଞ୍ଜମେଣ୍ଟ ପାଇଁ ଅଧିକାଂଶ ୱେଡିଂ କିମ୍ବା ଇଭେଣ୍ଟ କମ୍ପାନୀଗୁଡ଼ିକ ଉପରେ ଅଧିକ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏ କ୍ଷେତ୍ରରେ ବିଜ୍‌ନେସ୍ ଅପ୍ସନ ଦିନକୁ ଦିନ ବଢ଼ିବାରେ ଲାଗିଛି। କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କେଟ୍)ର ରିପୋର୍ଟ ଅନୁଯାୟୀ ଗତବର୍ଷ ଭାରତରେ ବିବାହରେ ପ୍ରାୟ ୫.୯୦ ଲକ୍ଷ କୋଟି ଟଙ୍କାର ବ୍ୟାପାର ହୋଇଥିଲା, ଯାହାକି ଚଳିତବର୍ଷ ବୃଦ୍ଧି ପାଇ ବର୍ଷ ଶେଷ ସୁଦ୍ଧା ପ୍ରାୟ ୬.୫୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ତେଣୁ ଏ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଭଲ କ୍ୟାରିୟର ଅପ୍ସନ ହୋଇପାରେ।

**କ'ଣ ରହିଛି କ୍ୟାରିୟର ଅପ୍ସନ:** ୱେଡିଂ ପ୍ଲାନିଂ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ବହୁତ ପ୍ରକାରର କ୍ୟାରିୟର ଅପ୍ସନ ରହିଛି। ସେଗୁଡ଼ିକ ହେଲା:

❖ଜଣେ ଚାହିଁଲେ ଏହାକୁ ଏକ ଷ୍ଟାର୍ଟଅପ୍ ବିଜ୍‌ନେସ୍ ଭାବେ ନିଜର ଏକ କମ୍ପାନୀ କରିପାରିବେ।

❖ ଇଭେଣ୍ଟର ଥିମ୍, ବଜେଟ, ଗ୍ରାହକଙ୍କ ସହ ଡିଲ୍ ପାଇଁ ୱେଡିଂ କମ୍ପାନୀରେ ବଜେଟ ମ୍ୟାନେଜର, ଇଭେଣ୍ଟ କୋ-ଅର୍ଡିନେଟର ଭାବେ କାମ କରିପାରିବେ।

❖ ଇଭେଣ୍ଟର ପ୍ରତ୍ୟେକ ଛୋଟ ବଡ଼ କାମ ତଦାରଖ କରିବା ସହ ଟିମ୍‌କୁ ମାର୍ଗଦର୍ଶନ ଦେବା ଲାଗି ଇଭେଣ୍ଟ ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରିପାରିବେ।

❖ଟେକ୍ନିକାଲ୍ ସେଟ୍‌ଅପ୍‌ଠୁ ଆରମ୍ଭ କରି ଲାଇଟ୍ସ, ସାଉଣ୍ଡ, ଷ୍ଟେଜ୍ ଆଦି ବୁଝାବୁଝି କରିବା ଲାଗି ପ୍ରଡକ୍ଟ ଆସିଷ୍ଟାଣ୍ଟ ଭାବେ ଜବ୍ କରିପାରିବେ।



## ଯୁବପିଢ଼ିଙ୍କ ପାଇଁ ବଢ଼ୁଛି ସୁଯୋଗ

ବର୍ତ୍ତମାନ ଅଧିକାଂଶ ଲୋକେ ଘରଠାରୁ ବାହାରେ ରହୁଛନ୍ତି। କେବଳ ବିବାହ, ବ୍ରତ ଭଳି ବଡ଼ ବଡ଼ ଫ୍ୟାମିଲି ଫଙ୍କସନ୍‌ରେ ଅଳ୍ପ ଦିନ ପାଇଁ ସେମାନେ ନିଜ ସହରକୁ ଆସୁଛନ୍ତି। ହେଲେ କମ୍ ସମୟ ଭିତରେ ହୋଟେଲ୍, ରିସୋର୍ଟ, ମଣ୍ଡପ ଆଦି ବୁକ୍ କରିବାଠୁ ଆରମ୍ଭ କରି ଅନ୍ୟ ସବୁ ଆରେଞ୍ଜମେଣ୍ଟ କରିବା ସେମାନଙ୍କ ପାଇଁ କଷ୍ଟ ହୋଇପଡୁଛି। ଲୋକଙ୍କର ଏଭଳି ସମସ୍ୟା ଦୂର କରିବା ଲାଗି ୨୦୧୬ରେ ଜିମାର୍ଟ ଇଭେଣ୍ଟ ନାମକ କମ୍ପାନୀ ଆରମ୍ଭ କଲି। ବର୍ତ୍ତମାନ ସୁଦ୍ଧା ମୋର ଏହି କମ୍ପାନୀରେ ୧୩୦ ଜଣ ଏମ୍ପ୍ଲୟୀଙ୍କୁ ନିଯୁକ୍ତି ଦେଇପାରିଥିବାରୁ ବିତ ଖୁସି ଲାଗୁଛି। ଆମ ପାଖେ ଏବେ ନିଜର ହୋଟେଲ, ରିସୋର୍ଟ, ଫୁଡ୍ ୟୁନିଟ୍, କ୍ୟାଟେରିଂ ସର୍ଭିସ୍, ଫଟୋଗ୍ରାଫି, ଟିମ୍ ରହିଛି। କ୍ଲାଏଣ୍ଟଙ୍କ ଡିମାଣ୍ଡ ଅନୁସାରେ ଆମେ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଛୁ। ଏଥିରେ ୱେଡିଂ ସିଜନ୍‌ରେ ବେଶ୍ ଭଲ ରୋଜଗାର ହେଉଛି। ବର୍ତ୍ତମାନ ସୁଦ୍ଧା ଆମ କମ୍ପାନୀ ପକ୍ଷରୁ ୩୦୦୦ ବିବାହ କାର୍ଯ୍ୟ କରିସାରିଛୁ। କେବଳ ବିବାହ ନୁହେଁ, ଶହେରୁ ଅଧିକ କର୍ପୋରେଟ୍ ଇଭେଣ୍ଟ ଏବଂ ୫୦ରୁ ଅଧିକ ସରକାରୀ ଇଭେଣ୍ଟ ବି କରିସାରିଛୁ। ଚଳିତବର୍ଷ ଶେଷ ସୁଦ୍ଧା ଆହୁରି ଅନେକ ଇଭେଣ୍ଟ କାର୍ଯ୍ୟ ମଧ୍ୟ କରିବାକୁ ଅଛି। ତେବେ ମୋ ମତରେ ଏ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଭଲ କ୍ୟାରିୟର ଅପ୍ସନ ଦିନକୁ ଦିନ ବଢ଼ିବାରେ ଲାଗିଛି।



**ଜିତେନ୍ଦ୍ର କୁମାର ସାହୁ**
*(ଫାଉଣ୍ଡର ଆଣ୍ଡ ମ୍ୟାନେଜିଂ ଡାଇରେକ୍ଟର, ଜିମାର୍ଟ ଇଭେଣ୍ଟ କମ୍ପାନୀ, ଭୁବନେଶ୍ୱର)*



❖ଭେନ୍ୟୁ ଡେକୋରେଶନ୍, ଏଣ୍ଟରଟେନ୍‌ମେଣ୍ଟ, ଗେଷ୍ଟଙ୍କୁ ହୋଷ୍ଟ କରିବା ଆଦି ବୁଝିବା ଲାଗି ଆର୍ଟିଷ୍ଟ ମ୍ୟାନେଜର ଭାବେ ବି କାମ କରିପାରିବେ। ସେହିପରି ଭେନ୍ୟୁ ଏବଂ ମେନ୍ୟୁ ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଦେଖାଶୁଣା ନିମନ୍ତେ ଭେନ୍ୟୁ ମ୍ୟାନେଜର ଭାବେ ବି ଜବ୍ ଏସବୁ କମ୍ପାନୀରେ ଉପଲବ୍ଧ। ଇଭେଣ୍ଟର ସମସ୍ତ ପରିବହନ କାର୍ଯ୍ୟ ଆଦି ବୁଝିବା ଲାଗି ଲଜିଷ୍ଟିକ୍ ହେଡ୍ ଭାବେ ମଧ୍ୟ କାର୍ଯ୍ୟ କରିପାରିବେ।

❖ସେହିପରି ସାଜସଜ୍ଜା ବିଶେଷକରି ଫୁଲ ସଜାଇବା ଲାଗି ଏ କ୍ଷେତ୍ରରେ ଫ୍ଲୋରିଷ୍ଟଙ୍କର ବି ଡିମାଣ୍ଡ ରହିଛି।

❖ସେହିପରି ଫଟୋଗ୍ରାଫି, ଡ୍ରେସ୍ ଡିଜାଇନର୍, ମେକ୍‌ଅପ୍ ଆର୍ଟିଷ୍ଟ ଏବଂ କୁକିଂ ଓ କ୍ୟାଟେରିଂ ସର୍ଭିସ୍ କ୍ଷେତ୍ରରେ ମଧ୍ୟ ଯୁବପିଢ଼ିଙ୍କ ପାଇଁ ବହୁତ ଭଲ କ୍ୟାରିୟର ଅପ୍ସନ ରହିଛି।

**କ'ଣ ରହିଛି କୋର୍ସ:** ଯଦିଓ ଏଥିପାଇଁ ନିହାତି କୌଣସି କୋର୍ସର ଆବଶ୍ୟକତା ରହିଛି ତାହା ନୁହେଁ, ତଥାପି ନିଜ ରୁଚିକୁ ଆଖିଆଗରେ ରଖି ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟରେ ବିବିଏ, ଏମ୍‌ବିଏ କରିପାରିବେ। ଏହା ବ୍ୟତୀତ ବ୍ୟୁଟି ଏବଂ ମେକ୍‌ଅପ୍, କୁକିଂ, ଡେକୋରେଶନ୍, ଫଟୋଗ୍ରାଫି ଆଦିରେ ସ୍ପେଶାଲାଇଜେଶନ୍ କୋର୍ସ କରିପାରିବେ। ଏହାବ୍ୟତୀତ ଆପଣ ଯେକୌଣସି କ୍ଷେତ୍ରରେ ଗ୍ରାଜୁଏଶନ୍ କରିବା ପରେ କୌଣସି ୱେଡିଂ କମ୍ପାନୀରେ କାମ କରି ଦକ୍ଷତା ହାସଲ କରିପାରିବେ।

– ପୌର୍ଣ୍ଣମାସୀ



### ଏ ସପ୍ତାହର ପ୍ରଶ୍ନ ?

୧– ରାମବାଣ ସୁଲାଇ ମହୁ ଭାରତର .............. ଅଞ୍ଚଳରେ ମିଳିଥାଏ ?
୨– ୱାର୍ଲ୍ଡ ଆଥ୍‌ଲେଟ୍ ଅଫ୍ ଦ ଇୟର(ମେନ୍) ୨୦୨୫ ଆୱାର୍ଡ ବିଜେତାଙ୍କ ନାମ ....... ?
୩– ସଞ୍ଚାରସାଥୀ ଆପ୍ .............. ଦ୍ୱାରା ଆରମ୍ଭ କରାଯାଇଛି ?
୪– କୋକ୍‌ବୋରୋକ୍ ହେଉଛି ଭାରତୀୟ ରାଜ୍ୟ ...........ର ଅଫିସିଆଲ୍ ଲାଙ୍ଗୁଏଜ୍ ?
୫– ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରଥମ ମନ୍ଦିର .............ଠାରେ ଉଦ୍‌ଘାଟିତ ହୋଇଯାଇଛି ?

### ଗତ ଥରର ଉତ୍ତର

୧ ଗୁଜରାଟ
୨ ଆମେରିକା
୩ ଇଣ୍ଡିଆନ୍ ଫାଇନାନ୍ସିଆଲ୍ ସିଷ୍ଟମ୍ କୋଡ୍
୪ ଅରୁନ୍ଧତୀ ରାୟ
୫ ପୁଲିଜର ପୁରସ୍କାର

### ଉତ୍ତରଦାତା


ଅନ୍ନପୂର୍ଣ୍ଣା ମହାନ୍ତି, କଟକ


ଅର୍ଚ୍ଚନା ବାରିକ୍, ଢେଙ୍କାନାଳ


ନମିତା ବେହେରା, ଖୋର୍ଦ୍ଧା

### ଟପ୍ ଟେନ୍ ୧୦

**ପୃଥିବୀର ହାଇସ୍ପିଡ୍ ଟ୍ରେନ୍ –୨୦୨୫**

୧. ସାଙ୍ଘାଇ ମାଗ୍‌ଲେଭ୍ (ଚାଇନା)................ ୪୬୦କିମି./ଘଣ୍ଟା ପ୍ରତି
୨. ସିଆର୍‌୪୫୦(ଚାଇନା)........................... ୪୫୩କିମି./ଘଣ୍ଟା
୩. ସିଆର୍‌୪୦୦ ଫକ୍ସିଙ୍ଗ୍ (ଚାଇନା) .................. ୩୫୦କିମି./ଘଣ୍ଟା
୪. ଟିଜିଭି(ଫ୍ରାନ୍ସ) ...................................... ୩୨୦କିମି./ଘଣ୍ଟା
୫. ଶିଙ୍କାନ୍‌ସେନ୍ ସିରିଜ୍ (ଜାପାନ)......................... ୩୨୦କିମି./ଘଣ୍ଟା
୬. ୟୁରୋଷ୍ଟାର୍ ଇ୩୨୦ (ୟୁରୋପ).................... ୩୨୦କିମି./ଘଣ୍ଟା
୭. ଏଆଇ ବୋରାକ୍ (ମରକ୍କୋ)......................... ୩୨୦କିମି./ଘଣ୍ଟା
୮. ଇଭିଇ କ୍ଲାସ୍ ୧୦୩ (ସ୍ପେନ୍).......................... ୩୧୦କିମି./ଘଣ୍ଟା
୯. କେଟିଏକ୍ସ ସିରିଜ୍ (ସାଉଥ୍ କୋରିଆ) ................ ୩୦୫କିମି./ଘଣ୍ଟା
୧୦. ଇଟିଆର୍ ଫ୍ରେସିଆରୋସା ୧୦୦୦ (ଇଟାଲୀ)...... ୩୦୦କିମି./ଘଣ୍ଟା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

### ୟୁଥ୍ ଫ୍ୟାଶନ୍

## ଫ୍ୟାଶନ୍ ସହ ସୁରକ୍ଷା ପାଇଁ ହୁଡିଜ୍

**ୱିଣ୍ଟର ଗେଟ୍‌ଅପ୍ କଥା ଆସିଲେ ବିଭିନ୍ନ ପ୍ରକାର ହୁଡିଜ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ। କାରଣ ଏହା ନା କେବଳ ଫ୍ୟାଶନେବଲ୍ ତଥା ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଦେହ, ମୁଣ୍ଡ ଓ କାନକୁ ଥଣ୍ଡା ପବନରୁ ସୁରକ୍ଷା ବି ଦେଇଥାଏ...**

**ପୁଲ ଓଭର ହୁଡି:** ବର୍ତ୍ତମାନ ଉଭୟ ପ୍ଲେନ୍ ଏବଂ ପ୍ରିଣ୍ଟେଡ୍ ପୁଲ ଓଭର ହୁଡିର ଡିମାଣ୍ଡ ବଢ଼ୁଛି। ଯଦି ଆପଣଙ୍କୁ ଜିପ୍ ବା ଓପନ୍ ହୁଡିଜ୍ ପସନ୍ଦ ନୁହେଁ, ତେବେ ମୁଣ୍ଡ ଗଳାଇ ପିନ୍ଧିବାକୁ ହେଉଥିବା ଏହି ପୁଲ ଓଭର ହୁଡି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହି ଜିପ୍‌ଲେସ୍ ହୁଡିଜ୍ ସ୍ଲିମ୍ ଫିଗର ଯୁବତୀ ଯୁବକଙ୍କ ଫିଗରକୁ ହାଇଲାଇଟ୍ କରିବା ସହ ଅଧିକ ଫ୍ୟାଶନେବଲ୍ ଲାଗିଥାଏ। ତା'ଛଡ଼ା ଏହା ସମ୍ପୂର୍ଣ୍ଣ କଭର ହୋଇଥିବାରୁ ମୁଣ୍ଡ ଏବଂ ଦେହକୁ ଥଣ୍ଡା ପବନରୁ ସୁରକ୍ଷା ଦେଇଥାଏ।

**କଣ୍ଟ୍ରାଷ୍ଟ ବର୍ଡର ହୁଡି:** ସିଙ୍ଗ୍‌ଲ ବା ଆଦୌ ପ୍ରିଣ୍ଟ ନ ଥିବା ପ୍ଲେନ୍ କଲର ସହିତ କଣ୍ଟ୍ରାଷ୍ଟ ବର୍ଡର ଆଉଟ୍‌ଲାଇନ୍ ଥିବା ହୁଡିଜ୍‌କୁ ଏବେ ଯୁବପିଢ଼ି ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ଆପଣ ଯେକୌଣସି କାଜୁଆଲ ଗେଟ୍‌ଅପ୍ ସହ କ୍ୟାରି କରି ଆକର୍ଷଣୀୟ ଲୁକ୍ ପାଇପାରିବେ।





**ଜିପ୍ ଅପ୍ସ ହୁଡି:** ଯଦି ଆପଣଙ୍କୁ ଏଭଳି ହୁଡି ପସନ୍ଦ, ତେବେ ଏହାକୁ ଉଭୟ ଜିପ୍ ଓପନ୍ କରି ଜ୍ୟାକେଟ୍ ଭଳି ହେଉ କିମ୍ବା ଜିପ୍ ବନ୍ଦ କରି ବ୍ୟବହାର କଲେ ଷ୍ଟାଇଲିଶ୍ ଲାଗିବେ।

**କିଛି ଟିପ୍ସ:** ଫିଗର ମୋଟା ହୋଇଥିଲେ ହେଭି ପରିବର୍ତ୍ତେ ଲାଇଟ୍ ମ୍ୟାଟେରିଆଲ୍ ହୁଡି ବାଛନ୍ତୁ ଏବଂ ଅଧିକ ଟାଇଟ୍ କିମ୍ବା ଢିଲା ହୁଡି ମଧ୍ୟ ବାଛନ୍ତୁ ନାହିଁ। କାରଣ ଏଥିରେ ପେଟ ବଡ଼ ଲାଗିବା କାରଣରୁ ଫିଗର ଖରାପ ଲାଗିଥାଏ।

– ଯଦି ଆପଣଙ୍କ ହାଇଟ୍ ଅଧିକ, ତେବେ ଆପଣ ସାମାନ୍ୟ ଓଭର ସାଇଜ୍ ବା ଲଙ୍ଗ ହୁଡି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ। ହେଲେ ହାଇଟ୍ କମ୍ ହୋଇଥିଲେ ଓଭର ସାଇଜ୍ ହୁଡି ଆଦୌ ପିନ୍ଧନ୍ତୁ ନାହିଁ। ଏଥିରେ ଆପଣଙ୍କ ଉଚ୍ଚତା ଆହୁରି କମ୍ ଲାଗିବ। ତେଣୁ ଆପଣ ଅଣ୍ଟା ବା ବେଲ୍ଟ ପର୍ଯ୍ୟନ୍ତ ଲମ୍ବ ଥିବା ହୁଡି ପିନ୍ଧନ୍ତୁ।

### ୟୁଥ୍ ଆଲର୍ଟ

## ଶୀତରେ ପାଣିପିଆ କମ୍ୁଥିଲେ...

**ଶୀତଦିନେ ପରିବେଶ ଥଣ୍ଡା ଥିବାରୁ ଦେହରୁ ଝାଳ ବାହାରି ନ ଥାଏ ଏବଂ ଶୋଷ ଲାଗି ନ ଥାଏ। ସେଥିପାଇଁ ଅନେକେ ପାଣି ପିଇବାକୁ ଭୁଲିଯାଆନ୍ତି। ହେଲେ କମ୍ ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ହେବା ସହ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ...**

➔ଶୀତଦିନେ ପାଣି ପିଇବା କମିଗଲେ ଶରୀରର ଡିହାଇଡ୍ରେଟ୍ ହୋଇଯାଏ, ଫଳରେ ତ୍ୱଚା ଆବଶ୍ୟକଠାରୁ ଅଧିକ ଡ୍ରାଏ ହୋଇ ଫାଟିଥାଏ ଏବଂ ପୋଡ଼ାଜଳା ମଧ୍ୟ ହୋଇଥାଏ।

➔ମଣିଷ ଶରୀରକୁ ଯେତିକି ପରିମାଣର ପାଣି ଆବଶ୍ୟକ, ତା'ଠାରୁ କମ୍ ପାଣି ପିଇବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆଣ୍ଠୁ ଗଣ୍ଠି ଆଦି ସ୍ଥାନରେ ପଡ଼ିଥାଏ। ଫଳରେ ଏହି ଗଣ୍ଠିଗୁଡ଼ିକୁ ଠିକ୍ ଭାବେ ଚଳପ୍ରଚଳ ହେବାରେ ସାହାଯ୍ୟ କରୁଥିବା ଚିକ୍କଣ ଅଂଶ ବା ସାଇନୋଭିଆଲ୍ ଫ୍ଲୁଇଡ୍ ଶୁଖିଯାଏ। ଫଳସ୍ୱରୂପ ଯୁବାବସ୍ଥାରେ ବି ଆଣ୍ଠୁଗଣ୍ଠି ବିନ୍ଧିବା, ଦରଜ ହେବା ଭଳି ସମସ୍ୟା ଦେଖାଦିଏ।

➔ଶୀତଦିନେ ଅନେକଙ୍କଠାରେ ପରିସ୍ରାପୋଡ଼ା, ୟୁରିନାରୀ ଟ୍ରାକ୍ ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ଏହାର ମୁଖ୍ୟ କାରଣ ହେଉଛି ଶରୀରରେ ଆବଶ୍ୟକ ମାତ୍ରାରେ ପାଣିର ଅଭାବ। କାରଣ ଏଦିନେ ପାଣିପିଆ କମିଗଲେ ସବୁଠୁ ବେଶୀ ପ୍ରଭାବ ପଡ଼ିଥାଏ କିଡ୍‌ନୀ ଉପରେ ଏବଂ ଏହି ସବୁ ସମସ୍ୟା ଉପୁଜିଥାଏ।

➔ପାଣି କମ୍ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ତଥା ବର୍ଜ୍ୟ ପଦାର୍ଥ ଭଲ ଭାବେ ନିଷ୍କାସନ ହୋଇପାରେ ନାହିଁ। ଫଳରେ ମୁହଁରେ ବ୍ରଣ, ଦାଗ, ରିଙ୍କଲ୍ ମାର୍କ, ଡାର୍କ ସ୍ପଟ ଓ ସ୍କିନ୍ ଆଲର୍ଜି ଆଦି ଅନେକ ସମସ୍ୟା ଦେଖାଦିଏ।

➔ଶୀତଦିନେ କମ୍ ପାଣି ପିଇଲେ ଶରୀରରେ ପାଣିର ଅଭାବ ହେବା ଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଫଳରେ ଅମ୍ଳଜାନ ସବୁ ଅଙ୍ଗକୁ ବିଶେଷ ଭାବେ ମସ୍ତିଷ୍କକୁ ଭଲ ଭାବେ ପହଞ୍ଚି ନ ପାରିବାରୁ ଥକା ଏବଂ ହାଲିଆ ଲାଗିଥାଏ। ହୃତ୍‌ପିଣ୍ଡ ଓ ମସ୍ତିଷ୍କରେ ପ୍ରଭାବ ପଡ଼େ। ମୁଣ୍ଡବିନ୍ଧା ସହିତ ଭୁଲାପଣ ବା ସ୍ମରଣଶକ୍ତି ହ୍ରାସ ଭଳି ସମସ୍ୟା ଉପୁଜିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା କେବେକେବେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧି ଷ୍ଟ୍ରୋକ୍ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।





➔ତେଣୁ ଏସବୁ ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଦିନକୁ ଅତିକମ୍‌ରେ ୩-୪ ଲିଟର ପାଣି ପିଇବା ବିଶେଷକରି ଅଳ୍ପ ଉଷୁମ ପାଣି ପିଇବା ଏଦିନେ ବେଶୀ ଭଲ। ଏହା ସହ ଜୁସ୍, ସୁପ୍ ଆଦି ମଧ୍ୟ ପିଇବା ଭଲ।



ଆର୍ଜେଣ୍ଟିନା ଫୁଟ୍‌ବଲ ତାରକା ଲାୟୋନେଲ ମେସିଙ୍କ କାର୍ଯ୍ୟକ୍ରମରେ ଦର୍ଶକ ବିଶୃଙ୍ଖଳା ଯୋଗୁ ଶନିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ ରଣକ୍ଷେତ୍ରରେ ପରିଣତ ହୋଇଛି।

# ଉନ୍ନତି-ଇସାରାଣୀ ମହିଳା ଫାଇନାଲ

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ପୁରୁଷ ଫାଇନାଲରେ ୟୁସୁଫ ଓ ଜର୍ଜ

ହୁଡ଼ା ଓ ଇସାରାଣୀ ବରୁଆଙ୍କ ମଧ୍ୟରେ ମୁକାବିଲା ହେବ। ପୁରୁଷ ଫାଇନାଲରେ ଇଣ୍ଡୋନେସିଆର ମୋହମ୍ମଦ ୟୁସୁଫ ଭାରତର କିରଣ ଜର୍ଜଙ୍କୁ ଭେଟିବେ। ମହିଳା ଓ ପୁରୁଷ ସିଙ୍ଗଲ୍ସ ସମେତ ସମସ୍ତ ବର୍ଗର ଫାଇନାଲ ରବିବାର ଅନୁଷ୍ଠିତ ହେବ।

ସେମି ଫାଇନାଲ ରାଉଣ୍ଡରେ ଖେଳାଯାଇଥିବା ସମସ୍ତ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ମହିଳା ସେମିଫାଇନାଲରେ ଟପ ସିଡ୍ ଭାରତୀୟ ଖେଳାଳି ଉନ୍ନତି ହୁଡ଼ା ନିଜ ଦେଶର ତସନିମ ମିରଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ୧୮-୨୧, ୨୧-୧୬, ୨୧-୧୬ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ସେମିଫାଇନାଲରେ





ମ୍ୟାଚ ଜିତିବାପରେ ଉନ୍ନତି ହୁଡ଼ା। ଶଟ୍ ଖେଳିବା ଅବସରରେ ଇସାରାଣୀ ବରୁଆ।

ଇସାରାଣୀ ବରୁଆ ୧୮-୨୧, ୨୧-୭, ୨୧-୭ରେ ତାନ୍ୟା ହେମନ୍ତଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ନିଜ ଦେଶର ବିସ୍ମରାୟ ଅକଟୋରାଙ୍କୁ ୨୧-୧୨, ୨୧-୧୮ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ଭାରତର ଦ୍ୱିତୀୟ ସିଡ୍ କିରଣ ଜର୍ଜ ନିଜ ଦେଶର ରୋନକ ଚୌହାନଙ୍କୁ ସଂଘର୍ଷପୂର୍ଣ୍ଣ ୨୧-୧୯, ୮-୨୧ ଓ ୨୧-୧୮ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସ ସେମିଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡି ଡି. ଫର୍ଡିନେନ୍‌ସି ଓ ବି. ୱାର୍ଡନା ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରୀୟାନଙ୍କୁ ୨୧-୧୬, ୨୧-୧୯ ପଏଣ୍ଟରେ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଅନ୍ୟ ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡି ଏମ. ଫାଜା ଓ ଏ. ପ୍ରଣତା ଥାଇଲାଣ୍ଡ ଯୋଡି ତଣ୍ଡନ ପଂପାନୀଚ ଓ ଫୁଙ୍ଗଫା କେ.ଙ୍କୁ ୨୧-୧୭, ୧୮-୨୧ ଓ ୨୧-୧୨ରେ ପରାସ୍ତ କରିଛନ୍ତି।

ମହିଳା ଡବଲ୍ସରେ ଅନୁଷ୍ଠିତ ସେମିଫାଇନାଲରେ ଟପ ସିଡ୍ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଇସ୍ୟାନା ମେଇଡା ଓ ରଞ୍ଜନି କିନ୍ନାରାଙ୍କୁ ୨୧-୯, ୨୧-୧୬ ପଏଣ୍ଟରେ ଏବଂ ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ୨୧-୧୩, ୨୧-୧୬ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ପୁରୁଷ ଡବଲ୍ସ ସେମିଫାଇନାଲରେ ମାଲେସିଆ ଯୋଡି କଙ୍ଗ୍ ଖାଇ ଜିଙ୍ଗ ଓ ଏରୋନ ତାଇ ଥାଇଲାଣ୍ଡ ଯୋଡିଙ୍କୁ ସିଧା ସଳଖ ୨୧-୧୯, ୨୧-୧୯ ପଏଣ୍ଟରେ ହରାଇ ଥିବାବେଳେ ଇଣ୍ଡୋନେସିଆର ଅଲି ରେହନ ଓ ଦେଭିନ ଅର୍ଥା ୟାହୁଡି ତାଇପେଇ ଯୋଡି ସୁ ଚିଙ୍ଗ ହେଙ୍ଗ୍ ଓ ବୁ ଗୁଆନ ଜୁନଙ୍କୁ ୨୧-୧୫, ୨୨-୨୦ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ରବିବାର ଅପରାହ୍ନ ୧ଟାରୁ ଆରମ୍ଭ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ନିଳିନ କୁମାର ପ୍ରକାଶ କରିଛନ୍ତି।



କୋଲକାତାର ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ ପରିସରରେ ଶନିବାର ଉନ୍ମୋଚିତ ହୋଇଥିବା ଲାୟୋନେଲ ମେସିଙ୍କ ୭୦ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି।

## ମେସିଙ୍କ ୭୦ ଫୁଟ୍‌ର ପ୍ରତିମୂର୍ତ୍ତି ଉନ୍ମୋଚିତ

**କୋଲକାତା, ୧୩।୧୨**

ଶନିବାର କୋଲକାତାର ଲେକ୍ ସହର ଅନ୍ତର୍ଗତ ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ ପରିସରରେ ଷ୍ଟାର ଫୁଟ୍‌ବଲର ଲାୟୋନେଲ ମେସି ତାଙ୍କର ଏକ ୭୦ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତିକୁ ଭର୍ଚୁଆଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍ ପ୍ରଶଂସକଙ୍କ ସହ ଉପସ୍ଥିତ ଥିଲେ। ଲୌହ ନିର୍ମିତ ଏହି ବିଶାଳକାୟ ସ୍ମାରକୀରେ ମେସି ଫିଫା ବିଶ୍ୱକପ୍ ଧରିଛନ୍ତି। ଆର୍ଜେଣ୍ଟିନାର ଏହି ଆଇକନଙ୍କ ପ୍ରତି ସମ୍ମାନ ଜଣାଇ ସ୍ଥାପନ କରାଯାଇଥିବା ଏହି ପ୍ରତିମୂର୍ତ୍ତିଟିର ନିର୍ମାଣକାର୍ଯ୍ୟ ମାତ୍ର ୪୦ ଦିନ ମଧ୍ୟରେ ଶେଷ ହୋଇଥିଲା। ଶନିବାର ଏହି କାର୍ଯ୍ୟକ୍ରମକୁ ଦେଖିବା ଲାଗି ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସମର୍ଥକଙ୍କ ସମାଗମ ହୋଇଥିଲା। ଏଥିରୁ ଭାରତରେ ବିଶେଷ କରି ପଶ୍ଚିମବଙ୍ଗରେ ମେସିଙ୍କ ଲୋକପ୍ରିୟତା କେତେ ତାହା ଅନୁମେୟ।

# ହାଇଦ୍ରାବାଦରେ ମେସିଙ୍କୁ ସ୍ୱାଗତ

**ହାଇଦ୍ରାବାଦ, ୧୩।୧୨ (ପି.ଟି.)**

ଆର୍ଜେଣ୍ଟିନା ଫୁଟ୍‌ବଲ ଆଇକନ ଲାୟୋନେଲ ମେସିଙ୍କୁ ଶନିବାର ସନ୍ଧ୍ୟାରେ ହାଇଦ୍ରାବାଦରେ ସ୍ୱାଗତ କରାଯାଇଛି। ଏହା ହେଉଛି ମେସିଙ୍କର ଜିଓଏଟି ଇଣ୍ଡିଆ ଟୁର୍-୨୦୨୫ର ଦ୍ୱିତୀୟ ଚରଣ। ସିଟି ଅଫ୍ ନିଜାମ୍ସରେ ସନ୍ଧ୍ୟା ୭ଟା ୫୦ରେ ଏକ ପ୍ରଦର୍ଶନୀ ମ୍ୟାଚ୍ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ, ଲୋକସଭାରେ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ପଡ଼ିଆକୁ ଯିବାର କିଛି ସମୟ ପରେ ମେସି ଏବଂ ତାଙ୍କ ଇଣ୍ଟର ମିଆମି ଟିମ୍‌ମେଟ୍ ରୋଡ୍ରିଗୋ ଡି ପଲ୍ ଏବଂ ଲୁଇସ ସୁଆରେଜ ପ୍ରବେଶ କରିଥିଲେ। ମେସିଙ୍କ ଭାରତ ଗସ୍ତ ଏଥର ତିକ୍ତତାରେ ଭରି ରହିଥିଲା। କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଦର୍ଶକମାନେ ୪୦୦୦ରୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଟିକେଟ କିଣିଥିଲେ ମଧ୍ୟ ରାଜନେତା ଓ ଭିଆଇପି ଓ ନିରାପତ୍ତା ରକ୍ଷୀଙ୍କ ଭିଡ଼ ଯୋଗୁ ମେସିଙ୍କୁ ଭଲଭାବେ ଦେଖିବାର ସୁଯୋଗ ପାଇ ନ ଥିଲେ। ଫଳରେ ଉତ୍ୟକ୍ତ ଦର୍ଶକ ଆଇନ ଶୃଙ୍ଖଳା ଭାଙ୍ଗି ଷ୍ଟାଡିୟମ ଷ୍ଟାଣ୍ଡରେ ଚେୟାର ଭାଙ୍ଗିବା ସହ ଖାଦ୍ୟ ପୁଡ଼ିଆ, ବ୍ୟାନର ଏବଂ ବିଭିନ୍ନ ଜିନିଷ ପଡ଼ିଆ ମଧ୍ୟକୁ ଫିଙ୍ଗିଥିଲେ। ଉତ୍ୟକ୍ତ ଦର୍ଶକଙ୍କୁ ନିୟନ୍ତ୍ରଣକୁ ଆଣିବା ଲାଗି ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଫଳରେ ସେଠାରେ ମେସିଙ୍କ କାର୍ଯ୍ୟକ୍ରମ ଅଳ୍ପ କିଛି ସମୟ ମଧ୍ୟରେ ଶେଷ ହୋଇଯାଇଥିଲା।



ଲାୟୋନେଲ ମେସିଙ୍କ ସହ ରାହୁଲ ଗାନ୍ଧୀ।

**ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ**

# ଫାଇନାଲରେ ୟୁନିଟ୍ ୬-ଫାଓ



ଚୋଟୁ ମୁର୍ମୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

କ୍ଲବ-୭୩ ଆନୁକୂଲ୍ୟରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଓ ଫାଓ ଇଲେଭେନ ଦଳ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୟୁନିଟ-୬ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରିଛି। ଚୋଟୁ ମୁର୍ମୁ ୯୧, ୯୪ ଓ ୯୭ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିବା ସହ ୟୁନିଟ-୬କୁ ରୋମାଞ୍ଚକ ବିଜୟ ଦେଇଥିଲେ। ହରିଦାସଙ୍କ ୨୭ ଓ ୬୦ତମ ମିନିଟ ଗୋଲ ବଳରେ ସମ୍ବଲପୁର ଦଳ ୨-୦ରେ ଅଗ୍ରଣୀ ଲାଭ କରିଥିଲେ ହେଁ ଶେଷ ପର୍ଯ୍ୟନ୍ତ ସେହି ପ୍ରଦର୍ଶନ ବଳବତ୍ତର ରଖିପାରି ନ ଥିଲା। ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଚୋଟୁ ମୁର୍ମୁଙ୍କୁ ୭୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଫାଓ ଇଲେଭେନ୫-୦ ଗୋଲରେ ସନ୍‌ରାଇଜ୍ କ୍ଲବକୁ ହରାଇ ଦେଇଛି। ଫାଓ ଦଳ ପକ୍ଷରୁ କାର୍ତ୍ତିକ ହଂସାଲ, ଅର୍ପଣ ଲାକ୍ରା, ଜିତୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗି ଗୋଲ ଦେଇଥିଲେ। ଅର୍ପଣ ଲାକ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଜାତୀୟ ପୁରୁଷ ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ



ଜାତୀୟ ପୁରୁଷ ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୨୦ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଚୀନସୁରାଠାରେ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶା ଦଳର ଖେଳାଳିମାନେ ହେଲେ ଆଲୋକ କୁମାର ଭୋଇ (ଅଧିନାୟକ) ବିଶ୍ୱ ରଞ୍ଜନ ପାତ୍ର, ରଜତ କୁମାର ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁ ଚରଣ ମହାରଣା, ରାମଶିଷ ଜେନା, ଅନିଶ କୁମାର ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଇଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା, ଅନୁରାଗ ଦାସ। କୋଚ ରଞ୍ଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଶନିବାର ପଶ୍ଚିମବଙ୍ଗ ଯାତ୍ରା କରିଛି। ଓଡ଼ିଶା କ୍ରୀଡା ବିଭାଗର ଓଏସ୍‌ଡି ବିଜୟ କୁମାର ସାହୁ, ଶାଶ୍ୱତ କୁମାର ରାଉତ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ